# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୩୦/୨୦୨୪ (୨୦ ପୃଷ୍ଠା) | Bhubaneswar, Tuesday, January 30/2024 | Page 20 | ₹ 7.00

୫୦ଶ ଭାଗ ୬୭ ସଂଖ୍ୟା | www.orissaksshabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 67 | ମୂଲ୍ୟ ₹୭/-



# RENAULT TRIBER
## life on demand

new




**5 ରୁ 7 ସିଟ୍**

**EMI ଆରମ୍ଭ ₹6 999/- ରୁ#**

**ପ୍ରାରମ୍ଭିକ ମୂଲ୍ୟ ₹5.99 ଲକ୍ଷ***



ୱାୟାରଲେସ୍ ଚାର୍ଜର | 17.78 cm TFT ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର୍ | ଆର୍ମରେଷ୍ଟ ସହିତ 6-ପଟରୁ ଆଡ୍‌ଜଷ୍ଟ କରିହେଉଥିବା ଡ୍ରାଇଭର ସିଟ

**for a test drive, call on 1800 315 4444. select variants available in CSD.**

terms and conditions apply. *the above-mentioned price of ₹5 99 500 is for the base variant of the Triber and is exclusive of all local taxes. #₹6 999 EMI based on a loan amount of ₹4.11 lakh for a tenure of 84 months. EMI may vary based on actual loan amount and tenure. not valid for any added loan amount or tenure. finance at the sole discretion of Renault Finance. corporate/PSU/defence personnel/government employee/professional benefits applicable on each model are basis eligibility of the customer and based on submission of required proof by the customer. price valid on the date of purchase. for detailed offers, visit www.renault.co.in/offers. Renault India Pvt. Ltd. reserves the right at its absolute discretion to terminate this scheme or vary, delete or add to any of these terms and conditions from time to time without notice or limitation. offers may vary across variants and cities. model/accessories shown may not be a part of the standard fitment. the color in the image may vary slightly from the actual color of the product. prices & offers are valid till 29th February 2024 and can be availed of exclusively through Renault dealerships. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. in the event of any dispute, all matters shall be governed by all applicable laws of India and court at Gurugram shall have exclusive jurisdiction. for detailed terms and conditions, please visit www.renault.co.in

**SHOWROOMS: ODISHA: BHUBANESWAR:** RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 7428190232. **BHAWANIPATNA:** RENAULT Bhawanipatna Mob: +91 9438395880. **CUTTACK:** RENAULT Cuttack Mob: +91 9311772648. **JEYPORE:** RENAULT Jeypore Mob: +91 9311596618. **ROURKELA:** RENAULT Rourkela Mob: + 91 8860875802. **SAMBALPUR:** RENAULT Sambalpur Mob: +91 8448890323. **SUNDERGARH:** RENAULT Sundergarh Mob: +91 9311529949.

## ସଂକ୍ଷେପରେ

### ଜଳଦସ୍ୟୁଙ୍କ କବଳରୁ ଇରାନ ଜାହାଜକୁ ଉଦ୍ଧାର କଲା ଭାରତୀୟ ନୌସେନା

**ନୂଆଦିଲ୍ଲୀ, ୨୯।୧:** ଭାରତୀୟ ନୌସେନାର ଯୁଦ୍ଧଜାହାଜ ସୁମିତ୍ରା ଇରାନର ଏକ ଜାହାଜକୁ ଜଳଦସ୍ୟୁମାନଙ୍କ କବଳରୁ ଉଦ୍ଧାର କରିଛି। କେତେଜଣ ଜଳଦସ୍ୟୁ ଇରାନ ଜାହାଜରେ ପ୍ରବେଶ କରି ଏହାକୁ ଅପହରଣ କରୁଥିଲେ। ଉକ୍ତ ଜାହାଜ ବିପଦରେ ଥିବାନେଇ ଖବର ପଠାଇବା ପରେ ସୋମାଲିଆର ପୂର୍ବ ଉପକୂଳରେ ମୁତୟନ ଥିବା ଭାରତୀୟ ନୌସେନା ଯୁଦ୍ଧଜାହାଜ ତୁରନ୍ତ ସେଠାରେ ପହଞ୍ଚିଥିଲା। ନୌସେନା ଯବାନମାନେ ଉକ୍ତ ଜାହାଜକୁ ଅପହରଣରୁ ବଞ୍ଚାଇବା ସହ ସମସ୍ତ କର୍ମଚାରୀଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଜଳଦସ୍ୟୁ ନିରୋଧୀ ଅଭିଯାନରେ ସାମିଲ ଥିବା ଆଇଏନ୍ଏସ୍ ସୁମିତ୍ରା ଆଡେନ୍ ଉପସାଗର ଏବଂ ସୋମାଲିଆ ପୂର୍ବ ଉପକୂଳରେ ନିୟୋଜିତ ରହିଛି।

### କୋଟାରେ ଆଉଜଣେ ଛାତ୍ରୀଙ୍କ ଆତ୍ମହତ୍ୟା

**କୋଟା, ୨୯।୧:** ରାଜସ୍ଥାନର କୋଟା ସହରର ଶିବବିହାର କଲୋନୀରେ ପରିବାର ସହ ରହୁଥିବା ନିହାରିକା ନାମ୍ନୀ ୧୮ ବର୍ଷୀୟ ଛାତ୍ରୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ପାଇଁ ପ୍ରସ୍ତୁତି କରୁଥିବା ନିହାରିକାଙ୍କ ମୃତଦେହ ନିକଟରୁ ସୁଇସାଇଡ୍ ନୋଟ ମିଳିଛି। ଜେଇଇ ପରୀକ୍ଷାରେ ସଫଳତା ପାଇବେ ନାହିଁ ବୋଲି ଏହି ନୋଟରେ ସେ ଉଲ୍ଲେଖ କରିଛନ୍ତି। କୋଟାରେ ଚଳିତ ବର୍ଷ ଏହା ଦ୍ୱିତୀୟ ଆତ୍ମହତ୍ୟା। ଗତବର୍ଷ ଉକ୍ତ କୋଚିଂ ହବ୍‌ରେ ୨୭ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିଲେ।



# ଧ୍ୱଜାବତରଣ ସହ ଶେଷହେଲା ସାଧାରଣତନ୍ତ୍ର ଦିବସ ଉତ୍ସବ

ନୂଆଦିଲ୍ଲୀ, ୨୯।୧

ରାଜଧାନୀ ନୂଆଦିଲ୍ଲୀର ଐତିହାସିକ ବିଜୟଚୌକରେ ସୋମବାର ଧ୍ୱଜାବତରଣ ସମାରୋହ ସହ ସାଧାରଣତନ୍ତ୍ର ଦିବସ ଉତ୍ସବ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ସେନା ଓ ଅର୍ଦ୍ଧସାମରିକ ବାହିନୀର ଯବାନମାନେ ଭାରତୀୟ ଧୂନ୍ ବଜାଇ ମାର୍ଚ୍ଚପାଷ୍ଟ କରିଥିଲେ। ରାଷ୍ଟ୍ରପତି ତଥା ସଶସ୍ତ୍ର ବଳର ସୁପ୍ରିମ କମାଣ୍ଡର ଦ୍ରୌପଦୀ ମୁର୍ମୁ ପାରମ୍ପରିକ ଯାନରେ ଆସି ଧ୍ୱଜାବତରଣ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଉପରାଷ୍ଟ୍ରପତି ଜଗଦୀପ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବହୁ କେନ୍ଦ୍ରମନ୍ତ୍ରୀ , ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ, ୩ ବାହିନୀର ମୁଖ୍ୟ, ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଯବାନମାନେ ସେମାନଙ୍କ ବାଦ୍ୟଯନ୍ତ୍ରରେ ପ୍ରଥମେ ଶଙ୍ଖନାଦ ଟ୍ୟୁନ୍ ସହ ଉତ୍ସବ ଆରମ୍ଭ ହୋଇ 'ବୀର ଭାରତ', 'ସଙ୍ଗମ ଦୂର୍', 'ଦେଶୋଁ କା ସର୍ତାଜ ଭାରତ' ଆଦି ଟ୍ୟୁନ୍‌ରେ ସଙ୍ଗୀତ ପରିବେଷଣ କରିଥିଲେ।

୧୯୫୦ ଦଶକରୁ ଧ୍ୱଜାବତରଣ ଉତ୍ସବ ଆରମ୍ଭ ହୋଇଥିଲା। ଭାରତୀୟ ସେନାର ତତ୍କାଳୀନ ମେଜର ରବର୍ଟ୍ସ ଏହି ଅନନ୍ୟ ଉତ୍ସବର ବିକାଶ କରିଥିଲେ। ସନ୍ଧ୍ୟାରେ ଯୁଦ୍ଧ ବନ୍ଦକରି ଯୁଦ୍ଧକ୍ଷେତ୍ରରୁ ସୈନ୍ୟମାନେ କ୍ୟାମ୍ପକୁ ଫେରିବା ପରେ ବାଦ୍ୟ ବଜାଇ ରିଟ୍ରିଟ୍ କରୁଥିଲେ, ଯାହା ଶହ ଶହ ବର୍ଷର ସାମରିକ ପରମ୍ପରା ଭାବେ ରହିଆସିଛି।

# ଝିଅପୁଅଙ୍କୁ ନୋମିନି କରିପାରିବେ ମହିଳା କର୍ମଚାରୀ

ନୂଆଦିଲ୍ଲୀ, ୨୯।୧ (ପି.ଟି.)

## ପରିବାର ପେନ୍‌ସନ ନିୟମାବଳୀରେ ସଂଶୋଧନ

ପରିବାର ପେନ୍‌ସନ ପାଇଁ ଜଣେ ମହିଳା କର୍ମଚାରୀ ତାଙ୍କ ସ୍ୱାମୀଙ୍କ ପରିବର୍ତ୍ତେ ଝିଅ କିମ୍ବା ପୁଅଙ୍କୁ ନୋମିନି କରିପାରିବେ। କେନ୍ଦ୍ର ସରକାର ଏନେଇ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି, ଯାହାର ସୁଦୂରପ୍ରସାରୀ ସାମାଜିକ-ଅର୍ଥନୈତିକ ପ୍ରଭାବ ରହିବ ବୋଲି ସୋମବାର ପ୍ରକାଶିତ ସରକାରୀ ବିବୃତିରେ କୁହାଯାଇଛି। ପୂର୍ବରୁ ପରିବାର ପେନସନ ମୃତ ସରକାରୀ କର୍ମଚାରୀ ବା ପେନ୍‌ସନଭୋଗୀଙ୍କ ଜୀବନସାଥୀଙ୍କୁ ମିଳୁଥିଲା। ଜୀବନସାଥୀଙ୍କ ମୃତ୍ୟୁ ହେବା ପରେ ଯାଇ ପରିବାରର ଅନ୍ୟ ସଦସ୍ୟ ପେନ୍‌ସନ ପାଇବାକୁ ଯୋଗ୍ୟ ବିବେଚିତ ହେଉଥିଲେ। କେନ୍ଦ୍ର ସରକାରଙ୍କ ପେନ୍‌ସନ ଓ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ କେନ୍ଦ୍ରୀୟ ସିଭିଲ ସର୍ଭିସେସ୍ (ପେନ୍‌ସନ) ନିୟମାବଳୀ, ୨୦୨୧ରେ ସଂଶୋଧନ ଆଣିଛନ୍ତି। ଏହି ସଂଶୋଧନ ବଳରେ ମହିଳା ସରକାରୀ କର୍ମଚାରୀ ବା ପେନ୍‌ସନଧାରୀଙ୍କ ମୃତ୍ୟୁ ହେଲେ, ସ୍ୱାମୀଙ୍କ ସ୍ଥାନରେ ଯୋଗ୍ୟ ପୁଅ କିମ୍ବା ଝିଅ ପରିବାର ପେନ୍‌ସନ ପାଇପାରିବେ। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏହି ସୂଚନା ଦେଇଛନ୍ତି। ଛାଡ଼ପତ୍ର ମାମଲାକୁ ନେଇ ବୈବାହିକ ଜୀବନରେ ବିବାଦ ରହିଥିଲେ କିମ୍ବା ଘରୋଇ ହିଂସା ଆଇନରୁ ମହିଳାଙ୍କୁ ସୁରକ୍ଷା, ଯୌତୁକ ନିରୋଧୀ ଆଇନ କିମ୍ବା ଆଇପିସି ନେଇ ମାମଲା ଚାଲିଥିଲେ, ମହିଳା କର୍ମଚାରୀଙ୍କ ପିଲାମାନେ ଉପକୃତ ହୋଇପାରିବେ। ମହିଳାମାନଙ୍କୁ ସମାନ ଅଧିକାର ପ୍ରଦାନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଧାରରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଦୀର୍ଘଦିନର ନିୟମାବଳୀରେ ସଂଶୋଧନ କରାଯାଇ ମହିଳା କର୍ମଚାରୀଙ୍କୁ ପରିବାର ପେନ୍‌ସନ ପାଇଁ ତାଙ୍କ ସ୍ୱାମୀଙ୍କ ପରିବର୍ତ୍ତେ ପୁଅ କିମ୍ବା ଝିଅଙ୍କୁ ପ୍ରତିନିଧିତ୍ୱ କରାଇବାର ଅଧିକାର ପ୍ରଦାନ କରାଯାଇଛି। ମହିଳା କର୍ମଚାରୀ ବା ପେନ୍‌ସନଭୋଗୀଙ୍କର ଯଦି ମୃତ୍ୟୁ ହୁଏ, ତେବେ ଫାମିଲ ପେନ୍‌ସନ ତାଙ୍କ ସ୍ୱାମୀଙ୍କ ପରିବର୍ତ୍ତେ ଯୋଗ୍ୟ ପୁଅ କିମ୍ବା ଝିଅକୁ ଦିଆଯାଉ ବୋଲି ସେ ସମ୍ପୃକ୍ତ କାର୍ଯ୍ୟାଳୟର ମୁଖ୍ୟଙ୍କୁ ଲିଖିତ ଭାବେ ନିବେଦନ କରିବାକୁ ପଡ଼ିବ।

# ଦିନକ ପରେ ବଜେଟ ଅଧିବେଶନ

ନୂଆଦିଲ୍ଲୀ, ୨୯।୧ (ପି.ଟି.)

## ସର୍ବଦଳୀୟ ବୈଠକ ଆଜି

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆସନ୍ତା ୩୧ ତାରିଖରୁ ଆରମ୍ଭ ହେଉଥିବାବେଳେ ସରକାର ଏହା ପୂର୍ବରୁ ମଙ୍ଗଳବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ପାର୍ଲାମେଣ୍ଟରେ ବିଭିନ୍ନ ଦଳର ଗୃହର ନେତାମାନଙ୍କୁ ବୈଠକକୁ ଡକାଯାଇଛି। ପ୍ରତ୍ୟେକ ଅଧିବେଶନ ପୂର୍ବରୁ ଗୃହର ନେତାମାନଙ୍କ ବୈଠକ ଡାକିବା ଏକ ପ୍ରଥା ରହିଆସିଛି। ଉକ୍ତ ବୈଠକରେ ବିଭିନ୍ନ ଦଳ ପାର୍ଲାମେଣ୍ଟରେ କେଉଁ ପ୍ରସଙ୍ଗ ଉଠାଇବାକୁ ଚାହୁଁଛନ୍ତି ତାହା ଆଲୋଚନା ହେବା ସହ ସରକାରଙ୍କ ଏଜେଣ୍ଡା ସମ୍ପର୍କରେ ସେମାନଙ୍କୁ ଜଣାଇ ଦିଆଯାଇଥାଏ। ଏଥିସହ ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ସରକାର ସମସ୍ତଙ୍କ ସହଯୋଗ କାମନା କରିଥାନ୍ତି। ଆଗକୁ ଲୋକ ସଭା ନିର୍ବାଚନ ଥିବାରୁ ଜାନୁଆରୀ ୩୧ରୁ ଫେବୃଆରୀ ୯ ପର୍ଯ୍ୟନ୍ତ ଏକ ସଂକ୍ଷିପ୍ତ ଅଧିବେଶନ ଅନୁଷ୍ଠିତ ହେବ। ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ନିର୍ବାଚନ ପରେ ନୂଆ ସରକାର ପୂର୍ଣ୍ଣକାଳୀନ ବଜେଟ ଉପସ୍ଥାପନ କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସହ ବଜେଟ ଅଧିବେଶନ ଆରମ୍ଭ ହେବ।

## ପରୀକ୍ଷା ପେ ଚର୍ଚ୍ଚାରେ ଛାତ୍ରୀଛାତ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

# ମୋବାଇଲ ବ୍ୟବହାର କମ୍ କର

ନୂଆଦିଲ୍ଲୀ, ୨୯।୧ (ପି.ଟି.)

ବାର୍ଷିକ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମର ସପ୍ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛାତ୍ରୀଛାତ୍ରମାନଙ୍କୁ ବହୁ ଉପାଦେୟ ଉପଦେଶ ପ୍ରଦାନ କରିଛନ୍ତି। ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ସୋମବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ସହ କଥାବାର୍ତ୍ତା ହେବା ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପିଲାମାନେ ମୋବାଇଲ ବ୍ୟବହାର ସମୟକୁ ଯଥେଷ୍ଟ କମାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ପିଲାମାନଙ୍କ ରିପୋର୍ଟ କାର୍ଡକୁ ମାତାପିତା ସେମାନଙ୍କ ଭିଜିଟିଂ କାର୍ଡ ଭଳି ନ ଦେଖିବାକୁ ପ୍ରଧାନମନ୍ତ୍ରୀ କହିବା ସହ ଛାତ୍ରୀଛାତ୍ର ଅନ୍ୟ ସହ ପ୍ରତିଦ୍ୱନ୍ଦ୍ୱିତା ନ କରି ନିଜ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରସ୍ତାବ ଦେଇଥିଲେ। ସେ କହିଥିଲେ ପ୍ରତିଦ୍ୱନ୍ଦ୍ୱିତା ଏବଂ ଚ୍ୟାଲେଞ୍ଜ ଜୀବନରେ ପ୍ରେରଣା ଯୋଗାଇବାର କାର୍ଯ୍ୟ କରିଥାଏ। ତେବେ ପ୍ରତିଦ୍ୱନ୍ଦ୍ୱିତା ସୁସ୍ଥ ବାତାବରଣରେ ହେବା ଜରୁରୀ। ମାତାପିତା ସେମାନଙ୍କ ପିଲାଙ୍କୁ ଅନ୍ୟମାନଙ୍କ ସହ ତୁଳନା କରିବା ଉଚିତ ନୁହେଁ। ଏଭଳି କରିବା ଦ୍ୱାରା ସେମାନଙ୍କର ଭବିଷ୍ୟତକୁ କ୍ଷତି ପହଞ୍ଚାଇପାରେ। ପରୀକ୍ଷା ସମୟରେ ପିଲାମାନଙ୍କ ଉପରେ ପଡୁଥିବା ମାନସିକ ଚାପକୁ ପ୍ରଧାନମନ୍ତ୍ରୀ ୩ ଭାଗରେ ବିଭକ୍ତ କରିଛନ୍ତି। ତାହା ହେଲା ସହପାଠୀମାନଙ୍କଠାରୁ ଚାପ, ମାତାପିତାଙ୍କ ଚାପ ଏବଂ ନିଜେ ଆଶାନୁରୂପ ପ୍ରଦର୍ଶନ କରିପାରିବାର ଚାପ। ପରୀକ୍ଷା ପାଇଁ ପ୍ରସ୍ତୁତି ବେଳେ ପିଲାମାନେ ଛୋଟ ଛୋଟ ଲକ୍ଷ୍ୟ ସ୍ଥିର କରି ଧୀରେ ଧୀରେ ନିଜ ପ୍ରଦର୍ଶନକୁ ବଢ଼ାଇବାକୁ ହେବ। ଏଭଳି ଭାବେ ପିଲାମାନେ ପରୀକ୍ଷା ପୂର୍ବରୁ ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିପାରିବେ ବୋଲି ମୋଦି କହିଛନ୍ତି।

### ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଶୁଟରଙ୍କୁ ଜାଳିଦେଲେ

**ଚଣ୍ଡିଗଡ଼, ୨୯।୧:** ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଶୁଟର ରଞ୍ଜନଙ୍କୁ ହରିୟାଣାରେ ହାତଗୋଡ଼ ବାନ୍ଧି ଜାଳିଦିଆଯାଇଛି। ସେ ବହୁ ଗ୍ୟାଙ୍ଗ୍‌ୱାରରେ ସାମିଲ ଥିଲେ। ସୋମବାର ସକାଳେ ଯମୁନାନଗର ଜିଲାରେ ତାଙ୍କ ମୃତଦେହ ଠାବ ହୋଇଛି। ତାଙ୍କୁ ହତ୍ୟା ପାଇଁ ଗ୍ୟାଙ୍ଗଷ୍ଟର ଦାବିନ୍ଦର ବମ୍ବିହା ନିଜକୁ ଦାୟୀ କରିଛନ୍ତି। ହତ୍ୟାର କାରଣ ଜଣାପଡ଼ି ନାହିଁ।

# ସପ୍ତାହେ ମଧ୍ୟରେ ଲାଗୁହେବ ସିଏଏ

କୋଲକାତା, ୨୯।୧

## କେନ୍ଦ୍ରମନ୍ତ୍ରୀଙ୍କ ସୂଚନା

ଦେଶରେ ନାଗରିକତ୍ୱ (ସଂଶୋଧନ) ଅଧିନିୟମ (ସିଏଏ) ସପ୍ତାହେ ମଧ୍ୟରେ ଲାଗୁହେବ ବୋଲି କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର ସୋମବାର କହିଛନ୍ତି। ଭାଜପା ଏମ୍‌ପି ଠାକୁର ଏକ ନ୍ୟୁଜ୍ ଚ୍ୟାନେଲ୍‌କୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ୭ ଦିନ ମଧ୍ୟରେ ଏହି ବିବାଦୀୟ ଆଇନ ଲାଗୁ ହେବାକୁ ଯାଉଛି। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତରେ ପ୍ରବେଶ କରିଥିବା ପଡୋଶୀ ବାଂଲାଦେଶ, ପାକିସ୍ତାନ ଏବଂ ଆଫଗାନିସ୍ତାନର ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସି, ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲକ୍ଷ୍ୟରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ୨୦୧୯ରେ ସିଏଏ ଆଣିଥିଲେ। ୨୦୧୯ ଡିସେମ୍ବର ୧୧ରେ ଉକ୍ତ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା। ଏଥିରେ ନାଗରିକତ୍ୱ ଅଧିନିୟମ, ୧୯୫୫ରେ ଥିବା ବ୍ୟବସ୍ଥାରେ ସଂଶୋଧନ କରାଯାଇ ପଡୋଶୀ ଦେଶରୁ ଆସି ଭାରତରେ ରହୁଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ପଥ ପରିଷ୍କାର କରିଦିଆଯାଇଥିଲା। ତେବେ ବିରୋଧ ଯୋଗୁ ଏହାକୁ କାର୍ଯ୍ୟକାରୀ କରାଇବାରେ ବିଳମ୍ବ ହୋଇଥିଲା। ଲୋକ ସଭା ନିର୍ବାଚନ ପୂର୍ବରୁ ଦେଶରେ ସିଏଏ କାର୍ଯ୍ୟକାରୀ ହେବ, ଏହା ମୋର ଗ୍ୟାରେଣ୍ଟି ବୋଲି କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ରାଷ୍ଟ୍ରମନ୍ତ୍ରୀ ଠାକୁର କହିଛନ୍ତି।

# ହେମନ୍ତଙ୍କ କାର୍ ଜବତ କଲା ଇଡି

ନୂଆଦିଲ୍ଲୀ, ୨୯।୧ (ପି.ଟି.)



ହେମନ୍ତ ସୋରେନ୍

ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଏକ ଟିମ୍ ସୋମବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଦିଲ୍ଲୀର ଶାନ୍ତି ନିକେତନସ୍ଥିତ ବାସଭବନରେ ଚଢ଼ାଉ କରି ଏକ ବିଏମ୍‌ଡବ୍ଲ୍ୟୁ କାର୍ ଓ କେତେକ ଦସ୍ତାବିଜ୍ ଜବତ କରିଛି। ଚଢ଼ାଉବେଳେ ହେମନ୍ତ ନିଜ ବାସଭବନରେ ନ ଥିଲେ। ଦିଲ୍ଲୀ ପୋଲିସ ସହ ଇଡିର ଅଧିକାରୀମାନେ ସକାଳ ପ୍ରାୟ ୯ଟାରେ ସୋରେନଙ୍କ ଦିଲ୍ଲୀ ବାସଭବନରେ ପହଞ୍ଚି ସର୍ଚ୍ଚ ଅପରେଶନ୍ ଆରମ୍ଭ କରିଥିଲେ। ଗତ ୨୦ ତାରିଖରେ ସୋରେନ୍‌ଙ୍କ ରାଞ୍ଚି ବାସଭବନରେ ୭ ଘଣ୍ଟା ଧରି ତାଙ୍କ ବୟାନ ରେକର୍ଡ ହୋଇଥିଲା। ଏହି ପଚରାଉଚରାରେ ସମସ୍ତ ତଥ୍ୟ ହସ୍ତଗତ ହୋଇପାରି ନ ଥିବାରୁ ଜାନୁଆରୀ ୨୭ରୁ ୩୧ ମଧ୍ୟରେ ପୁଣି ତଦନ୍ତରେ ସାମିଲ ହେବାକୁ ସୋରେନଙ୍କୁ ସମନ କରିଥିଲା ଇଡି। ଏନେଇ ସୋରେନଙ୍କ ପକ୍ଷରୁ ଉତ୍ତର ନ ମିଳିବାରୁ ପଚରାଉଚରା ପାଇଁ ପୁନର୍ବାର ସମନ ଜାରି କରାଯାଇଥିଲା।

### ଭାରତୀୟ ଛାତ୍ରଙ୍କୁ ହାତୁଡ଼ିରେ ପିଟି ହତ୍ୟା

ନ୍ୟୁୟର୍କ, ୨୯।୧ (ପି.ଟି.)

ଆମେରିକାର ଜର୍ଜିଆ ରାଜ୍ୟ ଲିଥୋନିଆ ସହରରେ ଭାରତୀୟ ଛାତ୍ରଙ୍କୁ ଜଣେ ନିଶାସକ୍ତ ବ୍ୟକ୍ତି ହାତୁଡ଼ିରେ ପିଟି ହତ୍ୟା କରିଛନ୍ତି। ଆକ୍ରମଣକାରୀ ଜୁଲିଆନ ଫର୍କନର ଭାରତୀୟ ଛାତ୍ର ବିବେକ ସାଇନୀଙ୍କୁ ହାତୁଡ଼ିରେ ୫୦ ଥର ପିଟିଥିଲେ। ହତ୍ୟାକାରୀ ଫର୍କନରଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି ପୋଲିସ। ହରିୟାଣାର ମୂଳ ନିବାସୀ ବିବେକ ୨ବର୍ଷ ତଳେ ଭାରତରେ ବିଟେକ ପଢ଼ା ସାରି ଆମେରିକା ଆସିଥିଲେ। ନିକଟରେ ସେ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ବେଳେ ଲିଥୋନିଆ ସହରର ଏକ ଦୋକାନରେ ସାମୟିକ ଭାବେ କାର୍ଯ୍ୟ କରୁଥିଲେ।

# ବ୍ୟାଙ୍କ ଆକାଉଣ୍ଟରେ ନୋମିନି ନ ରଖିବାରୁ ଏସ୍‌ଡିଏମ୍ ସ୍ତ୍ରୀଙ୍କୁ ହତ୍ୟା

ଭୋପାଳ, ୨୯।୧



ନିଶା ନାପିତ

## ୱାଶିଂ ମେଶିନ୍‌ରୁ ମିଳିଲା ହତ୍ୟାକାଣ୍ଡର ସୁରାକ୍

ମଧ୍ୟପ୍ରଦେଶ ଡିଣ୍ଡୋରି ଜିଲାର ଜଣେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ (ଏସ୍‌ଡିଏମ୍)ଙ୍କୁ ତାଙ୍କ ସ୍ୱାମୀ ଶ୍ୱାସରୁଦ୍ଧ କରି ହତ୍ୟା କରିଛନ୍ତି। ପୋଲିସ କହିବା ଅନୁଯାୟୀ ଏସ୍‌ଡିଏମ୍ ନିଶା ନାପିତ (୫୧) ତାଙ୍କ ସର୍ଭିସ୍ ବୁକ୍, ବୀମା ଏବଂ ବ୍ୟାଙ୍କ ଆକାଉଣ୍ଟରେ ସ୍ୱାମୀ ମନୀଷ ଶର୍ମା(୪୫)ଙ୍କୁ ନୋମିନି ନ ରଖିବାରୁ ଏଭଳି ହତ୍ୟାକାଣ୍ଡ ଘଟିଛି। ଉଭୟ ମାଟ୍ରିମୋନିଆଲ ସାଇଟ୍‌ରେ ପରସ୍ପରକୁ ଭେଟି ୨୦୨୦ରେ ବିବାହ କରିଥିଲେ। ବେରୋଜଗାର ମନୀଷ ସବୁବେଳେ ଟଙ୍କା ପାଇଁ ସ୍ତ୍ରୀ ନିଶାଙ୍କ ଉପରେ ଚାପ ପକାଉଥିବାରୁ ଝଗଡ଼ା ଲାଗିରହିଥିଲା। ରବିବାର ମନୀଷ ଏକ ତକିଆରେ ନିଶାଙ୍କ ମୁହଁକୁ ଚାପି ଧରିବାରୁ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କ ନାକ ଓ ପାଟିରୁ ରକ୍ତ ବାହାରୁଥିବା କହି ମନୀଷ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରମାଣ ନଷ୍ଟ ପାଇଁ ମନୀଷ ତାଙ୍କ ରକ୍ତଲଗା ପୋଷାକ ଏବଂ ତକିଆକୁ ୱାଶିଂ ମେଶିନ୍‌ରେ ଧୋଇ ଦେଇଥିଲେ। ନିଶାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ଭଉଣୀ ନୀଳିମା ନାପିତ ଅଭିଯୋଗ କରିଥିଲେ। ପୋଲିସ ଜେରା ବେଳେ ମନୀଷ କହିଥିଲେ, ତାଙ୍କ ସ୍ତ୍ରୀଙ୍କର କିଡ୍‌ନୀ ସମସ୍ୟା ଥିବାରୁ ସେ ଶନିବାର ଉପବାସ କରିଥିଲେ। ରାତିରେ ବାନ୍ତି ହେବାରୁ ଔଷଧ ଦିଆଯାଇଥିଲାବେଳେ ପରଦିନ ସକାଳେ ନିଶା ଆଉ ଉଠି ନ ଥିଲେ। ଅନ୍ୟପକ୍ଷରେ ଏସ୍‌ଡିଏମ୍‌ଙ୍କୁ ହସ୍ପିଟାଲ ଅଣାଯିବାର ୪/୫ ଘଣ୍ଟା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦକାରୀ ଡାକ୍ତର କହିଥିଲେ। ଘର ତଲାସି ନେବାବେଳେ ୱାଶିଂ ମେଶିନ୍‌ରୁ ବେଡ୍‌ସିଟ୍, ତକିଆ ଏବଂ ନିଶାଙ୍କ ପୋଷାକ ମିଳିବାରୁ ପୋଲିସ ପୁଣିଥରେ ମନୀଷଙ୍କୁ ଡାକି ଜେରା କରିଥିଲା। ସେ ହତ୍ୟା କରିଥିବା ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି।

### ଅଜିତ ପାୱାର ଗୋଷ୍ଠୀର ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ନିଷ୍ପତ୍ତି ୧୫କୁ ଘୁଞ୍ଚିଲା

ନୂଆଦିଲ୍ଲୀ, ୨୯।୧ (ପି.ଟି.)

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଗୋଷ୍ଠୀର ଏନ୍‌ସିପି ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ବିଧାନସଭା ବାଚସ୍ପତି ରାହୁଲ ନରୱେକର ନିଷ୍ପତ୍ତି ନେବା ସମୟସୀମାକୁ ସୁପ୍ରିମକୋର୍ଟ ଫେବୃଆରୀ ୧୫ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ସେମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଶରଦ ପାୱାରଙ୍କ ଗୋଷ୍ଠୀ ପକ୍ଷରୁ ଆବେଦନ କରାଯାଇଥିଲା। ଅଜିତଙ୍କ ଗୋଷ୍ଠୀରେ ଥିବା ୯ ବିଧାୟକଙ୍କ ସଦସ୍ୟତା ରଦ୍ଦ ଲାଗି ଶରଦ ପାୱାରଙ୍କ ଗୋଷ୍ଠୀ ପକ୍ଷରୁ ଜୟନ୍ତ ପାଟିଲ ପିଟିଶନ ଦାଖଲ କରିଥିଲେ। ଜାନୁଆରୀ ୩୧ ସୁଦ୍ଧା ଏହା ଉପରେ ନିଷ୍ପତ୍ତି ନେବା ପାଇଁ ସର୍ବୋଚ୍ଚ ଅଦାଲତ ଗତବର୍ଷ ଅକ୍ଟୋବର ୩୦ରେ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଶୁଣାଣି ବେଳେ ବାଚସ୍ପତିଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ହାଜର ହୋଇ ଅଯୋଗ୍ୟ ଘୋଷଣା ନିଷ୍ପତ୍ତି ନେବା ପାଇଁ ଆଉ ୨ ସପ୍ତାହ ସମୟ ମାଗିଥିଲେ।

# ଲାଲୁଙ୍କୁ ୧୦ ଘଣ୍ଟା ଇଡି ଜେରା

ପାଟନା, ୨୯।୧ (ପି.ଟି.)

## ନିଯୁକ୍ତି ବଦଳରେ ଜମି ଦୁର୍ନୀତି ମାମଲା



ଲାଲୁ ଯାଦବ

ରେଲ୍‌ୱେରେ ନିଯୁକ୍ତି ବଦଳରେ ଜମି ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ରାଷ୍ଟ୍ରୀୟ ଜନତା ଦଳର ଅଧ୍ୟକ୍ଷ ଲାଲୁ ଯାଦବଙ୍କୁ ସୋମବାର ୧୦ ଘଣ୍ଟା ଜେରା କରାଯାଇଛି। ସେ ପାଟନାସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଛନ୍ତି। ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭାଜପା ସହ ମିଶି ନୂତନ ସରକାର ଗଠନ କରିବାର ଗୋଟିଏ ଦିନ ପରେ ଲାଲୁଙ୍କୁ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ପଡ଼ିଛି। ଇଡି ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ନିଯୁକ୍ତି ବଦଳରେ ଜମି ଦୁର୍ନୀତି ମାମଲାରେ ଲାଲୁଙ୍କୁ ପଚରାଉଚରା କରିବା ପାଇଁ ଇଡିର ଏକ ଟିମ୍ ରବିବାର ଦିଲ୍ଲୀରୁ ଆସି ପାଟନା ପହଞ୍ଚିଥିଲେ। ପୂର୍ବରୁ ଏହି ମାମଲାରେ ଗତ ୧୯ ତାରିଖରେ ଉଭୟ ଲାଲୁ ଯାଦବ ଓ ତାଙ୍କ ପୁଅ ତେଜସ୍ୱୀ ଯାଦବଙ୍କୁ ସମନ କରିଥିଲା ଇଡି। ଜେରା ନିମନ୍ତେ ଯଥାକ୍ରମେ ୨୯ ଓ ୩୦ ତାରିଖରେ ଇଡି କାର୍ଯ୍ୟାଳୟ ନିକଟରେ ହାଜର ହେବାକୁ ଉଭୟ ଲାଲୁ ଓ ତେଜସ୍ୱୀଙ୍କୁ ଇଡି ପକ୍ଷରୁ କୁହାଯାଇଥିଲା। ସେପଟେ ଲାଲୁଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ଥାଇ ମଧ୍ୟ ତାଙ୍କୁ ପଚରାଉଚରା କରାଯିବାକୁ ନେଇ ସାମାଜିକ ଗଣମାଧ୍ୟମରେ କେନ୍ଦ୍ର ସରକାର ଓ ଇଡି ଅଧିକାରୀମାନଙ୍କୁ ସମାଲୋଚନା କରିଛନ୍ତି ଝିଅ ରୋହିଣୀ ଆଚାର୍ଯ୍ୟ।

# ହନୁମାନ ପତାକା ଖୋଲିବାକୁ ନେଇ ଉତ୍ତେଜନା

ମାଣ୍ଡ୍ୟା, ୨୯।୧



## ହିନ୍ଦୁ ସଂଗଠନର ପ୍ରତିବାଦ ରାଲି

କର୍ଣ୍ଣାଟକର କେରାଗୋଡୁ ଗ୍ରାମରେ ୧୦୮ ଫୁଟ୍ ଉଚ୍ଚର ଏକ ପତାକା ସ୍ତମ୍ଭରୁ ହନୁମାନ ଫଟୋ ଥିବା ପତାକା ଖୋଲିନେବାକୁ କେନ୍ଦ୍ରକରି ରବିବାର ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ଶାସକ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଉକ୍ତ ଅଞ୍ଚଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହେବା ସହ ଲାଠିଚାଳନା କରାଯାଇଥିଲେ। ପତାକା ଖୋଲାଯିବା ପ୍ରତିବାଦରେ ସୋମବାର ମାଣ୍ଡ୍ୟା ଜିଲାରେ ହିନ୍ଦୁ ସଂଗଠନ ପକ୍ଷରୁ ବିଶାଳ ରାଲି କରାଯାଇଛି। ବିକ୍ଷୋଭକାରୀମାନେ କେରାଗୋଡୁରୁ ୧୫ କିଲୋମିଟର ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ପ୍ରତିବାଦ ଜଣାଇଥିଲେ। ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ କରିବାକୁ ବ୍ୟାପକ ପୋଲିସ ମୁତୟନ ହେବା ସହ ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ଭାଜପା ଏବଂ ଜେଡିଏସ୍ ପକ୍ଷରୁ ରାଲିର ଡାକରା ଦିଆଯାଇଥିଲା। ରାଲିରେ ଜେଡିଏସ୍ ନେତା ତଥା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଯୋଗଦେଇ କଂଗ୍ରେସ ସରକାର କ୍ଷମତାର ଅପବ୍ୟବହାର କରୁଥିବା କହି ନିନ୍ଦା କରିଛନ୍ତି। ସୂଚନାଯୋଗ୍ୟ, କେରାଗୋଡୁ ଓ ଅନ୍ୟ ୧୨ଟି ଗାଁର ଲୋକେ ରାମମନ୍ଦିର ନିକଟରେ ଏକ ପତାକା ସ୍ତମ୍ଭ ନିର୍ମାଣ କରିଥିଲେ। ଭାଜପା ଏବଂ ଜେଡିଏସ୍ କର୍ମୀଙ୍କ ସମେତ କେତେକ ସଂଗଠନର ମଧ୍ୟ ଏଥିରେ ଅବଦାନ ରହିଛି।

ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୩୦/୨୦୨୪ Bhubaneswar, Tuesday, January 30/2024

DSPL-SAMALEI

# ଜୟ ମାଁ ସମଲେଇ

ସମଲେଇ ପ୍ରକଳ୍ପ
୨୨ ଜାନୁଆରୀ, ୨୦୨୪













ମାଁ ଙ୍କ ଆଶୀର୍ବାଦ ଓ ଅଗଣିତ ଭକ୍ତଙ୍କ ସହଯୋଗ ପାଇଁ ସମ୍ପୂର୍ଣ୍ଣ ହୋଇଛି 'ସମଲେଇ ପ୍ରକଳ୍ପ'।
ସମସ୍ତ ଶ୍ରଦ୍ଧାଳୁଙ୍କୁ ଆନ୍ତରିକ ଧନ୍ୟବାଦ।
ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆସନ୍ତୁ,
ଏହି ମହୋତ୍ସବର ସାକ୍ଷୀ ହୋଇ ନୂଆ ଅନୁଭୂତି ସାଉଁଟିବା।

OIPR-15001/13/0312/2324

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫୁଲ ହୋଇ ଯେବେ ନ ଥାଏ ବାସ**
**ଫୁଲାଣିଆ ଯେବେ ହୁଏ ନରେଶ**
**ଫନ୍ଦା କରି ଯେବେ କରିବ ହେଳା**
**କହେ ଦନାଇ ଏ ବୁଡ଼ିବ ଭେଳା।**

ବାସହୀନ ଫୁଲଟି ସାଧାରଣତଃ ମନକୁ ଆକୃଷ୍ଟ ବା ସନ୍ତୁଷ୍ଟ କରିପାରି ନ ଥାଏ। ରାଜା ଯଦି ଫୁଲାଣିଆ ବା ରସିକିଆ ହୁଏ ସେ ରାଜ୍ୟ ଶାସନକୁ ଅଯୋଗ୍ୟ ବୋଲି ବିବେଚିତ ହୋଇଥାଏ। ଠିକ୍ ସେହିଭଳି ଫନ୍ଦା କରିବାକୁ ଯଦି ହେଳା କରାଯାଏ ତେବେ ସଫଳତା ମିଳି ପାରି ନ ଥାଏ। ଏହାହିଁ ଶାସ୍ତ୍ରସିଦ୍ଧ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଫଳ ଘେନି ବୃକ୍ଷ ନମଇ ପୁଣ**
**ଗୁଣି ହେବ ଯଦି ଶିଖ ତା' ଗୁଣ।**

ବିନୟ ଭାବ ହିଁ ବଡ଼ ହେବାକୁ ଶିକ୍ଷା ଦେଇଥାଏ। ବୃକ୍ଷ ଯେମିତି ଫଳ ଭାରାରେ ନଇଁ ସମସ୍ତଙ୍କୁ ଆକୃଷ୍ଟ କରିପାରୁଛି ଠିକ୍ ସେମିତି ମଣିଷ ନିଜ ଗୁଣ ବଳରେ ଦୁନିଆକୁ ଆକୃଷ୍ଟ କରିବା ଲାଗି ପ୍ରଯତ୍ନ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରାତି ଅଧରେ ଶ୍ରମିକଙ୍କୁ ଆକ୍ରମଣ, ଜଣେ ଗିରଫ

**ଭୁବନେଶ୍ୱର,୨୯।୧ (ସୂର୍ଯ୍ୟକାନ୍ତ ବେହେରା)**

ରାତି ଅଧରେ କବାଟ ବାଡେଇଲେ। ନ ଖୋଲିବାରୁ ଘର ଛାତ ଉପର ଦେଇ ଭିତରକୁ ପଶି ଜଣେ ଶ୍ରମିକଙ୍କୁ ନିଘୁଙ୍କ ମାଡ ମାରିବା ସହ ଆସବାପତ୍ର ଫୋପାଡି ଭାଙ୍ଗିଦେଇଥିଲେ। ଏହି ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ଫୁଲବାଣୀର ସୁରେନ୍ଦ୍ର ଦିଗଲ ଓରଫ କାଲୁ। ତେବେ ତାଙ୍କଠାରୁ ଅପରାଧରେ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଦିଗଲଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ନବ ଦାସ ସ୍ମାରକୀ ମିନି ମାରାଥନ




ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

**ସମ୍ବଲପୁର,୨୯।୧(ବି.ଶଙ୍କର)**

## ସାମିଲ ହେଲେ ୩ ହଜାର ପ୍ରତିଯୋଗୀ

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ସ୍ମୃତିରେ ସମ୍ବଲପୁରରେ ସୋମବାର ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ନବ ଦାସ ସ୍ମୃତି ପରିଷଦ ଆୟୋଜିତ ମାରାଥନରେ ବିଭିନ୍ନ ବର୍ଗର ପ୍ରାୟ ୩ ହଜାର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସକାଳ ୭ଟାରେ ସମ୍ବଲପୁର ଅଇଁଠାପାଲି ଛକରୁ ମାରାଥନ ଆରମ୍ଭ ହୋଇ ନେଲସନ ମଣ୍ଡେଲା ଛକରେ ସମାପନ ହୋଇଥିଲା। ପ୍ରତିଯୋଗୀମାନେ ଅଇଁଠାପାଲି ଛକରୁ ବାହାରି ସହଯୋଗନଗର ଛକ, ଜଗନ୍ନାଥ କଲୋନୀ ଛକ, ବୁଢ଼ାରଜା, ଫାଟକ, ଗଙ୍ଗାଧର ମେହେର କଲେଜ ଛକ, ଲକ୍ଷ୍ମୀ ଟକିଜ ଛକ, ଗୋଲବଜାର, ପୀରବାବା ଛକ, ମ୍ୟୁନିସିପାଲିଟି ଛକ ପରିକ୍ରମା କରି ନେଲସନ ମଣ୍ଡେଲା ଛକରେ ପହଞ୍ଚିଥିଲେ।

ପ୍ରତିଯୋଗିତାରେ ବାଳିକା ବର୍ଗରେ ନିଶା ବାରିକ ପ୍ରଥମ, ସଞ୍ଜନା ମିଞ୍ଜ ଦ୍ୱିତୀୟ ଓ ସାଇନା ପରଭିନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳକ ବର୍ଗରେ ଅଶୋକ ଡନସନା, ଡୋଳାମଣୀ ଚିରଗୁନ, ରଶ୍ମିରଞ୍ଜନ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ସ୍ୱର୍ଗତ ନବ ଦାସଙ୍କ ପୁଅ ବିଶାଳ ଦାସ, ସ୍ତ୍ରୀ ମିନତୀ ଦାସ, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ସମ୍ବଲପୁର ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ରାମଦାସ ପଣ୍ଡା, କେନ୍ଦୁପତ୍ର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ସମ୍ବଲପୁର ମହାନଗର ନିଗମ ବିଜେଡି ସଭାପତି ସତୀଶ ବିଶି, ପ୍ରଦୀପ ଦିୱାନ, ବିଜେଡି ନେତା ଦେବେନ୍ଦ୍ର କିଶୋର ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ପୂର୍ବରୁ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ସିଦ୍ଧାର୍ଥ ସାହା, ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ, ଜିତେନ୍ଦ୍ର ପଣ୍ଡା, ଭାଜପା ଜିଲା ସଭାପତି ଗିରିଶ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ମିନି ମାରାଥନକୁ ଶୁଭାରମ୍ଭ କରିଥିଲେ। ଆୟୋଜକ କମିଟିର ରାଜକିଶୋର ଦାସ, ସନ୍ଦିପ ପଟ୍ଟନାୟକ, ପ୍ରଭାତ ବିଶ୍ୱାଳ, ଅର୍ପଣ ପ୍ରଧାନ, ମହେନ୍ଦ୍ର ସାଙ୍ଖୋଲିଆ, ରୋହିତ ଚୌଧୁରୀ, ଅମିତ ଅଗ୍ରୱାଲ, ସୁବଳ ସାହୁ, ପ୍ରମୋଦ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।




# ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ମାର୍ଗ ବୁଲିଲେ ଭକ୍ତ

## ପ୍ରଥମ ପର୍ଯ୍ୟାୟରେ ୫ ଜିଲାରୁ ପୁରୀ ଆସିଲେ

**ପୁରୀ,୨୯।୧(ଅଜିତ ମହାନ୍ତି)**

ରାଜ୍ୟ ସରକାରଙ୍କ ଡ୍ରିମ୍ ପ୍ରୋଜେକ୍ଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହାପରଠୁ ଭକ୍ତମାନେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରି ସୁଖଦ ଅନୁଭୂତି ନେବା ସହ ଆନନ୍ଦ ଲାଭ କରୁଛନ୍ତି। ଏହି ପ୍ରକଳ୍ପର ସୁନ୍ଦର ଅନୁଭବ ଦେବା ପାଇଁ ରାଜ୍ୟ ସରକାର ସବୁ ଜିଲାରୁ ଭକ୍ତଙ୍କ ପାଇଁ ପରିକ୍ରମା ପ୍ରକଳ୍ପ ଦର୍ଶନର ବ୍ୟବସ୍ଥା କରିଛନ୍ତି। ସେହି ଅନୁଯାୟୀ, ସୋମବାରଠାରୁ ପର୍ଯ୍ୟାୟ କ୍ରମେ ବିଭିନ୍ନ ଜିଲାରୁ ଶ୍ରଦ୍ଧାଳୁମାନେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଯୋଗେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଗଞ୍ଜାମ, ବାଲେଶ୍ୱର, ମୟୂରଭଞ୍ଜ, କଟକ ଏବଂ କେନ୍ଦ୍ରାପଡ଼ା ଜିଲାର ୫୦୦ଟି ପଞ୍ଚାୟତ ଓ ୱାର୍ଡରୁ ୧୦ ହଜାର ଭକ୍ତ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣ କରିଛନ୍ତି।

ଭକ୍ତମାନଙ୍କୁ ନେଇ ପୁରୀ ଆସୁଥିବା ବସ୍‌ଗୁଡ଼ିକ ବୀରହରେକୃଷ୍ଣପୁର ଡାହାଣ ପାର୍ଶ୍ୱରେ ଯାଇ ସମଙ୍ଗ ପାର୍କିଂ ସ୍ଥଳରେ ପହଞ୍ଚିଥିଲା। ସେଠାରେ ଭକ୍ତମାନେ ନିତ୍ୟକର୍ମ ସାରି ଜଳଖିଆ ଖାଇବା ପରେ ପ୍ରଶାସନ ପକ୍ଷରୁ ହୋଇଥିବା ଫିଡ଼ର ବସ୍ ମାଧ୍ୟମରେ ଶ୍ରୀସେତୁ ଦେଇ ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟରକୁ ଆସିଥିଲେ। ସେଠାରୁ ଶ୍ରୀମାର୍ଗ ଦେଇ ଚାଲିଚାଲି ପରିକ୍ରମା ପ୍ରକଳ୍ପ ମାର୍ଗ ପରିକ୍ରମା କରିବା ସହ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେହିପରି ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ବେଶ ଓ ବିଭିନ୍ନ ତଥ୍ୟ ସମ୍ପର୍କରେ କରାଯାଇଥିବା ପ୍ରଦର୍ଶନୀ ଦେଖି ସାରି ପୁଣି ଶ୍ରୀସେତୁ ଦେଇ ସମଙ୍ଗକୁ ଫେରିଥିଲେ। ସେଠାରେ ମଧ୍ୟାହ୍ନଭୋଜନ କରିବା ପରେ ନିଜ ଅଞ୍ଚଳକୁ ବସ୍ ଯୋଗେ ପ୍ରତ୍ୟାବର୍ତ୍ତନ କରିଥିଲେ। ସେମାନଙ୍କ ପାଇଁ ମହାପ୍ରସାଦ ବ୍ୟବସ୍ଥା କରାଯାଇଥିଲା।



ଏନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ପ୍ରତ୍ୟେକ ଦିନ ୧୦ ହଜାର ଲୋକ ଯେପରି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଦେଖିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ନୋଡାଲ ଅଫିସରମାନଙ୍କୁ ନିୟୋଜିତ କରାଯାଇଛି। ପ୍ରଥମ ଦିନରେ ୫ଟି ଜିଲାରୁ ଭକ୍ତମାନେ ପୁରୀ ଆସି ପରିକ୍ରମା ପ୍ରକଳ୍ପ ଦେଖି ଆନନ୍ଦ ଲାଭ କରିଛନ୍ତି। ଏହି କାର୍ଯ୍ୟ ପ୍ରାୟ ଏକ ମାସ ଧରି ଜାରି ରହିବ। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ରାଜ୍ୟର ସମସ୍ତ ଜିଲାରୁ ଭକ୍ତମାନେ ଯେପରି ପର୍ଯ୍ୟାୟ କ୍ରମେ ଆସିବେ ସେ ନେଇ ବ୍ୟବସ୍ଥା ହୋଇଛି। ଭକ୍ତଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କୁ ସହାୟତା ଯୋଗାଇବା ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିବାବେଳେ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ନିମନ୍ତେ ପୋଲିସ ମୁତୟନ କରାଯାଇଛି।

# ବ୍ୟବସ୍ଥାର ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

**ପୁରୀ,୨୯।୧(ଅଜିତ ମହାନ୍ତି)**

## ଭକ୍ତଙ୍କ ସହ ବସି ଖାଇଲେ, ଅନୁଭୂତି ପଚାରି ବୁଝିଲେ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହାପରଠୁ ଭକ୍ତମାନେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରି ସୁଖଦ ଅନୁଭୂତି ନେବା ସହ ଆନନ୍ଦ ଲାଭ କରୁଛନ୍ତି। ବିଭିନ୍ନ ଜିଲାର ଜନସାଧାରଣ ଯେପରି ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପର ଅନୁଭୂତି ସାଉଁଟିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏ ନେଇ ସୋମବାରଠାରୁ ପର୍ଯ୍ୟାୟ କ୍ରମେ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଯୋଗେ ୫ଟି ଜିଲାରୁ ଭକ୍ତମାନେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମଙ୍ଗ ଆସି ଏସବୁ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି।

ଅପରାହ୍ଣରେ ପାଣ୍ଡିଆନ ହେଲିକପ୍ଟର ଯୋଗେ ଆସି ମାଟିତୋଟା ଅଞ୍ଚଳରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରୁ ସମଙ୍ଗ ଯାଇ ଭକ୍ତଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଭକ୍ତମାନଙ୍କୁ ସୁବିଧା ଅସୁବିଧା ଏବଂ ସେମାନଙ୍କ ଅନୁଭୂତି ସମ୍ପର୍କରେ ପଚାରି ବୁଝିଥିଲେ। ଓଡ଼ିଶାର ରୂପାନ୍ତରଣ ତଥା ଜନସାଧାରଣଙ୍କ ସୁଖସୁବିଧା ପାଇଁ ମୁଖ୍ୟମନ୍ତ୍ରୀ କିପରି ଗୁରୁତ୍ୱ ଦେଉଛନ୍ତି, ସେ ଉପରେ ପାଣ୍ଡିଆନ ଆଲୋକପାତ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ତଥା ଅନ୍ୟ ଆଧ୍ୟାତ୍ମିକ କ୍ଷେତ୍ରର ରୂପାନ୍ତର ଏବଂ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟବସ୍ଥାରେ ଶ୍ରଦ୍ଧାଳୁମାନେ ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ଏପରିକି କେତେଜଣ ଭକ୍ତଙ୍କ ସହ ବସି ଖାଦ୍ୟ ଗ୍ରହଣ କରିଥିଲେ। ସେମାନଙ୍କ ଅନୁଭୂତି ଅତି ସୁଖଦ ଏବଂ ଅବିସ୍ମରଣୀୟ ବୋଲି ଅନେକ ଭକ୍ତ କହିଥିଲେ। ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ପାଣ୍ଡିଆନଙ୍କ ଉଚ୍ଚପ୍ରଶଂସା କରିଥିଲେ। ସମସ୍ତ କାର୍ଯ୍ୟର ସମୀକ୍ଷା କରିବା ପରେ ପାଣ୍ଡିଆନ ପୁଣି ଭୁବନେଶ୍ୱର ଫେରିଯାଇଥିଲେ।



# ରମେଶ ପାଣିଗ୍ରାହୀଙ୍କୁ 'ନବ ଦାସ ସ୍ମାରକୀ ସମ୍ମାନ'

**ଭୁବନେଶ୍ୱର, ୨୯।୧ (ବନ୍ଦନା ସେଠୀ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସୋମବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜଣେ ଟାଣୁଆ ବିଧାୟକ, ଦରଦୀ ରାଜନେତା ତଥା ସୁଦକ୍ଷ ମନ୍ତ୍ରୀ ରୂପେ ନବ କିଶୋର ଦାସଙ୍କ ଅବଦାନ ସ୍ମରଣୀୟ ହୋଇରହିବ। ଦୁଇବର୍ଷ ଧରି ମହାମାରୀ କରୋନାର ସଫଳ ମୁକାବିଲା କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ଯେଉଁ ପ୍ରଶଂସା ଅର୍ଜନ କରିଥିଲା, ତାହାର ଶ୍ରେୟ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତଃ ଦାସଙ୍କର ଥିଲା ବୋଲି ବକ୍ତାମାନେ କହିଛନ୍ତି। ରାଜ୍ୟସ୍ତରୀୟ ନବ ଦାସ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇଥିବାବେଳେ ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ମୁଖ୍ୟ ଅତିଥି, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା କୁଳପତି ପ୍ରଫେସର ଡ. କୈଳାସ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ପରିଷଦ ସଭାପତି ତଥା ସାମ୍ବାଦିକ ପ୍ରଦୋଷ




ପୂର୍ବତନ ଅର୍ଥମନ୍ତ୍ରୀ ନବକିଶୋର ଦାସଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ପ୍ରଥମ 'ନବ ଦାସ ସ୍ମାରକୀ ସମ୍ମାନ' ପ୍ରଦାନ କରୁଛନ୍ତି।

ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ପ୍ରଥମ 'ନବ ଦାସ ସ୍ମାରକୀ ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ତାଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଉପାୟନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ସୁଜ୍ଞାନ ଚୌଧୁରୀ ଉତ୍ସବରେ ବକ୍ତବ୍ୟ ରଖିଥିବାବେଳେ ଗୁରୁ କଲ୍ୟାଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମଧୁମିତା ମହାନ୍ତି ସଂଯୋଜନା କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଶ୍ୱିନୀ ନକ୍ଷତ୍ର ପାରିବାରିକ ଅଶାନ୍ତି ସାଙ୍ଗକୁ ପାଇବା ଜିନିଷ ଶେଷ ସମୟରେ ହରାଇବେ। ବନ୍ଧୁମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ସମସ୍ୟା ଆସିଲେ ମଧ୍ୟ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ।

**ବୃଷ**
ଆପଣଙ୍କ ଉପରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ମୃଗଶିରା ନକ୍ଷତ୍ର ଶୁଣାକଥାକୁ ବିଶ୍ୱାସକରି ହଠାତ୍ ଯାତ୍ରା କରିବାକୁ ପଡ଼ିବ। ଜମିଜମା କାରବାର, ରାଜନୀତି, ଆନୁଷ୍ଠାନିକ କାମରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଆଲୋଚନା ପରିସରରେ ସାଧାରଣ କଥାରେ ବନ୍ଧୁ କ୍ଷୁବ୍ଧ ହୋଇପାରନ୍ତି।

**ମିଥୁନ**
ପରିବାରର ବୟସ୍କ ବ୍ୟକ୍ତିମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ପୁନର୍ବସୁ ନକ୍ଷତ୍ରର ଆର୍ଥିକ ଓ ପାରିବାରିକ ପରିସ୍ଥିତି ଭଲ ରହିବ। ଆଲୋଚନା ପ୍ରସଙ୍ଗରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ସମସ୍ୟା ସମାଧାନ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କର୍କଟ**
ସ୍ୱାସ୍ଥ୍ୟ ସମସ୍ୟା, ଅର୍ଥସଙ୍କଟ ଓ ଏକାଧିକ କାମରୁ ମାନସିକ ଚାପଗ୍ରସ୍ତ ହୋଇପାରନ୍ତି। ନିଜ ଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ତଥାପି ଅଶ୍ଳେଷା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ଆଶଙ୍କା ଅପରାହ୍ନେ ଦୂରହୋଇଯିବ।

**ସିଂହ**
ସମସ୍ୟା ଜାଲରେ ଛନ୍ଦିହେବା କାରଣରୁ ନକାରାତ୍ମକ ଚିନ୍ତାଧାରା ମନରେ ସୃଷ୍ଟିହେବ। ମଘା ନକ୍ଷତ୍ର ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଅଟକି ରହିଥିବା କାମ କରି ଚାଲିବେ ଏବଂ ପାରିବାରିକ ସ୍ଥିତି ପୂର୍ବପରି ଶାନ୍ତ ରହିବ। ସାମାଜିକ ସ୍ତରରେ ଉଚ୍ଚ ସମ୍ମାନ ପାଇବା ସହ ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ।

**କନ୍ୟା**
ବନ୍ଧୁଙ୍କ ପ୍ରେରଣାରେ ନୂତନ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପ୍ରତ୍ୟେକ କାମ ସମ୍ପନ୍ନ କରିବେ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ଚିତ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବ, ମାତ୍ର ବିଶେଷ କିଛି ଅସୁବିଧା ହେବନାହିଁ। କିଣାବିକାରେ ଠକାମିରେ ପଡ଼ିପାରନ୍ତି।

**ତୁଳା**
ଆର୍ଥିକ ପ୍ରଗତି, ସାମାଜିକ ପ୍ରତିଷ୍ଠା ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ବୃହସ୍ପତିଙ୍କ ଶୁଭତ୍ୱରୁ ପାଇପାରିବେ। କିନ୍ତୁ ବିଶାଖା ନକ୍ଷତ୍ରର ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟିହେବା ସୂଚନା ରହିଛି। ପରିସ୍ଥିତିବଶତଃ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେବ।

**ବିଛା**
ଅନୁରାଧା ନକ୍ଷତ୍ରର ଉତ୍ତମ ବ୍ୟବହାର, ସ୍ନେହ, ସହାନୁଭୂତି ଓ ସେବା ସାହଯ୍ୟ ମନୋଭାବରୁ ସାମାଜିକ ସ୍ତରରେ ଆଦୃତ ହେବେ। ରାଜନୈତିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ଯାତ୍ରା ସମୟରେ ଆଘାତ ଲାଗିପାରେ। ହାତ ଉଧାରି ଟଙ୍କା ଅନ୍ୟକୁ ଦେଇ କଳହକୁ ଡାକିପାରନ୍ତି।

**ଧନୁ**
ଦୀର୍ଘଦିନରୁ ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। କଳା, ସାହିତ୍ୟ, ବକ୍ତୃତା, ଆଲୋଚନାରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପୂର୍ବାଷାଢ଼ା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିପାରନ୍ତି।

**ମକର**
ଆଜି କୌଣସି ବିବାଦୀୟ କଥା କହିବା ହେତୁ ମନଟା ଭଲ ଲାଗିବ ନାହିଁ। ଭଲ କଥା କହୁଥିଲେ ମଧ୍ୟ ନିଜ ସୁବିଧାକୁ ପ୍ରାଧାନ୍ୟ ଦେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ। ମାତ୍ର ନିଷ୍ପତ୍ତି ଅମୀମାଂସୀତ ରହିପାରେ। ପ୍ରତ୍ୟୁଷ ଯାତ୍ରା ସଫଳ ଓ ସହଜରେ କାମ ହାସଲ କରିବେ।

**କୁମ୍ଭ**
ରବିବାରର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଧନିଷ୍ଠା ନକ୍ଷତ୍ରର କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ସୃଷ୍ଟି ହୋଇପାରେ। ନିକଟ ସମ୍ପର୍କୀୟଙ୍କ ଅନୁରୋଧରେ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମୀନ**
ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବା ଆଶଙ୍କା ରହିଛି। ଉତ୍ତରଭାଦ୍ରପଦ ନକ୍ଷତ୍ରର କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିଶିଷ୍ଟ ବ୍ୟକ୍ତିମାନଙ୍କ ପରାମର୍ଶକ୍ରମେ ଆଜିର କାମଗୁଡ଼ିକ ଠିକ୍ ଠିକ୍ ହୋଇଯିବ। ଆକସ୍ମିକ ଭାବରେ ବିଶେଷ କାରଣରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହେବା ସୂଚନା ରହିଛି।

ଆଜି ଜାନୁଆରୀ ୩୦ ତାରିଖ ମଙ୍ଗଳବାର, ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ, ସର୍ବୋଦୟ ଦିବସ, ମାଘ କୃଷ୍ଣ ଚତୁର୍ଥୀଯୁକ୍ତ ପଞ୍ଚମୀ। ରାଶି ନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୯।୧୩ ଗତେ, ଘ.୧୦।୫୩ ମଧ୍ୟେ, ଘ.୦୧।୦୬ ଗତେ, ଘ.୦୧।୨୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୨।୪୬ ଗତେ, ଘ.୦୪।୧୦ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI



## ସନ୍ଦିପ ପ୍ଲେୟର ଅଫ୍ ଦି ମ୍ୟାଚ

କଟକ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ରଣଜୀ ଟ୍ରଫି ମ୍ୟାଚରେ ଓଡ଼ିଶା ୨୩୮ ରନରେ ହିମାଚଳ ପ୍ରଦେଶକୁ ହରାଇଥିବାବେଳେ ସନ୍ଦିପ ପଟ୍ଟନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

୧୪ ୦୯

## ଅଗଷ୍ଟ ୧୫ରେ 'ପୁଷ୍ପା୨'

ଆସନ୍ତା ଅଗଷ୍ଟ ୧୫ରେ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ 'ପୁଷ୍ପା-୨' ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ।



# ପୋଲିସ ଜଡ଼ିତ

ନାଗରିକ ସୁରକ୍ଷା ଓ ଶାନ୍ତି ଶୃଙ୍ଖଳାର ଉତ୍ତରଦାୟିତ୍ୱ ବହନ କରୁଥିବା ଓଡ଼ିଶା ପୋଲିସର ୮୭ ବର୍ଷର ଇତିହାସରେ ଏହାର କର୍ମଚାରୀଙ୍କ ବିରୋଧରେ ଆପରାଧିକ ଅଭିଯୋଗ ବଢ଼ିବାରେ ଲାଗିଛି। ହାଜତ ମୃତ୍ୟୁଠାରୁ ଆରମ୍ଭ କରି ମାନବ ଅଧିକାର ଉଲ୍ଲଂଘନ ଭଳି କାର୍ଯ୍ୟ ତଥା ବିଭିନ୍ନ ଦୁର୍ନୀତିକୁ ନେଇ ପୋଲିସର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ଉଠୁଛି। ପୋଲିସ ବ୍ୟବସ୍ଥାରେ ଆପରାଧିକ କାର୍ଯ୍ୟକଳାପକୁ ଭିତ୍ତିକରି ବହୁ ମାମଲା ଏବେ ବିଭିନ୍ନ କୋର୍ଟରେ ବିଚାରାଧୀନ ଅଛି। ତେବେ ନିକଟରେ ଘଟିଥିବା ଏକ ଘଟଣା, ଯେଉଁଥିରେ ପାରଳାଖେମୁଣ୍ଡି ରିଜର୍ଭ ପୋଲିସର ଜଣେ କନଷ୍ଟେବଲ ଜଡ଼ିତ ଥିବା ଜଣାପଡ଼ିବା ଖବର କାହାରିକୁ ଆଶ୍ଚର୍ଯ୍ୟ କରୁନାହିଁ। ଗଜପତି ଜିଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ୨ହଜାର ଟଙ୍କିଆ ନୋଟ ବଦଳାଇଦେବାକୁ ପ୍ରଲୋଭନ ଦେଖାଇ ତାଙ୍କଠାରୁ ୩୦ ଲକ୍ଷ ଟଙ୍କା ଲୁଟ୍ ଉଦ୍ୟମ କରି ଗିରଫ ହୋଇଥିବା ଦୁଇଜଣଙ୍କ ମଧ୍ୟରେ ଅଛନ୍ତି କନଷ୍ଟେବଲ ତନୁଜ କୁମାର ସାବତ। ଉଲ୍ଲେଖନୀୟ ଯେ, କନଷ୍ଟେବଲ ତନୁଜଙ୍କ ବିରୋଧରେ ପୂର୍ବରୁ ଭିଜିଲାନ୍ସ ଓ ପୌଜଦାରି ମାମଲା ରହିଥିବା ପୋଲିସ ତରଫରୁ କୁହାଯାଇଛି। ତେବେ ସେହି କନଷ୍ଟେବଲ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ମଧ୍ୟ ସାଧାରଣ ନାଗରିକ ବୁଝିପାରୁଥିବେ। ଏହିଭଳି ଛୋଟିଆ କର୍ମଚାରୀଙ୍କ ମାଧ୍ୟମରେ ଯେଉଁ ଲୁଟ୍ କରାଯାଏ ତାହା ଉପର ସ୍ତର ପର୍ଯ୍ୟନ୍ତ ପହଞ୍ଚିଥିବା କଥା ସମସ୍ତେ ଜାଣନ୍ତି। ଧରାପଡ଼ିଲାବେଳକୁ ସେହି କନଷ୍ଟେବଲ କିମ୍ବା ହାବିଲଦାର ସ୍ତରର କର୍ମଚାରୀ ବଳିପଡ଼ନ୍ତି। ଓଡ଼ିଶାରେ କୌଣସି ଆଇପିଏସ୍ (ଭାରତୀୟ ପୋଲିସ ସେବା) ଅଫିସର ଦୁର୍ନୀତି କରି ଧରାପଡ଼ିବାର ନଜିର କ୍ୱଚିତ ମିଳିଥାଏ। ସମସ୍ତେ ଜାଣନ୍ତି ଉପରସ୍ତରରୁ ଅନୁମତି ବିନା ତଳ ସ୍ତରରେ, ବିଶେଷକରି ପୋଲିସ ବିଭାଗରେ, ଦୁର୍ନୀତି ଘଟିବା ସମ୍ଭବପର ହୁଏ ନାହିଁ।

**ତଥାଗତ ସତପଥୀ**

ଏଠାରେ ମନେପଡ଼େ କିଛି ବର୍ଷ ପୂର୍ବେ ଭୁବନେଶ୍ୱରର ବମିଖାଲ ଅଞ୍ଚଳରେ ଭଡ଼ାଘରେ ରହୁଥିବା ଏକ ପରିବାରର ୧୪ ବର୍ଷୀୟ ଝିଅ ନିଖୋଜ ହୋଇଯିବା ଘଟଣା। ଖବର ନେବାରୁ ଜଣାପଡ଼ିଲା ଯେ, ପଡ଼ୋଶୀ ଘରେ ରହୁଥିବା ଜଣେ ହିନ୍ଦୁସ୍ତାନୀ ମହିଳା କିଛି ମାସ ଧରି ଏହି ଝିଅ ସଙ୍ଗେ ବନ୍ଧୁତା ସୃଷ୍ଟି କରିଥିଲେ। ପିଲାଟି ସ୍କୁଲ ଯିବା ଏବଂ ଆସିବାବେଳେ ମହିଳା ଜଣକ ତା'ସଙ୍ଗେ ଯାଇ ପ୍ରଥମେ ଚକୋଲେଟ, ଟିକିଲି ଇତ୍ୟାଦି କିଣିକରି ଦେଉଥିଲେ। କିଛି ମାସ ପରେ ଝିଅକୁ ନେଇ ଲୁଗାପଟା ମଧ୍ୟ କିଣି ଦେଇଥିଲେ। ମାତାପିତାଙ୍କ ସନ୍ଦେହ ଦୂର କରିବା ପାଇଁ ସେହି ମହିଳା ଝିଅକୁ ଆଣି ଘର ଦୁଆରମୁହଁରେ ଛାଡ଼ିଦେଇ ଚାଲିଯାଉଥିଲେ। ଗୋଟିଏ ଦିନ ଝିଅ ତା'ର ସ୍କୁଲ ଗଲା, କିନ୍ତୁ ନିର୍ଦ୍ଧାରିତ ସମୟରେ ଘରକୁ ଫେରିଲା ନାହିଁ। ଖୋଜାଖୋଜି ଏବଂ ଅପେକ୍ଷା କରି ବିଳମ୍ବିତ ରାତ୍ରିରେ ପୋଲିସ ଥାନାରେ ଏତଲା ଦେବାକୁ ମାତାପିତା ଯେତେବେଳେ ଗଲେ ସେତେବେଳେ ସେଠାକାର ଥାନାର ପୋଲିସ ଅଫିସର ଝିଅ ସମ୍ପର୍କରେ ଅଭଦ୍ର କଥା କହିବା ସହିତ ଏତଲା ମଧ୍ୟ ରଖିଲେ ନାହିଁ। ଜଣେ ସାମ୍ବାଦିକଙ୍କର ଦୃଷ୍ଟିକୁ ଏହି ଘଟଣା ଆସିବା ପରେ ତତ୍କାଳୀନ ଏସ୍‌ପିଙ୍କ ଦୃଷ୍ଟିକୁ ଘଟଣାଟି ଅଣାଗଲା। 'କିଛି ସମୟ ଦିଅନ୍ତୁ କାର୍ଯ୍ୟ କେରିଦେବା' କହି ସେତେବେଳର ଏସ୍‌ପି ୪ ଦିନ ମଧ୍ୟରେ ଝିଅକୁ ଦିଲ୍ଲୀରୁ ଫେରାଇ ଆଣିପାରିଲେ। ପରବର୍ତ୍ତୀ ଅନୁସନ୍ଧାନରୁ ଜଣାପଡ଼ିଲା ଯେ, ସେହି ୪ ଦିନ ମଧ୍ୟରେ ଝିଅଟି ୭ ଥର ବିକ୍ରି ହୋଇସାରିଥିଲା। ଝିଅଟିର ଭାଗ୍ୟ ଭଲ ଥିବାରୁ ବଳାତ୍କାର କିମ୍ବା ମାଡ଼ ସହିବାକୁ ପଡ଼ି ନ ଥିଲା। କିନ୍ତୁ ଏହିଭଳି ଭାଗ୍ୟ ଅଧିକାଂଶ ଝିଅଙ୍କର ନ ଥାଏ। ଏହି ଘଟଣା ପ୍ରମାଣ କରିଦିଏ ଯେ, ଭାରତରେ ପୋଲିସର ଅଜାଣତରେ ମହିଳା ଚାଲାଣ କରିବା କୌଣସି ସ୍ଥାନରେ ସମ୍ଭବପର ହୁଏନାହିଁ। ସେହିଭଳି ଅଳ୍ପ ବୟସ୍କ ପୁଅପିଲା ମଧ୍ୟ ନିଖୋଜ ହୋଇଯାଆନ୍ତି। ତତ୍‌ସହିତ ଚୋରି ହୋଇଥିବା ସାମଗ୍ରୀ ବିଭିନ୍ନ ଜାଗାକୁ ପଠାଇବାକୁ ହେଲେ ପୋଲିସ ଅନୁମତି ଦରକାର ହୋଇଥାଏ।

ଭୁବନେଶ୍ୱରଠାରୁ ଦିଲ୍ଲୀ ଭଳି ସହରରେ ବୟସ୍କ ଦମ୍ପତିଙ୍କ ଘର ଏବଂ ସମ୍ପତ୍ତି ଜବରଦଖଲ କାର୍ଯ୍ୟ ରୀତିମତ ପୋଲିସର ଆଶୀର୍ବାଦ ବିନା କରାଯାଇପାରେ ନାହିଁ। ଭୁବନେଶ୍ୱରରେ ଅନେକ ବୟସ୍କ ନାଗରିକଙ୍କ ଘର ଏବଂ ଜମି ଜବରଦଖଲ କରିବା ପାଇଁ ସ୍ଥାନୀୟ ଗୁଣ୍ଡା ଶ୍ରେଣୀର ଯୁବକ ଏବଂ ଅନେକ ସମୟରେ କେତେକ କିନ୍ନରଙ୍କୁ ବ୍ୟବହାର କରାଯିବା ପଛରେ ପୋଲିସର ସକ୍ରିୟ ସହଯୋଗ ରହିଥିବା ଘଟଣାର ଅନେକ ଉଦାହରଣ ମିଳିଥାଏ। ଏଥିରୁ ସହଜରେ ଅନୁମାନ କରିହୁଏ ଯେ, ଭାରତବର୍ଷସାରା ବିନା ସ୍ଥାନୀୟ ଥାନାର ସମ୍ପୃକ୍ତିରେ ଗୋଟିଏ ପକେଟମାର୍ ମଧ୍ୟ କାର୍ଯ୍ୟ କରିପାରେ ନାହିଁ। ଏହାର ଅନେକ ଉଦାହରଣ କଲିକତାର ହାଓ୍ୱଡ଼ା ରେଲଓ୍ୱେ ଷ୍ଟେଶନରେ ପକେଟମାର୍ ହୋଇଥିବା ଲୋକଙ୍କର ପହୁଞ୍ଚିଥିଲେ କେଉଁଭଳି ନାଟକୀୟ ଭାବରେ ତାଙ୍କର ଟଙ୍କା ଫେରିଆସେ ସେ ବିଷୟରେ ମଧ୍ୟ ଅନେକଙ୍କର ଅନୁଭୂତି ରହିଛି। ଏହା ହେଉଛି ଭାରତୀୟ ପୋଲିସର ଚରିତ୍ର। କେଉଁଠି ବେଶି ତ କେଉଁଠି ଅଳ୍ପ। କିନ୍ତୁ ସବୁଆଡ଼େ ଗୋଟିଏ କଥା 'ପୋଲିସ ଜଡ଼ିତ'।



ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସୋମବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ 'ଓଡ଼ିଶା ବଞ୍ଚାଅ ସମାବେଶ'ରେ ଯୋଗ ଦେଇଥିବା କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଏବଂ ଦଳର ନେତୃମଣ୍ଡଳୀ।

# ଏବେ ନୁହେଁ ତ ଆଉ ନୁହେଁ: ଖାର୍ଗେ

**ଦେଶରେ ସାମ୍ପ୍ରଦାୟିକ ଅରାଜକତା ଦେଖାଗଲାଣି କଂଗ୍ରେସ ସବୁବେଳେ ଏକତା ଉପରେ ବିଶ୍ୱାସ କରୁଥିବାବେଳେ ଭାଜପା ବିଭାଜନ ସୃଷ୍ଟି କରୁଛି। କଂଗ୍ରେସକୁ ଶାସନକୁ ଫେରିବାକୁ ପଡ଼ିବ। ଯଦି ଏଥର କଂଗ୍ରେସକୁ ଆପଣମାନେ ଭୋଟ ନ ଦେବେ ତେବେ ନରେନ୍ଦ୍ର ମୋଦି ଆପଣଙ୍କୁ ଆଉ ଭୋଟ ଦେବାକୁ ସୁଯୋଗ ଦେବେ ନାହିଁ। ରୁଷିଆରେ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନଙ୍କ ଭଳି ମୋଦି ଆମ ଦେଶରେ ଏକଛତ୍ରବାଦ ଚଳାଇବେ ବୋଲି ସୋମବାର କଂଗ୍ରେସର 'ଓଡ଼ିଶା ବଞ୍ଚାଅ' ସମାବେଶରେ ଯୋଗଦେଇ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏଭଳି ସତର୍କ କରାଇଛନ୍ତି।**

ଭୁବନେଶ୍ୱର, ୨୯।୧ (ଅନିଲ ଦାସ)

ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ସୋମବାର ଆୟୋଜିତ 'ଓଡ଼ିଶା ବଞ୍ଚାଅ' ସମାବେଶରେ ଯୋଗଦେଇ ଖାର୍ଗେ କହିଛନ୍ତି ଯେ, ରାହୁଲ ଗାନ୍ଧୀ ଦେଶକୁ ଏକତା ସୂତ୍ରରେ ବାନ୍ଧୁଛନ୍ତି। ଅପରପକ୍ଷରେ ଭାଜପା ଲୋକଙ୍କ ଭିତରେ ବିଭେଦ ଓ ଘୃଣାଭାବ ସୃଷ୍ଟି କରୁଛି। ସିବିଆଇ, ଇଡି ଲଗାଇ ହୁକୁମାତି କରୁଛି। ସିବିଆଇ, ଇଡି ଡରରେ କିଏ ଦଳ ଛାଡୁଛି ତ' ପୁଣି କିଏ ମେଣ୍ଟ ଛାଡ଼ି ପଳାଉଛି। ଏତେ ଭୟାଳୁ ଲୋକ ରହିଲେ କ'ଣ ଏ ଦେଶ ବଞ୍ଚିବ।

### କଂଗ୍ରେସର 'ଓଡ଼ିଶା ବଞ୍ଚାଅ' ସମାବେଶ

ଆସନ୍ତା ନିର୍ବାଚନ ହେଉଛି ଶେଷ ସୁଯୋଗ। ଏହାପରେ ଆଉ ନିର୍ବାଚନ ହେବ ନାହିଁ। ପୁଟିନଙ୍କ ଭଳି ଦେଶରେ ଭାଜପା ମନଇଛା ନିର୍ବାଚନ କରିବ। ଦେଶକୁ ବଞ୍ଚାଇବା ଏବଂ ବାରମ୍ବାର ନିର୍ବାଚନ କରିବା ଆପଣମାନଙ୍କ ଉପରେ ନିର୍ଭର କରୁଛି। ଆପଣମାନେ ଚାହିଁଲେ ଗଣତନ୍ତ୍ର ବଞ୍ଚିବ। ଗୋଲାମ ହୋଇ ରହିବେ କି ନାହିଁ ତାହା ଆପଣଙ୍କ ଇଚ୍ଛା ଉପରେ ନିର୍ଭର କରେ। ନିଜର ହକ୍ ପାଇଁ ଲଢ଼େଇ କରିବାକୁ ହେବ ବୋଲି ଖାର୍ଗେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି।

ଖାର୍ଗେ କହିଛନ୍ତି ଯେ, ପଣ୍ଡିତ ନେହେରୁଙ୍କ ଦୃଷ୍ଟିରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିଲା। ଓଡ଼ିଶାରେ କଂଗ୍ରେସର ବହୁତ ବଡ଼ ଅଧିବେଶନ ହୋଇଥିଲା। ବିଜୁ ପଟ୍ଟନାୟକଙ୍କ ସହ ନେହେରୁଙ୍କ ଘନିଷ୍ଠ ସମ୍ପର୍କ ଥିଲା। ଏବର ପଟ୍ଟନାୟକଙ୍କର କିନ୍ତୁ ଭାଜପା ସହ ଘନିଷ୍ଠ ସମ୍ପର୍କ ରହିଛି। ସେ ପଟ୍ଟନାୟକ ଏବଂ ଏ ପଟ୍ଟନାୟକଙ୍କ ମଧ୍ୟରେ ବହୁତ ତଫାତ୍ ଅଛି। ଓଡ଼ିଶା ପ୍ରଭାରୀ ଡକ୍ଟର ଅଜୟ କୁମାର କହିଲେ ଭାଜପା ବିଜେଡି ମଧ୍ୟରେ ବାହାଘର କରିଛନ୍ତି। ହେଲେ ବହୁ ଆଗରୁ ଉଭୟଙ୍କ ମଧ୍ୟରେ ଲଭ୍ ମ୍ୟାରେଜ୍ ହୋଇଯାଇଛି ବୋଲି ଖାର୍ଗେ କହିଛନ୍ତି। ମୋଦି କହୁଛନ୍ତି ୮୦ କୋଟି ଲୋକଙ୍କୁ ଚାଉଳ ଦେଇଦେଲେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାଠାରୁ ଆରମ୍ଭ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ସୂଚନା ଅଧିକାର ଭଳି ଜନହିତକର ଆଇନ କଂଗ୍ରେସ ଅମଳରେ ହୋଇଛି। ପାରାଦୀପ ବନ୍ଦର, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ମଞ୍ଚେଶ୍ୱର ରେଳକ୍ୱଡ଼ବା କାରଖାନାଠାରୁ ଆରମ୍ଭ କରି ଓଡ଼ିଶାରେ ଯାହା ବି ହୋଇଛି, ସବୁ କଂଗ୍ରେସ ସମୟରେ ହୋଇଛି। ମୋଦି ଲୋକତନ୍ତ୍ର, ସମ୍ବିଧାନକୁ ବରବାଦ କରୁଛନ୍ତି। ଭାଜପା ଓ ନବୀନ ପଟ୍ଟନାୟକଙ୍କ ସହ ଧନୀ ଲୋକ ଅଛନ୍ତି। ରାଜ୍ୟର ଖଣିକୁ ଉଭୟ ଲୁଟ୍ କରୁଛନ୍ତି। କଂଗ୍ରେସ ସର୍ବଦା ଗରିବଙ୍କ ସହ ରହିଛି। ଆଜି ଯାହା କିଛି ଦେଶରେ ହୋଇଛି ତାହା କେବଳ କଂଗ୍ରେସ ☞ପୃଷ୍ଠା-୧୩

# ଆଦିବାସୀଙ୍କ ପାଇଁ 'ଲାଭ'

ଭୁବନେଶ୍ୱର, ୨୯।୧ (ଅନିଲ ଦାସ)

ଆଦିବାସୀମାନଙ୍କ ଖୁସି ଓ ସମୃଦ୍ଧି ପାଇଁ ରାଜ୍ୟ ସରକାର ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଆଦିବାସୀମାନଙ୍କ ପାଇଁ ରାଜ୍ୟ ସରକାର ଲଘୁ ବନଜାତ ଦ୍ରବ୍ୟ କ୍ରୟ ପାଇଁ 'ଲାଭ' ନାମରେ ଏକ ଯୋଜନା ଘୋଷଣା କରିଛନ୍ତି। ଏହାକୁ ସୋମବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି।

ରାଜ୍ୟ ସରକାର ଏଣିକି ଆଦିବାସୀମାନଙ୍କ ଦ୍ୱାରା ସଂଗ୍ରହ କରାଯାଉଥିବା ଲଘୁ ବନଜାତ ଦ୍ରବ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଦେଇ କ୍ରୟ କରିବେ। ଏଥିପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ଶତ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବେ। ପ୍ରତ୍ୟେକ ବର୍ଷ ଏଥିପାଇଁ ରାଜ୍ୟ ସରକାର ଏମ୍‌ଏସ୍‌ପି ନିର୍ଦ୍ଧାରଣ କରିବେ। ଏହାଦ୍ୱାରା ଆଦିବାସୀମାନେ ନିଜର ଲଘୁ ବନଜାତ ଦ୍ରବ୍ୟକୁ ଓଡ଼ିଶା ଆଦିବାସୀ ଉନ୍ନୟନ ସମବାୟ ନିଗମ(ଟିଡିକଲ) ସେଣ୍ଟର ଜରିଆରେ ଏମ୍‌ଏସ୍‌ପି ମାଧ୍ୟମରେ ବିକ୍ରି କରିପାରିବେ। ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ଅଧିକାଂଶ ବ୍ୟକ୍ତି ହେଉଛନ୍ତି ମହିଳା। ଲାଭ ଯୋଜନା ଜରିଆରେ ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ସେମାନଙ୍କୁ ସାମିଲ କରାଯିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବନଜାତ ଦ୍ରବ୍ୟ କ୍ରୟ ସେଣ୍ଟରଗୁଡ଼ିକ ପରିଚାଳନା ହେବ। ଏହାକୁ ଟିଡିକଲ ସହାୟତା କରିବ। ହିତାଧିକାରୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର(ଡିବିଟି) ଜରିଆରେ ଆକାଉଣ୍ଟକୁ ପ୍ରଦାନ କରାଯିବ। ଏଥିସହିତ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ଏସ୍‌ଏଚ୍‌ଜି କିମ୍ବା ଅନ୍ୟାନ୍ୟ ସଂସ୍ଥାଙ୍କୁ ୨ ପ୍ରତିଶତ କମିଶନି ଆକାରରେ ଯୋଗାଇ ଦିଆଯିବ। କେତେ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ ହେବ ତାହା ନିର୍ଦ୍ଧାରଣ କରାଯିବ। ☞ପୃଷ୍ଠା-୧୩

### ଏମ୍‌ଏସ୍‌ପିରେ ଲଘୁ ବନଜାତ ଦ୍ରବ୍ୟ କିଣିବେ ରାଜ୍ୟ ସରକାର

# ୨୭ରେ ରାଜ୍ୟ ସଭା ନିର୍ବାଚନ

ଭୁବନେଶ୍ୱର, ୨୯।୧ (ଅନିଲ ଦାସ)

ଓଡ଼ିଶାର ଖାଲି ପଡୁଥିବା ୩ ରାଜ୍ୟ ସଭା ଆସନ ପାଇଁ ଆସନ୍ତା ଫେବୃଆରୀ ୨୭ରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ତାରିଖ ଘୋଷଣା କରାଯାଇଛି। ଏହି ନିର୍ବାଚନ ପାଇଁ ଫେବୃଆରୀ ୮ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଫେବୃଆରୀ ୧୫ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଫେବୃଆରୀ ୧୬ରେ ନାମାଙ୍କନପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୦ ତାରିଖ ସୁଦ୍ଧା ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ୨୭ ତାରିଖରେ ଭୋଟ ଗ୍ରହଣ ହେବ। ଓଡ଼ିଶାର ୩ ରାଜ୍ୟ ସଭା ସଦସ୍ୟଙ୍କ କାର୍ଯ୍ୟକାଳ ଏପ୍ରିଲ ୩ରେ ଶେଷ ହେବ। ଏହି ୩ ସଦସ୍ୟ ହେଲେ ବିଜେଡିର ଅମର ପଟ୍ଟନାୟକ ଓ ପ୍ରଶାନ୍ତ ନନ୍ଦ ଏବଂ ଭାଜପାର ଅଶ୍ୱିନୀ ବୈଷ୍ଣବ।

ସୂଚନାଯୋଗ୍ୟ, ଅମର ପଟ୍ଟନାୟକ ବିଜେଡିରୁ ରାଜ୍ୟ ସଭାକୁ ୨୦୧୯ ଜୁନ ୨୯ ତାରିଖରେ ନିର୍ବାଚିତ ହୋଇଥିବା ବେଳେ ପ୍ରଶାନ୍ତ ନନ୍ଦ ୨୦୧୮ଏପ୍ରିଲ ୪ ଏବଂ ଭାଜପାର ଅଶ୍ୱିନୀ ବୈଷ୍ଣବ ୨୦୧୯ ଜୁନ୍ ୨୯ରେ ବିଜେଡି ସହଯୋଗରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ।

### ଓଡ଼ିଶାରୁ ଖାଲି ହେବ ୩ ଆସନ

# ମାଳଦ୍ୱୀପ ରାଷ୍ଟ୍ରପତିଙ୍କ ବିରୋଧରେ ଆସିବ ମହାଭିଯୋଗ

ମାଲେ, ୨୯।୧ (ପି.ଟି.)



ମୋହମ୍ମଦ ମୋଇଜ୍ଜୁ

ଚାଇନା ସପକ୍ଷବାଦୀ ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୋଇଜ୍ଜୁଙ୍କ ବିରୋଧରେ ପାର୍ଲାମେଣ୍ଟରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ମୁଖ୍ୟ ବିରୋଧୀ ଦଳ ଏମ୍‌ଡିପି ଯୋଜନା କରୁଛି। ସୋମବାର ଅନୁଷ୍ଠିତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ମୋଇଜ୍ଜୁଙ୍କ ୩ ଜଣ କ୍ୟାବିନେଟ ମନ୍ତ୍ରୀଙ୍କୁ ଅନୁମୋଦନ ମିଳି ନ ଥିଲା। ୪ କ୍ୟାବିନେଟ ମନ୍ତ୍ରୀଙ୍କୁ ସଂସଦୀୟ ଅନୁମୋଦନ ପାଇଁ ଅନୁଷ୍ଠିତ ଅଧିବେଶନରେ ସରକାରୀ ଦଳ ଏବଂ ବିରୋଧୀ ଏମ୍‌ପିମାନଙ୍କ ମଧ୍ୟରେ ମତାନ୍ତରରୁ ସଂଘର୍ଷ ଘଟିଥିଲା। ଉଭୟ ଗୋଷ୍ଠୀ ଏମ୍‌ପି ପରସ୍ପରକୁ ମାଡ଼ ମାରିବା ସହ ସଂସଦ ଭବନରେ ଗଡ଼ାପଡ଼ା ହେଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ପ୍ରକାଶ ପାଇଥିଲା। ଏହା ପରେ ରାଷ୍ଟ୍ରପତି ମୋଇଜ୍ଜୁଙ୍କୁ କ୍ଷମତାରୁ ହଟାଇବା ପାଇଁ ବିରୋଧୀ ଦଳ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯାଉଛି।

ଗତ ବର୍ଷ ସେପ୍ଟେମ୍ବରରେ ଭାରତ ସପକ୍ଷବାଦୀ ପୂର୍ବତନ ରାଷ୍ଟ୍ରପତି ଇବ୍ରାହିମ୍ ମୋହମ୍ମଦ ସୋଲିହଙ୍କୁ ପରାଜିତ କରି ୪୫ ବର୍ଷୀୟ ମୋଇଜ୍ଜୁ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ସେ କ୍ଷମତାକୁ ଆସିବା ପରେ ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଥିଲେ। ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ବିରୋଧୀ ଦଳ ଏମ୍‌ଡିପି ଡେମୋକ୍ରାଟ୍‌ମାନଙ୍କ ସହ ମିଶି ଯଥେଷ୍ଟ ଦସ୍ତଖତ ସଂଗ୍ରହ କରିସାରିଲେଣି। ମହାଭିଯୋଗ ଆଣିବା ପାଇଁ ସୋମବାର ଏମ୍‌ଡିପି ସଂସଦୀୟ ଦଳ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ହୋଇଛି। ମହାଭିଯୋଗ ସପକ୍ଷରେ ୫୬ ଭୋଟ ମିଳିଲେ ରାଷ୍ଟ୍ରପତିଙ୍କୁ ପଦ ହରାଇବାକୁ ପଡ଼ିପାରେ। ପାର୍ଲାମେଣ୍ଟର ମୋଟ ସଦସ୍ୟ ସଂଖ୍ୟା ୮୦ ହୋଇଥିବାବେଳେ ବିରୋଧୀ ଦଳ ଏମ୍‌ଡିପି ପାଖରେ ୪୫ ଏବଂ ସହଯୋଗୀ ଡେମୋକ୍ରାଟ୍ସ ଦଳର ୧୩ ସଦସ୍ୟ ରହିଛନ୍ତି।

# ସିମି ଉପରେ ନିଷେଧାଦେଶ ଆଉ ୫ ବର୍ଷ ବଢ଼ିଲା

ନୂଆଦିଲ୍ଲୀ, ୨୯।୧

କେନ୍ଦ୍ର ସରକାର ୟୁଏପିଏ ଆଇନ ବଳରେ ଆତଙ୍କବାଦୀ ସଂଗଠନ ଷ୍ଟୁଡେଣ୍ଟସ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ସିମି) ଉପରେ ଲାଗୁ ହୋଇଥିବା ନିଷେଧାଦେଶକୁ ସୋମବାର ଆଉ ୫ ବର୍ଷ ବଢ଼ାଇଛନ୍ତି। ଆତଙ୍କବାଦକୁ ପ୍ରୋତ୍ସାହିତ କରିବା, ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବନା ନଷ୍ଟ କରିବା ଏବଂ ଭାରତର ସାର୍ବଭୌମତ୍ୱ, ସୁରକ୍ଷା ଓ ସଂହତି ପ୍ରତି ବିପଦ ସୃଷ୍ଟି ଭଳି କାର୍ଯ୍ୟରେ ନିୟୋଜିତ ଥିବା ସିମିକୁ ପୁଣି ୫ ବର୍ଷ ପାଇଁ ବେଆଇନ ସଂଗଠନ ଘୋଷଣା କରାଯାଇଛି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ପୋଷ୍ଟ କରାଯାଇଛି।

# ଓଡ଼ିଶା ପ୍ରଜ୍ଞାପନ ମେଢ଼ ପ୍ରଥମ

ଭୁବନେଶ୍ୱର, ୨୯।୧ (ଅସମାପିକା ସାହୁ)

ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡରେ ବାଜି ମାରିଛି ଓଡ଼ିଶା ପ୍ରଜ୍ଞାପନ ମେଢ଼। ନୂଆଦିଲ୍ଲୀ କର୍ତ୍ତବ୍ୟପଥରେ ପ୍ରଦର୍ଶିତ ହୋଇଥିବା ଏହି ମେଢ଼ ପ୍ରଥମ ସ୍ଥାନ ହାସଲ କରିଛି। ଏନେଇ ସୋମବାର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାର ପ୍ରଜ୍ଞାପନ ମେଢ଼ ବିଚାରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ହୋଇଛି। ଏଥର କର୍ତ୍ତବ୍ୟପଥରେ ଦେଖିବାକୁ ମିଳିଥିଲା ଓଡ଼ିଶାର କଳା ଓ କାରିଗରି। ପୁରୀର ଶିଳ୍ପୀ ଗ୍ରାମ ରଘୁରାଜପୁରର ପଟ୍ଟଚିତ୍ର, ହସ୍ତଶିଳ୍ପ ଏବଂ କୁଟୀର ଶିଳ୍ପ ମାଧ୍ୟମରେ ବିକଶିତ ଭାରତ ତଥା ଗ୍ରାମୀଣ ମହିଳା ସଶକ୍ତୀକରଣର ବାର୍ତ୍ତା ଦେଇଥିଲା ଏହି ପ୍ରଜ୍ଞାପନ ମେଢ଼। ଗୋଟିଏପଟେ ଓଡ଼ିଶାର ମହିଳା କାରିଗରମାନେ ପିପିଲିର ଚାନ୍ଦୁଆ ଓ ପଟ୍ଟଚିତ୍ର ତିଆରି କରୁଥିବାବେଳେ ଅନ୍ୟପଟେ ମହିଳା କଳାକାରମାନେ ପ୍ରଜ୍ଞାପନ ମେଢ଼ର ଉଭୟ ପାର୍ଶ୍ୱରେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି କର୍ତ୍ତବ୍ୟପଥରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ। ରଙ୍ଗାରଙ୍ଗ ପରେଡ୍‌ରୁ ପ୍ରଜ୍ଞାପନ ମେଢ଼ ଯାଏ ସବୁଥିରେ ବାରି ହୋଇପଡ଼ିଥିଲା ବିକଶିତ ଭାରତରେ ନାରୀ ସଶକ୍ତୀକରଣର ଝଲକ। ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଶ୍ରେଷ୍ଠ ବିବେଚିତ ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଅନ୍ୟପକ୍ଷରେ ଦ୍ୱିତୀୟ ସ୍ଥାନରେ ଗୁଜରାଟର ପ୍ରଜ୍ଞାପନ ମେଢ଼ ଓ ତୃତୀୟ ସ୍ଥାନରେ ରହିଛି ତାମିଲନାଡୁର ପ୍ରଜ୍ଞାପନ ମେଢ଼। କିନ୍ତୁ ଲୋକଙ୍କ ପସନ୍ଦ (ଭୋଟିଂ) ଅନୁସାରେ ଗୁଜରାଟ ରାଜ୍ୟ ପ୍ରଥମ ସ୍ଥାନରେ ରହିଥିବାବେଳେ ଏହା ପଛକୁ ଉତ୍ତର ପ୍ରଦେଶ ଦ୍ୱିତୀୟ ଏବଂ ଆନ୍ଧ୍ରପ୍ରଦେଶ ପ୍ରଜ୍ଞାପନ ମେଢ଼ ତୃତୀୟ ସ୍ଥାନରେ ରହିଛି। ସେପଟେ ବିଭାଗଗୁଡ଼ିକ ☞ପୃଷ୍ଠା-୧୩



ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ।.. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ହିଁ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। -ଶ୍ରୀଅରବିନ୍ଦ

-ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ



# ଗାନ୍ଧୀ ବିଚାରକୁ ହତ୍ୟା



ଅକ୍ଷୟ କୁମାର ମିଶ୍ର

ଗାନ୍ଧିଜୀଙ୍କ ମୃତ୍ୟୁ ୭୫ ବର୍ଷ ଅତିକ୍ରାନ୍ତ ହେଲାଣି। ତାହା ପୁଣି ସ୍ୱାଭାବିକ ମୃତ୍ୟୁ ନୁହେଁ, ନିର୍ମମ ହତ୍ୟା। ଏହା ସତ୍ତ୍ୱେ ଏ ଦେଶର କୋଟି କୋଟି ଜନତା ଗାନ୍ଧିଜୀଙ୍କୁ ଭୁଲିନାହାନ୍ତି। ଆଜି ଆବାଳ ବୃଦ୍ଧ ବନିତାଙ୍କ ହୃଦୟରେ ସେ ବାପୁଜୀ ଭାବରେ ପୂଜା ପାଉଛନ୍ତି। କେବଳ ନିଜ ଦେଶରେ ନୁହେଁ, ସମଗ୍ର ବିଶ୍ୱରେ ଶ୍ରେଷ୍ଠ ଜନନାୟକ ଭାବରେ ତାଙ୍କର ସ୍ଥାନ ଆଜି ବି ଅପରିବର୍ତ୍ତିତ। ସାରା ବିଶ୍ୱରେ ୨ ଜଣ ମଣିଷ କେବେ କୌଣସି ପଦ ପଦବୀରେ ନ ଥାଇ କ୍ଷମତାର ଦ୍ୱାରଦେଶକୁ ସ୍ପର୍ଶ ନ କରି ମଧ୍ୟ ମାନବ ଜାତିର ହୃଦୟକୁ ଜିଣିପାରିଥିଲେ। ଜଣେ ୧୮୬୯ ଅକ୍ଟୋବର ୨ରେ ଭାରତରେ ଭୂମିଷ୍ଠ ହୋଇଥିବା ବେଳେ ଆଉ ଜଣେ ୧୮୧୮ ମାର୍ଚ୍ଚ ୫ରେ ଜର୍ମାନୀରେ ଜନ୍ମଗ୍ରହଣ କରିଥିଲେ। ଜଣେ ହେଲେ ମୋହନ ଦାସ କରମ ଚାନ୍ଦ ଗାନ୍ଧୀ ଯିଏକି ମହାତ୍ମା ନାମରେ ପରିଚିତ। ଅନ୍ୟ ଜଣକ ହେଲେ କାର୍ଲ ମାର୍କ୍ସ ଯାହାଙ୍କର ଜନ୍ମଭୂମି ଜର୍ମାନୀ, କିନ୍ତୁ ସମଗ୍ର ବିଶ୍ୱ ଥିଲା କର୍ମଭୂମି। ଜୀବନବ୍ୟାପୀ ତାଙ୍କୁ ଶାସକ ଓ ଶୋଷକ ଶ୍ରେଣୀର ରୋଷର ଶିକାର ହେବାକୁ ପଡ଼ିଛି। ଯେଉଁ ଦେଶକୁ ଯାଇଛନ୍ତି ସେଠାରୁ ବିତାଡ଼ିତ ହୋଇଛନ୍ତି, ମାତ୍ର ତାଙ୍କ ଦର୍ଶନ ଅର୍ଥନୀତିକୁ ଏକ ନୂତନ ଦିଶା ଦେଇଛି। ସେମିତି ଗାନ୍ଧିଜୀଙ୍କୁ ମଧ୍ୟ ହତ୍ୟା କରାଯାଇଛି। ସେହିଦିନଠାରୁ ଆମ ଦେଶରେ କେତେଜଣ ଲୋକ ଗାନ୍ଧିଜୀଙ୍କ ଉପରେ ମରଣୋତ୍ତର ଆକ୍ରମଣ ଚଳାଇ ରଖିଛନ୍ତି। କେତେବେଳେ ଗାନ୍ଧିଜୀଙ୍କ ଉପରେ କଟୁ ମନ୍ତବ୍ୟ ଦେଉଛନ୍ତି, କେତେବେଳେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗୁଛନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଗାନ୍ଧୀ ବିଚାରକୁ ଶେଷ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଛି। କିନ୍ତୁ ଅଜବ କଥା ହେଲା ଯେଉଁମାନେ ଗାନ୍ଧିଜୀଙ୍କ ବିଚାରକୁ ବିନାଶ କରିବାକୁ ଅପପ୍ରୟାସ କରୁଛନ୍ତି ସେମାନେ ସଭା ସମିତିରେ ଗାନ୍ଧିଜୀଙ୍କ ଗୁଣଗାନ କରୁଛନ୍ତି। ସର୍ବସମ୍ମୁଖରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି। ଜନ୍ମଦିନ ଓ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। କାରଣ ଏମାନେ ଜାଣିଛନ୍ତି ମହାତ୍ମା ସମସ୍ତଙ୍କ ଆତ୍ମାରେ ବିରାଜମାନ। ସମସ୍ତଙ୍କ ଆବେଗ ସହ ସେ ଜଡ଼ିତ।

ଗାନ୍ଧିଜୀ ଥିଲେ ସତ୍ୟ ଓ ଅହିଂସାର ପୂଜାରୀ। ଗାନ୍ଧିଜୀ ଓକିଲାତିକୁ ଏକଦା ବୃତ୍ତି ଭାବରେ ଗ୍ରହଣ କରିଥିଲେ ମଧ୍ୟ ସେ ଏହାର ବ୍ୟତିକ୍ରମ ଥିଲେ। ତାଙ୍କ ମତରେ ଏମିତି କିଛି ଯାଦୁକରୀ ଶକ୍ତି ନାହିଁ ଯାହାଫଳରେ ଏକାଧିକ ଅସତ୍ୟର ମିଶ୍ରଣରେ ସତ୍ୟର ସୃଷ୍ଟି ହେବ। ବିଚାର, ବଚନ ଓ କର୍ମରେ ସର୍ବଦା ସତ୍ୟାନୁଗାମୀ ହେଲେ ହିଁ ସତ୍ୟ ସଂସ୍ଥାପନ ସମ୍ଭବ। ଆଉ ରହିଲା ଅହିଂସା। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ 'ସତ୍ୟ



ଓ ଅହିଂସା'। ସତ୍ୟ ବିନା ଅହିଂସାର ସ୍ଥିତି ନାହିଁ କି ହିଂସାରେ ସତ୍ୟର ସ୍ଥାନ ନାହିଁ। ଗୋଟିଏ ମିଥ୍ୟାକୁ ଲୁଚାଇବା ପାଇଁ ଯେମିତି ଏକାଧିକ ମିଥ୍ୟା କହିବାକୁ ପଡ଼ିଥାଏ ସେମିତି ଥରେ ହିଂସା ଆଚରିଲେ ପଛକୁ ପଛ ଖାଲି ହିଂସାର ଆଗମନ ଘଟିଥାଏ। ହିଂସାର ପରାଭବ ହିଂସାରେ ନୁହେଁ, ବରଂ ଅହିଂସାର ମାର୍ଗରେ ସମ୍ଭବ ହୋଇଥାଏ। କିନ୍ତୁ ସମ୍ପ୍ରତି ଜୀବନଚର୍ଯ୍ୟାରେ ହେଉ ଅଥବା କ୍ଷମତା ଯୁଦ୍ଧରେ ସତ୍ୟ ପରାହତ, ଅହିଂସା କ୍ଲାନ୍ତ। ବିଡ଼ମ୍ବନା ହେଉଛି ସୁଦୂର ଆମେରିକାର ନିଗ୍ରୋ ନେତା ମାର୍ଟିନ୍ ଲୁଥର କିଙ୍ଗ୍ ଗାନ୍ଧୀ ବିଚାରକୁ ଆଦର୍ଶ ରୂପେ ଗ୍ରହଣ କରିବାକୁ ଯାଇ ଆତତାୟୀ ଗୁଳିରେ ନିଜ ଜୀବନ ଦେବାକୁ କୁଣ୍ଠାବୋଧ କରି ନ ଥିବା ବେଳେ ଗାନ୍ଧୀ ଭୂମିରେ ଗାନ୍ଧୀ ଦର୍ଶନର ହତ୍ୟା ପାଇଁ ଗାନ୍ଧୀଙ୍କ ଜୀବନ ନେବାକୁ ଆମେ ପଛାଇଲୁ ନାହିଁ।

ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକ୍ ସିନା ସେଦିନ ଘୋଷଣା କରିଥିଲେ, ସ୍ୱରାଜ ମୋର ଜନ୍ମଗତ ଅଧିକାର। ମୁଁ ଏହାକୁ ନିଶ୍ଚୟ ହାସଲ କରିବି। କିନ୍ତୁ ଗାନ୍ଧିଜୀଙ୍କ ମତରେ ସ୍ୱରାଜ କେବଳ ସ୍ୱାଧୀନତା ପ୍ରାପ୍ତିରେ ସୀମିତ ନୁହେଁ। ଯେପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ଜାତି, ଧର୍ମ, ବର୍ଣ୍ଣ, ଧନୀ, ଦରିଦ୍ର ନିର୍ବିଶେଷରେ ସାମାଜିକ ଓ ଅର୍ଥନୈତିକ ଭାବେ ସ୍ୱାବଲମ୍ବୀ ହୋଇପାରିନାହାନ୍ତି ସେପର୍ଯ୍ୟନ୍ତ ସ୍ୱରାଜର ପ୍ରକୃତ ଅର୍ଥ ସାଧିତ ହେବ ନାହିଁ। ଶାସକ ଓ ଶାସିତ ସମସ୍କନ୍ଧ ହେବା ବାଞ୍ଛନୀୟ। ଦେଶର ଅର୍ଥନୀତିକୁ ଗ୍ରାମାଭିମୁଖୀ କରିବାକୁ ପଡ଼ିବ। କୁଟୀରଶିଳ୍ପ ଉପରେ ଅଧିକ ପ୍ରାଧାନ୍ୟ ଜରୁରୀ। ଏଥିପାଇଁ ପ୍ରତ୍ୟେକ ଆତ୍ମ ନିୟନ୍ତ୍ରକ ଅର୍ଥାତ୍ ଆତ୍ମସଂଯମ, ଆତ୍ମନିରୀକ୍ଷକ ହେବା ସହିତ ଶୋଷଣ କଷଣ ନିପୀଡ଼ନରୁ ଜନସାଧାରଣଙ୍କୁ ମୁକ୍ତିଦେବାକୁ ପଡ଼ିବ। କିନ୍ତୁ ଗାନ୍ଧିଜୀଙ୍କ ସ୍ୱପ୍ନର ସ୍ୱରାଜ ସମ୍ପ୍ରତି ବଞ୍ଚି ରହିଛି ପାଠାଗାରରେ ସାଇତା ପୁସ୍ତକର ପୃଷ୍ଠାରେ, ନେତାଙ୍କ ଭାଷଣରେ ଅବା କିଛି ଗାନ୍ଧିବାଦୀଙ୍କ ହୃଦୟରେ।

ଗାନ୍ଧିଜୀଙ୍କ ବିଚାର ଓ ବିଶ୍ୱାସ ଧର୍ମ ନିରପେକ୍ଷତା ଉପରେ ଆଧାରିତ ଥିଲା। କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଉଚ୍ଚାସନ ଦେଇ ଅନ୍ୟକୁ ନ୍ୟୂନ କରିବା ତାଙ୍କ ଦର୍ଶନର ପରିପନ୍ଥୀ ଥିଲା। ସେ ଈଶ୍ୱର ବିଶ୍ୱାସୀ ଥିଲେ। ପ୍ରତିଦିନ ଗୀତା ଓ ରାମାୟଣ ପଠନ କରୁଥିଲେ। କିନ୍ତୁ ନିତ୍ୟ ପ୍ରାର୍ଥନା ସଭାରେ 'ଈଶ୍ୱର ଆଲ୍ଲା ତେରେ ନାମ୍ ସବ୍‌କୋ ସନ୍ ମତି ଦେ ଭଗବାନ୍' ଗାନ କରୁଥିଲେ। ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଏବଂ ସ୍ୱାଧୀନତା ପ୍ରାପ୍ତି ପରେ ବଙ୍ଗ ବିଭାଜନ ଓ ଭାରତ ବିଭାଜନକୁ ନେଇ ଯେଉଁ ସାମ୍ପ୍ରଦାୟିକ ଦଙ୍ଗା ଉପୁଜିଥିଲା ସେଥିରେ ତାଙ୍କ ଆଭିମୁଖ୍ୟ ଥିଲା ସ୍ପଷ୍ଟ। ୧୯୪୬ ଅଗଷ୍ଟ ୧୬ କଲିକତାର ହିନ୍ଦୁ ବହୁଳ ଅଞ୍ଚଳ ନୋଆଖାଲିରେ ଲୋମହର୍ଷଣ ହତ୍ୟାକାଣ୍ଡ ସମୟରେ, ୧୯୪୭ ଅଗଷ୍ଟ ୧୩ ଅପରାହ୍ନରେ କଲିକତା ସ୍ଥିତ ଆବର୍ଜନା ବେଷ୍ଟିତ ଏକ ପରିତ୍ୟକ୍ତ ଗୃହ ହାଇଦରୀ ଭବନରେ ଉପସ୍ଥିତ ହୋଇ ପ୍ରତିଶୋଧର ଦାବାନଳରେ ଜଳୁଥିବା ଉତ୍ତ୍ୟକ୍ତ ଜନତାଙ୍କୁ ସମ୍ମୁଖୀନ ହେବା ସମୟରେ ଏବଂ ୧୯୪୮ ଜାନୁଆରୀ ୧୩ଠାରୁ ବିରଳା ଭବନରେ କରିଥିବା ଆମରଣ ଅନଶନ ଗାନ୍ଧିଜୀଙ୍କ ଧର୍ମ ନିରପେକ୍ଷତାର ବିଶୁଦ୍ଧ ପରିଚୟ। ବ୍ୟକ୍ତିଗତ ଜୀବନଚର୍ଯ୍ୟାରେ ସେ ଏକ ନିର୍ଦ୍ଦିଷ୍ଟ ଧର୍ମର ଉପାସକ ହୋଇଥିବା ବେଳେ ଜାତୀୟ ଜୀବନ ଥିଲା ସର୍ବଧର୍ମ ସମନ୍ୱୟର ଏକ ଶୁଦ୍ଧ ଶାନ୍ତିସ୍ତୂପ। କିନ୍ତୁ ଏହି ବିଚାରକୁ ଆମେ ପ୍ରତ୍ୟାଖ୍ୟାନ କରି ରାଷ୍ଟ୍ରକୁ ଧର୍ମ ସହ ସମ୍ପୃକ୍ତ କରିବାକୁ ଆମେ ଏବେ ଅଣ୍ଟା ଭିଡ଼ିଛୁ।

ସତ୍ୟ, ଧର୍ମ, ଅହିଂସା, ସ୍ୱରାଜକୁ ନେଇ ବାପୁଜୀଙ୍କର ଥିବା ବିଚାରବୋଧକୁ କେବଳ ଆମେ ବର୍ଜନ କରିନାହୁଁ ତାଙ୍କର ଅବକାରୀ ନୀତି, 'ନଇ ତାଲିମ' ଶିକ୍ଷାନୀତିକୁ ଆମେ ଗ୍ରହଣ କରିପାରିଲୁ ନାହିଁ। ସେ କହୁଥିଲେ, ''ମଦରୁ ଆୟ କରିବା ପାପ ବୋଲି ବିଚାର କରିବା ଉଚିତ।'' କିନ୍ତୁ ମଦରୁ ଅଧିକ ଆୟ କରିବା ପାଇଁ ଆମେ ପ୍ରତି ପଞ୍ଚାୟତରେ ମଦଦୋକାନ ଖୋଲିବାକୁ ଅନୁମତି ଦେଉଛୁ। ଏ ସବୁକୁ ଅନୁଧ୍ୟାନକଲେ ସ୍ପଷ୍ଟ ଭାବରେ କହିପାରିବା ଯେ ମହାତ୍ମା ଗାନ୍ଧୀଙ୍କ ବିଚାରଧାରା, ତାଙ୍କ ଦର୍ଶନକୁ ମାନି ଆମେ ରାସ୍ତା ଚାଲିବାକୁ ନାରାଜ ହେଲୁଣି। ଅପ୍ରାସଙ୍ଗିକ ମନେକଲୁଣି ଗାନ୍ଧୀ ନୀତି ଓ ଆଦର୍ଶ। ଗାନ୍ଧୀ ଆସନ୍ତି କେବଳ ସ୍ତୁତିଚାରଣରେ ଓ ସଭାସମିତିରେ ପ୍ରଦତ୍ତ ଭାଷଣରେ। କିନ୍ତୁ ଏହା ସତ୍ୟ ଯେ ହିଂସା, ସନ୍ତ୍ରାସ, ଦଙ୍ଗା ଉପୁଜିଲେ ଗାନ୍ଧିଜୀଙ୍କ ବିଚାର ପ୍ରୟୋଜନୀୟ ମନେହୁଏ। ଅନ୍ୟାୟ, ଅନୀତି, ଦୁର୍ନୀତି ଯେତେବେଳେ ଲଗାମହୀନ ହେଉଛି ଗାନ୍ଧିଜୀଙ୍କ ପ୍ରଦର୍ଶିତ ଆତ୍ମ ସଂଯମର ପଥ ଅପରିହାର୍ଯ୍ୟ ବୋଲି ମନେହେଉଛି। ଏଣୁ ଉପସଂହାରରେ ଏତିକି କୁହାଯାଇପାରେ ଭାରତୀୟ ସମାଜ, ସଭ୍ୟତା ଓ ସଂସ୍କୃତିର ଚିର ଉତ୍ଥାନ ପାଇଁ ଗାନ୍ଧିଜୀଙ୍କ ବିଚାର ଥିଲା, ଅଛି, ଭବିଷ୍ୟତରେ ରହିବ ମଧ୍ୟ ଯିଏ ଯେତେ ଅସ୍ୱୀକାର କଲେ ବି।

**ସଭାପତି, ଓଷ୍ଟା**
**ମୋ:୯୯୩୮୭୬୩୨୩୭**

## ବାର୍ଦ୍ଧକ୍ୟର ବେଦନା



ସଂଗ୍ରାମ କେଶରୀ ପୃଷ୍ଟି

ଜୀବନସାରା ଯାବତୀୟ ବୋଝକୁ ମୁଣ୍ଡାଇ ମୁଣ୍ଡାଇ, ମୁଣ୍ଡ ଖାଳ ତୁଣ୍ଡରେ ମାରି ଲହୁଲୁହାଣ ହୋଇ ଖଟୁଥିବା ମଣିଷଟି କେତେବେଳେ ଯେ ଆସି ବାର୍ଦ୍ଧକ୍ୟ ଅବସ୍ଥାରେ ପହଞ୍ଚି ଯାଇଥାଆନ୍ତି, ସେକଥା ସେ ନିଜେ ମଧ୍ୟ ଜାଣିପାରନ୍ତି ନାହିଁ। ବୁଝିବା ଶକ୍ତି ଥାଇ ଓ କାମ କରିବାର ଦକ୍ଷତା ଥାଇ ସୁଦ୍ଧା ପରିବାରଲୋକଙ୍କ ପାଇଁ ସେ ପାଲଟି ଯାଆନ୍ତି ଅଲୋଡ଼ା, ଅଖୋଜା, ଅଦରକାରୀ। ଜୀବନସାରା ଅଭିଜ୍ଞତା ସାଉଁଟିଥିବା ମଣିଷଟିକୁ ଯେତେବେଳେ ସ୍ଥାଣୁ କରି ରଖିଦିଆଯାଏ, ତାଙ୍କୁ ବହୁତ କଷ୍ଟ ହୁଏ। କୌଣସି ପ୍ରସଙ୍ଗରେ ତାଙ୍କର ଟିକା ଟିପ୍ପଣୀ ଏବେ ଯେମିତି ଅକାମୀ ହୋଇପଡ଼ିଛି। ବାଃ ବାଃରେ ଦୁନିଆ! ବାର୍ଦ୍ଧକ୍ୟକୁ ସମ୍ମାନ ଦେବାରେ କେତେ କାର୍ପଣ୍ୟ ପ୍ରକାଶ କରୁଛୁ ଆମେ!

ବାର୍ଦ୍ଧକ୍ୟର ବେଦନା ସେତେବେଳେ ବଳିପଡ଼େ, ଯେତେବେଳେ କି ତାଙ୍କ ଅର୍ଜିତ ପେନ୍‌ସନ ବା ବାର୍ଦ୍ଧକ୍ୟ ଭତ୍ତାରୁ ଭାଗନେବା ପାଇଁ ଚାଲେ ପୁଅମାନଙ୍କର ଜୁଲୁମ। ସେ ପଇସାର ଖର୍ଚ୍ଚକୁ ନେଇ ବାରମ୍ବାର ହିସାବ ମଗାଯାଏ। ନିଜ ଅର୍ଜିତ ରୋଜଗାରକୁ ଖର୍ଚ୍ଚ କରିବା ପାଇଁ ଯେତେବେଳେ ସନ୍ତାନ ସନ୍ତତିଙ୍କଠାରୁ ଅନୁମତି ନିଆଯାଏ ଓ ତାଙ୍କୁ ଖର୍ଚ୍ଚର ହିସାବ ଦିଆଯାଏ, ସେତେବେଳେ ବହୁତ କଷ୍ଟ ହୁଏ। ତାଙ୍କର ଅଧିକ ପୁଅ ଥିଲେ ତ ସମସ୍ୟା ବଳିପଡେ। ସମସ୍ତଙ୍କ ମନରେ କୁହୁଳି ଉଠୁଥାଏ ସନ୍ଦେହଟିଏ, ପେନ୍‌ସନ ବା ଭତ୍ତା ବାପା ଦେଉଛନ୍ତି କାହାକୁ? ଯାହାକୁ ସେ ତାଙ୍କ ପଇସା ଦେଉଛନ୍ତି, ସେ ଯାଇ ତାଙ୍କ ପାଖରେ ରୁହନ୍ତୁ, ତାଙ୍କ ପାଖରେ ଖାଆନ୍ତୁ। ଏପରି ପରିସ୍ଥିତିରେ ନିଜ ବିବାହିତା କନ୍ୟା ପାଇଁ କିଛି କରିବାକୁ ହେଲେ ଶହେଥର ଚିନ୍ତା କରନ୍ତି ବାପା।

ସବୁକଥା ଏ ଦେହ ସହିଯାଉଥିଲା ବେଳେ ତାଙ୍କର ଖାଇବାକୁ ନେଇ ଭାଗ ବସାଇବା କଥାଟା ମନକୁ ବାଧେ। ମନେପକାନ୍ତି ସେ, କାଇଁ ଜୀବନ କାଳ ଭିତରେ ସେ ତ ତାଙ୍କ ପିଲାମାନଙ୍କୁ ନେଇ କେବେ ଦିନେ ବାଛବିଚାର କରି ନ ଥିଲେ। ନିଜେ ନ ଖାଇ ସମସ୍ତଙ୍କୁ ଖାଇବାକୁ ଦେଇଥିଲେ। ନିଜେ ନୂଆ ପୋଷାକ ନ ପିନ୍ଧି ସେମାନଙ୍କୁ ପିନ୍ଧିବାକୁ ଦେଇଥିଲେ। ତା'ହେଲେ ଆମ ପ୍ରତି ଏ ଅବିଚାର କାହିଁକି ? ଆମେ ଯେଉଁ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିଆସିଥିଲୁ ଇଏ କ'ଣ ତା'ର ପ୍ରତିଫଳନ! କୁଆଡ଼େ ଗଲା ଦାୟିତ୍ୱ ଓ କର୍ତ୍ତବ୍ୟବୋଧ! ଅସହାୟ ବୃଦ୍ଧାବୃଦ୍ଧଙ୍କ ଏ ପ୍ରଶ୍ନର ଉତ୍ତର ତ ମିଳେନା ଓଲଟି ମିଳେ ପରିହାସ। ଘରେ କବାଟ ବନ୍ଦକରି ପୁଅବୋହୂ ବାହାରର ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରୁଥିବା ବେଳେ ବୁଢ଼ାବୁଢ଼ୀଙ୍କ ଭାଗ୍ୟରେ ଥାଏ ଶୁଖିଲା ରୁଟି ଅବା ମୁଢ଼ି ଗଣ୍ଡେ। ବାର୍ଦ୍ଧକ୍ୟର ବେଦନା ଆହୁରି ବଳିପଡେ ସେତେବେଳେ, ଯେତେବେଳେ କି ତାଙ୍କ ଦେହ ଖରାପ ହୋଇଯାଏ। ଖୁଁ ଖୁଁ କାଶି ଏପଟେ ଜଣେ କଷ୍ଟ ପାଇଲା ବେଳକୁ ସେପଟେ କିନ୍ତୁ ମୃଦୁ ଗୁଞ୍ଜରଣରେ ଆସୁଥାଏ ବିରକ୍ତି ଭାବ- ଏମାନେ ମଣିଷକୁ ଟିକିଏ ଭଲ ଭାବରେ ଶୁଆଇ ବସାଇ ଦେଉନାହାନ୍ତି। ମରିଗଲେ ମଣିଷକୁ ଟିକିଏ ଶାନ୍ତି ମିଳିବ ! ଦେହ ଖରାପ ବେଳେ ଡାକ୍ତରଖାନା ଯିବା ପାଇଁ ପୁଅମାନଙ୍କ ପାଖରେ ନେହୁରା ହେବାକୁ ହିଁ ପଡ଼ିଥାଏ। ଚିକିତ୍ସା ତ କରାଯାଏ କିନ୍ତୁ ତା' ବଦଳରେ କିଛି କଡାମିଠା ଗାଳି ଶୁଣିବାକୁ ମିଳିଥାଏ। ଏଇ ଯେମିତି, କାହିଁକି ଇଆଡୁ ସିଆଡୁ ଖାଇ ଦେହ ଖରାପ କରୁଛ? କାହିଁକି ଅଯଥାରେ ବାହାରେ ବୁଲୁଛ? ଆମେ ମନା କରୁଥିଲୁ ସେଠାକୁ ଯିବାପାଇଁ, କାହିଁକି ଯାଉଥିଲ ସେଠାକୁ? ଇତ୍ୟାଦି ଇତ୍ୟାଦି।

ଟିଭି ଦେଖିଲା ବେଳକୁ ବି ସ୍ୱାଧୀନତା ହରାଇ ବସିଥାନ୍ତି ସେମାନେ। ବାହାର ଲୋକଙ୍କ ସହିତ କଥାହେବା ବି ମନା। ମନରେ ଭୟ, ଆମ ଘରର ଗୁମର କଥାସବୁ କାଳେ ବାହାରେ କହିଦେବେ କି? ବାହାରେ ଜାଣିଲେ ଆମର ସମ୍ମାନ ଚାଲିଯିବ ଯେ! ବାର୍ଦ୍ଧକ୍ୟରେ ଉପନୀତ ଏହି ମଣିଷମାନେ ଭାଙ୍ଗିପଡନ୍ତି । ଏମିତି ସମୟ ଆସି ଉପଗତ ହୋଇଥାଏ, ଯେତେବେଳେ ଏତେବଡ଼ ଘରେ ତାଙ୍କ ପାଇଁ ନିଅଣ୍ଟ ପଡେ ଜାଗା। ଅଗତ୍ୟା ଦାଣ୍ଡ ଘରେ ନହୁବା ଜିନିଷରଖା ଘରେ ସେମାନଙ୍କୁ ରହିବାକୁ ହୁଏ। ଘର ଅପରିଷ୍କାର ହେଲେ ସେଥିପାଇଁ ଗାଳି ବି ଶୁଣିବାକୁ ମିଳେ। ସ୍ଥାନ କାଳ ଓ ପାତ୍ର ଅନୁସାରେ ଏହି ଅସହାୟ ବାର୍ଦ୍ଧକ୍ୟଙ୍କ ପାଇଁ ଖୋଜାପଡେ ଅନାଥାଶ୍ରମ ନହୁବା ବୃଦ୍ଧାଶ୍ରମ। କେତେକ ପାରିବାରିକ ଚାପ କାରଣରୁ ସ୍ୱତଃପ୍ରବୃତ୍ତ ଭାବରେ ଏହାକୁ ଆଦରିନେଇ ଚୁପ୍ ରହନ୍ତି। ବାର୍ଦ୍ଧକ୍ୟର ଏ ବେଦନା ସୁସଭ୍ୟ ମଣିଷ ସମାଜ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି ? ଯେ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟକୁ ସମ୍ମାନ ଦିଆଯାଇପାରିନାହିଁ, ସେ ପର୍ଯ୍ୟନ୍ତ ମାନବିକତାର ମୂଲ୍ୟବୋଧ ଆସିନାହିଁ ବୋଲି କୁହାଯାଇପାରେ।

**ଶିକ୍ଷକ, କିଶୋରନଗର ଉଚ୍ଚ ବିଦ୍ୟାଳୟ, ଅନୁଗୋଳ, ମୋ: ୯୪୩୭୫୪୭୧୪୬**

## ଏଇ ଭାରତରେ

ମନ୍ଦିରର ଛଡ଼ାଫୁଲକୁ ବ୍ୟବହାରକରି ପରିବେଶ ଉପଯୋଗୀ ଏୟାର ଫ୍ରେଶ୍‌ନର ତିଆରି କରିଛନ୍ତି ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ(ଆନ୍ଧ୍ରପ୍ରଦେଶ)ର ଛାତ୍ର ରାଜୀବ ଶର୍ମା। ଏହାର ନାମ ରଖିଛନ୍ତି ଆଲିଭ ସ୍ମାର୍ଟ ଏୟାର ଫ୍ରେଶ୍‌ନର। ରାଜୀବ ରହୁଛନ୍ତି ଜାମଶେଦପୁରରେ ଓ ସହରର ୩୦ରୁ ଉର୍ଦ୍ଧ୍ୱ ମନ୍ଦିରରୁ ଫୁଲ ସଂଗ୍ରହକରି ସେ ଏହା ପ୍ରସ୍ତୁତ କରୁଛନ୍ତି। ଗୋଟିଏ ମନ୍ଦିରରୁ ପ୍ରତିଦିନ ଅତିକମ୍‌ରେ ୩ କେଜି ଫୁଲ ସଂଗ୍ରହ ହେଉଛି। ଏବେ ସୁଦ୍ଧା ସେ ୧୫୦୦ କେଜି ଫୁଲ ସଂଗ୍ରହକରି କାମରେ ଲଗାଇସାରିଲେଣି। ଏହି ଫ୍ରେଶ୍‌ନରରେ ପ୍ଲାଷ୍ଟିକ କିମ୍ବା ଅନ୍ୟ କୌଣସି ବିଷାକ୍ତ ତତ୍ତ୍ୱ ରହୁନାହିଁ। ରାଜୀବ ଚୂଡ଼ାନ୍ତ ଉତ୍ପାଦ ନିର୍ମାଣ କରିବା ପୂର୍ବରୁ ୨୦ଟି ପ୍ରତିକୃତି ନିର୍ମାଣ କରିଥିଲେ। ଏଥିପାଇଁ ତାଙ୍କୁ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଫେସରମାନେ ସହଯୋଗ କରିଥିଲେ। ଗତ ୫ ବର୍ଷ ମଧ୍ୟରେ ସେ ୮୫୦ଟି ଏୟାର ଫ୍ରେଶ୍‌ନର ବିକ୍ରିକରି ୨ ଲକ୍ଷ ଟଙ୍କା ପାଇଛନ୍ତି। ୩ ପ୍ରକାର ଫ୍ରେଶ୍‌ନର ଉପଲବ୍ଧ ହେଉଛି। ଘର, କାର୍ ଏବଂ ଅଫିସ୍ ପାଇଁ ସ୍ୱତନ୍ତ୍ର ଭାବେ ସେ ଏହାକୁ ପ୍ରସ୍ତୁତ କରିଛନ୍ତି। କେବଳ ଏତିକି ନୁହେଁ, ସେ ଆହତ ଓ ପକ୍ଷାଘାତର ଶିକାର ହୋଇଥିବା କୁକୁରମାନଙ୍କ ପାଇଁ ୫୦ଟି ହୁଇଲ ଚେୟାର ମଧ୍ୟ ନିର୍ମାଣ କରିଛନ୍ତି। ଝାଡ଼ଖଣ୍ଡ ଆନିମଲ ୱେଲ୍‌ଫେୟାରର ସଦସ୍ୟ ଭାବେ ସେ ଏହା ତିଆରି କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

୩୦ ଜାନୁଆରୀ ୧୯୭୫

- ବିହାର ଅନ୍ତର୍ଗତ ସାନ୍ତାଳ ପ୍ରଗଣା ଜିଲାର ଗୋଟିଏ ଗ୍ରାମରେ ଦୁଇ ଦଳ ମଧ୍ୟରେ ସଂଘର୍ଷ ଘଟି ୧୦ ଜଣଙ୍କ ମୃତ୍ୟୁ।
- ଚାଇନାର ଉପପ୍ରଧାନମନ୍ତ୍ରୀ ଡେଙ୍ଗ ସିଆଓ ପିଙ୍ଗ୍‌ଙ୍କୁ ଚୀନା ସ୍ଥଳବାହିନୀର ପ୍ରଧାନ ସେନାପତି ନିଯୁକ୍ତି।
- ଡେନମାର୍କର ପ୍ରଧାନମନ୍ତ୍ରୀ ପଲ୍ ହାଟ୍‌ଲିଙ୍ଗ୍‌ଙ୍କ ମିଳିତ ସରକାର ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ପାର୍ଲିଆମେଣ୍ଟରେ ଗୃହୀତ ହେବା ଫଳରେ ମିଳିତ ସରକାରର ପତନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | | 7 | |
| | 2 | | | | | | | 1 |
| 4 | | 5 | | | 6 | 8 | | |
| 5 | | | | 6 | | 2 | | |
| | 7 | 2 | | 4 | | | | |
| | 4 | 6 | 1 | | | | | 9 |
| | | | | 2 | | | 5 | |
| | | 7 | | 9 | | | 1 | |
| | | | 3 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 4 | 6 | 1 | 8 | 2 | 5 | 7 |
| 7 | 6 | 1 | 2 | 5 | 3 | 4 | 9 | 8 |
| 5 | 8 | 2 | 4 | 9 | 7 | 6 | 1 | 3 |
| 2 | 1 | 5 | 3 | 7 | 9 | 8 | 6 | 4 |
| 6 | 7 | 8 | 5 | 4 | 1 | 9 | 3 | 2 |
| 4 | 9 | 3 | 8 | 6 | 2 | 5 | 7 | 1 |
| 1 | 5 | 7 | 9 | 8 | 4 | 3 | 2 | 6 |
| 8 | 2 | 9 | 1 | 3 | 6 | 7 | 4 | 5 |
| 3 | 4 | 6 | 7 | 2 | 5 | 1 | 8 | 9 |

ଗତକାଲିର ଉତ୍ତର

# କର୍ମ ବିମୁଖତା ଦୂରହେଉ



ବୈକୁଣ୍ଠନାଥ ମିଶ୍ର

ଏକବିଂଶ ଶତାବ୍ଦୀର ଦୁଇ ଦଶନ୍ଧି ଅତିକ୍ରାନ୍ତ ହୋଇଛି। ଆର୍ଥିକ, ସାମାଜିକ ଓ ଶିକ୍ଷା ସଂସ୍କୃତିର ଏକ ଉତ୍କୃଷ୍ଟ ସୋପାନରେ ମଣିଷ ପାଦ ଥାପିଛି। ବୈଜ୍ଞାନିକ ଉତ୍କର୍ଷ ଲାଭ କରିବାରେ ସଫଳ ପ୍ରୟାସ ଜାରି ରଖିଛି। ଏସବୁ ସଫଳତା ସତ୍ତ୍ୱେ ମଣିଷର ପ୍ରକୃତି ଓ ପ୍ରବୃତ୍ତି ସେହି ଆଦିମ ମଣିଷଠାରୁ କୌଣସି ଗୁଣରେ ଉନ୍ନତ ନୁହେଁ। ତରୁଣଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଅରୁଚିକର କାର୍ଯ୍ୟକଳାପରେ ଲିପ୍ତ। ଆଉ ଏକପ୍ରକାର ମଣିଷ ଆମ ଭିତରେ ଅଛନ୍ତି। ଯେଉଁମାନେ ଅତୀତର ମଧୁର ସ୍ମୃତିକୁ ଜାବୁଡି ଧରି ବନ୍ଧୁମେଳରେ ଉଦ୍‌ଗାରି ପକାନ୍ତି। ବର୍ତ୍ତମାନ ପଛେ ଘୋର ତିମିରାଚ୍ଛନ୍ନ ହୋଇଥାଉ କିନ୍ତୁ ଅତୀତର ସୁଖ ସ୍ୱପ୍ନରେ ବିଭୋର ହେବାର ରୋମାଞ୍ଚକର ଅନୁଭୂତିକୁ ହାତଛଡା କରନ୍ତି ନାହିଁ। କଥା ପ୍ରସଙ୍ଗରେ ମାଳିକାର କିଛି ପଂକ୍ତିର ଉଦାହରଣ ଦେଇ ଅନ୍ୟର ମନରେ ଭୀତି ସଞ୍ଚାର କରନ୍ତି। ଅତୀତର ଘଟଣାବଳୀ ସହ ବର୍ତ୍ତମାନ ଓ ଭବିଷ୍ୟତର ତୁଳନାତ୍ମକ କାଳ୍ପନିକ ଚିତ୍ର ଆଙ୍କିବାରେ ଏମାନେ ସିଦ୍ଧହସ୍ତ। ଆଉ କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଆଳସ୍ୟକୁ ପାଥେୟ କରି କେବଳ ବସି, ଶୋଇ ଜୀବନକୁ ଉପଭୋଗ କରନ୍ତି।

ଏ ସମ୍ବନ୍ଧରେ ଫିଲିପାଇନ୍ସର ଏକ ପ୍ରାଚୀନ ଗଳ୍ପ ପ୍ରାସଙ୍ଗିକ ମନେହୁଏ। ଜଣେ ଯୁବକ ରାଜରାସ୍ତା ପାର୍ଶ୍ୱରେ ବୃକ୍ଷଛାୟାରେ ଗାଢ ନିଦ୍ରାରେ ଶୋଇଥାଏ। ଯେତେବେଳେ ସମଗ୍ର ଦେଶ କର୍ମମୟ ଜୀବନରେ ବ୍ୟସ୍ତ, ସେତେବେଳେ ଯୁବକର ଦିବାନିଦ୍ରା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରୁଥାଏ। ଏ ଅସ୍ୱାଭାବିକତାକୁ ଲକ୍ଷ୍ୟକରି କିଛି ଯୁବକ ତା' ନିକଟକୁ ଯାଇ ନିଦ୍ରାଭଗ୍ନ ପାଇଁ ଉଦ୍ୟମ କଲେ। ଯୁବକମାନେ ବଳପୂର୍ବକ ତାକୁ ଜଗ୍ରତ କରିବାରୁ ସେ ବିରକ୍ତି ପ୍ରକାଶ କରି କହିଲା- ଆପଣମାନେ କାହିଁକି ମୋତେ ନିଦରୁ ଉଠାଇଲେ। ମୁଁ କେତେ ଶାନ୍ତିରେ ଶୋଇଥିଲି ସତେ! ଯୁବକଙ୍କ ଭିତରୁ ଜଣେ କହିଲା, ଯେତେବେଳେ ସମସ୍ତେ କାର୍ଯ୍ୟବ୍ୟସ୍ତ ତୁମେ ଶୋଇ ରହିବାଟା ଖରାପ ଲାଗୁନାହିଁ। ଏ ସମୟରେ ତୁମେ କିଛି ନା କିଛି କାର୍ଯ୍ୟ କରିପାରନ୍ତା। ଯୁବକଟି କହିଲା- ମୁଁ କାହିଁକି କାମ କରିବି? କାମକଲେ ମୋତେ କ'ଣ ମିଳିବ? ଯୁବକମାନେ ଉତ୍ତର ଦେଲେ, ତୁମେ ଶ୍ରମ କଲେ କିଛି ଅର୍ଥ ରୋଜଗାର କରନ୍ତ। ଯୁବକଟି ପୁଣି ପଚାରିଲା, ଅର୍ଥ ରୋଜଗାର କଲେ କ'ଣ ହେବ? ଆଗନ୍ତୁକ ଯୁବକମାନେ କହିଲେ, ତୁମେ ବିବାହ କରି ପତ୍ନୀ ସନ୍ତାନଙ୍କ ସହ ଏକ ସୁଖୀଜୀବନ ଅତିବାହିତ କରନ୍ତ। ଯୁବକ ଅଗତ୍ୟା ଉତ୍ତର ଦେଲା, ତୁମେ କ'ଣ ଜାଣିପାରୁନାହଁ ମୁଁ ଏକ ସୁଖମୟ ଜୀବନ ଜିଉଛି ବୋଲି। ମୁଁ ଆଳସ୍ୟକୁ ପାଥେୟକରି ଶୋଇ ରହିବାରେ ଯେଉଁ ସୁଖ ଅନୁଭବ କରେ ତା' ଠାରୁ ଅଧିକ ସୁଖ ମୁଁ ଆଉ କେଉଁଥିରୁ ପାଇବି ନାହିଁ। ଆଗନ୍ତୁକ ଯୁବକମାନେ ତାକୁ ପୂର୍ବବତ୍ ଶୋଇରହିବାକୁ ଛାଡିଦେଇ ନିଜ ଗନ୍ତବ୍ୟ ପଥରେ ଅଗ୍ରସର ହେଲେ।

କର୍ମ ବିମୁଖତା ଆଜି ସମାଜର ପ୍ରତ୍ୟେକ ସ୍ତରକୁ ବ୍ୟାପିଗଲାଣି। ଶାରୀରିକ ସାମର୍ଥ୍ୟ ପ୍ରୟୋଗକରି କିଛି ଉପାଦେୟ କର୍ମ ମାଧ୍ୟମରେ ରୋଜଗାର କରିବା ପ୍ରତି ଆଜିର ଯୁବଶକ୍ତି ନିଃସ୍ପୃହ। କର୍ମ ବିମୁଖତା ଏକ ସଂକ୍ରାମକ ରୋଗ ପରି ଆଧୁନିକ ମଣିଷକୁ ଆକ୍ରାନ୍ତ କରିଛି। ଅଧିକନ୍ତୁ ସରକାରଙ୍କ ସମସ୍ତ ମାଗଣା ଯୋଜନା ଯୁବପିଢିକୁ କର୍ମବିମୁଖତା ପାଇଁ ପ୍ରୋତ୍ସାହିତ କରୁଛି। ମାଗଣା ସୁବିଧା ସେହିମାନଙ୍କୁ ଦିଆଯାଉ ଯାହାର କ୍ରୟଶକ୍ତି ନାହିଁ। ଆର୍ଥିକ ସ୍ୱଚ୍ଛଳ ପରିବାରର ପିଲାଙ୍କୁ ମାଗଣା ପୋଷାକ ଓ ବହିଖାତା ପ୍ରଦାନ ଅନାବଶ୍ୟକ ନୁହେଁ କି ? ବାପାଙ୍କର ଚାକିରି ଥାଇ ପୁଅ ବେକାର ଥିଲେ ତାକୁ ମିଳୁଛି ପଡି (ରାଶନ)।



ଅପରପକ୍ଷେ ପୁଅ ଚାକିରି କରି ରୋଜଗାରକ୍ଷମ ଥିଲେ ମଧ୍ୟ ମା'ବାପାଙ୍କୁ ମିଳୁଛି ମାସିକ ଭତ୍ତା, କେତେକ କ୍ଷେତ୍ରରେ ମା'ବାପାଙ୍କୁ ମିଳୁଥିବା ଭତ୍ତାକୁ ପୁଅମାନେ ବଳପୂର୍ବକ ହାସଲକରି ମଦପାଣିରେ ଉଡାଇଦେଉଛନ୍ତି। ସମ୍ପ୍ରତି ଘଟିଥିବା ଏକ ଘଟଣା ଏହାର ବଳିଷ୍ଠ ପ୍ରମାଣ। ମା' ଭତ୍ତାଟଙ୍କା ନ ଦେବାରୁ ପୁଅ ତାକୁ ଏତେ ନିଷ୍ଠୁର ଭାବେ ଶାରୀରିକ ଆଘାତ ଦେଲା ଯେ ବିଚରା ବୃଦ୍ଧା ଜଣକ ମୁମୂର୍ଷୁ ଅବସ୍ଥାରେ ମେଡିକାଲ ଶଯ୍ୟାରେ ପୀଡିତା। ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ମହିଳାମାନେ ଆଣୁଥିବା ଋଣ ଅର୍ଥକୁ ପୁରୁଷମାନେ ବଳପୂର୍ବକ ନେଇ ନିଶାପାଣିରେ ଉଡାଇ ଦେଉଛନ୍ତି। ଥରେ ବିଚାର କରିବାର କଥା କେତୋଟି ସ୍ୱୟଂସହାୟିକା ଗୋଷ୍ଠୀ ଋଣ ଅର୍ଥକୁ ଉତ୍ପାଦନମୂଳକ ଭାବେ ପ୍ରୟୋଗକରି ତହିଁରୁ ପ୍ରାପ୍ତ ଲାଭାଂଶରେ ନିଜ ଆର୍ଥିକ ମେରୁଦଣ୍ଡକୁ ସବଳ କରିପାରିଛନ୍ତି।

ମୋତେ ଯେତେ ମାଠିବୁ ମାଠ୍ - ମୁଁ ସେହି ଦରପୋଡା କାଠ। ସରକାର ଯେତେ ସୁବିଧା ଯୋଗାଇ ଦେଲେ ମଧ୍ୟ କର୍ମବିମୁଖତା ପରି ଏକ ମାରାତ୍ମକ ରୋଗର ଶିକାର ହୋଇଥିବା ଆଜିର ମଣିଷ କେବେ ବିକାଶର ମଧୁରିମା ଭୋଗ କରିପାରିବ ନାହିଁ। ଆଜିର ଯୁବଗୋଷ୍ଠୀ ଚାହିଁବସିଛି କିପରି ବିନା ପରିଶ୍ରମରେ କୋଟିପତି ହେବ। ଅର୍ଥାଗମନର ସାମାନ୍ୟ ସୂଚନା ମିଳିଲେ ସେ ପରିଣତିକୁ ଚିନ୍ତା ନ କରି ସେଥିପାଇଁ ସମସ୍ତ କୌଶଳ ଆପଣେଇବାକୁ ପଛଘୁଞ୍ଚା ଦେଉନାହିଁ। ସରକାରୀ ବାବୁମାନଙ୍କ ଦୁର୍ନୀତି ପରାୟଣତା ଓ କୋଟି କୋଟି ଟଙ୍କା ଅସତ୍ ଉପାୟରେ ଅର୍ଜନ କରିବାର ଖବର ପ୍ରତ୍ୟହ ଗଣମାଧ୍ୟମରୁ ପ୍ରାପ୍ତ ହୋଇ ସାଧାରଣ ଜନତାଙ୍କୁ ବ୍ୟଥିତ କରୁଛି। ନାହିଁ ଆଇନ ପ୍ରତି ଭୟ ଅବା ମାନବିକତା ପ୍ରତି ଅଙ୍ଗୀକାରବଦ୍ଧତା। କର୍ମବିମୁଖତା ଦାରିଦ୍ର୍ୟର ପ୍ରମୁଖ କାରଣ। ଜାପାନ, ସ୍ୱିଡେନ ପ୍ରଭୃତି ଦେଶର ଅଧିବାସୀ କର୍ମବିମୁଖତାକୁ ପରିହାର କରି ଏକ କର୍ମକ୍ଷମ ଜୀବନଯାପନର ମାର୍ଗ ଅନ୍ୱେଷଣ କରୁଥିବାରୁ ସେମାନେ କେବଳ ଧନୀ ନୁହନ୍ତି; ବରଂ ସୁଖୀ ମଧ୍ୟ। ଆମେ କେବଳ ଦରିଦ୍ର ନୋହୁ ସୁଖୀ ଦେଶ ତାଲିକାରେ ଆମର ସ୍ଥିତି ଅତି ନଗଣ୍ୟ। ସଦ୍ୟ ପ୍ରକାଶିତ ସୁଖୀ ତାଲିକାରେ ୧୫୮ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୭। ଅର୍ଥାତ୍ ୧୧୬ଟି ଦେଶ ସୁଖୀ ତାଲିକାରେ ଆମ ଉପରକୁ ଅଛନ୍ତି। ଜନସଂଖ୍ୟା ବୃଦ୍ଧି ଆମ ଦୁର୍ଗତିର ଅନ୍ୟତମ କାରଣ। ୧୯୭୩ରେ ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ବିଜେତା କୋନରଡ୍ ଲୋରେ କହିଥିଲେ, 'ଜନସଂଖ୍ୟାର ଅସ୍ୱାଭାବିକ ବୃଦ୍ଧି ସକଳ ଦୁର୍ଗତିର ମୂଳ କାରଣ'। ଜନସଂଖ୍ୟା ବୃଦ୍ଧି ସତ୍ତ୍ୱେ ଆମେ ପ୍ରଗତି ହାସଲ କରିପାରିବା ଯଦି କର୍ମବିମୁଖତାକୁ ପରିହାର କରିପାରିବା। କୃଷିକ୍ଷେତ୍ରକୁ ଯଦି ଉଦାହରଣ ଭାବେ ନେବା ଆମେ ଦେଖିବା ଯନ୍ତ୍ରର ବ୍ୟବହାର କୃଷକକୁ କର୍ମ ବିମୁଖତା କରିବାରେ ସହାୟକ ହୋଇଛି। ତେଣୁ କୃଷିକର୍ମ ପ୍ରତି କୃଷକ ଦିନକୁ ଦିନ ବିମୁଖତା ପ୍ରଦର୍ଶନ କରିଚାଲିଛି। ଗୃହକର୍ମ ସମ୍ପାଦନରେ ଗୃହିଣୀ ଅଧିକରୁ ଅଧିକ ଯନ୍ତ୍ରର ଅଧୀନ ହୋଇ କର୍ମବିମୁଖତାକୁ ଆଦରି ନେଇଛି। ଯୁବସମାଜ କର୍ମ ବିମୁଖ ହେବା ଅତ୍ୟନ୍ତ ଲଜ୍ଜାକର। ସ୍ୱଭାବକବି ଗଙ୍ଗାଧର କହନ୍ତି 'ସୁପ୍ତ ସିଂହ ମୁଖେ ନ ପଶେ ଆହାର - ଶ୍ରମେ ପିପିଲିକା ପୂରାଏ ଉଦର।' ଶୋଇଥିବା ସିଂହ ମୁଖକୁ ବଳେବଳେ ମୃଗଟିଏ ଧରାଦିଏ ନାହିଁ। ସେଥିପାଇଁ ତାକୁ ଚଳଚଞ୍ଚଳ ହେବାକୁ ପଡିବ। ଅତି ସାମାନ୍ୟ ଜୀବ ପିମ୍ପୁଡି ଶ୍ରମ କରି ଉଦର କ୍ଷୁଧା ମେଣ୍ଟାଉଥିବା ବେଳେ ଆମେ କେବେ ବୁଝିବା? କର୍ମ ବିମୁଖତା ବେକାରି ସମସ୍ୟାର ଜନନୀ। ବେକାରି ସମସ୍ୟା ବଢି ଚାଲିଛି।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ଚାକିରିରେ ଠକାମି ରୋକାଯାଉ

ମହାଶୟ,

ବର୍ତ୍ତମାନ ସମାଜରେ ଲୋକଙ୍କର ଠକିବା ଏକ ପ୍ରବୃତ୍ତି ହୋଇଗଲାଣି। ବଡ଼ ବଡ଼ ଠକେଇକରି କିଏ ଟଙ୍କା ଠକୁଛି ତ କିଏ ଜାଲ୍ ପ୍ରମାଣପତ୍ର ଦେଇ ଅଧିକ ଦିନ ଚାକିରି କରୁଛି। ଏହା ପ୍ରାୟତଃ ଶିକ୍ଷକ ଚାକିରି , ଅଙ୍ଗନୱାଡି, କେନ୍ଦୁପତ୍ର ବିଭାଗ ତଥା ଅନ୍ୟାନ୍ୟ ବିଭାଗରେ ବେଶି ହେଉଛି । କେହି କେହି ଅଧିକ ଦିନ ଚାକିରି କରିବା ପାଇଁ ନିଜ ବୟସ ପ୍ରମାଣପତ୍ର କମ୍ କରାଇ ଅବସର ବୟସ ପରେ ମଧ୍ୟ ୧୦ରୁ୧୫ ବର୍ଷ ଅଧିକ ଚାକିରି କରୁଛନ୍ତି। ଏସବୁ ନ ହେବା ପାଇଁ ପ୍ରଶାସନ ପ୍ରତ୍ୟେକ ବିଭାଗକୁ ଯାଇ କର୍ମଚାରୀମାନଙ୍କୁ ଦେଖି ବୟସରେ ସନ୍ଦେହ ଜାତ ହେଉଥିବା ବ୍ୟକ୍ତିମାନଙ୍କର ପ୍ରମାଣପତ୍ର ଯାଞ୍ଚ କରନ୍ତୁ। ଏସବୁ କ୍ଷେତ୍ରରେ ସେଇମାନେ କେଉଁ ବ୍ୟାଚ୍‌ର ପଢ଼ା ଛାତ୍ର, ସେଇମାନଙ୍କ ସହପାଠୀ କିଏ ତାହା ତଦନ୍ତ ହେଲେ ଖଳବ୍ୟକ୍ତିମାନେ ଧରାପଡ଼ିବେ। ଏହା ହେଲେ ପରବର୍ତ୍ତୀ ଆଶାୟୀ ଚାକିରି କ୍ଷେତ୍ରକୁ ଆସୁଥିବା ବ୍ୟକ୍ତିମାନେ ଏମିତି କରିବାକୁ ସାହସ କରିବେ ନାହିଁ। ଧରାପଡୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହାଦ୍ୱାରା ପ୍ରଶାସନ କ୍ଷେତ୍ରରେ ସ୍ୱଚ୍ଛତା ଆସିବ।

**-ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପାସୋରି ଦିଏ ନିଜକୁ ଶଶି
ନିଜକୁ ଭୁଲେ ଏ ବିଲ ଗ୍ରାମ
ନିଜକୁ ଭୁଲି ସଜଳ ନଦୀ
ଚଳେ ଅଜ୍ଞାତେ ନାହିଁ ବିଶ୍ରାମ।
-(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସ୍କୁଲ ରୂପାନ୍ତରଣ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି

## ୫ ଜିଲାର ୩୪୩ ରୂପାନ୍ତରିତ ସ୍କୁଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧ (ଅସମାପିକା ସାହୁ)

'୫-ଟି' ସ୍କୁଲ ରୂପାନ୍ତରଣ ଅଭିଯାନ ଚତୁର୍ଥ ପର୍ଯ୍ୟାୟର ପଞ୍ଚମ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୫ ଜିଲାର ୩୪୩ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିମଧ୍ୟରେ କଳାହାଣ୍ଡି ଜିଲାର ୭୩ଟି ହାଇସ୍କୁଲ, କନ୍ଧମାଳର ୪୬, କୋରାପୁଟର ୮୨, ଭଦ୍ରକର ୬୦ ଓ ସୁନ୍ଦରଗଡ଼ର ୮୨ଟି ହାଇସ୍କୁଲ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ରୂପାନ୍ତରିତ ସ୍କୁଲରେ ପିଲାଙ୍କ ସଫଳ ଭବିଷ୍ୟତ ପାଇଁ ସବୁ ସୁଯୋଗ ରହିଛି। ଆଜିର ପିଲାମାନେ ଆଗାମୀ ଦିନରେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶାର ସାରଥି ହେବେ। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେଇଥାଏ। ତେଣୁ ସ୍କୁଲ ରୂପାନ୍ତରଣ ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି। ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ '୫-ଟି'ର ଗୁରୁତ୍ୱ ବୁଝାଇବା ସହିତ ନିଜ ଜୀବନରେ ଏହାକୁ ପ୍ରୟୋଗ କଲେ ନିଶ୍ଚୟ ସଫଳ ହେବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ପ୍ରକଟ କରିଛନ୍ତି। ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କରିବା ସହ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଆହ୍ୱାନ ଦେଇଛନ୍ତି।

'୫-ଟି' ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଲେ, '୫-ଟି' ରୂପାନ୍ତରଣ ସରକାରୀ ସ୍କୁଲଗୁଡ଼ିକର ଗୁରୁତ୍ୱ ବୃଦ୍ଧି କରିଛି। ଏହି ସ୍କୁଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ସାହସ ଦେଇଛନ୍ତି। ଏଥିପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରିଛନ୍ତି। ଏସବୁ ହେଉଛି ରାଜ୍ୟବାସୀଙ୍କ ସମ୍ପତ୍ତି। ସ୍କୁଲଗୁଡ଼ିକରେ ହୋଇଥିବା ବିଭିନ୍ନ ସୁବିଧା ସୁଯୋଗକୁ ନିଜର ଭାବି ଭଲଭାବେ ରକ୍ଷଣାବେକ୍ଷଣ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ଏହି ଅବସରରେ '୫-ଟି' ସ୍କୁଲ ରୂପାନ୍ତରଣ ସମ୍ପର୍କରେ ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ରମାନେ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

କନ୍ଧମାଳରେ ଅନୁଷ୍ଠିତ ଲୋକାର୍ପଣ କାର୍ଯ୍ୟକ୍ରମରେ ଏମ୍‌ପି ଅଚ୍ୟୁତ ସାମନ୍ତ, କଳାହାଣ୍ଡିରେ ବିଧାୟକ ଦିବ୍ୟଶଙ୍କର ମିଶ୍ର, କୋରାପୁଟରେ ବିଧାୟକ ରଘୁରାମ ପଡାଲ, ଭଦ୍ରକରେ ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ସୁନ୍ଦରଗଡ଼ରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ଯୋଗେଶ କୁମାର ସିଂ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ, ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିବାବେଳେ ବିଭାଗୀୟ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ତିନୋଟି ପର୍ଯ୍ୟାୟରେ ରାଜ୍ୟରେ ୬,୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ମୋଟ ୧,୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ମୋଟ ୮,୬୭୭ଟି ସ୍କୁଲ ରୂପାନ୍ତରିତ ହୋଇପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ୫ ଜିଲାର ୩୪୩ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି '୫-ଟି' ଏବଂ 'ନବୀନ ଓଡ଼ିଶା'ର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ଦଶମ ଶ୍ରେଣୀ ଛାତ୍ରଙ୍କ ବେକ କାଟିଦେଲେ ଦୁର୍ବୃତ୍ତ

ଆଠଗଡ, ୨୯।୧ (ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ ଥାନା ଅନ୍ତର୍ଗତ କୁଲାଇଲୋ ବଜାରଠାରେ ଅପରାହ୍ନ ପ୍ରାୟ ୨ଟାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ବେକକାଟି ୨ ଜଣ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ସେ ହେଲେ ଏହି ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମର ମହେନ୍ଦ୍ର ଦାସଙ୍କ ପୁଅ ସୂର୍ଯ୍ୟନାରାୟଣ ଦାସ(୧୫)। ସେ ଟ୍ୟୁଶନ୍ ସାରି ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ଏକ କଳା ବାଇକ୍‌ରେ ହେଲ୍‌ମେଟ୍ ପିନ୍ଧିଥିବା ୨ ଦୁର୍ବୃତ୍ତ ଆସି ତାଙ୍କୁ ଛୁରିରେ ଆକ୍ରମଣ କରି ଚାଲିଯାଇଥିଲେ। ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ସୂର୍ଯ୍ୟଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡ଼ି ଦିଆଯାଇଛି। ଘଟଣା ସମ୍ବନ୍ଧରେ ପରିବାର ଲୋକେ କୌଣସି ସୂଚନା ଦେଇନାହାନ୍ତି। ତେବେ ଘଟଣା ସମ୍ପର୍କରେ ସେମାନେ ଆଠଗଡ ଥାନାରେ ପହଞ୍ଚି ଆଇଆଇସି ଅନିରୁଦ୍ଧ ମୁଦୁଲିଙ୍କ ସହ କଥାବାର୍ତ୍ତା କରିଥିବା ଜଣାପଡ଼ିଛି। ଖବର ଲେଖା ହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ତଦନ୍ତକାରୀ ଅଧିକାରୀ ସତ୍ୟପ୍ରିୟ ବରାଳ କହିଛନ୍ତି।

DADLS-100

ଓଡ଼ିଶା ସରକାର



**ରାଜ୍ୟସ୍ତରୀୟ ଶହୀଦ ଦିବସ ଅବସରରେ**

**ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**

୩୦ ଜାନୁଆରୀ, ୨୦୨୪ ସକାଳ: ପୂର୍ବାହ୍ନ ୧୦.୪୭ ମିନିଟ

ସ୍ଥାନ: ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା

ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ
ପୋଲିସ ବାହିନୀ ଦ୍ୱାରା ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ
ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ଆଶ୍ରମ ଭଜନ ପରିବେଷଣ

ଏହି ପ୍ରାର୍ଥନା ସଭାରେ

ଶ୍ରୀଯୁକ୍ତ ରଘୁବର ଦାସ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ପ୍ରମିଳା ମଲ୍ଲିକ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ
ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ବିଧାୟକଗଣ ଯୋଗଦେବେ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0309/2324

# କୁହୁଡ଼ି ପାଇଁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୨୯।୧ (ଅନୁରାଧା ମହାରଣା)

ଆସନ୍ତା ୨ଦିନ ଯାଏ ରାଜ୍ୟରେ ପାଗ ଶୁଖିଲା ରହିଲେ ମଧ୍ୟ କୁହୁଡ଼ିର ପ୍ରଭାବ ଜାରି ରହିବ। ଏଥିପାଇଁ ବିଭିନ୍ନ ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ଉପକୂଳ ଓଡ଼ିଶା ସମେତ ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜର କେତେକ ସ୍ଥାନରେ କୁହୁଡ଼ି ଦେଖିବାକୁ ମିଳିବ। ତେବେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, କେନ୍ଦୁଝର ଓ ଦେବଗଡ଼ ଆଦି ଜିଲାରେ ଘନ କୁହୁଡ଼ି ହେବ। ଏଥିପାଇଁ ଏସବୁ ଜିଲାକୁ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବୁଧବାର ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ କୁହୁଡ଼ି ହେବ। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଉକ୍ତ ଜିଲାଗୁଡ଼ିକ ହେଲା ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, କନ୍ଧମାଳ, ସମ୍ବଲପୁର, ସୁବର୍ଣ୍ଣପୁର, କଳାହାଣ୍ଡି, ବଲାଙ୍ଗୀର ଓ ବୌଦ୍ଧ।

ସୂଚନା ଥାଉକି, ସୋମବାର ଖୋର୍ଦ୍ଧା, ପୁରୀ, ଝାରସୁଗୁଡ଼ା, କେନ୍ଦୁଝର ଓ କଳାହାଣ୍ଡି ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଥିଲା। ରାଜ୍ୟର ଗୋଟିଏ ୨ଟି ସ୍ଥାନରେ ସ୍ୱାଭାବିକଠାରୁ କମ୍ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଅଧିକାଂଶ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକ ରହିଥିଲା। ନବରଙ୍ଗପୁରରେ ସର୍ବାଧିକ ୩୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ସୁନ୍ଦରଗଡ଼ରେ ସର୍ବନିମ୍ନ ୮.୬ ଡିଗ୍ରୀ ରହିଥିଲା।




# ପିଡିଏସ୍ ଚାଉଳ ବୋହିନେଲେ ଗ୍ରାମବାସୀ


ଟ୍ରକରୁ ଲୋକେ ଚାଉଳ ବୋହି ନେଉଛନ୍ତି।

ଖଇରା, ୨୯।୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଝିଙ୍କିରିଆ ପଞ୍ଚାୟତର ଏକ ରିଟେଲ କେନ୍ଦ୍ରକୁ ବଣ୍ଟାଯିବା ପାଇଁ ଆସିଥିବା ପିଡିଏସ୍ ଚାଉଳ ଟ୍ରକରୁ କେତେକ ଗ୍ରାମବାସୀ ଜବରଦସ୍ତ ଘରକୁ ବୋହି ନେଇଥିବା ଅଭିଯୋଗ ହୋଇଛି। ସୋମବାର ସନ୍ଧ୍ୟାରେ ଏହି ଚାଉଳ ଭର୍ତ୍ତି ଟ୍ରକ ରିଟେଲର ବାବୁରି ଦାସଙ୍କ ଘର ନିକଟରେ ପହଞ୍ଚିଥିଲା। ଲୋକମାନେ କି ଗାଡି ବୋଲି ପଚାରିବା ପରେ ଡ୍ରାଇଭର ପିଡିଏସ୍ ଚାଉଳ ବୋଲି କହିଥିଲେ। ହେଲେ ଗ୍ରାମବାସୀ କାଗଜପତ୍ର ମାଗିଥିଲେ। ଡ୍ରାଇଭର କାଗଜପତ୍ର ଦେଖାଇ ନ ପାରିବାରୁ ଗ୍ରାମବାସୀ ଚାଉଳ ବସ୍ତା ଘରକୁ ବୋହି ନେଇଥିଲେ। ପରେ ଚାଉଳ ଯୋଗାଣକାରୀ ପରେ ଆସି ଆବଶ୍ୟକ କାଗଜପତ୍ର ଦେଖାଇଥିଲେ ହେଁ ସେତେବେଳକୁ ଅର୍ଦ୍ଧାଧିକ ଚାଉଳ ଲୁଟ୍ ହୋଇସାରିଥିଲା।

DSPL-587

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

ORERA

Odisha Real Estate Regulatory Authority

**ଆପଣ ଜାଣନ୍ତି କି ?**

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।
- ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

Secretary, Odisha Real Estate Regulatory Authority

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

E-Mail: rera.odisha@gmail.com

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
https://rera.odisha.gov.in

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0013/2324

# ଦୋଷୀ ସ୍ୱାମୀଙ୍କୁ ଆଜୀବନ ଜେଲଦଣ୍ଡ

**ସ୍ତ୍ରୀଙ୍କୁ ଛୁରି ଭୁସି ହତ୍ୟା ମାମଲାର ରାୟ**

ଭୁବନେଶ୍ୱର, ୨୯।୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଶହୀଦନଗର ଥାନା ଅଞ୍ଚଳରେ ସ୍ତ୍ରୀଙ୍କୁ ଛୁରି ଭୁସି ହତ୍ୟା କରିବା ମାମଲାରେ ଭୁବନେଶ୍ୱର ଅତିରିକ୍ତ ସେସନ୍ସ ଜଜ୍-୨ କୋର୍ଟରେ ସୋମବାର ରାୟ ପ୍ରକାଶ ପାଇଛି। ମାମଲାରେ ଅଭିଯୁକ୍ତ ଥିବା ସ୍ୱାମୀ ରାଜେନ୍ଦ୍ର ମୁଖୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ରାଜେନ୍ଦ୍ରଙ୍କୁ ଆଜୀବନ ଜେଲଦଣ୍ଡ ସହ ୫୦ ହଜାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ବନ୍ଦନା କର ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କନ୍ଧମାଳ ଅଞ୍ଚଳର ରାଜେନ୍ଦ୍ର ପରିବାର ସହ ଶହୀଦନଗର ଥାନା ଅନ୍ତର୍ଗତ ବିର୍ସାମୁଣ୍ଡା ବସ୍ତିରେ ଘର ଭଡ଼ା ନେଇ ରହୁଥିଲେ। ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଅମିତା ଶ୍ରମିକ ଭାବେ କାମ କରୁଥିଲେ। ହେଲେ ବିଭିନ୍ନ କାରଣ ପାଇଁ ସେମାନଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଏପରିକି ରାଜେନ୍ଦ୍ର ତାଙ୍କ ସ୍ତ୍ରୀଙ୍କୁ ନିୟମିତ ମାଡ଼ ମାରୁଥିଲେ। ୨୦୨୦ ସେପ୍ଟେମ୍ବର ୨୦ ରାତି ପ୍ରାୟ ୧୦ଟାରେ ଉଭୟଙ୍କ ମଧ୍ୟରେ ଝଗଡା ଉଗ୍ରରୂପ ନେଇଥିଲା। ରାଜେନ୍ଦ୍ର ଅଧିକ ରାଗି ଯାଇ ସ୍ତ୍ରୀ ଅମିତାଙ୍କ ପେଟରେ ଛୁରି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ଅମିତାଙ୍କୁ ତାଙ୍କ ଝିଅ ସଞ୍ଜନା କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରୁ ପ୍ରାଥମିକ ଚିକିତ୍ସା ପରେ ଅମିତା ଘରକୁ ଫେରିଥିଲେ। ହେଲେ ସେପ୍ଟେମ୍ବର ୨୬ ରାତିରେ ଅମିତା ପୁଣି ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେପ୍ଟେମ୍ବର ୨୮ରେ ଚିକିତ୍ସାଧିନ ଅବସ୍ଥାରେ ଅମିତାଙ୍କର ମୃତ୍ୟୁ ହୋଇଯାଇଥିଲା। ଝିଅ ସଞ୍ଜନାଙ୍କ ଏତଲାକୁ ଆଧାର କରି ପୋଲିସ ଏକ ମାମଲା (ନଂ. ୪୧୬/୨୦୨୦) ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ସ୍ୱାମୀ ରାଜେନ୍ଦ୍ରଙ୍କୁ ଗିରଫ କରି ଜେଲ ପଠାଇଥିଲା। ଏହି ମାମଲାରେ ୧୧ ଜଣଙ୍କ ସାକ୍ଷ୍ୟ ଓ ବିଭିନ୍ନ ଦସ୍ତାବିଜ୍‌କୁ ଆଧାର କରି ବିଚାରପତି ରାୟ ଶୁଣାଇଥିଲେ। ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ସଲିଳ ପ୍ରଧାନ ପରିଚାଳନା କରିଥିଲେ।


ଦୋଷୀସାବ୍ୟସ୍ତ ହୋଇଥିବା ରାଜେନ୍ଦ୍ର ମୁଖୀ

**ସଂକ୍ଷେପରେ**

## ଆଦିବାସୀ ଯୁବପିଢ଼ିଙ୍କୁ ଅହମଦାବାଦ ପଠାଇଲା ବିଏସ୍ଏଫ୍




ମାଲକାନଗିରି,୨୯।୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଏସ୍ଏଫ୍ ତରଫରୁ ଆଦିବାସୀ ଯୁବତୀ ଯୁବକମାନେ ମହାରାଷ୍ଟ୍ରର ପୁଣେ ଗସ୍ତ କରିଛନ୍ତି। ବିଏସ୍ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ସୋମବାର ଚିତ୍ରକୋଣ୍ଡା ବ୍ଲକ ପଣଶପୁଟ, ବେଜିଙ୍ଗି, ଟିକାପଦର, ତଣ୍ଡାପାଲ୍ଲୀ, କଦଳୀବନ୍ଧ ଓ ପୂଜାରୀଗୁଡା ଆଦି ଅଞ୍ଚଳର ୨୦ ଯୁବତୀ ଯୁବକଙ୍କୁ ପୁଣେ ପଠାଇଛନ୍ତି। ଏହି ଯୁବପିଢି ଆସନ୍ତା ୧ ରୁ ୭ ତାରିଖ ପର୍ଯ୍ୟନ୍ତ ପୁଣେର ବିଭିନ୍ନ ପର୍ଯ୍ୟଟନସ୍ଥଳ ଭ୍ରମଣ କରିବା ସହ ସେଠାକାର ରାଜନୈତିକ ନେତା, ବିଭିନ୍ନ ମନ୍ତ୍ରୀ, ସିନେ ତାରକା, ଟିଭିତାରକାଙ୍କୁ ଦେଖିବା ସହ ପୌରାଣିକ ସ୍ଥଳ ଆଦି ଭ୍ରମଣ କରିବେ। ଏହି କାର୍ଯ୍ୟକ୍ରମରେ ବିଏସ୍ଏଫ୍ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବରୁଣେନ୍ଦ୍ର ପ୍ରଦାପ ସିଂ, ଡେପୁଟି କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର, ନେହେରୁ ଯୁବ ସଂଘ ଜିଲା ଅଧିକାରୀ ହରିଶ ରୁପାଲ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ଅତିରିକ୍ତ ଶ୍ରମ ଅଧିକାରୀ ପୂର୍ଣ୍ଣମା ଡୁରୁକା, ଶିବ ଓମ୍ ଏବଂ ଡାକ୍ତର ସଞ୍ଜୀବ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଯୁବ ପିଢ଼ିଙ୍କ ଜ୍ଞାନ ଶକ୍ତି ବଢିବା ସହ ଦେଶର ବହୁ ପୌରାଣିକ ଓ ପର୍ଯ୍ୟଟନସ୍ଥଳ ଭ୍ରମଣ କରି ଦେଖିପାରିବେ। ଏହାଦ୍ୱାରା ଦେଶରେ କେତେ ପ୍ରକାର ସାଂସ୍କୃତିକ ଦୃଶ୍ୟ ଅଛି ତା'ର ଜ୍ଞାନ ଆରୋହଣ କରିପାରିବେ ବୋଲି ଅଧିକାରୀମାନେ ମତ ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଆହୁରି ବହୁ ଯୁବପିଢ଼ିଙ୍କୁ ଦେଶର ବିଭିନ୍ନ ସ୍ଥାନକୁ ଭ୍ରମଣ ନିମନ୍ତେ ପଠାଇବା କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ।

## ଦେହ ବ୍ୟବସାୟ ଧରାପଡ଼ିଲା: ୫ ଯୁବତୀ ଉଦ୍ଧାର

ପାରାଦୀପ,୨୯।୧(ଶରତ ରାଉତ)

ଦେହ ବ୍ୟବସାୟ ଚାଲିବା ଅଭିଯୋଗରେ ପାରାଦୀପ ଲକ୍ଥାନା ଅନ୍ତର୍ଗତ ଏକ କଲୋନୀରେ ସୋମବାର ରାତିରେ ପୋଲିସ ଚଢ଼ାଉ କରି ସେଠାକାର ଏକ ଘରୁ ୫ ଜଣ ଯୁବତୀଙ୍କୁ ଉଦ୍ଧାର କରିଛି। ସେମାନେ ପଶ୍ଚିମବଙ୍ଗ ଓ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି। ସେଠାରୁ କିଛି ଆପତ୍ତିଜନକ ସାମଗ୍ରୀ ପୋଲିସ ଜବତ କରିଛି। ଏନେଇ ସମ୍ପୃକ୍ତ ଯୁବତୀଙ୍କ ସମେତ ଘର ଭିତରେ ଥିବା ଯୁବକମାନଙ୍କୁ ପଚରାଉଚୁରା କରାଯାଉଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ପୋଲିସ ସବିଶେଷ ସୂଚନା ଦେଇନାହିଁ। ସୂଚନାଯୋଗ୍ୟ, ମାସେ ତଳେ ପାରାଦୀପ ଆଦର୍ଶ ଥାନା ଅଞ୍ଚଳର ଏକ ଅଟ୍ଟାଳିକା ମଧ୍ୟରେ ଏଭଳି ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗ ହୋଇଥିଲା। ଏହି ଆଧାରରେ ପୋଲିସ ସେଠାରେ ପହଞ୍ଚିବା ବେଳକୁ ସମସ୍ତ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ

### ବିଏସ୍‌ସି ନର୍ସିଂ ମ୍ୟାନେଜମେଣ୍ଟ ସିଟ୍‌ରେ ନାମଲେଖା କଟକଣା ମାମଲା

କଟକ,୨୯।୧ (କାର୍ତ୍ତିକ ସାହୁ)

ବିଏସ୍‌ସି ନର୍ସିଂ ମ୍ୟାନେଜମେଣ୍ଟ ସିଟ୍‌ରେ ନାମଲେଖା ନିମନ୍ତେ ରାଜ୍ୟ ସରକାର ଲଗାଇଥିବା କଟକଣାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ରୁଜୁ ମାମଲାର ସୋମବାର ଶୁଣାଣି ହୋଇଛି। ପ୍ରବେଶିକା ପରୀକ୍ଷାକୁ ମାନଦଣ୍ଡ ଭାବେ ଗ୍ରହଣ କରିବା ବିରୋଧରେ ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରିଛନ୍ତି। ଏକ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟର ସରକାରୀ ଏବଂ ଓଡ଼ିଶା ନର୍ସିଂ ଆଣ୍ଡ ମିଡ୍‌ୱାଇଭ୍‌ସ ରେଜିଷ୍ଟ୍ରେଶନ କାଉନ୍‌ସିଲ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବେସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନରେ ବିଭିନ୍ନ ନର୍ସିଂ ପାଠ୍ୟକ୍ରମ ପାଇଁ ସେଣ୍ଟ୍ରାଲ କାଉନ୍‌ସେଲିଂ ଓ ନାମଲେଖା ପ୍ରକ୍ରିୟା ଜାରି ରହିଛି। ରାଜ୍ୟ ନର୍ସିଂ ଚୟନ କମିଟି ଦ୍ୱାରା ଏହି ପ୍ରକ୍ରିୟାରେ ସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନଗୁଡ଼ିକର ସମସ୍ତ ସିଟ୍ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ୮୫% ସିଟ୍ ପୂରଣ ହେବ। ଯଦି ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ୮୫% ସିଟ୍‌ରେ ସମ୍ପୂର୍ଣ୍ଣ ନାମଲେଖା ହୋଇ ନ ପାରେ ତେବେ ବଳକା ସିଟ୍‌କୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ କଟ୍‌ଅଫ୍ ତାରିଖ ସୁଦ୍ଧା ହସ୍ତାନ୍ତର କରିଦିଆଯାଏ। ତେଣୁ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ମ୍ୟାନେଜମେଣ୍ଟର ୧୫% ସିଟ୍ ସମେତ ହସ୍ତାନ୍ତର ହୋଇଥିବା



ବଳକା ସିଟ୍‌ରେ ନିଜସ୍ତରରେ ରାଜ୍ୟ ସରକାରଙ୍କ ଯୋଗ୍ୟତା ନିୟମାବଳୀ ଆଧାରରେ ନାମଲେଖା କରାଇଥାନ୍ତି। ହେଲେ ୨୦୨୩ ଜୁନ୍ ୧୯ ତାରିଖରେ ଡିଏମ୍ଇଟି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇ ବି.ଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଏକ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ପଡ଼ିବ ବୋଲି ଦର୍ଶାଯାଇଛି। ନଚେତ ୨୦୨୩-୨୪ ଶିକ୍ଷାବର୍ଷରେ କାଉନ୍‌ସେଲିଂ ବା ମ୍ୟାନେଜମେଣ୍ଟ କୋଟାରେ ନାମଲେଖା ପାଇଁ ଅନୁମତି ମିଳିବ ନାହିଁ। ଏହି ବିଜ୍ଞପ୍ତି ଫଳରେ ବେସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନର ବି.ଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ନାମଲେଖା ଉପରେ ଅଙ୍କୁଶ ଲଗାଯାଇଛି। ଏଥିସହ ୨୦୧୬ରେ ସମାନ ପ୍ରକାର ମାମଲାର ଶୁଣାଣି କରି ହାଇକୋର୍ଟ କେତେକ ସର୍ତ୍ତରେ ୮୫% ସରକାରୀ କାଉନ୍‌ସେଲିଂରୁ ବଳକା ସିଟ୍ ସମେତ ମ୍ୟାନେଜମେଣ୍ଟ କୋଟାରେ ନାମଲେଖା ନିମନ୍ତେ ଅନୁମତି ଦେଇଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏଭଳି କଟକଣା ଦ୍ୱାରା ନର୍ସିଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ବଳକା ସିଟ୍‌ରେ ନାମଲେଖା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିବ ବୋଲି ଦର୍ଶାଇ ହାଇକୋର୍ଟଙ୍କ ନିକଟରେ ଦାୟର ମାମଲାରେ କୌଣସି କଟକଣା ବିନା ନାମଲେଖା ଅନୁମତି ଦେବାକୁ ନିବେଦନ କରାଯାଇଛି। ଆବେଦନକାରୀ ଏକ ନର୍ସିଂ କଲେଜ ପକ୍ଷରୁ ଆଇନ୍‌ଜୀବୀ ସୌମେନ୍ଦ୍ର ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।



ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ସୋମବାର ଅନୁଷ୍ଠିତ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଲାମାନଙ୍କ ସହ ଭାବ ବିନିମୟ କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଓଡ଼ିଆ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ରଖିଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୯।୧
(ଅନୁରାଧା ମହାରଣା)

### ପରୀକ୍ଷା ପେ' ଚର୍ଚ୍ଚାର ୭ମ ସଂସ୍କରଣ

ନୂଆଦିଲ୍ଲୀ ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମରେ ସୋମବାର ଅନୁଷ୍ଠିତ 'ପରୀକ୍ଷା ପେ ଚର୍ଚ୍ଚା'ର ସପ୍ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକଙ୍କ ସହ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, କୌଣସି ଚାପରୁ ମୁକ୍ତି ପାଇବାକୁ ହେଲେ ନିଜକୁ ସମର୍ଥ କରିବା ଜରୁରୀ। ଆମ ପିଲାମାନଙ୍କ ମଧ୍ୟରେ ସ୍ଥିରତା ସୃଷ୍ଟି କରିବା ଏବଂ ସେମାନଙ୍କୁ ଚାପର ମୁକାବିଲା କରିବାରେ ସାହାଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରଙ୍କ ଚ୍ୟାଲେଞ୍ଜକୁ ଅଭିଭାବକ ଓ ଶିକ୍ଷକମାନେ ମିଳିତ ଭାବେ ସମାଧାନ କରିବା ଦରକାର। ଏହି ଅବସରରେ କଟକ ଜିଲା ବାଙ୍କୀ ଅଞ୍ଚଳର ଛାତ୍ରୀ ରାଜଲକ୍ଷ୍ମୀ ଆଚାର୍ଯ୍ୟ ପରୀକ୍ଷା ଚାପକୁ ଦୂର କରି କିପରି ପରୀକ୍ଷା ହଲରେ ଶାନ୍ତ ରହିବେ ସେ ନେଇ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ପ୍ରଧାନମନ୍ତ୍ରୀ ପରୀକ୍ଷାବେଳେ ଚାପମୁକ୍ତ ହେବା ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ବାଙ୍କୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ରାଜଲକ୍ଷ୍ମୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଉପାୟ ମୋ ମନରେ ପରୀକ୍ଷାକୁନେଇ ରହିଥିବା ଡ଼ର ଦୂର କରିଛି। ସେହିପରି କଟକ କେନ୍ଦ୍ରୀୟ ବିଦ୍ୟାଳୟ-୧ର ଛାତ୍ର ଦିବ୍ୟଦତ୍ତ ପରିଜା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଟିପ୍ସ ପରୀକ୍ଷାରେ ବହୁତ ସହାୟକ ହେବ ବୋଲି ଦିବ୍ୟଦତ୍ତ କହିଛନ୍ତି। ମୋବାଇଲଠାରୁ ଦୂରତା ରକ୍ଷା କରି ପାଠପଢ଼ାରେ କିପରି ଫୋକସ୍ କରାଯିବ ସେନେଇ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହାସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ଏକ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀକୁ ମଧ୍ୟ ପ୍ରଧାନମନ୍ତ୍ରୀ ପରିଦର୍ଶନ କରିଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପରୀକ୍ଷା ପେ ଚର୍ଚ୍ଚା ଏକ ଐତିହାସିକ ଉତ୍ସବ, ଯାହା ଏକ ଜନଆନ୍ଦୋଳନର ରୂପ ନେଇସାରିଛି। ପ୍ରଧାନମନ୍ତ୍ରୀ ସମୟ ବାହାର କରି ଜଣେ ରାଷ୍ଟ୍ରୀୟ ଗୁରୁ ଭାବରେ ଜାତୀୟ ଶିକ୍ଷା ନୀତିର ସଫଳ କ୍ରିୟାନ୍ୱୟନ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ବଡ



କଟକ ଜିଲା ବାଙ୍କୀ ଅଞ୍ଚଳର ଛାତ୍ରୀ ରାଜଲକ୍ଷ୍ମୀ ଆଚାର୍ଯ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଶ୍ନ କରୁଛନ୍ତି।

ଚ୍ୟାଲେଞ୍ଜ ତଥା ପରୀକ୍ଷା ଚାପରୁ ମୁକ୍ତି ପାଇବା ନେଇ ମୂଲ୍ୟବାନ୍ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପରାମର୍ଶ ଅନୁସାରେ ଛାତ୍ରୀଛାତ୍ରମାନେ ଆତ୍ମବିଶ୍ୱାସର ସହ ପରୀକ୍ଷା ଦେବା ଉଚିତ। ତେବେଯାଇ ପ୍ରଧାନମନ୍ତ୍ରୀ ମୋଦି ଦେଖିଥିବା ବିକଶିତ ଭାରତର ସ୍ୱପ୍ନ ପୂରଣ ହୋଇପାରିବ। ପ୍ରଧାନମନ୍ତ୍ରୀ ମୋଦି ଆମ ପରୀକ୍ଷା ଯୋଦ୍ଧାମାନଙ୍କ ପାଇଁ ସମର୍ଥନ ଓ ପ୍ରେରଣାର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ହୋଇଛନ୍ତି। ପରୀକ୍ଷା ପେ ଚର୍ଚ୍ଚା ସକାରାତ୍ମକତାର ଉପଦେଶ, ମାର୍ଗଦର୍ଶନ ଆମ ଛାତ୍ରଛାତ୍ରୀଙ୍କୁ ଶୈକ୍ଷିକ ଉତ୍କର୍ଷତା ଏବଂ ସାମଗ୍ରିକ କଲ୍ୟାଣ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରିବ। ପ୍ରତ୍ୟେକ ପିଲାଙ୍କ ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ଉପଲବ୍ଧି କରିବା ପାଇଁ ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ପ୍ରେରିତ କରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ମତପ୍ରକାଶ କରିଛନ୍ତି। ଏଥିସହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର, ପରୀକ୍ଷା ଯୋଦ୍ଧା, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟଗୁଡ଼ିକୁ ସେ ଧନ୍ୟବାଦ ଜଣାଇଛନ୍ତି।

# 'ପ୍ରଶାସନକୁ ଲୋକାଭିମୁଖୀ କରିବା ପ୍ରାଥମିକତା ରହିବ'

### କେନ୍ଦ୍ରାଞ୍ଚଳ ଆର୍‌ଡିସି ଭାବେ ଦାୟିତ୍ୱ ନେଲେ ରଞ୍ଜନ ଦାସ



କଟକ,୨୯।୧ (କାର୍ତ୍ତିକ ସାହୁ)

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ଭାବେ ୨୦୦୭ ବ୍ୟାଚ୍‌ର ଆଇଏଏସ୍ ଅଫିସର ରଞ୍ଜନ କୁମାର ଦାସ ସୋମବାର ଅପରାହ୍ଣରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ତାଙ୍କ ଚାକିରିକାଳ ମଧ୍ୟରେ ଯାଜପୁର ଜିଲାପାଳ, ସଂସ୍କୃତି ବିଭାଗ ସଚିବ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ କାର୍ଯ୍ୟ କରି ସେ ପ୍ରଶଂସା ସାଉଁଟିଛନ୍ତି। ଏଥିସହ ସେ ଜଣେ ବିଶିଷ୍ଟ ଲେଖକ ଭାବେ ଓଡ଼ିଶାର ପାଠିକାପାଠକଙ୍କ ପାଖରେ ପରିଚିତ। କଟକସ୍ଥିତ କାର୍ଯ୍ୟାଳୟରେ ପୂର୍ବତନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରି ଜନସାଧାରଣଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବେ ବୋଲି କହିଛନ୍ତି।

**-ଆର୍‌ଡିସି ଭାବେ ଦାୟିତ୍ୱ ଗ୍ରହଣ ପରେ ଆପଣଙ୍କ ପାଇଁ ଆହ୍ୱାନ କ'ଣ ରହିବ?**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅଞ୍ଚଳ ସମସ୍ୟାବହୁଳ। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥାଏ। ଏଗୁଡ଼ିକ ଆଗାମୀ ଦିନରେ ନିଶ୍ଚିତ ଭାବେ ଆହ୍ୱାନ ସୃଷ୍ଟି କରିବ।

**ଆଗାମୀ ନିର୍ବାଚନ ପରିଚାଳନା ଉପରେ କ'ଣ କହିବେ?**

ନିର୍ବାଚନ ପାଖେଇ ଆସିଲାଣି। ସବୁଠି ପରିବେଶ ଚଳଚଞ୍ଚଳ ରହିବ। ବିଶେଷକରି ଅବାଧ, ନିରପେକ୍ଷ ନିର୍ବାଚନ ପରିଚାଳନା ବର୍ତ୍ତମାନ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବ।

**-ସରକାରୀ ଯୋଜନାର ସଫଳ ରୂପାୟନ ଦିଗରେ କି ପଦକ୍ଷେପ ନେବେ?**

ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ଜିଲା ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିବି।

**-ଏକସଙ୍ଗେ ଦୁଇଟି ଆର୍‌ଡିସି ଦାୟିତ୍ୱ କିପରି ସମ୍ଭାଳିବେ?**

କେନ୍ଦ୍ରାଞ୍ଚଳ ସମସ୍ୟା ଗୋଟେ ପ୍ରକାର, ହେଲେ ଦକ୍ଷିଣାଞ୍ଚଳ ଆଦିବାସୀ ଅଧ୍ୟୁଷିତ ହୋଇଥିବାରୁ ତାହା ଅଲଗା। ପାର୍ବତ୍ୟାଞ୍ଚଳ ହେତୁ ଉପକୂଳ ଅଞ୍ଚଳ ଅପେକ୍ଷା ସେଠାରେ ଉନ୍ନୟନ କାର୍ଯ୍ୟ କଷ୍ଟକର।

**-ଜଣେ ଦକ୍ଷ ପ୍ରଶାସକ ହିସାବରେ କାହାକୁ ପ୍ରାଥମିକତା ଦେବେ?**

ଲୋକଙ୍କ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ କରାଯିବାକୁ ଗୁରୁତ୍ୱ ଦେବି। ପ୍ରଶାସନକୁ ଲୋକାଭିମୁଖୀ କରିବା ପ୍ରାଥମିକତା ରହିବ।

**-ଜମିଜମା ଓ ରାଜସ୍ୱ ମାମଲାଗୁଡ଼ିକ ଅନେକ ଦିନ ଧରି ପଡ଼ିରହୁଛି। ଏହାକୁ ନେଇ କ'ଣ କହିବେ?**

ସାଧାରଣ ବ୍ୟକ୍ତିଙ୍କ ପାଇଁ ଜମି ଏକ ଗୁରୁତ୍ୱପୂର୍ଣ୍ଣ ଜିନିଷ। ସେ ସଂକ୍ରାନ୍ତୀୟ ମାମଲାଗୁଡ଼ିକ ସୁଚାରୁରୂପେ ସମାଧାନ ହୋଇପାରିଲେ ଲୋକମାନେ ଅଧିକ ଆଶ୍ୱସ୍ତ ଅନୁଭବ କରନ୍ତି। ତହସିଲଠାରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ ରାଜସ୍ୱ ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଧ୍ୟାନ ଦେବି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଆଣିବା ଉପରେ ଅଧିକ ଦୃଷ୍ଟି ଦେବି।

**-କଟକରେ ନିଜ କର୍ମକ୍ଷେତ୍ରକୁ କିଭଳି ଦୃଷ୍ଟିରେ ଦେଖୁଛନ୍ତି?**

କଟକର ସ୍କୁଲ ଓ କଲେଜରେ ମୁଁ ପାଠ ପଢିଛି। ପୁଣି ଏହି ସହରରେ ଚାକିରି କରିବାର ଅନୁଭବ ନିଆରା ଓ କାମ କରିବାର ଆନନ୍ଦ ରହିବ। ଏଠି ବହୁ ବୁଦ୍ଧିଜୀବୀ ଅଛନ୍ତି। ପୂର୍ବରୁ ଅନେକ କାର୍ଯ୍ୟକ୍ରମରେ ଯୋଗଦେଇଛି। ଏଠାକାର ବୁଦ୍ଧିଜୀବୀ ଓ ବହୁ ଅନୁଷ୍ଠାନ ସହ ମୋର ସମ୍ପର୍କ ରହିଛି।

**-ସାଧାରଣ ଲୋକଙ୍କ ସମସ୍ୟା ଓ ବୁଦ୍ଧିଜୀବୀଙ୍କୁ ନେଇ ଆପଣଙ୍କ ମତ?**

ବୁଦ୍ଧିଜୀବୀମାନେ ଆମର ସମ୍ପତ୍ତି। ସେମାନଙ୍କ ବୁଦ୍ଧି ସାଧାରଣ ଲୋକଙ୍କ ହିତ ପାଇଁ ବିନିଯୋଗ ହେବା ଦରକାର। ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବାକୁ ପଡ଼ିବ।

# ହାଇକୋର୍ଟରେ ଆବେଦନକାରୀଙ୍କ ସତ୍ୟପାଠ ଦାଖଲ

### ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ମାମଲା

କଟକ,୨୯।୧ (କାର୍ତ୍ତିକ ସାହୁ)

ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଆଗତ ଜନସ୍ୱାର୍ଥ ମାମଲାରେ ଆବେଦନାରୀଙ୍କ ପକ୍ଷରୁ ହାଇକୋର୍ଟରେ ସୋମବାର ସତ୍ୟପାଠ ଦାଖଲ କରାଯାଇଛି। ରାଜ୍ୟ ସରକାର ହାଇକୋର୍ଟଙ୍କ ନିକଟରେ ଜବାବ ଦାଖଲ ନ କରି ବିଭିନ୍ନ ଆଳ ଦେଖାଇ ପ୍ରସଙ୍ଗକୁ ଏଡ଼ାଇ ଚାଲିଥିବା ଆବେଦନକାରୀ ସତ୍ୟପାଠରେ ଦର୍ଶାଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ସାମାଜିକ କର୍ମୀ ଚିତ୍ତରଞ୍ଜନ ମହାନ୍ତି ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ରିପୋର୍ଟ ତଲବ କରିଥିଲେ। ହେଲେ ସରକାର ଜବାବ ଦାଖଲ କରୁ ନ ଥିବା ନେଇ ଆବେଦନକାରୀ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ରାଜ୍ୟର ସମସ୍ତ ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ କିମ୍ବା ବିଭିନ୍ନ ଭିତ୍ତିଭୂମିର ବିକାଶ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ ହୋଇପାରିନାହିଁ। ଦଲାଲଙ୍କୁ ହଟାଇବା ଲାଗି ଆଇନରେ କରାଯାଇଥିବା ବ୍ୟବସ୍ଥା ସଂକ୍ରାନ୍ତରେ ମଧ୍ୟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇ ନାହିଁ ବୋଲି ସତ୍ୟପାଠରେ ଦର୍ଶାଯାଇଛି।

# ୩ରେ ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ୍ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ସମ୍ବଲପୁର,୨୯।୧ (ଭବାନୀ ଶଙ୍କର ଭୋଇ)

ଆସନ୍ତା ଫେବୃଆରୀ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବଲପୁର ଗସ୍ତରେ ଆସି ଆଇଆଇଏମ୍ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ୍ ଲୋକାର୍ପଣ କରିବେ। ଏହାସହ ରେମେଡଠାରେ ୫ ଲୋକ ସଭା କ୍ଷେତ୍ରକୁ ନେଇ ଆୟୋଜିତ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ଯୋଗଦେବେ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ସୂଚନା ଦିଆଯାଇଛି।

ସଭାରେ ସମ୍ବଲପୁର ସମେତ ସୁନ୍ଦରଗଡ, ବରଗଡ, ବଲାଙ୍ଗୀର ଓ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ନେତୃବର୍ଗଙ୍କ ସମେତ ରାଜ୍ୟ ନେତୃବର୍ଗ ସାମିଲ ରହିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମ୍ବଲପୁର ଜିଲାର ୧୦ରୁ ଅଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ସହ ଅନେକ ବିକାଶମୂଳକ ପ୍ରକଳ୍ପ ଘୋଷଣା କରିବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ଆଇଆଇଏମ୍ ପରିସରରେ ତିନୋଟି ହେଲିପ୍ୟାଡ ସହ ରେମେଡସ୍ଥିତ ସଭାସ୍ଥଳରେ ଅନୁରୂପ ହେଲିପ୍ୟାଡର ବ୍ୟବସ୍ଥା କରାଯାଇଛି। ପ୍ରଧାନମନ୍ତ୍ରୀ ପ୍ରଥମେ ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ପଦ୍ମଶ୍ରୀ ପାଇଥିବା ବ୍ୟକ୍ତିତ୍ୱମାନଙ୍କ ସହ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ସମ୍ବର୍ଦ୍ଧିତ କରିବା କାର୍ଯ୍ୟକ୍ରମ ରହିଛି।

# ଜିତୁନ୍‌ଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

ଜଗତ୍‌ସିଂହପୁର, ୨୯।୧
(ପ୍ରମୋଦ କୁମାର ନାୟକ)

### ୨୦୧୯ରେ ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୯ରେ ଅପହରଣ କରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା (ନଂ.୧୩୮/୧୯) ରୁଜୁ ହୋଇଥିଲା। ସୋମବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟଟ୍ରାକ୍ କୋର୍ଟ (ପୋକ୍ସୋ) ବିଚାରପତି ଅଜୟ କୁମାର ମହାନ୍ତି ଏହାର ବିଚାର କରି ଏହି ଥାନା ଅନ୍ତର୍ଗତ ଗୋଡ଼ା ଗ୍ରାମର ଜିତେନ୍ କୁମାର କାଣ୍ଡି ଓରଫ ଜିତୁନ୍‌ଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ସହାୟତା ରାଶି ଯୋଗାଇଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୦।୯।୧୯ରେ ଏହି ଅଭାବନୀୟ ଘଟଣା ଘଟିଥିଲା। ୧୫ବର୍ଷୀୟା ନାବାଳିକା ଖୁଦୁରୁକୁଣୀ ମେଢ ଭସାଣି ଦେଖିବାକୁ ଯାଇଥିବା ବେଳେ ଜିତୁନ୍ ତାଙ୍କୁ ଅପହରଣ କରି ବେଙ୍ଗାଲୁରୁ ନେଇଯାଇଥିଲେ। ସେଠାରେ ୧୫ଦିନ ରଖି ବଳାତ୍କାର କରିଥିଲେ। ଏ ସମ୍ପର୍କରେ ୧୧।୯।୧୯ରେ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ଖୋଳତାଡ଼ କରି ଉଭୟ ନାବାଳିକା ଓ ଜିତୁନ୍‌ଙ୍କୁ କଟକ ରେଳଷ୍ଟେଶନରୁ ଧରିଥିଲା। ଏହି ମାମଲାରେ ୧୮ଜଣ ସାକ୍ଷୀଙ୍କ ବୟାନକୁ ବିଚାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୨୯।୧(ରାକେଶ କୁମାର ରାଉତ)

### ଗଣବଳାତ୍କାର ମାମଲା

କନ୍ଧମାଳ ଜିଲା ଫୁଲବାଣୀ ଜିଲା ଦୌରାଜଜ୍ ସତ୍ୟପୀର ମିଶ୍ର ସୋମବାର ଏକ ଗଣବଳାତ୍କାର ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୫୦ ହଜାର ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଉଭୟଙ୍କୁ ଅଧିକ ଦୁଇ ବର୍ଷ ଲେଖାଏ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଦ୍ୱୟ ହେଲେ ଫୁଲବାଣୀ ହାଟପଦା କାଚରା ସାହିର ଜନ୍ମେଜୟ ପୋଢ(ମଣ୍ଟୁ) ଓ ଶଗଡିଆ ସାହିର ତ୍ରିଲୋଚନ ନାୟକ (ଟିକୁନ)।

୨୦୨୧ରେ ଜନ୍ମେଜୟ ଓ ତ୍ରିଲୋଚନ ପିଇବା ପାଣି ଜାର ନେଇ ବିଭିନ୍ନ ଗ୍ରାମରେ ବିକ୍ରି କରୁଥିଲେ। ଘଟଣା ଦିନ ସେମାନେ ପୀଡିତାଙ୍କ ଗ୍ରାମକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ସମ୍ପୃକ୍ତା ଭିନ୍ନକ୍ଷମ ଯୁବତୀଙ୍କୁ ପାଣି ପିଇବାକୁ ମାଗିଥିଲେ। ଏହାପରେ ଘର ଭିତରକୁ ଯାଇ ତାଙ୍କୁ ବଳାତ୍କାର କରିଥିଲେ। ଯୁବତୀଙ୍କ ମା' ଘରକୁ ଫେରିବା ପରେ ସେ ତାଙ୍କୁ ସବୁକଥା କହିଥିଲେ। ପରିବାର ପକ୍ଷରୁ ଖଜୁରିପଡ଼ା ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ନଂ.୪୨/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୌମେନ୍ଦ୍ର ସାହୁ ମାମଲା ପରିଚାଳନା କରୁଥିଲେ।

# ମହାନଦୀ ଆଳତି ଆକର୍ଷଣର କେନ୍ଦ୍ରବିନ୍ଦୁ



ରଙ୍ଗିନ ଆଲୋକମାଳାରେ ଝଲସୁଛି ମା’ ସମଲେଶ୍ୱରୀ ମନ୍ଦିର।



ପଣ୍ଡିତଙ୍କ ଦ୍ୱାରା ମହାନଦୀ ଆଳତି କରାଯାଉଛି।

## ଉଜ୍ଜ୍ୱଳ ଆଲୋକମାଳାରେ ଝଲସୁଛି ମା’ ସମଲେଇଙ୍କ ପୀଠ

ସମ୍ବଲପୁର,୨୯।୧(ପ୍ରମୋଦ ବହିଦାର)

ସମ୍ବଲପୁରର ଆରାଧ୍ୟା ଦେବୀ ମା’ ସମଲେଶ୍ୱରୀଙ୍କ ରୂପାନ୍ତରିତ ପ୍ରକଳ୍ପ ଲୋକାର୍ପଣ ହେବା ପରଠାରୁ ମନ୍ଦିର ପରିସରରେ ଭକ୍ତଙ୍କ ସମାଗମ ଲାଗିରହିଛି। ସୋମବାର ରଙ୍ଗିନ ଓ ଉଜ୍ଜ୍ୱଳ ଆଲୋକମାଳାରେ ମା’ଙ୍କ ମନ୍ଦିର ଝଲସୁଥିବା ଦେଖାଯାଇଥିଲା। ସନ୍ଧ୍ୟାରେ ପାରମ୍ପରିକ ପଞ୍ଚ ଲୋକବାଦ୍ୟ ମଧ୍ୟରେ ମହାନଦୀ ଆଳତି ଭକ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବଲାଙ୍ଗୀରରୁ ଆସିଥିବା ଜଣେ ଦିବ୍ୟାଙ୍ଗ ଭକ୍ତ ସୋମବାର ମା’ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ସେ ମା’ଙ୍କ ପୀଠର ରୂପାନ୍ତରିତ ରୂପକୁ ଦେଖି ଭାବବିହ୍ୱଳ ହେବା ସହ ଶୃଙ୍ଖଳିତ ଭାବେ ମା’ଙ୍କୁ ଦର୍ଶନ କରିଥିବାରୁ ସରକାର ତଥା ମନ୍ଦିର ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ।

ସନ୍ଧ୍ୟା ନଇଁବା ସହିତ ଭକ୍ତଙ୍କ ସମାଗମ ବୃଦ୍ଧି ପାଇବାରେ ଲାଗିଥିଲା। ପୂର୍ବାହ୍ନରେ ମା’ଙ୍କ ପୀଠରେ ପ୍ରତିଦିନ ଭଳି ଘଣ୍ଟ, ଶଙ୍ଖ, ହରିବୋଲ ମଧ୍ୟରେ ପଣ୍ଡିତମାନଙ୍କ ଦ୍ୱାରା ହୋମ ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ଏହାପରେ ସମସ୍ତ ସାଧୁ ପଣ୍ଡିତ ଯଜ୍ଞକୁଣ୍ଡରେ ଆହୁତି ପ୍ରଦାନ କରିଥିଲେ। ଏହା ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜାରି ରହିଥିଲା। ମହାନଦୀ କୂଳରେ ନିର୍ମିତ ସ୍ୱତନ୍ତ୍ର ମଞ୍ଚରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବକୁ ଅଧିକ ଭବ୍ୟ କରିଥିଲା। ସନ୍ଧ୍ୟାରେ ମହାନଦୀ ଘାଟରେ ଧନୁପାଲି ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୁରୁ ମହେଶ ପଟେଲଙ୍କ ନେତୃତ୍ୱରେ ଏକ ୧୫ ଜଣିଆ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପାରମ୍ପରିକ ଡାଲଖାଇ ନୃତ୍ୟ ପରିବେଷଣରୁ ଶୁଭାରମ୍ଭ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଡାଲଖାଇ ଓ ରସରକେଲି ଆଦି ଦୁଇଟି ଶୈଳୀରେ ପରିବେଷଣ କରାଯାଇଥିଲା। ଏହି ସମୟରେ ସମ୍ବଲପୁରୀ ନୃତ୍ୟର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ। ପରେ ଭୁବନେଶ୍ୱରର ରୁଦ୍ରାକ୍ଷ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାସହ କଳାକାରଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟା ସମୟରେ ଅନୁଷ୍ଠିତ ହୋଇଥିଲା ମହାନଦୀ ଆଳତି। ଏକ ୭ ଜଣିଆ ପଣ୍ଡିତ ଦଳ ମହାନଦୀ ଆଳତି ସମ୍ପାଦନ କରିଥିବା ବେଳେ ସହସ୍ରାଧିକ ଭକ୍ତ ଦୀପ ଧରି ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଢୋଲ, ନିଶାନ, ତାସା, ଝାଞ୍ଜ, ମହୁରି, ମାଦଳ, ମୃଦଙ୍ଗ ଆଦି ପଶ୍ଚିମ ଓଡ଼ିଶାର ବାଦ୍ୟଯନ୍ତ୍ର ସାଙ୍ଗକୁ ଶଙ୍ଖ, ଘଣ୍ଟ ଓ ହୁଳହୁଳି ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଭକ୍ତଙ୍କୁ ବାନ୍ଧି ରଖିଥିଲା।

# ‘ଲକ୍ଷ୍ୟ ହାସଲ ପାଇଁ କଠିନ ପରିଶ୍ରମ କର’

## ୫-ଟି ଅଧ୍ୟକ୍ଷଙ୍କ ସୁନ୍ଦରଗଡ଼ ଜିଲା ଗସ୍ତ

### ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସମୀକ୍ଷା କଲେ ପାଣ୍ଡିଆନ

ଭୁବନେଶ୍ୱର/ସୁନ୍ଦରଗଡ଼,୨୯।୧
(ଅନିଲ ଦାସ/ଜୟ ନାରାୟଣ ମେଣ୍ଟୁଲି)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୋମବାର ସୁନ୍ଦରଗଡ଼ ଜିଲା ଗସ୍ତ କରି ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାର ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିଛନ୍ତି। ଭବାନୀପୁରଠାରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ ସୁନ୍ଦରଗଡ଼ ଜିଲାର ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ନିଜ ଉପରେ ବିଶ୍ୱାସ ରଖି କଠିନ ପରିଶ୍ରମ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଆସନ୍ତା ଫେବୃଆରୀ ସୁଦ୍ଧା ଜିଲାର ସମସ୍ତ କଲେଜ ରୂପାନ୍ତରୀକରଣ କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି। ଜିଲାର ପ୍ରତିଷ୍ଠିତ ବ୍ୟକ୍ତି ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ, ଆଇଏଏସ୍ ଅଫିସର ଶିଶିର ନାୟକ, ମେଜର ଜେନେରାଲ ରମେଶ ଚନ୍ଦ୍ର ପାଢ଼ୀ, ଜାତୀୟ ମହିଳା ହକି ଦଳର ପୂର୍ବତନ କ୍ୟାପ୍‌ଟେନ ସୁଭଦ୍ରା ପ୍ରଧାନଙ୍କ ଉଦାହରଣ ଦେଇ ପାଣ୍ଡିଆନ ପିଲାମାନଙ୍କୁ ନିଜର ଉଚ୍ଚଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ମନ୍ତ୍ର ଦେଇଛନ୍ତି। ଏହା ପରେ ପାଣ୍ଡିଆନ ଭସ୍ମାଠାରେ ଇବ୍ ନଦୀ ଉପରେ ନିର୍ମାଣ ହେଉଥିବା ୨୬୨.୫ କୋଟି ଏବଂ ସପେଇ ନଦୀର ଫୁଲବାରୀଠାରେ ୧୨୩.୭୫ ଟଙ୍କାର ଆନ୍ତଃନଦୀ ଜଳ ସଂରକ୍ଷଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏଥିସହିତ ସେ ୨୩୨ କୋଟି ଟଙ୍କାର ସେମିନା, ରିୟୁଘାଟ, ଖଇରିଡିହି ଏବଂ ସତରା ବୃହତ୍ ଉଠା ଜଳସେଚନ ପ୍ରକଳ୍ପ, ରାଉରକେଲାର ବେଦବ୍ୟାସ, ଘୋଘର ଶିବ ମନ୍ଦିର ଏବଂ ବେଲସରାର ଶିବମନ୍ଦିର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପାଣ୍ଡିଆନ ରାଜଗାଙ୍ଗପୁରଠାରେ ନିର୍ମାଣାଧୀନ ୪୮.୧୧ କୋଟି ଟଙ୍କାର ରେଳ ଓଭର ବ୍ରିଜ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ବ୍ରିଜ ୧୦ ବର୍ଷ ହେବ ଅଧାପନ୍ତରିଆ ହୋଇ ପଡ଼ିଥିଲା। ଗତବର୍ଷ ପାଣ୍ଡିଆନ ସୁନ୍ଦରଗଡ଼ ଗସ୍ତ ସମୟରେ ଉକ୍ତ ପୋଲ ନିର୍ମାଣ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଥିଲେ। ଏଥିସହିତ ସେ ମେଗା ପାନୀୟ ଜଳ ଯୋଗାଣ ଓ ଅନ୍ୟାନ୍ୟ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଛନ୍ତି।

ଶେଷରେ ଛାତ୍ରୀଛାତ୍ରଙ୍କ ସହ ପାଣ୍ଡିଆନ ସେଲ୍‌ଫି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଇ. ପ୍ରୀତି ରଞ୍ଜନ ଘଡାଇ, ସୁନ୍ଦରଗଡ ଜିଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ, ଜିଲାପାଳ ଡା.ପରାଗ ହର୍ଷଦ ଗାଭାଲଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଛାତ୍ରୀଙ୍କୁ ଅଟୋଗ୍ରାଫ୍ ଦେଉଛନ୍ତି।

# ଟ୍ରକ୍ ଧକ୍କାରେ ବାପ ମୃତ, ପୁଅ ଗୁରୁତର

ତାଳଚେର,୨୯।୧(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଥାନା ବାଙ୍କଧରା ଛକ ନିକଟରେ ସୋମବାର ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ତାଳଚେର ସମଲ ଅଞ୍ଚଳର ହେମନ୍ତ ଅମାନ୍ତ (୬୨)। ସୂଚନା ଅନୁଯାୟୀ ହେମନ୍ତ ଜଣେ ପାନ ବ୍ୟବସାୟୀ। ସେ ଥର୍ମାଲ ହାଟରୁ ପୁଅ ସୁଶାନ୍ତ(୩୮)ଙ୍କ ସହ ବାଇକ୍‌ରେ ସମଲ ବିକିସରସ୍ଥିତ ଗାଁକୁ ଫେରୁଥିବା ବେଳେ ବାଙ୍କଧରା ଛକ ଠାରେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହେମନ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ପୁଅ ସୁଶାନ୍ତ ଗୁରୁତର ହୋଇଥିବାରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଳଚେର ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

# ଗୋଲ୍ଡ ଲୋନ ନାଁରେ ଠକେଇ, ବନ୍ଧକ ଗହଣା ଲୁଟ

ବ୍ରହ୍ମପୁର,୨୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଠିକାଦାର ଗୋଲ୍ଡ ଲୋନ ନେବାକୁ କହି ମଣପୁରମ୍ ଗୋଲ୍ଡ ଫାଇନାନ୍ସ ସଂସ୍ଥାର ମ୍ୟାନେଜରଙ୍କୁ ଧୋକା ଦେଇଛନ୍ତି। ଠିକାଦାରଙ୍କ କହିବା ପ୍ରକାରେ ମ୍ୟାନେଜରଙ୍କ ପକ୍ଷରୁ ସୋରଡ଼ାସ୍ଥିତ ଆକ୍ସିସ୍ ବ୍ୟାଙ୍କରେ ସୋମବାର ତାଙ୍କର ଋଣ ଟଙ୍କା ଶୁଝି ବନ୍ଧକ ସୁନା ଅଣାଯାଇଥିବା ବେଳେ ସେ ତାହାକୁ ଧରି ଚମ୍ପଟ ମାରିଛନ୍ତି। ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ମଣପୁରମ ଗୋଲ୍ଡ ଫାଇନାନ୍ସ ସଂସ୍ଥା ଶାଖା କାର୍ଯ୍ୟାଳୟର ମ୍ୟାନେଜର ସୋନାଲି ପାତ୍ର ଏ ନେଇ ସମ୍ପୃକ୍ତ ଠିକାଦାର ତଥା ସୋରଡାର ଜିତେନ୍ଦ୍ର ପଣ୍ଡାଙ୍କ ବିରୋଧରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।




## ସଂକ୍ଷେପରେ

### ଗଣ୍ଡଗୋଳ, ୪ ଗିରଫ

ଚୌଦ୍ୱାର,୨୯।୧ (ଆଶୁତୋଷ ଦାସ)

ଚୌଦ୍ୱାର ଅଞ୍ଚଳର ୨ଟି ସ୍ଥାନରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗରାଜପୁର ପଞ୍ଚାୟତ ଅଧୀନ ଡମଣୀ ଜଙ୍ଗଲରେ ରବିବାର ଆଗ୍ରାହାଟ ଅଞ୍ଚଳର ୨ ଗୋଷ୍ଠୀ ଭୋଜି କରୁଥିଲେ। ସେଠାରେ ଗୋଟିଏ ଗୋଷ୍ଠୀର ଯୁବକମାନେ ଅନ୍ୟ ଗୋଷ୍ଠୀର ମହିଳାଙ୍କୁ କମେଣ୍ଟ ମାରିଥିଲେ। ଏହାକୁ ନେଇ ଗଣ୍ଡଗୋଳ ଘଟିଥିଲା। ଗୋଟିଏ ଗୋଷ୍ଠୀର ବୋତଲ ମାଡ଼ରେ ଆଗ୍ରାହାଟର ହୃଷୀକେଶ ରାଉତ ଗୁରୁତର ହୋଇଥିଲେ। ଏନେଇ ମଧୁସ୍ମିତା ବେହେରା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୪୭/୨୪) ରୁଜୁ କରିଥିଲା। ଏଥିରେ ସମ୍ପୃକ୍ତ କପାଳେଶ୍ୱର ନୂଆସାହିର ଅଜିତ୍ କୁମାର ବେହେରା, ଗଉଡ଼ସାହିର ଦୀପକ କୁମାର ସାହୁ ଓ ଗୁଣ୍ଡିଚା ବିହାରର ସୁଦୀପ୍ତ ମଣ୍ଡଳଙ୍କୁ ଗିରଫ କରିଥିଲା। ସେହିପରି ଓଟିଏମ୍ ବଜାରରେ ରହୁଥିବା ପଶ୍ଚିମବଙ୍ଗ ମେଦିନିପୁର ଅଞ୍ଚଳର ଦୁଇ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଜଣେ ଯୁବକ ଉତ୍‌କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ସେକ୍ ଜୟଦୁରଙ୍କ କାନ କାଟି ଦେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୧/୨୪) ରୁଜୁ କରିବା ସହ ଅଭିଯୁକ୍ତ ପଶ୍ଚିମ ମେଦିନିପୁର ଅଞ୍ଚଳର ସେକ୍ ଦୁଲ୍ଲାଙ୍କୁ ଗିରଫ କରିଛି।

### ବାଦାମବାଡ଼ି ସମ୍ବାଦପତ୍ର ବିକ୍ରେତା ସଂଘର ଭ୍ରମଣ

କଟକ,୨୯।୧ (କାର୍ତ୍ତିକ ସାହୁ)

ବାଦାମବାଡ଼ି ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣ କରାଯାଇଛି। ସଂଘ ସମ୍ପାଦକ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ସପରିବାର କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ଫେରିଛନ୍ତି। ସେମାନେ ଗୁପ୍ତେଶ୍ୱର, ଉପର କୋଲାବ ଡ୍ୟାମ, ଶାବର ଶ୍ରୀକ୍ଷେତ୍ର, ଦାମନଯୋଡ଼ିର ହନୁମାନ ବାଟିକା, ସାଇମନ୍ଦିର, ମା' କଣ୍ଟା ବାଉଁଶୁଣି ମନ୍ଦିର, ଦେଓମାଳୀ, ରାଣୀ ଡୁଡୁମା, ବତ୍ରିଶ ସିଂହାସନ, ନୀଳମାଧବ, ଅତ୍ରି ଉଷ୍ଣ ପ୍ରସବଣ ପରିଦର୍ଶନ କରିଛନ୍ତି। ରଙ୍ଗାଧର ନାଥ, ଗଗନ ପରିଡ଼ା, ବିଜୟ ବେହେରା, ସନାତନ ବାରିକ, ମଧୁ ରାଏ, କାଜଲ ସାହୁ, ଦୟାନିଧି ନାଥ, ସୁରେନ୍ଦ୍ର ଜେନା, ଶିବ ମୁର୍ମୁ, ଗଣେଶ, ରମେଶ, ମହେଶ୍ୱର ଓ ଧୀରେନ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

### ବାଦାମବାଡ଼ି ଖବରକାଗଜ ବିତରକ ସଂଘର ବଣଭୋଜି

କଟକ,୨୯।୧ (କାର୍ତ୍ତିକ ସାହୁ)

ବାଦାମବାଡ଼ି ଖବରକାଗଜ ବିତରକ ସଂଘର ନୂତନ ବର୍ଷ ବନ୍ଧୁମିଳନ ଓ ବଣଭୋଜି କୋରାପୁଟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଦସ୍ୟମାନେ ପ୍ରଥମ ଦିନ ଗୁପ୍ତେଶ୍ୱର, ମାଛକୁଣ୍ଡ, ଦାମନଯୋଡ଼ିର ହନୁମାନ ବାଟିକା, ସାଇ ମନ୍ଦିର, କଣ୍ଟା ବାଉଁଶୁଣି ମନ୍ଦିର ପରିଦର୍ଶନ କରିଥିଲେ। ସେହିପରି ଦ୍ୱିତୀୟ ଦିନରେ ଦେଓମାଳି ବୁଲି ରାଣୀଡୁଡୁମାରେ ବଣଭୋଜି କରିଥିଲେ। ଫେରିବା ବାଟରେ ବତ୍ରିଶ ସିଂହାସନ ଦର୍ଶନ କରି କଟକରେ ପହଞ୍ଚିଛନ୍ତି। ସଂଘର ସଦସ୍ୟମାନେ ନାଚଗୀତରେ ମସ୍‌ଗୁଲ ହୋଇ ଆନନ୍ଦିତ ହୋଇଛନ୍ତି। ସଂଘର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

ଚୌଦ୍ୱାର,୨୯।୧ (ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଶଙ୍କରପୁରସ୍ଥିତ ଗୋଖଲେ ଆଦର୍ଶ ମହାବିଦ୍ୟାଳୟରେ ନୂଆ-ଓ ଅନ୍ତର୍ଗତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଗୀତାଞ୍ଜଳି ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ସ୍ଥାନୀୟ ସରପଞ୍ଚ ପ୍ରମୋଦିନୀ ଖଟୁଆ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ବିକାଶ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଯୁବପୀଢ଼ି ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଉତ୍ତମ କୁମାର ଦାସ, ପ୍ରଶାନ୍ତ କୁମାର ରାଉତ, ହିମାଂଶୁ ଭୂଷଣ ସାହୁ, ଅଜୟ କୁମାର ପତି, ସାଧନା ନାୟକ, ଦିପ୍ତୀ ଚାନ୍ଦ, କୁନି ସେଠୀ, ସରୋଜିନୀ ମିଶ୍ରଙ୍କ ସମେତ କଲେଜର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁନୀଲ କୁମାର ବରାଳ ଧନ୍ୟବାଦ ଦେଇଥିଲେ।

# 'ବାକି କାର୍ଯ୍ୟ ତୁରନ୍ତ ଶେଷ କର'

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

କଟକ,୨୯।୧ (କାର୍ତ୍ତିକ ସାହୁ)



ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

କଟକ ଗୋରାକବରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମାଧିପୀଠରେ ସୋମବାର ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଅଚାନକ ପହଞ୍ଚି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେଠାରେ ସେ ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ବାକିଥିବା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଧୁବାବୁଙ୍କ ସମାଧିପୀଠର ପ୍ରାଚୀର ନିର୍ମାଣ, ଲ୍ୟାଣ୍ଡସ୍କେପିଂ, ପାନୀୟ ଜଳଯୋଗାଣ, ମୁଖ୍ୟ ପ୍ରବେଶ ଦ୍ୱାରର ଫାଟକ କାର୍ଯ୍ୟ ଶେଷ ହୋଇଛି। ବିଶେଷକରି ସୌନ୍ଦର୍ଯ୍ୟକରଣ, ୱାଟର୍ ଫାଉଣ୍ଟେନ୍, ଅତ୍ୟାଧୁନିକ ଆଲୋକୀକରଣ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ଚିତ୍ରକଳା, ମଧୁବାବୁଙ୍କ ପ୍ରତିମୂର୍ତ୍ତି, ଉଦ୍ୟାନ, ପେଭର ବ୍ଲକ୍ ଓ ଫୁଟ୍‌ପାଥ୍ ଆଦିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସମୀକ୍ଷାବେଳେ କଟକ ଜିଲାପାଳ ନରହରି ସେଠୀ, ସିଡ଼ିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଅତିରିକ୍ତ ଜିଲାପାଳ ଶିବ ଟପୋ, କଟକ ମହାନଗର ନିଗମର ଅତିରିକ୍ତ କମିଶନର ଅନାମ ପାତ୍ର ଓ ସୋନା ଗୁଡ୍ଡୁ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ନନ୍ଦ କିଶୋର ପାଲ, ଉପ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ପାତ୍ର, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରାଙ୍କ ସମେତ ସିଏମ୍‌ସି ଅଧିକାରୀ ଓ କର୍ମଚାରୀ, ମଧୁସ୍ମୃତି କମିଟି ସଦସ୍ୟ ଏବଂ ଠିକାସଂସ୍ଥାର ମୁଖ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କଟକ ସହରର ରୂପାନ୍ତରଣ ଓ ଉନ୍ନତୀକରଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଚାଲିଛି। ଗତ ଫେବୃଆରୀ ୪ରେ ମଧୁବାବୁଙ୍କ ସମାଧିପୀଠର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ଏହି କାର୍ଯ୍ୟ ପାଇଁ ମୋଟ ୭୫ ଲକ୍ଷ ୨୯ ହଜାର ୭୯୩ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଜଣାପଡ଼ିଛି।





କଟକ ଶ୍ରୀରାମଚନ୍ଦ୍ର ଭବନରେ ପ୍ରଫେସର ସୁଦର୍ଶନ ପଟ୍ଟନାୟକଙ୍କ ରଚିତ ପୁସ୍ତକ 'ସମର୍ପିତା, ସଞ୍ଜ ନଇଁଲା ପରେ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ୭୨ ଅଭିଯୋଗର ଶୁଣାଣି କଲେ ଜିଲାପାଳ

କଣ୍ଟାପଡା, ୨୯।୧ (ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ରାଜୀବ ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୪୯ ଅଭିଯୋଗ ହୋଇଥିଲା। ଜିଲାପାଳ ନରହରି ସେଠୀ ଯୋଗଦେଇ ୭୨ ଅଭିଯୋଗର ଶୁଣାଣି କରିଥିଲେ। ସେହିପରି ୨ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। ଅନ୍ୟ ଅଭିଯୋଗର ସମାଧାନ ପାଇଁ ସେଠି ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ କହିଥିଲେ। ଏହି ଶିବିରରେ କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, କଣ୍ଟାପଡ଼ା ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜିନା ଭୋଇ, ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

# ୨ରେ ନୱାବୀ ଲକ୍ଷ୍ନୌ ଫୁଡ୍ ଫେଷ୍ଟିଭାଲ

କଟକ, ୨୯।୧ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ପାଲାମଣ୍ଡପସ୍ଥିତ ହୋଟେଲ ଗ୍ରାଣ୍ଡ ରେସିଡେନ୍ସିରେ ପ୍ରଥମଥର ପାଇଁ ଆସନ୍ତା ଫେବୃଆରୀ ୨ ତାରିଖରୁ ୩ଦିନ ଧରି ନୱାବୀ ଲକ୍ଷ୍ନୌ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଲକ୍ଷ୍ନୌର ୨ ଜଣ ବରିଷ୍ଠ ସେଫ୍ ରେହମାନ ଓ ଫୟାଜ ଆସନ୍ତା ୩୧ରେ ହୋଟେଲରେ ପହଞ୍ଚିବେ। ଏଥିପାଇଁ ହୋଟେଲ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ହୋଟେଲକୁ ସଜାଯିବା ସହ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏଥିସହ ହୋଟେଲରେ ବିଭିନ୍ନ ପ୍ରକାରର ସୁସ୍ୱାଦ ଖାଦ୍ୟ ପ୍ରସ୍ତୁତ କରାଯିବ। ସେଥିମଧ୍ୟରେ ଗଲୋଟି କବାବ ସହିତ ପରଠା, କାକୋରୀ କବାବ୍, ଲକ୍ଷ୍ନୌ ଭାଟି ମୁର୍ଗ, ଲକ୍ଷ୍ନୌ ବାଦାମୀ ଚିକେନ୍ ସିକ୍ କବାବ୍, ଲକ୍ଷ୍ନୌ ଲାଜୱାବ ନୱାବି ଚିକେନ ବିରିୟାନୀ, ଲକ୍ଷ୍ନୌ ମଟନ ଡମ୍‌କୁଟ୍ ମଟନ ବିରିୟାନୀ, ରାଜ୍‌ମା ଗଲୋଟି କବାବ, ପନିର ଗଲୋଟି କବାବ ଆଦି ରହିଛି। ଏଭଳି ଖାଦ୍ୟ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ଏ ନେଇ ହୋଟେଲ ମ୍ୟାନେଜର ରିତେଶ ନାୟକ କହିଛନ୍ତି, କଟକରେ ପ୍ରଥମଥର ପାଇଁ ଏଭଳି ଫୁଡ୍ ଫେଷ୍ଟିଭାଲ ଆୟୋଜନ ହେବାକୁ ଯାଉଛି। ସହରବାସୀ ଖାଦ୍ୟକୁ ପସନ୍ଦ କରିବା ସହ ଫୁଡ୍ ଫେଷ୍ଟିଭାଲର ଭରପୁର ମଜା ନେବେ ବୋଲି ଆଶା ରହିଥିବା ସେ କହିଛନ୍ତି।



କଟକ ସଂସ୍କୃତି ବିହାର ପକ୍ଷରୁ ସୋମବାର ଅନ୍ନପୂର୍ଣ୍ଣା ଥିଏଟରରେ ମଞ୍ଚସ୍ଥ ନାଟକ 'ଶ୍ରୀମତି ସମ୍ମାର୍ଜନୀ'ର ଏକ ଦୃଶ୍ୟ।

### ସାଧାରଣତନ୍ତ୍ର ଦିବସ ପାଳିତ

କଟକ,୨୯।୧ (କାର୍ତ୍ତିକ ସାହୁ)

ରାଜସ୍ୱ ପର୍ଷଦ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏଠାରେ ସ୍ୱତନ୍ତ୍ର ସଚିବ ବୀରେନ୍ଦ୍ର କର୍କରା ଜାତୀୟ ପତାକା ଉତ୍ତୋଳନ କରି କରିଥିଲେ। ସେ ଦେଶର ମହାନ୍ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଭାରତବର୍ଷ ଅହିଂସା, ଶାନ୍ତି ଓ ଭ୍ରାତୃତ୍ୱର ଅନନ୍ୟ ଉଦାହରଣ ଭାବେ ଦଣ୍ଡାୟମାନ ବୋଲି କହିଥିଲେ। ଅତିରିକ୍ତ ଷ୍ଟାଣ୍ଡିଂ କାଉନ୍‌ସେଲ ସିଦ୍ଧାର୍ଥ ଶଙ୍କର ଦାସ, ପ୍ରତିଷ୍ଠାନ ଅଧିକାରୀ ଭାଗ୍ୟଧର ସାହୁ, ସ୍ୱତନ୍ତ୍ର ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ, ଜଗଦୀଶ ପଟ୍ଟନାୟକ, ବସନ୍ତ କୁମାର ହାତୀ, ଗଗନ ବିହାରୀ ପଟ୍ଟନାୟକ, ତୁଷାର କୁମାର ପ୍ରଧାନ, ଗୋପାଳକୃଷ୍ଣ ଦାସ, ସେକ୍ ପାଳିତ, ସରୋଜ ବେହେରା, ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଖୁଣ୍ଟୁଣୀ ବଜାରରେ ଗଳାପୋଲ ନିର୍ମାଣ କରାଯାଉ

ଖୁଣ୍ଟୁଣୀ, ୨୯।୧ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବଜାରରେ ଏକ ଗଳା ପୋଲ ନିର୍ମାଣ ପାଇଁ ଦାବି ଜୋର୍ ଧରିଛି। ଏଥିପାଇଁ ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ କମିଟି ପକ୍ଷରୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀଙ୍କୁ ୨୦୨୨ ଡିସେମ୍ବର ୯ ତାରିଖରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ନକଲ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଦିଆଯାଇଥିଲା। ହେଲେ ରାଜପଥ ବିଭାଗ ମାସେ ହେବ କାମ ଆରମ୍ଭ କରିଥିଲେ ମଧ୍ୟ ଗଳାପୋଲ ନିର୍ମାଣ ପ୍ରସଙ୍ଗକୁ ଗୁରୁତ୍ୱ ଦେଉ ନ ଥିଲେ। ଫଳରେ ଶୁକ୍ରବାର ଗ୍ରାମ କମିଟିର ଜରୁରୀ ବୈଠକ ବସି ରାସ୍ତାରୋକ ପାଇଁ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ, ମନ୍ତ୍ରୀ, ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୋମବାର ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମନ୍ତ୍ରୀ ସ୍ୱାଇଁ ଖୁଣ୍ଟୁଣୀ ବଜାରକୁ ଡକାଇ ଗ୍ରାମ କମିଟି ସଦସ୍ୟଙ୍କ ଉପସ୍ଥିତିରେ ବଜାର ଓ ପାରିପାର୍ଶ୍ୱିକ ସ୍ଥିତି ଦେଖାଇବା ସହ ଗଳାପୋଲର ଆବଶ୍ୟକତା ଉପରେ ବୁଝାଇଥିଲେ। ସେମାନେ ଏହାକୁ ଗୁରୁତର ସହିତ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ରାସ୍ତାରୋକ ସ୍ଥଗିତ ରଖାଯାଇଥିବା ଗ୍ରାମ କମିଟି ସମ୍ପାଦକ ଦିଲ୍ଲୀପ ଶେଠ, ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା, ବିପିନି ବିହାରୀ ପ୍ରଧାନ, ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ସମିତିସଭ୍ୟ ଗଗନ ବିହାରୀ ପରିଡା, ଦୀପକ ସାହାଣୀ, ସୁଶାନ୍ତ ସାହୁ, ସୁବାସ ଦାଶ ପ୍ରମୁଖ ଜଣାଇଛନ୍ତି।

### ଇମାରତ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

କଟକ,୨୯।୧ (ଶିଳ୍ପା ପ୍ରିୟଦର୍ଶିନୀ)

ବକ୍ସିବଜାର ପେନ୍‌ସନ୍ ଲେନ୍‌ସ୍ଥିତ ଇମାରତ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ସୋମବାର କଳାବିକାଶ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷା ନିଲୋଫର ଖାନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅମିର ଏ ସରୀୟାତର ସଭାପତି ମୌଲାନା ମହମ୍ମଦ ସାମସାଦ ରହମାନୀ, ସମ୍ମାନିତ ଅତିଥି ଭାବେ ମୌଲାନା ମହମ୍ମଦ ଶିବଲି କ୍ୱାସିମ, ମୌଲାନା ଏଜାଜ ସାହାବ, ଜଜବା ଟ୍ରଷ୍ଟର ଅଧ୍ୟକ୍ଷ ଶଫଦାର ହାସୀମ, ମହମ୍ମଦ ଇକ୍‌ବାଲ, ଅବ୍‌ଦୁଲ ୱାହିଦ, ୟୁସୁଫ ଇକ୍‌ବାଲ, ସୟଦ ମୁସାରଫ ଅଲ୍ଲି, ସୟଦ ଫାଜ୍ଲୁର ରେହେମାନ, ପୂର୍ବତନ କର୍ପୋରେଟର ସୁଲେମାନ ବକ୍ସ ଯୋଗଦେଇଥିଲେ। ମୁଫତି ଶିବଗାତୁଲାହା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଯୁବପିଢ଼ି ମାତୃଭାଷାକୁ ଭଲ ପାଆନ୍ତୁ





ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ସଦର, ୨୯।୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା ସ୍ତମ୍ଭକାର ଡ. ବୈଷ୍ଣବ ଚରଣ ସାମଲ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଭୟ ବାରିକ ଯୋଗଦେଇ ଯୁବପିଢ଼ି ନିଜ ମାତୃଭାଷାକୁ ଭଲ ପାଆନ୍ତୁ ବୋଲି କହିଥିଲେ। ଏଥିରେ ଅଧ୍ୟକ୍ଷା ପ୍ରଣତୀ ପଟ୍ଟନାୟକ, ପ୍ରାଧ୍ୟାପକ ଡ. ଅଲେଖ ଚନ୍ଦ୍ର ସାହୁ, ପ୍ରାଧ୍ୟାପିକା ବିଷ୍ଣୁପ୍ରିୟା ରାଉତରାୟ, ପ୍ରଶାସନିକ ଅଧିକାରୀ ଡ. ସ୍ମିତା ମହାନ୍ତି ଯୋଗଦେଇଥିଲେ। ଡ. ନମିତା ପଟ୍ଟନାୟକ ସ୍ୱାଗତ ଭାଷଣ, ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ, ନୋଡାଲ ଅଫିସର ବିଶ୍ୱକଲ୍ୟାଣୀ ବେହେରା ବିବରଣୀ ପାଠ ଓ ଅଧ୍ୟାପିକା ଶୁଭସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

# କ୍ରିଷ୍ଣମୂର୍ତ୍ତି ୱାର୍ଲଡ୍ ସ୍କୁଲର ବାର୍ଷିକ ଉତ୍ସବ



କଟକ, ୨୯।୧ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ପ୍ରତାପନଗରୀ ଜରିପଡ଼ାସ୍ଥିତ କ୍ରିଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସ୍କୁଲର ମହାନିର୍ଦ୍ଦେଶକ ଡ. ଜି. ଶ୍ରୀନିବାସ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସ୍କୁଲ ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି, ମୁଖ୍ୟବକ୍ତା ଭାବେ କଟକ ଜୋନ୍-୪ ଏସିପି ଚନ୍ଦନ ଘଡେଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ପ୍ରଶାସକ ଜି.ଏସ୍ ପଣ୍ଡା, ସିଇଓ ମୁକେଶ ସରାଫ, ସ୍କୁଲର କର୍ପୋରେଟ୍ ମୁଖ୍ୟ ସମ୍ୟକ ମହାନ୍ତି, ଟ୍ରଷ୍ଟି ସତ୍ୟମ୍ ସରାଫ, ସଙ୍ଗୀତ ନିର୍ଦ୍ଦେଶକ ଅରୁଣ ମନ୍ତ୍ରୀ, ପ୍ରଚ୍ଛଦପଟ ଗାୟିକା ଅନୁରାଧା ପାଣିଗ୍ରାହୀଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହିଅବସରରେ କୁନିପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ରେଭେନ୍‌ଶା ନ୍ୟୁ ହଷ୍ଟେଲ ପୁରାତନ ଅନ୍ତେବାସୀ ସଂଘର ନୂତନ କର୍ମକର୍ତ୍ତା ଚୟନ

କଟକ, ୨୯।୧ (ଶିଳ୍ପା ପ୍ରିୟଦର୍ଶିନୀ)

ରେଭେନ୍‌ଶା ନ୍ୟୁ ହଷ୍ଟେଲ ପୁରାତନ ଅନ୍ତେବାସୀ ସଂଘର ବାର୍ଷିକ ଉତ୍ସବ ରେଭେନ୍‌ଶା ବିଶ୍ୱବିଦ୍ୟାଳୟସ୍ଥିତ ଛାତ୍ରାବାସ ପରିସରରେ ସୋମବାର ପାଳିତ ହୋଇଯାଇଛି। ସଂଘ ଉପସଭାପତି ନିର୍ମଳ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ହଷ୍ଟେଲର ପୁରାତନ ଅନ୍ତେବାସୀ ଯୋଗଦେଇ ଅତୀତର ସ୍ମୃତିକୁ ମନେ ପକାଇଥିଲେ। ଅନୁଷ୍ଠାନର ତତ୍ତ୍ୱାବଧାରକ ଅଭିଷେକ ଶର୍ମା ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା ବିବରଣୀ ପାଠ କରିଥିଲେ।

ଏହି ଅବସରରେ ପୁରାତନ ଅନ୍ତେବାସୀ ସଂଘର ୨୦୨୪-୨୬ ଅବଧି ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରାଜୀବ ଶେଖର ସାହୁ, କାର୍ଯ୍ୟକାରୀ ସଭାପତି ନିର୍ମଳ କୁମାର ବେହେରା, ସାଧାରଣ ସମ୍ପାଦକ ଦୀପକ କୁମାର ମହାନ୍ତ, ଯୁଗ୍ମ ସମ୍ପାଦକ ଭାବେ ଅଭୟ ଚରଣ ରାଉତ, ସିଦ୍ଧାର୍ଥ ମହାପାତ୍ର, ଜ୍ଞାନରଞ୍ଜନ ପଣ୍ଡା, ଉପସଭାପତି କମଳଜିତ୍ ଦାଶଙ୍କୁ ମନୋନିତ କରାଯାଇଥିଲା। ସେହିପରି କୋଷାଧ୍ୟକ୍ଷ ଭାବେ ବିଭୂଦତ୍ତ ବେହେରା, ନିଗମାନନ୍ଦ ବଳ, ଡ. ସୌମ୍ୟପ୍ରକାଶ ଧଳ, ହିମାଂଶୁ ଶେଖର ଗିରି, ଯୁଗ୍ମ କୋଷାଧ୍ୟକ୍ଷ ଭାବେ ମନୋଜିତ୍ ମହାନ୍ତି, ସାହିତ୍ୟ ବିଭାଗ ମୁଖ୍ୟ ସମ୍ପାଦକ ଭାବେ ପ୍ରଫେସର ଶିବବ୍ରତ ଦାସ, ସମ୍ପାଦକ ଭାବେ ସମରେନ୍ଦ୍ର ଭୂତିଆ, ଅରବିନ୍ଦ ଦାସ ଓ ଦେବଦତ୍ତ ନାଥଙ୍କୁ ମନୋନିତ କରାଯାଇଛି। କୋଷାଧ୍ୟକ୍ଷ ନିଗମାନନ୍ଦ ବଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସଂଘର ସଦସ୍ୟ ଏବଂ ନ୍ୟୁ ହଷ୍ଟେଲର ଅନ୍ତେବାସୀମାନେ ରେଭେନ୍‌ଶା କ୍ୟାମ୍ପସ ପରିକ୍ରମା କରିଥିଲେ।

# 'ସମାଜସେବାକୁ ଅଗ୍ରାଧିକାର ଦେଉଥିଲେ ରାଜକିଶୋର'

କଟକ,୨୯।୧ (କାର୍ତ୍ତିକ ସାହୁ)



ସଂଗ୍ରାମୀ ରାଜକିଶୋର ନାୟକଙ୍କ ସ୍ମୃତି ଉତ୍ସବରେ ସାହିତ୍ୟିକ ପାବକ କାନୁନ୍‌ଗୋଙ୍କୁ ରାଜକିଶୋର ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

ସଂଗ୍ରାମୀ ରାଜକିଶୋର ନାୟକ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ଗାନ୍ଧୀବାଦୀ, ପୂର୍ବତନ ବିଧାୟକ ରାଜକିଶୋର ନାୟକଙ୍କ ସ୍ମୃତି ଉତ୍ସବ କଟକ ସାରଳା ଭବନରେ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ରାଜକିଶୋର ଜଣେ ଗାନ୍ଧୀବାଦୀ, ଆଦର୍ଶ ଶିକ୍ଷାବିତ୍ ଓ ତ୍ୟାଗୀ ମଣିଷ ଥିଲେ। ସମାଜସେବାକୁ ସେ ସର୍ବଦା ଅଗ୍ରାଧିକାର ଦେଉଥିଲେ। ତାଙ୍କର ତ୍ୟାଗପୂତ ସେବାମୟ ଜୀବନ ଆଗାମୀ ପିଢ଼ିର ଆଦର୍ଶ ହେବା ଉଚିତ୍। ବିଶିଷ୍ଟ ଅତିଥି ପ୍ରଫେସର ହରେକୃଷ୍ଣ ଶତପଥୀ କହିଛନ୍ତି, ରାଜକିଶୋର ଦେଶ ଓ ଜାତିର ଉନ୍ନତି ପାଇଁ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତି ଥିଲେ। ମୁଖ୍ୟବକ୍ତା ପ୍ରଫେସର ଡ. ସଂଘମିତ୍ରା ମିଶ୍ର ତାଙ୍କ ବକ୍ତବ୍ୟରେ ରାଜକିଶୋରଙ୍କୁ ଜଣେ ମହାନ ଦେଶସେବୀ, ଅସାଧାରଣ ମାନବବାଦୀ ଓ ସାମାଜିକ ବିପ୍ଳବୀ ଭାବେ ବର୍ଣ୍ଣନା କରିଥିଲେ। ସ୍ମୃତି ସଂସଦ ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଛନ୍ତି, ରାଜକିଶୋର ନାୟକ ସମାଜସେବା ସହିତ ଗୋ-ସେବାରେ ବ୍ରତୀ ଥିଲେ। କଟକ ଜିଲାର ଅସୁରେଶ୍ୱରଠାରେ ଗୋ ରକ୍ଷଣୀ କେନ୍ଦ୍ର ପ୍ରତିଷ୍ଠା ତାଙ୍କ ଗୋ-ସେବାର ଶ୍ରେଷ୍ଠ ନିଦର୍ଶନ। ଏହି ଅବସରରେ ସାହିତ୍ୟିକ ପ୍ରଫେସର ପାବକ କାନୁନ୍‌ଗୋଙ୍କୁ ସଂଗ୍ରାମୀ ରାଜକିଶୋର ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

ସ୍ମୃତି ସଂସଦ ଉପାଧ୍ୟକ୍ଷ ଡ. ଚୌଧୁରୀ ସତ୍ୟ ଦାସ ପ୍ରାରମ୍ଭିକ ସୂଚନା, ସମ୍ପାଦକ ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ, କାନ୍ତିବାଳା ନାୟକ ମାନପତ୍ର ପାଠ ଓ ଅଧ୍ୟାପକ ଗୋପୀନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ। ରାଜକିଶୋରଙ୍କ ପୁତ୍ର ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଡା, ପ୍ରଫେସର ସତ୍ୟନାରାୟଣ ପଣ୍ଡା, ପ୍ରଫେସର ଉମାଶଙ୍କର ମିଶ୍ର, କବି ପ୍ରସନ୍ନ ଜେନା, ଡ. ପ୍ରଭାତୀ ଦାଶ, ନିଳୟକାନ୍ତ ମହାପାତ୍ର, ପ୍ରହ୍ଲାଦ ସିଂହ, ଡ. ଭାଗବତ ଶୁକ୍ଳ, ଡ. ଶେଖ୍ କଲିମୁଲ୍ଲା ପ୍ରମୁଖ ଯୋଗଦେଇଥିଲେ। ବିଭୁ ପ୍ରସାଦ ପୃଷ୍ଟି, ବିଭୁ ପ୍ରସାଦ ରାଉତ, ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁଖଦ ଅନୁଭୂତି ନେଇ ଫେରିଲେ ଭକ୍ତ

**ପୁରୀ,୨୯।୧(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବା ପରେ ପୁରୀକୁ ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି। ଯେପରି ରାଜ୍ୟର ସମସ୍ତ ଜିଲାରୁ ଭକ୍ତମାନେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ବୁଲି ସୁଖଦ ଅନୁଭୂତି ନେଇ ଫେରିବେ ସେ ନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସୋମବାର ୫ଟି ଜିଲାରୁ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଦେଖିଛନ୍ତି।

ବାଲେଶ୍ୱରରୁ ଆସିଥିବା ବିଜୟଲକ୍ଷ୍ମୀ ଜେନା କହିଛନ୍ତି, ବହୁତ ଭଲ ବ୍ୟବସ୍ଥା ହୋଇଛି। ବସ୍‌ରେ ଆସି ସମଙ୍ଗ ପାର୍କିରେ ପହଞ୍ଚିବା ପରେ ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କଲୁ। ପରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କଲୁ। ସୁଖଦ ଅନୁଭୂତି ନେଇ ଫେରୁଛୁ। ଶ୍ରୀମନ୍ଦିର ଭିତରେ ଆଉ ଟିକେ ଭଲ ବ୍ୟବସ୍ଥା ହେବା ଦରକାର। ସେହିପରି ସଦର ବ୍ଲକ୍‌ରୁ ଆସିଥିବା ବନମାଳି ବାରିକ୍ କହିଛନ୍ତି, କୋଟି କୋଟି ଓଡ଼ିଆଙ୍କ ସ୍ୱପ୍ନ ପୂରଣ ହୋଇଛି। ଭକ୍ତଙ୍କ ପାଇଁ ରାଜ୍ୟ ସରକାର ବହୁତ କିଛି କରିଛନ୍ତି। ପୂର୍ବରୁ କୌଣସି ସରକାର ଏଭଳି ବ୍ୟବସ୍ଥା କରି ନ ଥିଲେ। ଆଗରୁ ଅନେକ ଥର ପୁରୀ ଆସିଛି, ମାତ୍ର ଚଳିତଥର ଅନୁଭୂତି ନିଆରା। ବହୁତ ଭଲ କାର୍ଯ୍ୟ କରାଯାଇଛି। ପରିକ୍ରମା ମାର୍ଗରେ ଯେତେ ଲୋକ ଆସିଲେ ମଧ ଗହଳି ଜଣାପଡୁନାହିଁ। ଭକ୍ତମାନେ ଭଲ ଭାବେ ଠାକୁର ଦର୍ଶନ କରିପାରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା ଅତି ଉଚ୍ଚକୋଟିର। ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟବସ୍ଥା ଯୋଗୁ ସୁବିଧାରେ ଆସି ମହାପ୍ରଭୁଙ୍କ ଦର୍ଶନ କରି ପୁଣି ଫେରିଯାଉଛୁ।

**ଜଗନ୍ନାଥ ଦର୍ଶନ, ପରିକ୍ରମା ମାର୍ଗ ପ୍ରଦକ୍ଷିଣ କାର୍ଯ୍ୟକ୍ରମ**

କଟକ ଜିଲା ବାଙ୍କି ବ୍ଲକ୍‌ରୁ ଆସିଥିବା ବିରଞ୍ଚି ନାରାୟଣ ସେଠୀ କହିଛନ୍ତି, ସରକାରଙ୍କ ପକ୍ଷରୁ କରାଯାଇଥିବା ପରିକ୍ରମା ପ୍ରକଳ୍ପ ଦେଖିବାକୁ ଇଚ୍ଛା ଥିଲା। ମହାପ୍ରଭୁଙ୍କ ଡୋରି ଲାଗିଲା। ଫଳରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଦେଖିଲି। ବହୁତ ଶାନ୍ତି ଅନୁଭବ ହେଲା। ପୂର୍ବ ଅପେକ୍ଷା ବର୍ତ୍ତମାନ ଅନେକ କିଛି ପରିବର୍ତ୍ତନ ଘଟିଛି। ଯାହା ବି ହୋଇଛି ଭଲ ହୋଇଛି। ସରକାରଙ୍କ ପକ୍ଷରୁ କରାଯାଇଥିବା ବସ୍ ଯୋଗେ ତାଙ୍କ ଅଞ୍ଚଳରୁ ପ୍ରାୟ ୪୦ ଜଣ ଲୋକ ସାଙ୍ଗରେ ଆସିଛନ୍ତି। ବାଙ୍କୀ ସଦର ବ୍ଲକ୍‌ର ଜୟନ୍ତୀ ସେଠୀ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଦେଖି ବହୁତ ଖୁସି ଲାଗିଲା। ଏହି ଅନୁଭୂତି କହିବା ପାଇଁ ତାଙ୍କ ନିକଟରେ ଭାଷା ନାହିଁ। ସରକାରଙ୍କ ପକ୍ଷରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ପରିକ୍ରମା ପ୍ରକଳ୍ପ ଦ୍ୱାରା ଭକ୍ତମାନେ ଅନେକ ସୁବିଧା ପାଇପାରୁଛନ୍ତି। ଦର୍ଶନରେ ସମସ୍ୟା ରହୁନାହିଁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ। ପୁରୀ ଆସିବାଠାରୁ ଫେରିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇଛି। ତେଣୁ ଖୁସି ଲାଗୁଛି।

## ସଂକ୍ଷେପରେ

### ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଟାଙ୍ଗୀ,୨୯।୧(ରଘୁନାଥ ସାହୁ)**

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ଓ ସରକାରୀ ରାମେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ୪ଟି ଗୋଷ୍ଠୀରେ ଯଥା ବଳରାମ ଦେବ ବିଦ୍ୟାପୀଠରେ ଦୁଇଟି ଗୋଷ୍ଠୀ ଓ ସରକାରୀ ରାମେଶ୍ୱର ଉଚ୍ଚ ବିଦ୍ୟାଳୟରେ ଦୁଇଟି ଗୋଷ୍ଠୀର ବ୍ଲକସ୍ତରୀୟ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିକ୍ଷା ନୀତି -୨୦୨୦ ରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ଚାରି ଭାଗରେ ମୌଳିକ, ପ୍ରସ୍ତୁତି, ମଧ୍ୟମ ଓ ମାଧ୍ୟମିକରେ ବିଭକ୍ତ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ସିଆରସିସି, ଜିଲା ସାଧନ ଗୋଷ୍ଠୀର ସଦସ୍ୟମାନେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମାନନିର୍ଦ୍ଧାରଣ ପାଇଁ ବିଭିନ୍ନ ସାଧନୀର ପ୍ରସ୍ତୁତି କରିବା ଓ ବ୍ୟବହାର କରିବାର କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଦୁଇଟି ସ୍ଥାନରେ ପ୍ରଶିକ୍ଷକଭାବେ ପର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରଶାନ୍ତ ମହାପାତ୍ର, ବିଜୟ ମାନସିଂହ, ନୀଳାଦ୍ରି ସିଂହ, ସୁଶାନ୍ତ ମଲ୍ଲିକ, ରାଜେନ୍ଦ୍ର ନାରାୟଣ ସିଂହ, କାହ୍ନୁ ବେହେରା, ଦୀନବନ୍ଧୁ ପୃଷ୍ଟି, ସୁଦର୍ଶନ ସାହୁ, ଦୁଃଶାସନ ପ୍ରଧାନ, ସପନ ସର୍ଦ୍ଦାର ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଟାଙ୍ଗୀରେ ପ୍ରସନ୍ନ କୁମାର ପାଇକରାୟ ଓ ରାମେଶ୍ୱରରେ ପଞ୍ଚାନନ ଭୁଜବଳ ଥିଲେ। ଉଭୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ ଉଦ୍‌ଘାଟନ ଓ ଉଦ୍‌ଯାପନ କରିଥିବା ବେଳେ ସହ ବ୍ଲକ ଶିକ୍ଷାଧିକାରୀ ସାବିତ୍ରୀ ସାହୁ ଓ ସୁଧାଂଶୁ ମଞ୍ଜରୀ ଦେବୀ ଉପସ୍ଥିତ ଥିଲେ।

### ବିଦ୍ୟାଳୟ ବାର୍ଷିକୋତ୍ସବ

**ଟାଙ୍ଗୀ,୨୯।୧(ରଘୁନାଥ ସାହୁ)**

ଚାନ୍ଦପୁର ମହର୍ଷି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ଘର ସଭାପତି ବିଜୟ କୁମାର ରାଉତଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ହାସ୍ୟ ଅଭିନେତା ଦେବୁ ବ୍ରହ୍ମା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଗଣଶିକ୍ଷା ବିଭାଗର ପ୍ରଶାସନିକ ଅଧିକାରୀ ଜୀବନାନନ୍ଦ ପଣ୍ଡା, ଅଧ୍ୟାପକ ଅଶୋକ କୁମାର ବେହେରା, ଟାଙ୍ଗୀ ମିଡ଼ିଆ ସେବା ସଂଘ ସଭାପତି ରବୀନ୍ଦ୍ର କୁମାର ରଣା, ପରିଚାଳନା କମିଟି ସଭାପତି ଜଳଧର ମହାରଣା, ହାସ୍ୟ ଅଭିନେତା ନଟିଆ, ନେଉଳ, କୋଷାଧ୍ୟକ୍ଷ ମିତାଞ୍ଜଳୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ପକ୍ଷରୁ ଅତିଥିଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ହାସ୍ୟ ଅଭିନେତା ଦେବୁ ବ୍ରହ୍ମା, ନଟିଆ, ନେଉଳଙ୍କର କମେଡି ଛାତ୍ରୀଛାତ୍ରଙ୍କ ମନ ଜିଣିଥିଲା। ଏହି ଅବସରରେ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁନିତା ସିଂ, ଲକ୍ଷ୍ମୀପ୍ରିୟା ପରିଡ଼ା, ଦୀପାଞ୍ଜଳି ପ୍ରଧାନ, ସସ୍ମିତା ମହାପାତ୍ର, ସଞ୍ଜୁକ୍ତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### କାଶୀପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: କୁସୁମାଟି କ୍ଲବ ବିଜୟୀ

**ନିରାକାରପୁର,୨୯।୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ଗ୍ରାମସ୍ଥିତ ଖେଳପଡିଆରେ ମା'ଭୈରବୀ ଯୁବସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କାଶୀପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ସୋମବାର କୁସୁମାଟି କ୍ଲବ ଜଟଣୀ ଓ କୁସୁପଲ୍ଲା ଆଥ୍‌ଲେଟିକ କ୍ଲବ ବେଗୁନିଆ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୪-୨ ଗୋଲରେ କୁସୁମାଟି କ୍ଲବ ବିଜୟୀ ହୋଇଛି। ପ୍ରମୋଦ କୁମାର ଦାସ, ସୁକାନ୍ତ ପ୍ରଧାନ, ହୃଦାନନ୍ଦ ମହତରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମ୍ୟାଚ କମିଶନର ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ରହିଥିଲେ। ଅତିଥିଭାବେ ଭାରତ ସରକାରଙ୍କ ସାମୁଦ୍ରିକ ଯନ୍ତ୍ରୀ ପରେଶ କୁମାର ମହାପାତ୍ର, ଡିଆ ସରପଞ୍ଚ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ୱାର୍ଡସଭ୍ୟାସଭ୍ୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କମଳଲୋଚନ ପ୍ରଧାନ, ସନ୍ତୋଷ ଦଳେଇ, ଲଛମନ ନାୟକ, ସୋମନାଥ ବିଶ୍ୱାଳ, ନବକିଶୋର ବରାଳ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରତିଭା ପ୍ରୋତ୍ସାହନ ଉତ୍ସବ


ପ୍ରତିଭା ପ୍ରୋତ୍ସାହନ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

**ପୁରୀ, ୨୯।୧(ଅଜିତ ମହାନ୍ତି)**

ବିଶ୍ୱମ୍ଭର ବିଦ୍ୟାପୀଠରେ ସୋମବାର 'ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ ମେମୋରିଆଲ ଟ୍ରଷ୍ଟ'ର ତ୍ରୟୋବିଂଶତମ ପ୍ରତିଭା ପ୍ରୋତ୍ସାହନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାତା ତଥା ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଘୁନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଟ୍ରଷ୍ଟ ବୋର୍ଡ ସଦସ୍ୟ ଧ୍ରୁବଚରଣ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ରଘୁନାଥ ମହାପାତ୍ର ଟ୍ରଷ୍ଟ ବୋର୍ଡ ଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟ ବୋର୍ଡ ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ର ଡ. ଗୁଣ ମହାପାତ୍ର, ଡ. ଶ୍ୟାମସୁନ୍ଦର ମହାପାତ୍ର, ଡ. ହରିବଲ୍ଲଭ ମହାପାତ୍ର ଏବଂ ଡ. ନିବେଦିତା ମହାପାତ୍ର ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ରୀ ଶୁଭଶ୍ରୀ ପ୍ରଧାନ (ଓଡ଼ିଶା ବିଚାର ବିଭାଗୀୟ ସେବା) ଓ ବର୍ତ୍ତମାନ ଏହି ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ତଥା ପୂର୍ବତନ ଛାତ୍ରୀ ଶୁଭଶ୍ରୀ ଦାଶ (ଓଡ଼ିଶା ଶିକ୍ଷାସେବା)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ୩୮ ଲକ୍ଷ ୫ ହଜାର ଟଙ୍କା ସ୍ଥାୟୀ ଜମାର ସୁଧରୁ ଛାତ୍ରବୃତ୍ତି, ବିଭିନ୍ନ କ୍ଷେତ୍ରରେ ଯୋଗ୍ୟତାଭିତ୍ତିକ ପ୍ରୋତ୍ସାହନ ପୁରସ୍କାର ପ୍ରାୟ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ସ୍ନେହାସ୍ମିତା ସାହୁ ବିଶ୍ୱମ୍ଭରଶ୍ରୀ ଏବଂ ବିଜ୍ଞାନଶ୍ରୀ, ଜ୍ୟୋତିରଞ୍ଜନ ପାଢ଼ୀ ଛାତ୍ରରତ୍ନ, ଏ.ସ୍ନେହା ପାତ୍ର କନ୍ୟାରତ୍ନ ଏବଂ ମଧୁସ୍ମିତା ସାହୁ ସୁକନ୍ୟା ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ଦିବାକର ଦଳାଇ ଧନ୍ୟବାଦ ଦେଇଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଶିବିରରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ଜଟଣୀ,୨୯।୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରାଜୀବ କୁମାର କର ଅତିଥିଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଧ୍ୟାପିକା ପରିମିତା ପ୍ରହରାଜଙ୍କ ନେତୃତ୍ୱରେ ପରିଚାଳିତ ଶିବିରରେ ଅଧ୍ୟାପିକା ଡ.ପୁଷ୍ପାଞ୍ଜଳି ପ୍ରଧାନ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଶତାଧିକ ଛାତ୍ରୀଙ୍କୁ ଆସମା ବେଗମ ଆତ୍ମରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରତିକୂଳ ପରିସ୍ଥିତିରେ ବିଭିନ୍ନ ବିପଦରୁ ନିଜକୁ ରକ୍ଷା କରିବା ସହିତ ଅସହାୟଙ୍କୁ ସହାୟତା କରି ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଉପଦେଶ ଦେଇଥିଲେ।

## ସହଯୋଗର ହାତ ବଢ଼ାଇଲେ ସମାଜସେବୀ

**ଜଟଣୀ,୨୯।୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରାପାଟଣା ଅଞ୍ଚଳରେ ଗତ କିଛିଦିନ ହେବ ଜଣେ ରୋଗଗ୍ରସ୍ତ ବ୍ୟକ୍ତି ରାସ୍ତାରେ ଘୁସୁରି ଘୁସୁରି ଏଣେତେଣେ ବୁଲୁଥିଲେ। ଏହା ଦେଖି ସ୍ଥାନୀୟ ଅଞ୍ଚଳର ଖବରଦାତା ତଥା ସମାଜସେବୀ ରବୀନ୍ଦ୍ରନାଥ ମହାକୁଡ଼ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖାଦ୍ୟ ଏବଂ ପାଣି ଦେବା ସହ ଟିରିମଲ ରାଣୀପୁରସ୍ଥିତ ସାମାଜିକ ସଙ୍ଗଠନ ବାପାମା' ସେବାଶ୍ରମର ପ୍ରତିଷ୍ଠାତା ତଥା ସମାଜସେବୀ ଗୌତମ ମହାରଣାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବରପାଇ ଗୌତମ ପହଞ୍ଚି ୧୦୮ ଆମ୍ବୁଲାନରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ତେବେ ଉକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ଅନ୍ୟପଟେ ଖବରଦାତା ମହାକୁଡ଼ ଏବଂ ଗୌତମଙ୍କ ଏଭଳି କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## 'ଓଡ଼ିଆ କଳା, ସାହିତ୍ୟ, ଇତିହାସ ଓ ଜଗନ୍ନାଥ ସଂସ୍କୃତି' ଆଲୋଚନାଚକ୍ର



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ଗମ୍ଭାରୀମୁଣ୍ଡା,୨୯।୧(ଦିଲୀପ ସ୍ୱାଇଁ)**

ପର୍ଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଓଡ଼ିଆ କଳା, ସାହିତ୍ୟ, ଇତିହାସ ଓ ଜଗନ୍ନାଥ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ର ଅଧ୍ୟକ୍ଷ ପ୍ରେମରାଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ନୃସିଂହ ଚରଣ ପ୍ରଧାନ, ଓଡ଼ିଆ ଭାଷା ସାହିତ୍ୟର ପୂର୍ବତନ ପ୍ରାଧ୍ୟାପକ ଡ.ଚାନ୍ଦ କିଶୋର ତ୍ରିପାଠୀ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଛାତ୍ରୀଛାତ୍ରଙ୍କ ସୃଜନାତ୍ମକ ଚିନ୍ତାଧାରା ବିକାଶ ପାଇଁ ପ୍ରେରଣାଦାୟୀ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଗୀତାଞ୍ଜଳି ବିଶ୍ୱାଳ, ପ୍ରଦୀପ କୁମାର ଶତପଥୀ, ନିରଞ୍ଜନ ପ୍ରଧାନ, ପ୍ରହ୍ଲାଦ ଜେନା ପ୍ରମୁଖ ଜଗନ୍ନାଥ ସଂସ୍କୃତିର ପରମ୍ପରା ଉପରେ ଉଦ୍‌ବୋଧନ ଦେଇଥିଲେ। ବସନ୍ତ କୁମାର ଛାଟୋଇ, ରାମକୃଷ୍ଣ ପାଲଟାସିଂ, ପ୍ରଶାନ୍ତ କୁମାର ହୋତା, ମଧୁସୂଦନ ଜେନା, ଭାଗୀରଥି ସାହୁ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

# 'ଶିଶୁଙ୍କୁ ଆଧ୍ୟାତ୍ମିକ ଶିକ୍ଷା ଦିଆଯିବା ଆବଶ୍ୟକ'

**ଡେଲାଙ୍ଗ,୨୯।୧(ରଶ୍ମିରଞ୍ଜନ ପ୍ରଧାନ):**

ଶିଶୁକୁ ଆଧ୍ୟାତ୍ମିକ ଓ ପ୍ରାଥମିକ ଶିକ୍ଷା ଦେବାରେ ମା'ଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର ଯୁଗରେ ପ୍ରତ୍ୟେକ ବ୍ୟକ୍ତି ନିଜ ପିଲାଙ୍କୁ ବୈଷୟିକ ଶିକ୍ଷା ଦେବା ପାଇଁ ପ୍ରତିଯୋଗିତା କରୁଛନ୍ତି। ହେଲେ ଶିଶୁଟି ଅନ୍ୟମାନଙ୍କୁ ଠିକ୍ ବ୍ୟବହାର କରିବା ଓ ସମ୍ମାନ ଦେବାର ଶିକ୍ଷା ସମ୍ପର୍କରେ ଅଭିଭାବକମାନେ ଭୁଲିଯାଉଛନ୍ତି। ମା'ମାନେ ସେମାନଙ୍କ ପିଲାଙ୍କୁ ବୈଷୟିକ ଶିକ୍ଷା ଦେବା ସହିତ ଆଧ୍ୟାତ୍ମିକ ଶିକ୍ଷା ଦେବା ଆବଶ୍ୟକ। ଏହାଦ୍ୱାରା ପିଲାର ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି ଆନନ୍ଦ ସେବା ସଦନର ପକ୍ଷରୁ ଆୟୋଜିତ ଶିଶୁ ମହୋତ୍ସବରେ ଆଇନଜୀବୀ ଅନୁପ କୁମାର ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି। ଡେଲାଙ୍ଗ ବ୍ଲକ କୁଞ୍ଜର ଗ୍ରାମର ଆରାଧ୍ୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ୩ଦିନିଆ ଶିଶୁ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସରପଞ୍ଚ ହିରଣ୍ମୟୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ନିବନ୍ଧକ ସୂର୍ଯ୍ୟପ୍ରସାଦ ରଥ, ସମାଜସେବୀ ବିରଞ୍ଚି ବାରିକ୍, ମହିଳା ମଞ୍ଚ ସଭାନେତ୍ରୀ ବୀଣାପାଣି ଷଡଙ୍ଗୀ, ସତ୍ୟବାଦୀର ଶହୀଦ୍ ଦେବାଶିଷଙ୍କ ପିତା ପ୍ରତାପ ବିଶ୍ୱାଳ, ଶିକ୍ଷାବିତ୍ ନିରଞ୍ଜନ ସାହୁ ଏବଂ ଆଇନଜୀବୀ ପରିଡା ପ୍ରମୁଖ ଯୋଗଦେଇ ଶିଶୁଙ୍କୁ ଠିକ୍ ମାର୍ଗରେ ଅଭିଭାବକମାନେ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଜିଲାର ୨୫୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଝୋଟି, ବକ୍ତୃତା, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ସାଧାରଣଜ୍ଞାନ ଓ ବିଜ୍ଞାନ ପ୍ରଦର୍ଶନ ପ୍ରତିଯୋଗିତା ହୋଇଥିଲା।


ମହୋତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ବଲଙ୍ଗା,୨୯।୧(କେଦାରେଶ୍ୱର ନନ୍ଦ):**

ଘରେ ଟିଭି ଲଗେଇବାକୁ ବୋର୍ଡରେ ପ୍ଲଗ ଦେଉଥିବା ସମୟରେ ବିଦ୍ୟୁତ୍ ଆଘାତ ଲାଗିବାରୁ ସୋମବାର ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବଲଙ୍ଗା ଥାନା ଅଧୀନ ଉଚ୍ଛୁପୁରୁ ପ୍ରଧାନ ସାହିର କାଳନ୍ଦୀ ଚରଣ ପ୍ରଧାନ(୫୦)। କାଳିନ୍ଦୀଙ୍କ ବଡ଼ ଭାଇଙ୍କ ଅଭିଯୋଗକ୍ରମେ ବଲଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ସୂଚନା ମୁତାବକ, କାଳନ୍ଦୀ ସୋମବାର ମଧ୍ୟାହ୍ନରେ ଘରେ ଟିଭି ଦେଖିବାକୁ ବିଦ୍ୟୁତ୍ ବୋର୍ଡରେ ପ୍ଲଗ ଲଗାଉଥିବା ସମୟରେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ସେ ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ବଲଙ୍ଗା ମେଡିକାଲ ପରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କାଳନ୍ଦୀଙ୍କୁ ମୃତ ଘୋଷଣା କରିଥିଲେ। କାଳନ୍ଦୀଙ୍କ ଝିଅ ଓ ପୁଅ ଥିବାବେଳେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କୁରାଢ଼ମଲ୍ଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଦେଉଳଟାଙ୍ଗୀ ବିଜୟୀ

**ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ)**




ଖୋର୍ଦ୍ଧା ବ୍ଲକ କୁରାଢ଼ମଲ୍ଲସ୍ଥିତ ମା'ବାଉଡି କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଦେଉଳଟାଙ୍ଗୀ ବିଜୟୀ ହୋଇଛି। ସୋମବାର ସ୍ଥାନୀୟ ଖେଳପଡ଼ିଆରେ ଦେଉଳଟାଙ୍ଗୀ ଓ କଲ୍ୟାଣପୁର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଦେଉଳଟାଙ୍ଗୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୬ ଉଇକେଟ ବିନିମୟରେ ୨୪୧ରନ ସଂଗ୍ରହ କରିଥିଲା। ଜବାବରେ କଲ୍ୟାଣପୁର ଟିମ୍ ୧୫.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିକାଶ ଦଳାଇ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଛବିନାରାୟଣ ସାହୁ ଓ ହେମନ୍ତ ରାଉତ ମ୍ୟାଚ୍ ଚରିଚାଳନା କରିଥିଲେ। ପରମାନନ୍ଦ କାଳିଆ, ରଘୁନାଥ ବରାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, କମଳ କୁମାର ଜଗଦ୍ଦେବ, ଗୋପୀନାଥ ମହାରଥୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସୋସିଏଶନର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ମହିଳା ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍ ଅମୀମାଂସିତ



**ବୋଲଗଡ଼,୨୯।୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳି ସ୍ଥିତ ତୁଳସୀବେରେଣା ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଆଞ୍ଚଳିକ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟୁଣୀର ନିତା ଫୁଟବଲ ଏକାଡେମୀ ଓ କଟକର ଲେଡିଜ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଉଭୟ ଟିମ୍ ଗୋଟିଏ ଲେଖାଏ ଗୋଲ ଦେଇଥିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ସଖାବତ ଅଲ୍ଲୀ ଖାଁ ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନ୍ସରେ ଶିବ ଦେହୁରି ଓ ଶିବ ସାମନ୍ତରାୟ ସହାୟତା କରିଥିଲେ। ରିଜର୍ଭ ରେଫରି ଭାବେ ଏମ୍.ଏସ୍.ବେଗ ଉପସ୍ଥିତ ଥିଲେ। ଅତିଥିଭାବେ ଓଡ଼ିଶା ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷା ଶ୍ରିମୟୀ ମିଶ୍ର, ବିଧାୟକ ରାଜେନ୍ଦ୍ର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ବୁଟୁ କୈଳାଶ ପାତ୍ର, ଖୋର୍ଦ୍ଧା କ୍ରିପ୍ଟନ କଲେଜ ଅଧ୍ୟକ୍ଷା ଡ.ରେବେକା ଭଟ୍ଟାଚାର୍ଯ୍ୟ, ଓଡ଼ିଶା ଶକ୍ତି ସମ୍ପ୍ରସାରଣ ନିଗମର ଉପ ମହାପ୍ରବନ୍ଧକ ଝୁନିଲତା ନାୟକ, ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା, କଡବ ସମିତି ସଭ୍ୟା ବୈତୁଲ ବିବି ଓ ସରିତା ସାହୁ ଯୋଗଦେଇ ଉଭୟ ଟିମକୁ ପୁରସ୍କୃତ କରିଥିଲେ।

# 'ଖବରକାଗଜ ହେଉଛି ସମାଜର ଦର୍ପଣ'

**ପୁରୀ, ୨୯।୧(ଅଜିତ ମହାନ୍ତି):**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସୋମବାର 'ଦ ମୋମେଣ୍ଟ' ଅନୁଷ୍ଠାନ ପକ୍ଷରୁ ଭାରତୀୟ ଖବରକାଗଜ ଦିବସ ପାଳିତ ହୋଇଯାଇଛି। 'ଦ ମୋମେଣ୍ଟ'ର ସଭାପତି ପ୍ରତିଭା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମାଜସେବୀ ଚକ୍ରଧର ମହାପାତ୍ର, ରାଜଧାନୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅଭିମନ୍ୟୁ ଭୂୟାଁ, ପ୍ରାକ୍ତନ ବ୍ୟାଙ୍କ ମ୍ୟାନେଜର କୈଳାସ ଚନ୍ଦ୍ର ସାହୁ, ଡ. କାର୍ତ୍ତିକ କୁମାର ଦାସ, ସ୍ତମ୍ଭକାର ଗୁରୁଚରଣ ଦାସ, ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସାହିତ୍ୟିକ ଶିବସୁନ୍ଦର ମିଶ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଦ ମୋମେଣ୍ଟ ସମ୍ପାଦକ ସାମ୍ବାଦିକ ପ୍ରଦୀପ କୁମାର ନାୟକ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ଆଲୋଚ୍ୟ ବିଷୟ ରହିଥିଲା 'ସ୍ୱଚ୍ଛ ଗଣମାଧ୍ୟମ ଓ ନିରପେକ୍ଷ ସାମ୍ବାଦିକତା'। ଅତିଥିମାନେ କହିଥିଲେ, ଖବରକାଗଜ ହେଉଛି ସମାଜର ଦର୍ପଣ। ଦେଶ ବିଦେଶର ଖବର ଜାଣିବା ଉଦ୍ଦେଶ୍ୟରେ ପାଠକ ଖବରକାଗଜ ପଢନ୍ତି। ଏମିତି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଖବରକାଗଜ ପଢ଼ିବା ସହିତ ତାକୁ ସାଇତି ରଖିବାରେ ରୁଚି ରଖନ୍ତି। ୨୦୦୦ ମସିହାରେ ଏକ ସଂଗୃହୀତ ତଥ୍ୟ ଅନୁଯାୟୀ ଔରଙ୍ଗାବାଦଠାରେ ଖବରକାଗଜ ମ୍ୟୁଜିୟମ୍ ଓ ରିସର୍ଚ୍ଚ ସେଣ୍ଟର ରହିଛି। ଏଥିରେ ପ୍ରାୟ ୧୦ ହଜାରରୁ ଅଧିକ ବିଭିନ୍ନ ଭାଷାର ତଥା ବିଭିନ୍ନ ଦେଶ ବିଦେଶର ଖବର କାଗଜ ସଂଗ୍ରହ ହୋଇ ରହିଛି, ଯାହା ୧୪୨ଟି ଦେଶର ହୋଇଥିବା ବେଳେ ଏହା ୯୪ଟି ଭାଷାରେ ଅନ୍ତର୍ଭୁକ୍ତ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସାମ୍ବାଦିକ ବିକ୍ରମ କେଶରୀ ଆଚାର୍ଯ୍ୟ, ସମ୍ବାଦପତ୍ର ପାଠକ ଅଶୋକ କୁମାର ଆଢ୍ୟ, ଅଧ୍ୟାପିକା ସୁଚିସ୍ମିତା ମହାନ୍ତି, ହେମାଙ୍ଗିନୀ ମହାନ୍ତି, ବରିଷ୍ଠ ନାଗରିକ ଅଶୋକ ମହାନ୍ତି, ଡ. ରାନୁ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହସମ୍ପାଦକ ଅନନ୍ତ ପ୍ରସାଦ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ହେମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



| ୨୯।୧।୨୦୨୪ | |
|---|---|
| ୪,୫୫,୬୪୭ ଟଙ୍କା | |
| ସୁନା | ୩୬୦ ଗ୍ରାମ୍ |
| ରୁପା | ୭୩ ଗ୍ରାମ୍ |

# ସୁଖଦ ଅନୁଭୂତି ନେଇ ଫେରିଲେ ଭକ୍ତ

**ପୁରୀ, ୨୯।୧ (ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବା ପରେ ପୁରୀକୁ ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି। ଯେପରି ରାଜ୍ୟର ସମସ୍ତ ଜିଲାରୁ ଭକ୍ତମାନେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ବୁଲି ସୁଖଦ ଅନୁଭୂତି ନେଇ ଫେରିବେ ସେ ନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସୋମବାର ୫ଟି ଜିଲାରୁ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଦେଖିଛନ୍ତି।

ବାଲେଶ୍ୱରରୁ ଆସିଥିବା ବିଜୟଲକ୍ଷ୍ମୀ ଜେନା କହିଛନ୍ତି, ବହୁତ ଭଲ ବ୍ୟବସ୍ଥା ହୋଇଛି। ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିବା ପରେ ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କଲୁ। ପରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କଲୁ। ସୁଖଦ ଅନୁଭୂତି ନେଇ ଫେରୁଛୁ। ଶ୍ରୀମନ୍ଦିର ଭିତରେ ଆଉ ଟିକେ ଭଲ ବ୍ୟବସ୍ଥା ହେବା ଦରକାର। ସେହିପରି ସଦର ବ୍ଲକ୍‌ରୁ ଆସିଥିବା ବନମାଳୀ ବାରିକ୍ କହିଛନ୍ତି, କୋଟି କୋଟି ଓଡ଼ିଆଙ୍କ ସ୍ୱପ୍ନ ପୂରଣ ହୋଇଛି। ଭକ୍ତଙ୍କ ପାଇଁ ରାଜ୍ୟ ସରକାର ବହୁତ କିଛି କରିଛନ୍ତି। ପୂର୍ବରୁ କୌଣସି ସରକାର ଏଭଳି ବ୍ୟବସ୍ଥା କରି ନ ଥିଲେ। ଆଗରୁ ଅନେକ ଥର ପୁରୀ ଆସିଛି, ମାତ୍ର ଚଳିତଥର ଅନୁଭୂତି ନିଆରା। ବହୁତ ଭଲ କାର୍ଯ୍ୟ କରାଯାଇଛି। ପରିକ୍ରମା ମାର୍ଗରେ ଯେତେ ଲୋକ ଆସିଲେ ମଧ୍ୟ ଗହଳି ଜଣାପଡୁନାହିଁ। ଭକ୍ତମାନେ ଭଲ ଭାବେ ଠାକୁର ଦର୍ଶନ କରିପାରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା ଅତି ଉଚ୍ଚକୋଟିର। ରାଜ୍ୟ

**ଜଗନ୍ନାଥ ଦର୍ଶନ, ପରିକ୍ରମା ମାର୍ଗ ପ୍ରଦକ୍ଷିଣ କାର୍ଯ୍ୟକ୍ରମ**

ସରକାରଙ୍କ ଦ୍ୱାରା ବ୍ୟବସ୍ଥା ଯୋଗୁ ସୁବିଧାରେ ଆସି ମହାପ୍ରଭୁଙ୍କ ଦର୍ଶନ କରି ପୁଣି ଫେରିଯାଉଛୁ।

କଟକ ଜିଲା ବାଙ୍କି ବ୍ଲକ୍‌ରୁ ଆସିଥିବା ବିରଞ୍ଚି ନାରାୟଣ ସେଠୀ କହିଛନ୍ତି, ସରକାରଙ୍କ ପକ୍ଷରୁ କରାଯାଇଥିବା ପରିକ୍ରମା ପ୍ରକଳ୍ପ ଦେଖିବାକୁ ଇଚ୍ଛା ଥିଲା। ମହାପ୍ରଭୁଙ୍କ ଡୋରି ଲାଗିଲା। ଫଳରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଦେଖିଲି। ବହୁତ ଶାନ୍ତି ଅନୁଭବ ହେଲା। ପୂର୍ବ ଅପେକ୍ଷା ବର୍ତ୍ତମାନ ଅନେକ କିଛି ପରିବର୍ତ୍ତନ ଘଟିଛି। ଯାହା ବି ହୋଇଛି ଭଲ ହୋଇଛି। ସରକାରଙ୍କ ପକ୍ଷରୁ କରାଯାଇଥିବା ବସ୍ ଯୋଗେ ତାଙ୍କ ଅଞ୍ଚଳରୁ ପ୍ରାୟ ୪୦ ଜଣ ଲୋକ ସାଙ୍ଗରେ ଆସିଛନ୍ତି। ବାଙ୍କୀ ସଦର ବ୍ଲକ୍‌ର ଜୟନ୍ତୀ ସେଠୀ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଦେଖି ବହୁତ ଖୁସି ଲାଗିଲା। ଏହି ଅନୁଭୂତି କହିବା ପାଇଁ ତାଙ୍କ ନିକଟରେ ଭାଷା ନାହିଁ। ସରକାରଙ୍କ ପକ୍ଷରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ପରିକ୍ରମା ପ୍ରକଳ୍ପ ଦ୍ୱାରା ଭକ୍ତମାନେ ଅନେକ ସୁବିଧା ପାଇପାରୁଛନ୍ତି। ଦର୍ଶନରେ ସମସ୍ୟା ରହୁନାହିଁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ। ପୁରୀ ଆସିବାଠାରୁ ଫେରିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇଛି। ତେଣୁ ଖୁସି ଲାଗୁଛି।

# ନୂଆ ଜିଲାପାଳ ଭାବେ ଦାୟିତ୍ୱ ନେଲେ ବିଜୟ କୁମାର ଦାଶ

**ପୁରୀ, ୨୯।୧ (ଅଜିତ ମହାନ୍ତି):**



ପୁରୀର ନୂତନ ଜିଲାପାଳ ଭାବେ ବିଜୟ କୁମାର ଦାଶ ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ଦାଶ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସଚିବ ଭାବେ କାର୍ଯ୍ୟରତ ଥିଲେ। ପୁରୀ ଜିଲାପାଳ ଥିବା ସମର୍ଥ ବର୍ମାଙ୍କର ଶ୍ରୀମନ୍ଦିର ପ୍ରଶାସନକୁ ବଦଳି ହେବା ପରେ ନୂତନ ଜିଲାପାଳ ଭାବେ ଦାଶ ନିଯୁକ୍ତି ପାଇଛନ୍ତି। ନୂତନ ଜିଲାପାଳ ଦାଶ ସୋମବାର କାର୍ଯ୍ୟରେ ଯୋଗଦେବା ପରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ସମଙ୍ଗ ପାର୍କିଂସ୍ଥଳ ପରିଦର୍ଶନ କରିଥିଲେ। ଶ୍ରୀମନ୍ଦିର ଓ ପରିକ୍ରମା ପ୍ରକଳ୍ପ ଦର୍ଶନରେ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁବିଧା ବ୍ୟବସ୍ଥାକୁ ସେ ଦେଖିବା ସହ ବିଭିନ୍ନ ଅଧିକାରୀମାନଙ୍କୁ ସମସ୍ତ ବ୍ୟବସ୍ଥା ସୁବ୍ୟବସ୍ଥିତ କରିବାକୁ ପରାମର୍ଶ ଦେଇଥିଲେ।

# ଏସ୍‌ପିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ପୁରୀ ଏସ୍‌ପି ଡ. କନୱର ବିଶାଲ ସିଂହଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି ।

**ପୁରୀ, ୨୯।୧ (ଅଜିତ୍ ମହାନ୍ତି)**

ପୁରୀ ଏସ୍‌ପି ଡ. କନୱର ବିଶାଲ ସିଂହଙ୍କର କଟକ ଡିସିପି ଭାବେ ବଦଳି ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଏସ୍‌ପି କନୱର ବିଶାଲ ସିଂହଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୁରୀ ରିଜର୍ଭ ଗ୍ରାଉଣ୍ଡରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜିଲାପାଳ ତଥା ନୂତନ ଭାବେ ନିଯୁକ୍ତି ପାଇଥିବା ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂହ, ନୂତନ ଜିଲାପାଳ ବିଜୟ କୁମାର ଦାଶ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଏସ୍‌ପି ସିଂହଙ୍କ ସହ କଟାଇଥିବା ମୁହୂର୍ତ୍ତ ତଥା ସ୍ମୃତି ବଖାଣିଥିଲେ। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ଯୋଗଦେଇ ଡ. ସିଂହଙ୍କ ସହିତ କାର୍ଯ୍ୟକାଳ ସ୍ମରଣୀୟ ରହିବ ବୋଲି କହିଥିଲେ। ସେହିପରି ତାଙ୍କ ଉନ୍ନତି କାମନା କରିଥିଲେ। ଏହି ଅବସରରେ ପୁରୀ ଖବରଦାତାମାନଙ୍କ ପକ୍ଷରୁ ଡ. ସିଂହଙ୍କ କାର୍ଯ୍ୟଶୈଳୀ ପୁରୀବାସୀଙ୍କ ମନରେ ଛାପ ଛାଡ଼ିବ ବୋଲି କୁହାଯାଇଥିଲା। ଡ. ସିଂହ ତାଙ୍କ ଅଭିଭାଷଣରେ ପୁରୀରେ କଟାଇଥିବା ଅନୁଭୂତି ବଖାଣିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ହାବିଲଦାର କନଷ୍ଟେବଲ୍ ସଂଘ, ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ଡ. ସିଂହଙ୍କୁ ମହାପ୍ରଭୁଙ୍କ ଫଟୋଚିତ୍ର, ଫୁଲ ତୋଡ଼ା ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା କାର୍ଯ୍ୟକୁ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ପରିଚାଳନା କରିଥିବାବେଳେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୧୯୬୬ ମସିହା ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ

**ପିପିଲି, ୨୯।୧ (ଦୁର୍ଗା ମାଧବ ମିଶ୍ର):**

ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ୍‌ର ୧୯୬୬ ମସିହା ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ସ୍ଥାନୀୟ ବିମଳ ଉଦ୍ୟାନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକମାନେ ଏକତ୍ର ହୋଇ ଭାବ ବିହ୍ୱଳ ସହକାରେ ସେମାନଙ୍କ ଭାବର ଆଦାନ ପ୍ରଦାନ କରିଥିଲେ। ପ୍ରଥମେ ଦିବଂଗତ ବନ୍ଧୁଙ୍କ ପାଇଁ ଏକ ଶୋକସଭା ହୋଇଥିଲା। ପରେ ରାଜକିଶୋର ମିଶ୍ରଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ହାଇସ୍କୁଲ୍‌ର ଶିକ୍ଷା ବ୍ୟବସ୍ଥା ଏବଂ କ୍ରୀଡ଼ା କ୍ଷେତ୍ରରେ କିପରି ଉନ୍ନତି ହୋଇପାରିବ ସେ ବିଷୟରେ ସେମାନଙ୍କ ସୁଚିନ୍ତିତ ମତ ନେଇ ବିଦ୍ୟାଳୟକୁ ଯିବାକୁ ଏକ ପ୍ରସ୍ତାବ ଆଗତ ହୋଇଥିଲା। ପରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିମଳ ପଟ୍ଟନାୟକ, ରାମଚନ୍ଦ୍ର ଦାସ, କାର୍ତ୍ତିକ ସେଠୀ, ଜଟ କିଶୋର ଦାସ, ଲକ୍ଷ୍ମଣ ଭଞ୍ଜ ପ୍ରମୁଖଙ୍କ ସମେତ ଅନ୍ୟ ବରିଷ୍ଠମାନେ ଉପସ୍ଥିତ ଥିଲେ। ମହାପ୍ରଭୁ ଲିଙ୍ଗରାଜଙ୍କ ଅବଢ଼ାରେ ଏକତ୍ର ଆପ୍ୟାୟିତ ହୋଇ ଶାନ୍ତି ଅନୁଭବ କରିଥିଲେ।

### ୧୯ ବର୍ଷର ସ୍ମୃତି ମନେ ପକାଇଲେ

**କାକଟପୁର, ୨୯।୧ (ଶୁଭଦର୍ଶନ ମିଶ୍ର):**

କାକଟପୁର ସରକାରୀ ଉଚ୍ଚବିଦ୍ୟାଳୟର ୨୦୦୫ ମସିହା ଛାତ୍ରୀଛାତ୍ରଙ୍କ ନିକଟ କୁଆଁମଚଣ୍ଡୀ ପୀଠରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଏବଂ ସେମାନଙ୍କ ସମୟରେ ଶିକ୍ଷାଦାନ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଉପସ୍ଥିତ ଶିକ୍ଷକଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଦୀର୍ଘ ୧୯ ବର୍ଷ ସମସ୍ତେ ଏକାଠି ହୋଇ ସ୍ମୃତି ସତେଜ କରିଥିଲେ। ପୁରାତନ ଛାତ୍ରୀଛାତ୍ର କିପରି ସମାଜରେ ନିଜର ଛାପ ଛାଡ଼ିବେ ସେ ବିଷୟରେ ଶିକ୍ଷକ ଉପଦେଶ ଦେଇଥିଲେ। ବନ୍ଧୁମିଳନରେ ଲତାମଣି ଦେଇ, ଶାନ୍ତିଲତା ପଣ୍ଡା, ସନ୍ତୋଷ ପରିଡ଼ା, ଦିଲୀପ ସ୍ୱାଇଁ, ସମ୍ପଦ ମିଶ୍ର, ପ୍ରତାପ ରାଉତ ଏବଂ ପୀତବାସ ଦୀକ୍ଷିତ ପ୍ରମୁଖ ଶିକ୍ଷକ ଯୋଗଦେଇଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଧନେଶ୍ୱର ବେହେରା, ସାଗରିକା ମିଶ୍ର, ମାନସ ପରିଡ଼ା, ରେଶ୍ମା ମହାନ୍ତି, ସୌମ୍ୟରଞ୍ଜନ ଦୀକ୍ଷିତ, ଦେବଦତ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରତିଭା ପ୍ରୋତ୍ସାହନ ଉତ୍ସବ



ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ଓ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

**ପୁରୀ, ୨୯।୧ (ଅଜିତ ମହାନ୍ତି):**

**ସ୍ନେହାସ୍ମିତା ସାହୁ ବିଶ୍ୱମ୍ଭରଶ୍ରୀ ଏବଂ ବିଜ୍ଞାନଶ୍ରୀ, ଜ୍ୟୋତିରଞ୍ଜନ ପାଢ଼ୀ ଛାତ୍ରରତ୍ନ, ଏ. ସ୍ନେହା ପାତ୍ର କନ୍ୟାରତ୍ନ ଏବଂ ମଧୁସ୍ମିତା ସାହୁ ସୁକନ୍ୟା ପୁରସ୍କାର ପାଇଲେ**

ବିଶ୍ୱମ୍ଭର ବିଦ୍ୟାପୀଠରେ ସୋମବାର 'ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ ମେମୋରିଆଲ ଟ୍ରଷ୍ଟ'ର ତ୍ରୟୋବିଂଶତମ ପ୍ରତିଭା ପ୍ରୋତ୍ସାହନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାତା ତଥା ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଘୁନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଟ୍ରଷ୍ଟ ବୋର୍ଡ ସଦସ୍ୟ ଧ୍ରୁବଚରଣ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ରଘୁନାଥ ମହାପାତ୍ର ଟ୍ରଷ୍ଟ ବୋର୍ଡ ଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟ ବୋର୍ଡ ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ର ଡ. ଗୁଣ ମହାପାତ୍ର, ଡ. ଶ୍ୟାମସୁନ୍ଦର ମହାପାତ୍ର, ଡ. ହରିବଲ୍ଲଭ ମହାପାତ୍ର ଏବଂ ଡ. ନିବେଦିତା ମହାପାତ୍ର ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ରୀ ଶୁଭଶ୍ରୀ ପ୍ରଧାନ (ଓଡ଼ିଶା ବିଚାର ବିଭାଗୀୟ ସେବା) ଓ ବର୍ତ୍ତମାନ ଏହି ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ତଥା ପୂର୍ବତନ ଛାତ୍ରୀ ଶୁଭଶ୍ରୀ ଦାଶ (ଓଡ଼ିଶା ଶିକ୍ଷାସେବା)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ୩୮ ଲକ୍ଷ ୫ ହଜାର ଟଙ୍କା ସ୍ଥାୟୀ ଜମାର ସୁଧରୁ ଛାତ୍ରବୃତ୍ତି, ବିଭିନ୍ନ କ୍ଷେତ୍ରରେ ଯୋଗ୍ୟତାଭିତ୍ତିକ ପ୍ରୋତ୍ସାହନ ପୁରସ୍କାର ପ୍ରାୟ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ସ୍ନେହାସ୍ମିତା ସାହୁ ବିଶ୍ୱମ୍ଭରଶ୍ରୀ ଏବଂ ବିଜ୍ଞାନଶ୍ରୀ, ଜ୍ୟୋତିରଞ୍ଜନ ପାଢ଼ୀ ଛାତ୍ରରତ୍ନ, ଏ.ସ୍ନେହା ପାତ୍ର କନ୍ୟାରତ୍ନ ଏବଂ ମଧୁସ୍ମିତା ସାହୁ ସୁକନ୍ୟା ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ଦିବାକର ଦଳାଇ ଧନ୍ୟବାଦ ଦେଇଥିଲେ।

# ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲ୍ ଶ୍ରେଷ୍ଠ ବିଦ୍ୟାଳୟ

**ପିପିଲି, ୨୯।୧ (ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର):**

ଓଡ଼ିଶା ସରକାରଙ୍କ ମୋ ସ୍କୁଲ ପରିଚାଳନା ସଂଗଠନ ପକ୍ଷରୁ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା ଅଧୀନରେ ସମଗ୍ର ଓଡ଼ିଶାର ୨୭ ହଜାର ୧୧୮ ପ୍ରାଥମିକ ଓ ୪୩ ହଜାର ୪୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୫୦ଟି ବିଦ୍ୟାଳୟକୁ ୫ ଲକ୍ଷ ଟଙ୍କା ଏବଂ ୫୦ ଜଣ ପ୍ରଧାନ ଶିକ୍ଷକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯିବାକୁ ଘୋଷଣା ହୋଇଥିଲା। ସେହି ଅନୁସାରେ ପିପିଲି ବ୍ଲକ ଅଧୀନ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲ୍‌କୁ ଶ୍ରେଷ୍ଠ ବିଦ୍ୟାଳୟ ଓ ସେହି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ରଙ୍କୁ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ମନୋନୀତ କରାଯାଇଛି। ଆସନ୍ତା ୩୧ ତାରିଖରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ସମାରୋହରେ ମୁଖ୍ୟମନ୍ତ୍ରୀ ତାଙ୍କୁ ସମ୍ବର୍ଦ୍ଧିତ ଓ ମାନପତ୍ର ପ୍ରଦାନ କରିବେ। ଏଥି ନିମନ୍ତେ ପ୍ରଧାନ ଶିକ୍ଷୟିତ୍ରୀ ମିଶ୍ର ତାଙ୍କ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି, ଗ୍ରାମବାସୀ, ଛାତ୍ରୀଛାତ୍ରୀ, ପୁରାତନ ଛାତ୍ରୀଛାତ୍ର, ଡିଇଓ, ବିଇଓ, ସିଆର୍‌ସିସିଙ୍କ ସମେତ ଶିକ୍ଷା ବିଭାଗର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ପୁରୀ, ୨୯।୧ (ଅଜିତ୍ ମହାନ୍ତି)**

ଝାଡ଼େଶ୍ୱରୀ କ୍ଲବ୍ ପରିସରରେ ଆୟୋଜିତ ଦୁଇଦିବସୀୟ ୩୧ତମ ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୪୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୧୪ଟି ମହିଳା ଦଳ ଓ ୧୬ଟି ପୁରୁଷ ଦଳ ଭାଗ ନେଇଥିଲେ। ମହିଳା ବିଭାଗରେ ଫାଇନାଲ ମ୍ୟାଚ୍ ପୁରୀ ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ପୁରୀ ଦଳ ଯାଜପୁର ଦଳକୁ ୨-୦ ସେଟ୍‌ରେ ହରାଇ ବିଜୟ ଲାଭ କରିଥିଲା। ସେହିପରି ପୁରୁଷ ବିଭାଗରେ





ଅତିଥିଙ୍କ ଗହଣରେ ପୁରସ୍କାର ସହ ଖେଳାଳିମାନେ ।

**ମହିଳାରେ ପୁରୀ, ପୁରୁଷରେ ଜଟଣୀ ବିଜୟୀ**

ଫାଇନାଲ ମ୍ୟାଚ୍ ପୁରୀ ଓ ଜଟଣୀ ମଧ୍ୟରେ ଖେଳାଯାଇଥିଲା। ଜଟଣୀ ଦଳ ୨-୧ ସେଟ୍‌ରେ ପୁରୀକୁ ହରାଇ ବିଜୟ ଲାଭ କରିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୁବ ଛାତ୍ର ବିଜୁ ଜନତା ଦଳ ସମ୍ପାଦକ ଅଭିଜିତ୍ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାଡ଼େଶ୍ୱରୀ କ୍ଲବ୍ ସମ୍ପାଦକ ପାର୍ଥସାରଥି ମହାପାତ୍ର, ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍ ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ଯୁଗ୍ମସମ୍ପାଦକ ଯଶୋବନ୍ତ ପରମଗୁରୁ, ଦୀପ୍ତିରଞ୍ଜନ ସାମନ୍ତରାୟ, ପାର୍ଥସାରଥି ଦାସ, ରବିନାରାୟଣ ରାୟ, ନିମାଇଁ ଚରଣ ଦାସ, ସଞ୍ଜୟ ମିଶ୍ର ଏବଂ ସୀତେନ୍ଦ୍ରନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ କ୍ଲବର ବାର୍ଷିକ ସାଧାରଣ ବୈଠକ

**ପୁରୀ, ୨୯।୧ (ଅଜିତ୍ ମହାନ୍ତି):**

**ହରିହର ଗୁରୁ ସମ୍ପାଦକ ନିର୍ବାଚିତ**

ପୁରୀ କ୍ଲବର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବା ସହ ୨୦୨୪-୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ସମ୍ପନ୍ନ ହୋଇଯାଇଛି। ରାଜଭବନ ରୋଡ୍‌ସ୍ଥିତ ପୁରୀ କ୍ଲବ ପରିସରରେ ଉପସଭାପତି ବିଧୁଭୂଷଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ଦିବଂଗତ ସଦସ୍ୟ ମହେଶ୍ୱର ମହାନ୍ତି, ଦ୍ୱିଜବର ସାହୁ, ସୁଶାନ୍ତ ମିଶ୍ର ଏବଂ ନୟନ ହରିଚନ୍ଦନଙ୍କ ସମେତ ବର୍ଷିଆନ ସହଯୋଗୀଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମ୍ପାଦକ ହରିହର ଗୁରୁ ପୂର୍ବ ବୈଠକ ସମେତ ଚଳିତ ବର୍ଷର କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପନ କରିଥିଲେ। ଗତବର୍ଷ ମଧ୍ୟରେ ଆରମ୍ଭ ହୋଇଥିବା ସୁଇମିଂ ପୁଲ୍ ଆଦିର ନିର୍ମାଣ କାର୍ଯ୍ୟ, ଭାରତର ପ୍ରାୟ ୩୦ଟି କ୍ଲବ ସହ ନୂତନ ସହବନ୍ଧନ ଏବଂ ୬୦ ଜଣ ନୂତନ ସଦସ୍ୟଙ୍କୁ ଗ୍ରହଣ କରାଯିବାକୁ ଉପସ୍ଥିତ ସଂଖ୍ୟାଧିକ ସଦସ୍ୟ ସ୍ୱାଗତ କରିଥିଲେ। କୋଷାଧ୍ୟକ୍ଷ କେଦାରନାଥ ଚୌଧୁରୀ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆସନ୍ତା ୨୦୨୪-୨୬ ବର୍ଷ ପାଇଁ ସର୍ବସମ୍ମତି କ୍ରମେ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ବରିଷ୍ଠ ସଦସ୍ୟ ଡା. ପି.ସି. ରଥ ଘୋଷଣା କରିଥିଲେ। ନିର୍ବାଚିତ ଉପସଭାପତି ରାଜକିଶୋର ପାତ୍ର ଓ ବିଧୁଭୂଷଣ ରଥ, ସମ୍ପାଦକ ହରିହର ଗୁରୁ, ଯୁଗ୍ମସମ୍ପାଦକ ରବି ଶଙ୍କର ମହାପାତ୍ର, କୋଷାଧ୍ୟକ୍ଷ ଆଶିଷ ଶତପଥୀ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭକ୍ତଚରଣ ଦାସ, ନାରାୟଣ ଦାଶ, ରବି ନାରାୟଣ ସାହୁ ଓ ତପନ କୁମାର ଦାଶଙ୍କୁ ସ୍ୱାଗତ କରାଯାଇଥିଲା। ଉପସଭାପତି ବିଧୁଭୂଷଣ ରଥ କ୍ଲବର ନୂତନ ପରିକଳ୍ପିତ ସୌଧର ନକ୍ସା ଉନ୍ମୋଚନ କରି ବିଭିନ୍ନ ସୁବିଧା ବିଷୟରେ ଅବଲୋକନ କରିଥିଲେ। ରବିନାରାୟଣ ସାହୁ, ବିଭୁଦତ୍ତ ମିଶ୍ର ଓ ପ୍ରଭୁଦତ୍ତ ସୁବୁଦ୍ଧି ବୈଠକ ପରିଚାଳନାରେ ସହଯୋଗ ପ୍ରଦାନ କରିଥିବା ବେଳେ ବହୁ ସଦସ୍ୟ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଶିକ୍ଷାନୀତିର ସାମାଜିକ ପ୍ରାସଙ୍ଗିକତା ଉପରେ ଆଲୋକପାତ

**ପୁରୀ, ୨୯।୧ (ଅଜିତ୍ ମହାନ୍ତି)**

ସୁରଜମଲ ଶାହା ମହାବିଦ୍ୟାଳୟ ଆନୁକୂଲ୍ୟରେ ସୋମବାର ଏକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାର ବିଷୟବସ୍ତୁ ଥିଲା 'ଭାରତୀୟ ଶିକ୍ଷାନୀତି ଓ ଏହାର ସାମାଜିକ ପ୍ରାସଙ୍ଗିକତା'। ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ଭୋପାଳ ବାରାକତୁଲା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ହେମନ୍ତ କୁମାର ଖଣ୍ଡାଇ ଏବଂ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଲୋକନାଥ ମିଶ୍ର ଯୋଗଦେଇଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଭାପତି ପ୍ରଫେସର ଡ. ଶଙ୍କର୍ଷଣ ଦାଶ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଭାରତର ବିଭିନ୍ନ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ତଥା ଆଲୋଚନା ଚକ୍ରର ନିର୍ଦ୍ଦେଶକ ପ୍ରଫେସର ସୁରେନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ଶିକ୍ଷାନୀତିର ସାମାଜିକ ପ୍ରାସଙ୍ଗିକତା ଉପରେ ସେ ଆଲୋକପାତ କରିଥିଲେ। ପ୍ରଫେସର ଲୋକନାଥ ମିଶ୍ର ନୂତନ ଶିକ୍ଷାନୀତି - ୨୦୨୦ର ଆଭିମୁଖ୍ୟ ଓ ଏହାର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଡ. ହେମନ୍ତ କୁମାର ଖଣ୍ଡାଇ ଶିକ୍ଷାନୀତିଗୁଡ଼ିକରେ ଭାଷା ନୀତି ଓ ଏହାର ସାମାଜିକ ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନ ତରଫରୁ ଏକ ସୋଭେନିଅର ପ୍ରକାଶ କରାଯାଇଥିଲା। ଅଧ୍ୟାପିକା, ଅଧ୍ୟାପକ, ପ୍ରାଧ୍ୟାପିକା ପ୍ରାଧ୍ୟାପକମାନେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଡ. ଦୀପ୍ତି ପ୍ରସାଦ ମହାନ୍ତି, ମିନାକ୍ଷୀ ମିଶ୍ର, ପ୍ରଫେସର ଅଜିତ କୁମାର ଦଳାଇ ସଂଯୋଜନା କରିଥିଲେ। ସହସଂଯୋଜକ ପ୍ରଫେସର ରବୀନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

# 'ଖବରକାଗଜ ହେଉଛି ସମାଜର ଦର୍ପଣ'

**ପୁରୀ, ୨୯।୧ (ଅଜିତ ମହାନ୍ତି):**

ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସୋମବାର 'ଦ ମୋମେଣ୍ଟ' ଅନୁଷ୍ଠାନ ପକ୍ଷରୁ ଭାରତୀୟ ଖବରକାଗଜ ଦିବସ ପାଳିତ ହୋଇଯାଇଛି। 'ଦ ମୋମେଣ୍ଟ'ର ସଭାପତି ପ୍ରତିଭା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମାଜସେବୀ ଚକ୍ରଧର ମହାପାତ୍ର, ରାଜଧାନୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅଭିମନ୍ୟୁ ଭୂୟାଁ, ପ୍ରାକ୍ତନ ବ୍ୟାଙ୍କ ମ୍ୟାନେଜର କୈଳାସ ଚନ୍ଦ୍ର ସାହୁ, ଡ. କାର୍ତ୍ତିକ କୁମାର ଦାସ, ସ୍ତମ୍ଭକାର ଗୁରୁଚରଣ ଦାସ, ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସାହିତ୍ୟିକ ଶିବସୁନ୍ଦର ମିଶ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଦ ମୋମେଣ୍ଟ ସମ୍ପାଦକ ସାମ୍ବାଦିକ ପ୍ରଦୀପ କୁମାର ନାୟକ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ଆଲୋଚ୍ୟ ବିଷୟ ରହିଥିଲା 'ସ୍ୱଚ୍ଛ ଗଣମାଧ୍ୟମ ଓ ନିରପେକ୍ଷ ସାମ୍ବାଦିକତା'। ଅତିଥିମାନେ କହିଥିଲେ, ଖବରକାଗଜ ହେଉଛି ସମାଜର ଦର୍ପଣ। ଦେଶ ବିଦେଶର ଖବର ଜାଣିବା ଉଦ୍ଦେଶ୍ୟରେ ପାଠକ ଖବରକାଗଜ ପଢ଼ନ୍ତି। ଏମିତି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଖବରକାଗଜ ପଢ଼ିବା ସହିତ ତାକୁ ସାଇତି ରଖିବାରେ ରୁଚି ରଖନ୍ତି। ୨୦୦୦ ମସିହାରେ ଏକ ସଂଗୃହୀତ ତଥ୍ୟ ଅନୁଯାୟୀ ଔରଙ୍ଗାବାଦଠାରେ ଖବରକାଗଜ ମ୍ୟୁଜିୟମ୍ ଓ ରିସର୍ଚ୍ଚ ସେଣ୍ଟର ରହିଛି। ଏଥିରେ ପ୍ରାୟ ୧୦ ହଜାରରୁ ଅଧିକ ବିଭିନ୍ନ ଭାଷାର ତଥା ବିଭିନ୍ନ ଦେଶ ବିଦେଶର ଖବର କାଗଜ ସଂଗ୍ରହ ହୋଇ ରହିଛି, ଯାହା ୧୪୨ଟି ଦେଶର ହୋଇଥିବା ବେଳେ ଏହା ୯୪ଟି ଭାଷାରେ ଅନ୍ତର୍ଭୁକ୍ତ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସାମ୍ବାଦିକ ବିକ୍ରମ କେଶରୀ ଆଚାର୍ଯ୍ୟ, ସମ୍ବାଦପତ୍ର ପାଠକ ଅଶୋକ କୁମାର ଆଢ୍ୟ, ଅଧ୍ୟାପିକା ସୁଚିସ୍ମିତା ମହାନ୍ତି, ହେମାଙ୍ଗିନୀ ମହାନ୍ତି, ବରିଷ୍ଠ ନାଗରିକ ଅଶୋକ ମହାନ୍ତି, ଡ. ରାନୁ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଗ୍ରହଣ କରିଥିଲେ। ସହସମ୍ପାଦକ ଅନନ୍ତ ପ୍ରସାଦ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ହେମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ଘରୋଇ କ୍ଲିନିକ୍ ପରିସରରେ ଯୁବତୀଙ୍କ ଆତ୍ମହତ୍ୟା

**ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଏକ ଘରୋଇ କ୍ଲିନିକ ପରିସରରେ ସୋମବାର ଜଣେ ଯୁବତୀ ଓଢଣିରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୁରୀ ଜିଲା ଗଡ଼ିଶାଗଡା ଥାନା ଅନ୍ତର୍ଗତ ସୁନାଖଳାର ସନ୍ଧ୍ୟାରାଣୀ ପାନସିଂ ଓରଫ ପୂଜା(୧୯)। ଉକ୍ତ କ୍ଲିନିକରେ ଆସିଷ୍ଟାଣ୍ଟ ଭାବେ ପୂଜା କାମ କରୁଥିଲେ। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ପୋଲିସ ପହଞ୍ଚି ଅନୁଧ୍ୟାନ କରିବା ସହ ମୃତାଙ୍କ ପରିବାରକୁ ସୂଚନା ଦେଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଗୋଚାଲାଣ ଘଟଣାରେ ୪ ଗିରଫ

**ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲାରେ ଗୋମାଂସ ସହ ଗୋଚାଲାଣ ଦିନକୁଦିନ ବଢ଼ିଚାଲିଛି। ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଗୋରୁ ଜବତ କରାଯାଉଥିଲେ ମଧ୍ୟ ବେପାରୀମାନେ ଫେରାର ହୋଇଯାଉଥିବା ନଜିର ରହିଛି। ସୋମବାର ଖୋର୍ଦ୍ଧା ପୋଲିସ ଗୋଚାଲାଣ ଘଟଣାରେ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ନେଲୁର ଜିଲାର ସିଏଚ୍.ମୁରଲି କ୍ରିଷ୍ଣ, ଏମ୍.କିରନ କୁମାର ଏବଂ ଉତ୍ତରପ୍ରଦେଶର ମହମ୍ମଦ ରିହାନ ଓ ମହମ୍ମଦ ଅଲତବ।

### ୯ ଶିଳ୍ପୀଙ୍କ ପ୍ରସ୍ତର ଭାସ୍କର୍ଯ୍ୟ ପ୍ରଦର୍ଶିତ

**ପୁରୁଣାଭୁବନେଶ୍ୱର,୨୯।୧(ସୁବାସଚନ୍ଦ୍ରପ୍ରଧାନ):** ଧଉଳି ଶାନ୍ତିସ୍ତୁପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟରେ ପଥର ଭାସ୍କର୍ଯ୍ୟ କଳା ଶିବିର ଆରମ୍ଭ ହୋଇଯାଇଛି। ଏହି ଶିବିରରେ ଶିବ ମଣ୍ଡଳ, ଶଶିକାନ୍ତ ବେହେରା, ଅସିତ କୁମାର ଭୋଇ, ସୋନାଲି ନାୟକ, ସୋନାଲି ବିଶ୍ୱାଳ, ସୁବ୍ରତ କୁମାର ମୁଦୁଲି, ଆର୍ୟ୍ୟନ ସାମଲ, ଲିପ୍ସା ପ୍ରଧାନ, ବୃନ୍ଦାବନ ପଣ୍ଡା ଆଦି ୯ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସୃଜନଶୀଳ ପଥର ମୂର୍ତ୍ତି ଗଠନ କରିଥିଲେ। ଏହି ଅବସରରେ ଶିବିର ଉଦଯାପନୀ ଦିବସରେ ଏକ ପ୍ରଦର୍ଶନୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ନେହେରୁ ଯୁବ ସଂଘର ୟୁଥ୍ ଅଫିସର ବିପିନ କୁମାର, ସମାଜସେୀ ସୁଶାନ୍ତ କୁମାର ସାହୁ, ମହାବିଦ୍ୟାଳୟର ସମ୍ପାଦକ ରବିଶଙ୍କର ଦାସ ପ୍ରମୁଖ ଯୋଗଦେଇ ଭାସ୍କର୍ଯ୍ୟଗୁଡ଼ିକର ପ୍ରଶଂସା କରିଥିଲେ। ଏଥିସହିତ ପ୍ରମାଣ ପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଉତ୍ସବରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅଧ୍ୟାପକ ଭୂପତି ପଣ୍ଡା ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଅଧ୍ୟାପକ ରାମସଙ୍କର ସାହୁ, ଲକ୍ଷ୍ମୀଧର ସ୍ୱାଇଁ, ବସନ୍ତ ପ୍ରଧାନ, କୁଳମଣି ମଲ୍ଲିକ ପ୍ରମୁଖ ଯୋଗଦେଇ କଳାକୃତି ଗୁଡ଼ିକୁ ବୁଲି ଦେଖିଥିଲେ।

# ଚିଲିକାକୁ ସଙ୍କୁଚିତ କରୁଛି ମାଟିବନ୍ଧ

**ଖୋର୍ଦ୍ଧା,୨୯।୧ (ପ୍ରଭାତ ପାଣିଗ୍ରାହୀ)**



ଏସିଆ ମହାଦେଶର ବୃହତ୍ତମ ଲୁଣା ହ୍ରଦ ଚିଲିକା ପାଇଁ ବେଆଇନ ମାଟିବନ୍ଧ, ଚିଙ୍ଗୁଡି ଘେରି ଏବଂ ନଳଘାସ ବିପଦ ସାଜିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ପକ୍ଷରୁ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଅନ୍ୟପଟେ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ କେତେଜଣ ଶହ ଶହ ଏକର ଚାଷଜମି ଏବଂ ଚିଲିକାକୁ ଲାଗି ବନ୍ଧ କରି ବେଆଇନଭାବେ ମାଛ ଓ ଚିଙ୍ଗୁଡି ଚାଷ କରୁଛନ୍ତି। ମାଛ ଚାଷ ପାଇଁ ବିଭିନ୍ନ ରାସାୟନିକ ସାର ବ୍ୟବହାର କରୁଛନ୍ତି। ଫଳରେ ଚିଲିକାର ଜୈବ ବିବିଧତା ନଷ୍ଟ ହେଉଛି। ଚିଙ୍ଗୁଡି ଘେରି ପରେ ଏବେ ମାଟିବନ୍ଧ ଚିଲିକାକୁ ସଙ୍କୁଚିତ କରୁଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଢ଼ିଉଠିଥିବା ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ଚାଲିଥିବା ନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ସଫେଇ ଦେଉଛନ୍ତି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଚିଲିକା ଉପକୂଳବର୍ତ୍ତୀ ଏବଂ ଟାଙ୍ଗୀ ତହସିଲ ଅଞ୍ଚଳରେ ବେଆଇନ ଭାବେ ହେକ୍ଟର ହେକ୍ଟର ଚାଷ ଜମିରେ ମାଟିବନ୍ଧ ରହିଛି। ମାଟି ବନ୍ଧ ଗୁଡିକ ବିଶାଳ ହୋଇଥିବାରୁ ତାହାକୁ ଭାଙ୍ଗିବା ପ୍ରଶାସନ ପକ୍ଷରୁ ସମ୍ଭବ ହେଉନାହିଁ। ୨୦୨୦ମସିହାରେ ପ୍ରଶାସନ ପକ୍ଷରୁ ଭୂଷଣ୍ଡପୁର ଏବଂ ଆଖପାଖ ଅଞ୍ଚଳରେ ଗଢି ଉଠିଥିବା ମାଟିବନ୍ଧ ଭାଙ୍ଗିବା ଲାଗି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିଛିଦିନ ପରେ ତାହା ଶୀଥିଳ ପଡିଗଲା। ପୁଣି ମାଟିବନ୍ଧ ଗଢିଉଠିଛି। ଏବେ ହଜାର ହଜାର ହେକ୍ଟର ଜମିରେ ମାଟି ବନ୍ଧ ରହିଥିବା ଦେଖିବାକୁ ମିଳିଛି। ମାଟିବନ୍ଧ ନ ଭଙ୍ଗାଯିବା ପର୍ଯ୍ୟନ୍ତ ଚିଲିକା ବିପଦମୁକ୍ତ ନୁହଁ ବୋଲି ପରିବେଶବିତମାନେ କହିଛନ୍ତି। ଜଳସ୍ତର କମୁଥିବାରୁ ଚିଲିକାରେ ରାଜଦଳ ଓ ମାଟି ପଙ୍କ ଯୋଗୁ ମତ୍ସ୍ୟଜୀବୀ ଡଙ୍ଗା ନେଇ ଚିଲିକା ଭିତରକୁ ଯିବାରେ ହଇରାଣ ହେଉଛନ୍ତି। ଚିଲିକାର ଜୈବ ବିବିଧତା ନଷ୍ଟ ହେଉଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ନୀରବତା ମାଫିଆଙ୍କୁ ପ୍ରୋତ୍ସାହିତ କରୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପ୍ରକାଶ ଯେ, ଗଞ୍ଜାମ, ପୁରୀ ଏବଂ ଖୋର୍ଦ୍ଧା ଜିଲାର ପ୍ରାୟ ୧୧୬୫ ବର୍ଗକିମି ଇଲକାରେ ଚିଲିକା ପରିବ୍ୟାପ୍ତ ରହିଥିଲା। କ୍ରମଶଃ ଏହା ସଙ୍କୁଚିତ ହୋଇ ୧୦୯୧ ବର୍ଗ କିମିକୁ ଆସିଲାଣି। ୩ଜିଲାରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛୋଟବଡ ନଦୀ, ନାଳ ପାଣି ଚିଲିକାରେ ମିଶିଥାଏ। ଗ୍ରୀଷ୍ମଦିନେ ଏହାର ଜଳଧାରଣ କ୍ଷମତା କମୁଥିବା ବେଳେ ବର୍ଷାଦିନ ଆସିଲେ ଏହାର ଜଳଧାରଣ କ୍ଷମତା ବୃଦ୍ଧି ପାଇଥାଏ। ଗୋଟିଏ ପଟେ ନଦୀନାଳର ମାଟିଗୋଡି, ପ୍ଲାଷ୍ଟିକ, ପଲିଥିନ ଆଦି ବର୍ଜ୍ୟବସ୍ତୁ ଆସି ଚିଲିକାରେ ମିଶୁଛି। ଏହା ଦ୍ୱାରା ଚିଲିକା ପୋତିହେବା ସହ ଜଳଜୀବଙ୍କ ଉପରେ ପ୍ରଭାବ ପଡୁଛି। ଅନ୍ୟପଟେ ପ୍ରାୟ୧୫୦ବର୍ଗ କିମି ଇଲକାରେ ନଳଘାସ ପୂର୍ଣ୍ଣ ହୋଇଛି। ଚିଲିକାରେ ୧୦ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ମାଟି ଘେରି ରହିଛି। ବିଶେଷକରି ଚୁଙ୍ଗୁଡି ଘେରିରେ ରାସାୟନିକ ସାର ପ୍ରୟୋଗ ଓ ଉକ୍ତ ପାଣି ଚିଲିକାରେ ମିଶିବା ଦ୍ୱାରା ଚିଲିକାର ପରିବେଶ ନଷ୍ଟ ହେଉଛି। ପୁରୀ ଜିଲା ବରକୁଦିଠାରୁ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ କୁମଣ୍ଡପାଟଣା ଉପକୂଳବର୍ତ୍ତୀ ଅଞ୍ଚଳରେ ନାଳଘାସ ମାଡିଗଲାଣି। ନଳଘାସ ଯୋଗୁ ଚିଲିକାର ଜଳରାଶି ସଙ୍କୁଚିତ ହେବା ସହ ଚିଲିକା ଉପରେ ନର୍ଭର କରୁଥିବା ମତ୍ସ୍ୟଜୀବୀଙ୍କ ଜୀବିକା ଉଜୁଡିବାକୁ ବସିଛି। ଏ ସମ୍ପର୍କରେ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚିଲିକାରେ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ଜାରି ରହିଛି। ଚିଲିକା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବେଆଇନଭାବେ ଗଢ଼ିଉଠିଥିବା ମାଟିବନ୍ଧ ଘେରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯିବା ଯୋଜନା ରହିଛି। ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ ଲାଗି ଗୁରୁତ୍ୱ ଦିଆଯାଉଛି।

## ସମୂହ ଛୁଟିରେ ପ୍ରାଣୀ ଚିକିତ୍ସକ: ସେବା ବାଧାପ୍ରାପ୍ତ

**ଟାଙ୍ଗୀ,୨୯।୧(ରଘୁନାଥ ସାହୁ)**

ରାଜ୍ୟରେ ପ୍ରାଣୀ ଚିକିତ୍ସକମାନେ ବିଭିନ୍ନ ଦାବି ପୂରଣ ପାଇଁ ସମୂହ ଛୁଟିରେ ଅଛନ୍ତି। ୧୨ଦିନ ବିତିଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ପ୍ରାଣୀ ଚିକିତ୍ସାଳୟ ତାଲା ପଡ଼ିଥିବା ବେଳେ ଚିକିତ୍ସା ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଟାଙ୍ଗୀ ବ୍ଲକର ନିରାକାରପୁର ଓ ଟାଙ୍ଗୀରେ ଥିବା ୪ ଜଣ ପ୍ରାଣୀ ଚିକିତ୍ସକ ଛୁଟିରେ ଥିବାରୁ ଗାଈଗୋରୁ, ଛେଳି, ମେଣ୍ଢା, କୁକୁଡା, କୁକୁର,ବତକ ଚାଷୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପ୍ରକାଶ ଯେ, ଟାଙ୍ଗୀ ବ୍ଲକରେ ପ୍ରାୟ ୩୧ ହଜାର ଗାଈଗୋରୁ, ୨୭ ହଜାର ଛେଳି, ମେଣ୍ଢା ଏବଂ ୧୨୦ ଜଣ କୁକୁଡ଼ା ଫାର୍ମ କରିଛନ୍ତି। ଚିକିତ୍ସକଙ୍କ ଅଭାବରୁ ପ୍ରାଣୀ ସମ୍ପଦ ଚିକିତ୍ସା ନ ପାଇ ମତ୍ୟୁବରଣ କରୁଥିବା ଅଭିଯୋଗ ହେଉଛି। ଟାଙ୍ଗୀ ବ୍ଲକରେ ପ୍ରାଣୀ ଚିକିତ୍ସକ ଡା.ଚନ୍ଦ୍ରମଣି ସାହୁ, ଡା.ଦୀପ୍ତିମୟୀ ପଟ୍ଟନାୟକ, ଡା. ଅଳକା ଅଭିପ୍ସା ବଳିୟାରସିଂହ, ଡା.ପ୍ରିୟଙ୍କା ପ୍ରିୟମ୍ବଦା ପ୍ରିୟଦର୍ଶିନୀ ପ୍ରମୁଖ ସମୂହ ଛୁଟିରେ ଅଛନ୍ତି। ପ୍ରାଣୀ ଚିକିତ୍ସକ ଛୁଟିରେ ଥିବାରୁ ଅନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟରେ ନ ରହିବା ଯୋଗୁ କାର୍ଯ୍ୟାଳୟରେ ତାଲା ପଡିଛି। ସରକାର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସୁଖଦ ଅନୁଭୂତି ନେଇ ଫେରିଲେ ଭକ୍ତ

**ପୁରୀ,୨୯।୧(ଅଜିତ୍ ମହାନ୍ତି)**

### ଜଗନ୍ନାଥ ଦର୍ଶନ, ପରିକ୍ରମା ମାର୍ଗ ପ୍ରଦକ୍ଷିଣ କାର୍ଯ୍ୟକ୍ରମ



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବା ପରେ ପୁରୀକୁ ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି। ଯେପରି ରାଜ୍ୟର ସମସ୍ତ ଜିଲାରୁ ଭକ୍ତମାନେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ବୁଲି ସୁଖଦ ଅନୁଭୂତି ନେଇ ଫେରିବେ ସେ ନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସୋମବାର ୫ଟି ଜିଲାରୁ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଦେଖିଛନ୍ତି।

ବାଲେଶ୍ୱରରୁ ଆସିଥିବା ବିଜୟଲକ୍ଷ୍ମୀ ଜେନା କହିଛନ୍ତି, ବହୁତ ଭଲ ବ୍ୟବସ୍ଥା ହୋଇଛି। ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିବା ପରେ ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କଲୁ। ପରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କଲୁ। ସୁଖଦ ଅନୁଭୂତି ନେଇ ଫେରୁଛୁ। ଶ୍ରୀମନ୍ଦିର ଭିତରେ ଆଉ ଟିକେ ଭଲ ବ୍ୟବସ୍ଥା ହେବା ଦରକାର। ସେହିପରି ସଦର ବ୍ଲକ୍‌ରୁ ଆସିଥିବା ବନମାଳି ବାରିକ୍ କହିଛନ୍ତି, କୋଟି କୋଟି ଓଡ଼ିଆଙ୍କ ସ୍ୱପ୍ନ ପୂରଣ ହୋଇଛି। ଭକ୍ତଙ୍କ ପାଇଁ ରାଜ୍ୟ ସରକାର ବହୁତ କିଛି କରିଛନ୍ତି। ପୂର୍ବରୁ କୌଣସି ସରକାର ଏଭଳି ବ୍ୟବସ୍ଥା କରି ନ ଥିଲେ। ଆଗରୁ ଅନେକ ଥର ପୁରୀ ଆସିଛି, ମାତ୍ର ଚଳିତଥର ଅନୁଭୂତି ନିଆରା। ବହୁତ ଭଲ କାର୍ଯ୍ୟ କରାଯାଇଛି। ପରିକ୍ରମା ମାର୍ଗରେ ଯେତେ ଲୋକ ଆସିଲେ ମଧ୍ୟ ଗହଳି ଜଣାପଡୁନାହିଁ। ଭକ୍ତମାନେ ଭଲ ଭାବେ ଠାକୁର ଦର୍ଶନ କରିପାରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା ଅତି ଉଚ୍ଚକୋଟିର। ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟବସ୍ଥା ଯୋଗୁ ସୁବିଧାରେ ଆସି ମହାପ୍ରଭୁଙ୍କ ଦର୍ଶନ କରି ପୁଣି ଫେରିଯାଉଛୁ।

କଟକ ଜିଲା ବାଙ୍କି ବ୍ଲକ୍‌ରୁ ଆସିଥିବା ବିରଞ୍ଚି ନାରାୟଣ ସେଠୀ କହିଛନ୍ତି, ସରକାରଙ୍କ ପକ୍ଷରୁ କରାଯାଇଥିବା ପରିକ୍ରମା ପ୍ରକଳ୍ପ ଦେଖିବାକୁ ଇଚ୍ଛା ଥିଲା। ମହାପ୍ରଭୁଙ୍କ ଡୋରି ଲାଗିଲା। ଫଳରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଦେଖିଲି। ବହୁତ ଶାନ୍ତି ଅନୁଭବ ହେଲା। ପୂର୍ବ ଅପେକ୍ଷା ବର୍ତ୍ତମାନ ଅନେକ କିଛି ପରିବର୍ତ୍ତନ ଘଟିଛି। ଯାହା ବି ହୋଇଛି ଭଲ ହୋଇଛି। ସରକାରଙ୍କ ପକ୍ଷରୁ କରାଯାଇଥିବା ବସ୍ ଯୋଗେ ତାଙ୍କ ଅଞ୍ଚଳରୁ ପ୍ରାୟ ୪୦ ଜଣ ଲୋକ ସାଙ୍ଗରେ ଆସିଛନ୍ତି। ବାଙ୍କୀ ସଦର ବ୍ଲକ୍‌ର ଜୟନ୍ତୀ ସେଠୀ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଦେଖି ବହୁତ ଖୁସି ଲାଗିଲା। ଏହି ଅନୁଭୂତି କହିବା ପାଇଁ ତାଙ୍କ ନିକଟରେ ଭାଷା ନାହିଁ। ସରକାରଙ୍କ ପକ୍ଷରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ପରିକ୍ରମା ପ୍ରକଳ୍ପ ଦ୍ୱାରା ଭକ୍ତମାନେ ଅନେକ ସୁବିଧା ପାଇପାରୁଛନ୍ତି। ଦର୍ଶନରେ ସମସ୍ୟା ରହୁନାହିଁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ। ପୁରୀ ଆସିବାଠାରୁ ଫେରିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇଛି। ତେଣୁ ଖୁସି ଲାଗୁଛି।

## ହୁମ୍ମା ଷ୍ଟେଶନରେ ୨ ଏକ୍ସପ୍ରେସ୍ ଟ୍ରେନ ରହଣି ଦାବି

**କୃଷ୍ଣପ୍ରସାଦ,୨୯।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ସନ୍ନିକଟ ଗଞ୍ଜାମ ଜିଲାର ହୁମ୍ମା ଷ୍ଟେଶନ ଦେଇ ପ୍ରଶାନ୍ତି ଓ କୋଣାର୍କ ଏକ୍ସପ୍ରେସ ଦୁଇଟି ଯାତାୟାତ କରୁଛି। ପ୍ରଶାନ୍ତି ଏକ୍ସପ୍ରେସ ଭୁବନେଶ୍ୱରରୁ ହୁମ୍ମା ଦେଇ ବାଙ୍ଗାଲୋରକୁ ଯାତାୟାତ କରୁଥିବା ବେଳେ କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱରରୁ ମୁମ୍ବାଇକୁ ଯାତାୟାତ କରୁଛି। ଉକ୍ତ ଦୁଇଟି ଟ୍ରେନ ଯାତାୟାତ କରୁଥିଲେ ମଧ୍ୟ ହୁମ୍ମା ଷ୍ଟେଶନରେ ରହୁନଥିବାରୁ ବ୍ରହ୍ମଗିରି,କୃଷ୍ଣପ୍ରସାଦ ସମେତ ଗଞ୍ଜାମ ବ୍ଲକ ଅଞ୍ଚଳର ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତ। ହୁମ୍ମା ଷ୍ଟେଶନରେ ଉକ୍ତ ଦୁଇଟି ଏକ୍ସପ୍ରେସ ରହଣୀ ପାଇଁ ପାରିକୁଦ ଅଞ୍ଚଳର ଭାଜାପା ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଦୁଷ୍ମନ୍ତ କୁମାର ନାୟକ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଦୁଷ୍ମନ୍ତଙ୍କୁ ପ୍ରଶଂସା କରାଯାଇଛି।

## ବସନ୍ତ ଉତ୍ସବ ଉଦ୍‌ଯାପିତ

**ଝାଁଳା,୨୯।୧(ବୁଲା ବାରିକ)**

ରାଜଧାନୀ ଉପକଣ୍ଠ ଝାଁଳା ଗ୍ରାମର ରାଧାମାଧବ ଦେବଙ୍କ ପୀଠରେ ତିନିଦିନ ଧରି ଚାଲିଥିବା ବସନ୍ତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବସନ୍ତ ଉତ୍ସବ ଅବସରରେ ନାମ ସଂକୀର୍ତ୍ତନ ହୋଇଥିଲା। ଏଥିରେ ଝାଁଳା, ମୁଣ୍ଡମୁହାଣ, ଗୌଡ କାଶିପୁର, ପଳାଶପୁର, ଶିମିଳିପାଟଣା ଆଦି ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗଦେଇଥିଲେ।

## ମଧୁସୂଦନ ଦାସଙ୍କ ସମାଧିପୀଠ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

**କଟକ,୨୯।୧ (କାର୍ତ୍ତିକ ସାହୁ)**

କଟକ ଗୋରାକବରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମାଧିପୀଠରେ ସୋମବାର ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଅଚାନକ ପହଞ୍ଚି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେଠାରେ ସେ ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ବାକିଥିବା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଧୁବାବୁଙ୍କ ସମାଧିପୀଠର ପ୍ରାଚୀର ନିର୍ମାଣ, ଲ୍ୟାଣ୍ଡସ୍କେପିଂ, ପାନୀୟ ଜଳଯୋଗାଣ, ମୁଖ୍ୟ ପ୍ରବେଶ ଦ୍ୱାରର ଫାଟକ କାର୍ଯ୍ୟ ଶେଷ ହୋଇଛି। ବିଶେଷକରି ସୌନ୍ଦର୍ଯ୍ୟକରଣ, ୱାଟର୍ ଫାଉଣ୍ଟେନ୍, ଅତ୍ୟାଧୁନିକ ଆଲୋକୀକରଣ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ଚିତ୍ରକଳା, ମଧୁବାବୁଙ୍କ ପ୍ରତିମୂର୍ତ୍ତୀ, ଉଦ୍ୟାନ, ପେଭର ବ୍ଲକ୍ ଓ ଫୁଟ୍‌ପାଥ୍ ଆଦିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସମୀକ୍ଷାବେଳେ କଟକ ଜିଲାପାଳ ନରହରି ସେଠୀ, ସିଡ଼ିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଅତିରିକ୍ତ ଜିଲାପାଳ ଶିବ ଟପୋ, କଟକ ମହାନଗର ନିଗମର ଅତିରିକ୍ତ କମିଶନର ଅନାମ ପାତ୍ର ଓ ସୋନା ଟୁଡୁ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ନନ୍ଦ କିଶୋର ପାଲ, ଉପ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ପାତ୍ର, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରାଙ୍କ ସମେତ ସିଏମ୍‌ସି ଅଧିକାରୀ ଓ କର୍ମଚାରୀ, ମଧୁସ୍ମୃତି କମିଟି ସଦସ୍ୟ ଏବଂ ଠିକାସଂସ୍ଥାର ମୁଖ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କଟକ ସହରର ରୂପାନ୍ତରଣ ଓ ଉନ୍ନତିକରଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଚାଲିଛି। ଗତ ଫେବୃଆରୀ ୪ରେ ମଧୁବାବୁଙ୍କ ସମାଧିପୀଠର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ଏହି କାର୍ଯ୍ୟ ପାଇଁ ମୋଟ ୭୫ ଲକ୍ଷ ୨୯ ହଜାର ୭୯୩ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଜଣାପଡିଛି।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ବଲାଙ୍ଗୀ,୨୯।୧(କେଦାରେଶ୍ୱର ନନ୍ଦ):** ଘରେ ଟିଭି ଲଗେଇବାକୁ ବୋର୍ଡରେ ପ୍ଲକ ଦେଉଥିବା ସମୟରେ ବିଦ୍ୟୁତ୍ ଆଘାତ ଲାଗିବାରୁ ସୋମବାର ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଙ୍ଗା ଥାନା ଅଧୀନ ଉଚ୍ଛୁପୁରୁ ପ୍ରଧାନ ସାହିର କାଳନ୍ଦୀ ଚରଣ ପ୍ରଧାନ(୫୦)। କାଳିନ୍ଦୀଙ୍କ ବଡ଼ ଭାଇଙ୍କ ଅଭିଯୋଗକ୍ରମେ ବଲଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ସୂଚନା ମୁତାବକ, କାଳନ୍ଦୀ ସୋମବାର ମଧ୍ୟାହ୍ନରେ ଘରେ ଟିଭି ଦେଖିବାକୁ ବିଦ୍ୟୁତ୍ ବୋର୍ଡରେ ପ୍ଲକ ଲଗାଉଥିବା ସମୟରେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ସେ ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ବଲଙ୍ଗା ମେଡିକାଲ ପରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କାଳନ୍ଦୀଙ୍କୁ ମୃତ ଘୋଷଣା କରିଥିଲେ। କାଳନ୍ଦୀଙ୍କ ଝିଅ ଓ ପୁଅ ଥିବାବେଳେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।






ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମଜିରେ ଆୟୋଜିତ 'ଓଡିଶା ବଞ୍ଚାଅ' ସମାବେଶରେ ସାରା ରାଜ୍ୟରୁ ନେତା, କର୍ମୀ ଓ ସମର୍ଥକମାନେ ଯୋଗଦେଇଥିଲେ। ଫଳରେ ସହରକୁ ହଜାର ହଜାର ଗାଡିମୋଟର ପ୍ରବେଶ କରିଥିଲା। ଦିନସାରା ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଥିଲା। ଅପରାହ୍ନରେ ରସୁଲଗଡ଼ ଛକରେ ଟ୍ରାଫିକ୍ ଜାମ୍ ହେବାରୁ ଘଣ୍ଟା ଘଣ୍ଟା ଧରି ଲୋକେ ଅଟକି ରହି ହଟହଟା ହୋଇଥିଲେ।

## ସଂକ୍ଷେପରେ

### ଜିଲାସ୍ତରୀୟ ଜୁନିଅର ରେଡକ୍ରସ୍ ଷ୍ଟଡି କମ୍ ଟ୍ରେନିଂ ଶିବିର ଉଦ୍‌ଯାପିତ

ବାରଙ୍ଗ,୨୯।୧(ଲିଙ୍ଗରାଜ ରାଉତ)

ନରାଜସ୍ଥିତ ସିଦ୍ଧେଶ୍ୱର ବିଦ୍ୟାମନ୍ଦିରରେ ଜିଲାସ୍ତରୀୟ ଜୁନିଅର ରେଡକ୍ରସ ଷ୍ଟଡି କମ୍ ଟ୍ରେନିଂ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିରକୁ ରବିବାର ସ୍ଥାନୀୟ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଜିଲା ରେଡକ୍ରସ ସମିତି ଅଧକ୍ଷ ତଥା ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବାରଙ୍ଗ ବ୍ଲକ ଅଧକ୍ଷା ସାବିତ୍ରୀ ଦଳାଇ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ ରାଉତ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ଜିଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ ନନ୍ଦ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶ୍ରୀ ସୌଦାମିନୀ ଦାସ ପୂର୍ବତନ ଜିଲା ଜୁନିଅର ରେଡକ୍ରସ ଅଧିକାରୀ ମିହିର ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରିୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଜିଲା ଶିକ୍ଷାଧିକାରୀ ନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ଡ. ଦୀପ୍ତିମୟୀ ଶୁଭଦର୍ଶିନୀ, ବ୍ଲକ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରା, ସୋନାମିକା ରାୟ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

### ୨ରେ ନୱାବୀ ଲକ୍ଷ୍ନୌ ଫୁଡ୍ ଫେଷ୍ଟିଭାଲ

କଟକ, ୨୯।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ପାଲାମଣ୍ଡପସ୍ଥିତ ହୋଟେଲ ଗ୍ରାଣ୍ଡ୍ ରେସିଡେନ୍ସିରେ ପ୍ରଥମଥର ପାଇଁ ଆସନ୍ତା ଫେବୃଆରୀ ୨ ତାରିଖରୁ ୩ଦିନ ଧରି ନୱାବୀ ଲକ୍ଷ୍ନୌ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଲକ୍ଷ୍ନୌର ୨ ଜଣ ବରିଷ୍ଠ ସେଫ୍ ରେହମାନ ଓ ଫୟାଜ ଆସନ୍ତା ୩୧ରେ ହୋଟେଲରେ ପହଞ୍ଚିବେ। ଏଥିପାଇଁ ହୋଟେଲ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ହୋଟେଲକୁ ସଜାଯିବା ସହ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏଥିସହ ହୋଟେଲରେ ବିଭିନ୍ନ ପ୍ରକାରର ସୁସ୍ୱାଦ ଖାଦ୍ୟ ପ୍ରସ୍ତୁତ କରାଯିବ। ସେଥିମଧ୍ୟରେ ଗଲୋଟି କବାବ ସହିତ ପରଠା, କାକୋରୀ କବାବ୍, ଲକ୍ଷ୍ନୌ ଭାଟି ମୁର୍ଗ, ଲକ୍ଷ୍ନୌ ବାଦାମୀ ଚିକେନ୍ ସିକ୍ କବାବ୍, ଲକ୍ଷ୍ନୌ ଲାଜୱାବ ନୱାବି ଚିକେନ ବିରିୟାନୀ, ଲକ୍ଷ୍ନୌ ମଟନ ଡମ୍‌କୁଟ୍ ମଟନ ବିରିୟାନୀ, ରାଜ୍‌ମା ଗଲୋଟି କବାବ, ପନିର ଗଲୋଟି କବାବ ଆଦି ରହିଛି। ଏଭଳି ଖାଦ୍ୟ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ଏ ନେଇ ହୋଟେଲ ମ୍ୟାନେଜର ରିତେଶ ନାୟକ କହିଛନ୍ତି, କଟକରେ ପ୍ରଥମଥର ପାଇଁ ଏଭଳି ଫୁଡ୍ ଫେଷ୍ଟିଭାଲ ଆୟୋଜନ ହେବାକୁ ଯାଉଛି। ସହରବାସୀ ଖାଦ୍ୟକୁ ପସନ୍ଦ କରିବା ସହ ଫୁଡ୍ ଫେଷ୍ଟିଭାଲର ଭରପୁର ମଜା ନେବେ ବୋଲି ଆଶା ରହିଥିବା ସେ କହିଛନ୍ତି।

# ଶାମପୁରରେ ଉଚ୍ଛେଦ ଆରମ୍ଭ, ଉତ୍ତେଜନା

## ୬୮ ଏକର ସରକାରୀ ଜମି ଜବରଦଖଲ ମାମଲା

ଭୁବନେଶ୍ୱର, ୨୯।୧ (ବନ୍ଦନା ସେଠୀ)

ଶାମପୁର ମୌଜାରେ ଜବରଦଖଲରେ ଥିବା ଜମିରୁ ଉଚ୍ଛେଦ ଆରମ୍ଭ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ସେଠାରେ ଜମି ମାଫିଆମାନେ ସରକାରୀ ଜମିକୁ ଜବରଦଖଲ କରି ବିକ୍ରି କରୁଥିବା ଓ ଏହି କାରବାରରେ ଏକ ବଡ଼ ର୍ୟାକେଟ ସମ୍ପୃକ୍ତ ଥିବାନେଇ ସୂଚନା ମିଳିଥିଲା। ଏକର କି ଦୁଇ ଏକର ନୁହେଁ, ମୋଟ ୬୮ଏକର ଜମିକୁ କବ୍‌ଜା କରି ସାଧାରଣ ଲୋକଙ୍କୁ ବିକ୍ରି କରିଥିଲେ। ଏପରିକି ସେଠାରେ ଘର ନିର୍ମାଣ ବି ଚାଲିଥିଲା। ତେବେ ଏହାକୁ ଉଚ୍ଛେଦ ନେଇ ଜାନୁଆରୀ ୨୦ରେ ବିଡିଏ ସଚିବ ଉଚ୍ଛେଦ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ୨୫ ତାରିଖରେ ସମୀକ୍ଷା ହେବାପରେ ସୋମବାର ସକାଳୁ ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍ ଜେସିବି ଧରି ଶାମପୁରରେ ପହଞ୍ଚିଥିଲା। ଏହି ସମୟରେ ଉଚ୍ଛେଦ ଟିମ୍‌କୁ ଜବରଦଖଲକାରୀମାନେ ଘେରିଯାଇ ବାଟ ଓଗାଳିବା ସହ ଉକ୍ତ ଜମିକୁ ପ୍ରବେଶ କରାଇ ନ ଦେବାକୁ ଚେଷ୍ଟା କରିଥିଲେ। ଫଳରେ ସେଠାରେ ଉତ୍ତେଜନାମୂଳକ ସ୍ଥିତି ଉପୁଜିଥିଲା। ସମ୍ପୂର୍ଣ୍ଣ ନିର୍ମିତ ଘରକୁ ଭାଙ୍ଗିବାକୁ ଗଲାବେଳେ ଜମି ମାଫିଆଙ୍କ ସହ ଜମି କିଣିଥିବା ଲୋକେ ପ୍ରବଳ ବିରୋଧ କରିଥିଲେ। ଫଳରେ ମୂଳଦୁଆ ପଡ଼ିଥିବା ୨୩ଟି ଘର ଏବଂ ୩ଟି ଘର ପାଚେରିକୁ ଭଙ୍ଗାଯାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଫୋର୍ସ ସହ ଉଚ୍ଛେଦ ହେବ ଓ ସମସ୍ତ ନିର୍ମାଣ ଭଙ୍ଗାଯିବ ବୋଲି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ କୁହାଯାଇଛି। ଉଚ୍ଛେଦ ବେଳେ ବିଡିଏ ଡେପୁଟି କମିଶନର (ଏନ୍‌ଫୋର୍ସମେଣ୍ଟ) ଅରୁଣ ନାୟକଙ୍କ ସମେତ ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ୨୪ ଓ ୨୫ ଏବଂ ବିଏମସିର ଦକ୍ଷିଣ-ପଶ୍ଚିମ ଜୋନ୍‌ର ସ୍କ୍ୱାଡ୍ ଉପସ୍ଥିତ ଥିଲେ। ଉଚ୍ଛେଦରେ ଗୋଟିଏ ଜେସିବି ନିୟୋଜିତ ହୋଇଥିଲା। ସୂଚନାଯୋଗ୍ୟ, ସାଧାରଣ ପ୍ରଶାସନ ବିଭାଗ ବିଡିଏକୁ ଶାମପୁର ମୌଜାରେ ଦେଇଥିବା ୬୮.୪୪୫ ଏକର ଜମି ଉପରେ ଜବରଦଖଲ ବଢ଼ି ଚାଲିଛି। ବିଡିଏ ସେଠାରେ ଆଫୋର୍ଡେବଲ ହାଉସିଂ ପ୍ରକଳ୍ପ କରି ଅଞ୍ଚଳର ବିକାଶ କରିବାକୁ ଯୋଜନା ରଖିଥିବାବେଳେ କେତେଜଣ ଅସାଧୁ ଲୋକ ଏହି ଜମିକୁ ଦଖଲ କରି ଅନ୍ୟ ଲୋକଙ୍କୁ ବିକ୍ରି କରିବା ପରେ ସେଠାରେ ଘର ନିର୍ମାଣ ଚାଲିଛି। ଏହି ବେଆଇନ ନିର୍ମାଣକୁ ତୁରନ୍ତ ଭାଙ୍ଗିବାକୁ ବିଡିଏ ପ୍ରୟାସ କରିଥିବାବେଳେ ସମ୍ପୃକ୍ତ ଜମିକୁ ଚିହ୍ନଟ କରି ପାଚେରି ବୁଲାଇବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଉକ୍ତ ଜମି ଉପରେ ୪ଜଣ ସୁରକ୍ଷା କର୍ମୀ ନିୟୋଜିତ ହେବେ ବୋଲି ବିଡିଏର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।






### ୧୬ ମୁଖ୍ୟ ଜବରଦଖଲରେ ହାତ ଲଗାଇ ପାରିଲାନି ଏନ୍‌ଫୋର୍ସମେଣ୍ଟ ଟିମ୍

ଏନ୍‌ଫୋର୍ସମେଣ୍ଟ ଟିମ୍ ବିନା ପୋଲିସ ଫୋର୍ସରେ ଯାଇ ୨୩ଟି ବେଆଇନ ନିର୍ମାଣ ଭାଙ୍ଗି ଫେରିଛନ୍ତି। ମାତ୍ର ଆରମ୍ଭରୁ ଥିବା ୧୬ଟି ମୁଖ୍ୟ ଜବରଦଖଲରେ ଟିମ୍ ହାତ ଲଗାଇ ପାରିନି। ଘର ଭାଙ୍ଗିବାବେଳେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଲୋକ ବିରୋଧ କରିବା ସହ ଜେସିବି ଆଗରେ ବସି ରହିଥିଲେ। ଏଠି ଭାଙ୍ଗୁଛ, ସମ୍ ହସ୍ପିଟାଲ ପାଖରେ ଥିବା ଜମିକୁ କାହିଁ ଛାଡ଼ିଛ ବୋଲି ନାରା ମଧ୍ୟ ଦେଇଥିଲେ। ବିରୋଧ ତୀବ୍ର ହେବାରୁ ଏନଫୋର୍ସମେଣ୍ଟ ଟିମ୍ ଉଚ୍ଛେଦ ବନ୍ଦ କରି ଫେରିବାକୁ ବାଧ୍ୟ ହୋଇଥିଲା।



ଉତ୍କଳ ରଙ୍ଗମଞ୍ଚରେ ସୋମବାର ଆରମ୍ଭ ହୋଇଥିବା 'ଗୋଟିପୁଅ ନୃତ୍ୟ ମହୋତ୍ସବ' ରେ ଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ଆରମ୍ଭ ହେଲା 'ଗୋଟିପୁଅ ନୃତ୍ୟ ମହୋତ୍ସବ'

ଭୁବନେଶ୍ୱର, ୨୯।୧ (ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା 'ଗୋଟିପୁଅ ନୃତ୍ୟ ମହୋତ୍ସବ' ସୋମବାର ଉଦ୍‌ଘାଟିତ ହୋଇଛି। ଉତ୍କଳ ରଙ୍ଗମଞ୍ଚରେ ଆରମ୍ଭ ହୋଇଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ରାଜ୍ୟର ୨୦ଟି ଗୋଟିପୁଅ ସଂଗଠନ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ପ୍ରଥମ ଦିନରେ ୧୦ଟି ସଂଗଠନ ଯଥା ପୁରୀ ସାକ୍ଷୀଗୋପାଳର କୈଳାସ ଗୋଟିପୁଅ ନୃତ୍ୟ ପ୍ରତିଷ୍ଠାନ, ଚନ୍ଦନପୁରର କସା ଗୋଟିପୁଅ, ପୁରୀର ନୃତ୍ୟାନ୍ଧର, ବାବା ଗୋରେଖନାଥ ଗୋଟିପୁଅ ଡ୍ୟାନ୍ସ ଆସୋସିଏଶନ, ବାଙ୍କେଶ୍ୱରୀ ଗୋଟିପୁଅ ନୃତ୍ୟ ପରିଷଦ, ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ, ଖୋର୍ଦ୍ଧାର ଆରାଧନା ଡ୍ୟାନ୍ସ ଏକାଡେମୀ, ଭିଙ୍ଗାରପୁରର ଜୟଦେବ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ, ଭୁବନେଶ୍ୱରର ନକ୍ଷତ୍ର ଗୁରୁକୁଳ ଟ୍ରଷ୍ଟ ଓ ବାଲିପାଟଣାର ଲକ୍ଷ୍ମୀପ୍ରିୟା ଗୋଟିପୁଅର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଓଡ଼ିଶାର ସଂସ୍କୃତି ସହିତ ଜଡ଼ିତ ଏହି ପାରମ୍ପରିକ ଗୋଟିପୁଅ ନୃତ୍ୟକୁ ଉଜ୍ଜୀବିତ ରଖିବା ନିମନ୍ତେ ଆଗାମୀ ଦିନରେ ପ୍ରତିବର୍ଷ ଏହି ଉତ୍ସବ ପାଳନ କରାଯିବ ବୋଲି ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ସିକତା ଦାସ ସୂଚନା ଦେଇଥିଲେ। ଉତ୍ସବକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିବାବେଳେ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ।




### ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ

ବାରଙ୍ଗ,୨୯।୧(ଲିଙ୍ଗରାଜ ରାଉତ)

ଦେଉଳି ଗ୍ରାମରେ ୧୫ତମ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସୋମବାରଠାରୁ ଆରମ୍ଭ ହୋଇଛି। ୩ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହାଯଜ୍ଞର ଧ୍ୱଜା ଉତ୍ତୋଳନ କରାଯାଇଛି। ମୁଖ୍ୟ ଅତିଥି ରୂପେ ମାନସ ମହାନ୍ତି, ସମ୍ମାନିତ ଅତିଥି ରୂପେ ସିଦ୍ଧାର୍ଥ ଭକ୍ତି ଚ୍ୟାନେଲ ପରିବ୍ରାଜିକ କଳ୍ପନା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ୨୦୧ କଳସଧାରୀ ମହିଳା ଓ ପୁରୁଷ ଘଣ୍ଟ, ବାଦ୍ୟର ଏକ ବିରାଟ ଶୋଭାଯାତ୍ରାରେ ପୁରୀ ମୁଖ୍ୟ କେନାଲରୁ ବାହାରି ମଧୁବନ, ମଧୁପୁର ଓ ଦେଉଳି ଗ୍ରାମ ପରିକ୍ରମା କରି ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। ଗ୍ରାମର ସଭାପତି ଶ୍ରୀଧର ସାଇଁ, ବିଶ୍ୱେଶ୍ୱର ସାହୁ, ଅଜିତ ସ୍ୱାଇଁ, ସୁଜିତ ବିଶ୍ୱାଳ, ପ୍ରଣବ ସ୍ୱାଇଁ, ଧରଣୀ ସ୍ୱାଇଁ, ପଞ୍ଚାନନ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉତ୍ସବକୁ ପରିଚାଳନା କରୁଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରବଚନ ଓ ପ୍ରସାଦ ସେବନର ବ୍ୟବସ୍ଥା ରହିଥିବା ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କଲେ ଏମ୍‌ପି ଅପରାଜିତା

ବାଲିଅନ୍ତା,୨୯।୧(ନୀଳମାଧବ ସାହୁ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ବିଭିନ୍ନ ଦଳର ନେତା ଗ୍ରାମରେ ଲୋକଙ୍କୁ ଭେଟୁଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବାଲିଅନ୍ତା ବ୍ଲକର ବିଭିନ୍ନ ଗାଁକୁ ପଦଯାତ୍ରାରେ ଯାଇ ଲୋକଙ୍କ ନିକଟତର ଓ ପ୍ରିୟ ଭାଜନ ହେବାରେ ଲାଗିଛନ୍ତି। ଏମ୍‌ପି ଷଡ଼ଙ୍ଗୀ ସୋମବାର ବେଣୁପୁର ପଞ୍ଚାୟତ ଗସ୍ତରେ ଆସି ଶ୍ରୀରାମ ମନ୍ଦିର ପାଖରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ପରେ ରାମଲାଲା ପଡ଼ିଆଠାରୁ ଏକ ପଦଯାତ୍ରାରେ ସାମିଲ ହୋଇଥିଲେ। ଏମ୍‌ପି ଷଡ଼ଙ୍ଗୀ କର୍ମୀ ଓ ସମର୍ଥକଙ୍କ ଗହଣରେ ବିଭିନ୍ନ ସାହି ପରିକ୍ରମା କରି ବେଣୁପୁର ପଞ୍ଚାୟତର ଆରାଧ୍ୟ ଠାକୁର ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଏକ ସଭା ବାଲିଅନ୍ତା ମଣ୍ଡଳ ସଭାପତି ସଞ୍ଜୟ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ଅପରାଜିତା ତାଙ୍କ ବକ୍ତବ୍ୟରେ ଏହି ବ୍ଲକର ସମସ୍ତ ମନ୍ଦିରରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ଓ ବିଭିନ୍ନ ଗ୍ରାମରେ ସୋଲାର ଲାଇଟ୍ ଲଗାଯିବ ବୋଲି କହିଥିଲେ। ପରେ ଅପରାଜିତା ଏହି ପଞ୍ଚାୟତ ଅଧୀନ ୮ଟି ଅନୁସୂଚିତ ଜାତି ସାହିର ୨୦୦ରୁ ଊର୍ଦ୍ଧ୍ୱ ବୟସ୍କ ଲୋକଙ୍କୁ କମ୍ବଳ ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରାଘବ ସେଠୀ, ବସନ୍ତ ନାୟକ, ମାଗୁଣି ସେଠୀ, ଅଶୋକ ପଟ୍ଟନାୟକ, ବିଜୟ ମହାରଣା, ସ୍ମୃତିରଞ୍ଜନ ବେହେରା ଓ ସିଦ୍ଧେଶ୍ୱର ନାଥଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ଗଙ୍ଗାଧର ଜେନା, ବିପିନ ବିହାରୀ ଜେନା, ମାନସ ସାହୁ ଓ ପରିକ୍ଷିତ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ଲିଟେରାରି ଏଣ୍ଡ କଲଚରାଲ ମିଟ୍‌ରେ କୁଳପତିଙ୍କ ସହ ଅନ୍ୟ ଅତିଥିମାନେ।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ 'ନେବୁଲା'




କଟକ,୨୯।୧

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପଟିଆସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ 'ନେବୁଲା-୨୦୨୪' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ବିଦ୍ୟାଳୟର ଅଧକ୍ଷା ପି.ଏସ୍.ପ୍ରିୟଦର୍ଶିନୀଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ଓଡ଼ିଶା ପୋଲିସର ପୂର୍ବତନ ଡିଜିପି ଏମ.ଅକ୍ଷୟ, ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ୍ ସ୍କୁଲର ଡାଇରେକ୍ଟର ଡ. ପ୍ରଭୁ ଚରଣ ମହାନ୍ତି, ମ୍ୟାନେଜିଙ୍ଗ ଟ୍ରଷ୍ଟି ସ୍ନିଗ୍ଧା ମହାନ୍ତି, ଡମ୍ବରୁ ପାଠଶାଳାର ପ୍ରତିଷ୍ଠାତା ସମ୍ୟକ୍ ମହାନ୍ତି,ଆୟେଶା ଦାସଙ୍କ ସମେତ ଓଡ଼ିଆ ସିନେ ଜଗତର ଜଣାଶୁଣା କଳାକାର ତଥା ଡମ୍ବରୁ ପାଠଶାଳର ବ୍ରାଣ୍ଡ୍ ଆମ୍ବାସାଡର ଶୁଭାଶିଷ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଅପରପକ୍ଷରେ ବିଦ୍ୟାଳୟର ଅଧକ୍ଷା ପି.ଏସ.ପ୍ରିୟଦର୍ଶିନୀ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ ମଧ୍ୟ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ ସହ ବିଦ୍ୟାଳୟର ନ୍ୟୁଜଲେଟର 'ମିଣ୍ଡୋରା'କୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ ବେଶ୍ ଚିତ୍ତାକର୍ଷକ ହୋଇଥିଲା, ଯାହାକି ଉପସ୍ଥିତ ଅତିଥି, କର୍ମଚାରୀ ଓ ଅଭିଭାବକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରିଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା।

# ଖଣ୍ଡଗିରିରୁ ଜୟଦେବ ବାଟିକା ଛକ ପର୍ଯ୍ୟନ୍ତ ଜବରଦଖଲ ହଟିବ

## ଖଣ୍ଡଗିରି ମେଳା ପାଇଁ ବିଏମ୍‌ସିର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୨୯।୧ (ବନ୍ଦନା ସେଠୀ)

ଫେବୃଆରୀ ୧୬ରୁ ୨୪ ପର୍ଯ୍ୟନ୍ତ ଖଣ୍ଡଗିରି ମାଘ ମେଳା ଅନୁଷ୍ଠିତ ହେବ। ସେହିପରି ୧୮ରୁ ୨୯ ପର୍ଯ୍ୟନ୍ତ ଯାତ୍ରା ସଂଳାପରେ ଦୁଲୁକିବ ଖଣ୍ଡଗିରି। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ବିଏମ୍‌ସି ମୁଖ୍ୟାଳୟରେ ବୈଠକ ବସିଥିଲା। ଚଳିତବର୍ଷ ଖଣ୍ଡଗିରି ମାଘମେଳାରେ ପ୍ରବଳ ଜନସମାଗମ ସମ୍ଭାବନା ଥିବାରୁ ଖଣ୍ଡଗିରି ଛକରୁ ଜୟଦେବ ବାଟିକା ଛକ ପର୍ଯ୍ୟନ୍ତ ଥିବା ଜବରଦଖଲକୁ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଖାଲଖମା ଥିବା ରାସ୍ତାଗୁଡ଼ିକର ମରାମତି କରିବା ସହ ମେଳା ପଡ଼ିଆକୁ ସମାନ କରାଯିବ। ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା, ଅସ୍ଥାୟୀ ବିଦ୍ୟୁତ୍ ଯୋଗାଣ ଓ ଆଲୋକୀକରଣ, ମେଳା ଅଞ୍ଚଳର ପରିମଳ ବ୍ୟବସ୍ଥା, ପୁରାତନ ପାଇଖାନାଗୁଡିକୁ ସଫା କରିବା ସହ ନୂତନ ଅସ୍ଥାୟୀ ପାଇଖାନା ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ଏଥିସହ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ଅସ୍ଥାୟୀ ଷ୍ଟଲ ପ୍ରଦାନ ସହ ଲାଇସେନ୍ସ ଫି ଆଦାୟ, ଯାତ୍ରା ପାର୍ଟି ମାଲିକ ଓ ମେଳା ବ୍ୟବସାୟୀଙ୍କଠାରୁ ରାଜସ୍ୱ ଆଦାୟ କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆଇନ ଶୃଙ୍ଖଳା ଓ ଟ୍ରାଫିକ୍ ସୁପରିଚାଳନା ପାଇଁ କମିଶନରେଟ ପୋଲିସର ସହଯୋଗ ଲୋଡ଼ାଯାଇଛି। ମେଳା ସୁପରିଚାଳନା ପାଇଁ ଆନ୍ତଃବିଭାଗୀୟ କମିଟି ଗଠନ କରାଯିବା ସହ ସ୍କେଚ୍ ମ୍ୟାପ୍ ପ୍ରସ୍ତୁତ କରାଯିବ। ପାର୍କିଂ ପାଇଁ ସ୍ଥାନ ସଂରକ୍ଷଣ ଓ ପାର୍କିଂ ଫି ଆଦାୟ ହେବ। ମେଳା ସ୍ଥାନରେ ଦମକଳ ବାହିନୀ ସଜାଗ ରହିବେ। ରାସ୍ତାକଡ଼ରେ ଖାଦ୍ୟର ଗୁଣାତ୍ମକ ମାନ ପରୀକ୍ଷା କରିବା ସହ ନିୟମିତ କଡ଼ାକଡ଼ି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ସମ୍ବେଦନଶୀଳ ସ୍ଥାନଗୁଡିକରେ ସିସିଟିଭି ଲଗାଯିବ। ମେଳାସ୍ଥଳକୁ 'ନୋ ପ୍ଲାଷ୍ଟିକ୍ ଜୋନ୍' କରାଯିବ। ଦୈନିକ ସକାଳ ଓ ସନ୍ଧ୍ୟାରେ ମେଳା ସ୍ଥଳରୁ ବର୍ଜ୍ୟ ଉଠାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ପ୍ରଭୁ ଅନନ୍ତ କିଶୋରଙ୍କ ଯାତ୍ରା ପାଇଁ ପୂର୍ବବର୍ଷ ଅପେକ୍ଷା ଅଧିକ ଆର୍ଥିକ ଅନୁଦାନ, ରାଣୀ ହଂସପୁର, ଗୁପ୍ତ ଗଙ୍ଗା, ଆକାଶ ଗଙ୍ଗା ଇତ୍ୟାଦି ସ୍ଥାନକୁ ସଫେଇ ସହ ଆଲୋକୀକରଣ କରିବା, ଜାଗମରାରୁ ଘାଟିକିଆ ରାସ୍ତା ଯାଏ ସ୍ୱତନ୍ତ୍ର ଆଲୋକ ସଜ୍ଜା, ଖଣ୍ଡଗିରି-ଉଦୟଗିରି ମଧ୍ୟରେ ଥିବା ରାସ୍ତାକୁ ଖୋଲିବା ନେଇ ଜାଗମରା ଅଞ୍ଚଳବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ପ୍ରିୟବ୍ରତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ବିଏମ୍‌ସି ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟ ଅଧିକାରୀମାନେ।

## ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ଉଚ୍ଚମାଧମିକ ବିଦ୍ୟାଳୟରେ ୮ ଦିନିଆ ବାଳିକା ଆତ୍ମସୁରକ୍ଷା ତାଲିମ କୌଶଳ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ କୃପାସିନ୍ଧୁ ପଲେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସୂର୍ଯ୍ୟମଣି ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶିକ୍ଷିକା ସୁନୀତା ସାମଲ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ୬୩ଜଣ ଛାତ୍ରୀ ଏହି ତାଲିମ୍ ଶିବିରରେ ଯୋଗଦେଇଛନ୍ତି।

# କାମ ନ ସରୁଣୁ ରାସ୍ତାରେ ଫାଟ

**କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା**

■ ନିମ୍ନମାନର କାମ ଅଭିଯୋଗ
■ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି

ମାହାଙ୍ଗା, ୨୯।୧(ଯଯାତି ସିଂହ)

ସରକାର ନଦୀକୂଳିଆ ଜନବସତିଗୁଡ଼ିକୁ ବନ୍ୟା ଦାଉରୁ ସୁରକ୍ଷା ଦେବା ପାଇଁ ନଦୀବନ୍ଧ ରାସ୍ତା ସୁଦୃଢୀକରଣ କାର୍ଯ୍ୟ କରୁଛନ୍ତି। ଏଥିଯୋଗୁ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଏହି ଅର୍ଥ ଠିକ୍ ଭାବେ ବିନିଯୋଗ ହୋଇପାରୁନାହିଁ। ମାହାଙ୍ଗା ବ୍ଲକ କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗ -୨ ଅଧୀନରେ ପାଖାପାଖି ୨୦ କି.ମି.ରୁ ଉର୍ଦ୍ଧ୍ୱ ନଦୀବନ୍ଧ ରାସ୍ତା ମରାମତି ଚାଲିଛି। ମାତ୍ର କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ନିମ୍ନମାନର କାର୍ଯ୍ୟ ହେଉଛି। ସମସରପୁର ପଞ୍ଚାୟତ ଯଶୋରାଜପୁରଠାରୁ ଭୋଳିଦାସପୁର ଭାୟା ବାଜପୁରା ପର୍ଯ୍ୟନ୍ତ ଗେଙ୍ଗୁଟୀ ନଦୀବନ୍ଧ ରାସ୍ତାରେ ପିଚୁ ଗୋଡି କାର୍ଯ୍ୟ ହେବାର ମାତ୍ର କିଛି ଘଣ୍ଟା ପରେ ଏହାର କେତେକ ସ୍ଥାନ ଫାଟିଯାଇଛି। ଆଉ କିଛିସ୍ଥାନରୁ ଗୋଡ଼ି ସମ୍ପୂର୍ଣ୍ଣ ଉଠିଯାଇଛି। ସେହିପରି ମୂଳବସନ୍ତ ପଞ୍ଚାୟତ ସିପୁରାଠାରୁ ସାହାପୁର ପଞ୍ଚାୟତ ବାଲିପଡ଼ିଆ ପର୍ଯ୍ୟନ୍ତ ବିରୂପା ନଦୀବନ୍ଧ ରାସ୍ତାର ବାଲିମାଟି ଉପରେ ପିଚୁ ଗୋଡି କାର୍ଯ୍ୟ କରାଯିବା ପରେ ଅଧିକାଂଶ ସ୍ଥାନରେ ରାସ୍ତା ଉପରେ ଘାସ ଉଠିଛି। ସେହିପରି ଗୋପାଳପୁରଠାରୁ କଲ୍ୟାଣପୁର ଗାନ୍ଧୀ ଛକ ପର୍ଯ୍ୟନ୍ତ ଅତି ନିମ୍ନମାନର ପିଚୁ ଓ ଗୋଡି କାର୍ଯ୍ୟ ହୋଇଛି। ଅଧିକାଂଶ ସ୍ଥାନରେ ଦୋଷ ଲୁଚାଇବା ପାଇଁ ରାସ୍ତାରେ ତାଳି ପକାଯାଇଥିବା ଦେଖିବାକୁ ମିଳିଛି । ଏପରିକି ରାସ୍ତାରୁ ଠିକ୍ ଭାବେ ବାଲିମାଟି ସଫା କରା ନ ଯାଇ ନାମକୁମାତ୍ର ପ୍ରାଇମର ପକାଇ ଅତି କମ ମୋଟେଇର ସିଲକୋର୍ଟ ପିଚୁଗୋଡି କାର୍ଯ୍ୟ କରାଯାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଏହି କାର୍ଯ୍ୟ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି। ମାତ୍ର ନିମ୍ନମାନର କାମଯୋଗୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦ୍ୱୀପାଞ୍ଚଳବାସୀ ଗ୍ରାମ୍ୟ ଉନ୍ନୟନ ସଚିବ, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜନ୍ ମଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏ ପ୍ରସଙ୍ଗରେ ସାଲେପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଦାୟିତ୍ୱରେ ଥିବା ସରୋଜ ଗାହାଣଙ୍କୁ ଯୋଗାଯୋଗ କରିବାରୁ କାର୍ଯ୍ୟ ତଦାରଖ କରିବା ପାଇଁ କର୍ମଚାରୀ ଅଭାବ ଥିବା କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ, ଉଠିଥିବା ଘାସକୁ ବୃତ୍ତ ଚିହ୍ନିତ କରାଯାଇଛି।

## ସଂକ୍ଷେପରେ

### ସାଲେପୁର ପତଞ୍ଜଳି ପରିବାର ପକ୍ଷରୁ ରକ୍ତଦାନ ଶିବିର

ସାଲେପୁର,୨୯।୧(ଅରବିନ୍ଦ ଭୂୟାଁ)

ସାଲେପୁର ଯୋଗ ପତଞ୍ଜଳି ପରିବାର ପକ୍ଷରୁ ସ୍ଥାନୀୟ ମଧୁମଣ୍ଡପଠାରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସାଲେପୁର ବିଡିଓ ଖଗେଶ୍ୱର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ପତଞ୍ଜଳି ରାଜ୍ୟ ସୋସିଆଲ୍ ମିଡିଆ ପ୍ରଭାରୀ କ୍ଷୀତିଶ ଚନ୍ଦ୍ର ପଟ୍ଟନାୟକ, ପତଞ୍ଜଳି ରାଜ୍ୟ ଯୁବ ପ୍ରଭାରୀ ଅମୃତାଂଶୁ ପ୍ରଧାନ, ପତଞ୍ଜଳି ରାଜ୍ୟ କିଶାନ୍ ସେବା ସମିତି ପ୍ରଭାରୀ ଏସ୍.ପି.ଡି.ଆର. ମହାପାତ୍ର, ସାଲେପୁର ବରୋଦା ବ୍ୟାଙ୍କ ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଶିବିରରେ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସାଲେପୁର ତହସିଲ ପ୍ରଭାରୀ ପ୍ରତାପ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ସଂଗ୍ରାମ କେଶରୀ କର, କୈଳାସ ଚନ୍ଦ୍ର ବେହେରା, ଲୋଲୁପ କୁମାର ବିଶ୍ୱାଳ, ଉମାକାନ୍ତ ଦାଶ, କାମଦେବ କର, ଜ୍ୟୋତିରଞ୍ଜନ ନାୟକ, ଅରୁଣ କୁମାର ନାୟକ, ନିଶିକାନ୍ତ ଦାଶ, ଦିବାକର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିବାବେଳେ ଏସ୍‌ସିବି ମେଡ଼ିକାଲ କଲେଜର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

### ୧୯୯୦ ମାଟ୍ରିକ ବିଦ୍ୟାର୍ଥୀଙ୍କ ସମାବେଶ

ମାହାଙ୍ଗା,୨୯।୧(ଯଯାତି ସଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତ ପଶୁଲୁଣ୍ଠସ୍ଥିତ ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟା ନିକେତନ ୧୯୯୦ ମାଟ୍ରିକ ବିଦ୍ୟାର୍ଥୀଙ୍କ ସମାବେଶ ଓ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ଦୈତାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତାରିଣୀ ପ୍ରସାଦ ପୁହାଣ, ଅଭୟ ଚରଣ ପଣ୍ଡା, ଶିକ୍ଷକ ରବୀନ୍ଦ୍ରନାଥ କର, ସ୍ନେହାଶ କୁମାର ମହାନ୍ତି, ଶିକ୍ଷୟିତ୍ରୀ ଅରୁନ୍ଧତୀ ସାହୁ, ପୂର୍ବତନ ଶିକ୍ଷା କର୍ମଚାରୀ ଗୌରାଙ୍ଗ ଚରଣ ଜେନା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଗୁରୁ ଓ ଶିଷ୍ୟ ପରମ୍ପରା ମଧ୍ୟରେ ଥିବା ସମ୍ପର୍କ ଉପରେ ଆଲୋଚନା କରିବା ସହ ବିଦ୍ୟାଳୟର କିପରି ଉନ୍ନତି ହୋଇପାରିବ ସେ ସମ୍ପର୍କରେ କହିଥିଲେ। ଏହି ଅବସରରେ ଦିବଂଗତ ଶିକ୍ଷକ ଓ ଛାତ୍ରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସମସ୍ତ ଆମନ୍ତ୍ରିତ ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମୃତି ସ୍ମାରକୀ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ତୁଷାର ମଞ୍ଜରୀ ରାଉତ, ତାପସ ରଞ୍ଜନ ମହାନ୍ତି, ଶୁଭଶ୍ରୀ ମହାନ୍ତି, ରାଜେଶ୍ୱରୀ ସାମଲ, ଗୌତମ ବିଶ୍ୱାଳ, ଧରଣୀଧର ବେହୁରା, ବିଜ୍ଞାନ କୁମାର ଦାସ, କୃଷ୍ଣପଦ ମିଶ୍ର, ଚିତ୍ତରଞ୍ଜନ ତ୍ରିପାଠୀଙ୍କ ସମେତ ବହୁ ପୁରାତନ ବିଦ୍ୟାର୍ଥୀ ସହଯୋଗ କରିଥିଲେ। ଉମାକାନ୍ତ ପାଣି ଅତିଥି ପରିଚୟ, ଏଲୋରା ମହାନ୍ତି ସ୍ୱାଗତ ଭାଷଣ ଓ ପୂର୍ଣ୍ଣିମା ସିହ୍ନା ଧନ୍ୟବାଦ ଦେଇଥିଲେ।

# ୧୦ ମାସର ବକେୟା ଭତ୍ତା ପାଇଲେ ବୃଦ୍ଧା

ନିଶ୍ଚିନ୍ତକୋଇଲି,୨୯।୧
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତ ଅନ୍ତର୍ଗତ ଚମ୍ପତି ପାଟଣା ଗ୍ରାମର ଜଣେ ୯୦ ବର୍ଷୀୟା ବୃଦ୍ଧାକୁ ଦୀର୍ଘ ୧୦ ମାସର ଭତ୍ତା ଟଙ୍କା ମିଳିଛି। ସେ ହେଲେ ସ୍ୱର୍ଗତ ଉତ୍ତମ ଗାହାଣଙ୍କ ସ୍ତ୍ରୀ ଶଶି ଗାହାଣ। ତାଙ୍କୁ ପ୍ରତିମାସରେ ବିଧବା ଭତ୍ତା ମିଳୁଥିଲା।

ମାତ୍ର ଦୀର୍ଘ ୧୦ ମାସ ହେଲା ବୃଦ୍ଧା ଜଣକ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ଏଥିଯୋଗୁ ସେ ଭତ୍ତା ଆଣିବାକୁ ଯାଇ ପାରୁ ନ ଥିଲେ। ଅପରପକ୍ଷେ ବାର୍ଦ୍ଧକ୍ୟ ହେତୁ ତାଙ୍କର ଆଙ୍ଗୁଠି ଛାପ ନିଆଯାଇପାରୁ ନ ଥିଲା। ଫଳରେ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିଲେ। ଏସମ୍ପର୍କରେ ସୋମବାର ବୁହାଲୋ ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ପ୍ରମୋଦ କୁମାର ସ୍ୱାଇଁ ଭାରତୀୟ ଷ୍ଟେଟବ୍ୟାଙ୍କର କଟକ ଜିଲା ଆଞ୍ଚଳିକ ପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବରପାଇ ସଙ୍ଗେ ସଙ୍ଗେ ଆଞ୍ଚଳିକ ପ୍ରବନ୍ଧକ ସୁବାଷଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ଚିଫ ମ୍ୟାନେଜର ସଂଘମିତ୍ରା ବାରିକ କର୍ମଚାରୀଙ୍କ ସହ ବୃଦ୍ଧାଙ୍କ ବାସଭବନରେ ପହଞ୍ଚି ୧୦ ମାସର ବକେୟା ପ୍ରାପ୍ୟ ବାବଦରେ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ପ୍ରତିମାସରେ ବ୍ୟାଙ୍କ ତରଫରୁ କର୍ମଚାରୀମାନେ ତାଙ୍କ ଘରେ ପହଞ୍ଚି ଭତ୍ତା ଅର୍ଥ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବ୍ୟାଙ୍କ କର୍ମଚାରୀ ଜ୍ୟୋତି ସ୍ୱାଇଁ, ଜନ୍ମେଜୟ ନାୟକ, ସଚ୍ଚିଦାନନ୍ଦ ସାମଲ, ଅନୁପ କୁମାର ମଲ୍ଲ ସହଯୋଗ କରିଥିଲେ।


ବ୍ୟାଙ୍କ କର୍ମଚାରୀଙ୍କଠାରୁ ଶଶି ଗାହାଣ ଭତ୍ତା ଟଙ୍କା ଗ୍ରହଣ କରୁଛନ୍ତି।

# ‘ବାଙ୍କୀ ରୋଡ୍’ ନାମରେ ପାସେଞ୍ଜର ହଲ୍ଟ ସ୍ଥାପନ ହେଉ

ବାଙ୍କୀ,୨୯।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ରେଳମନ୍ତ୍ରୀଙ୍କୁ ଦାବିପତ୍ର**

ବାଙ୍କୀ-କଟକ ରାସ୍ତାର ଗୋଡିସାହି ନିକଟ ରତାଗଡ ରେ ‘ବାଙ୍କୀ ରୋଡ’ ନାମରେ ଏକ ଯାତ୍ରୀ ରହଣି ସ୍ଥଳ ସ୍ଥାପନ ପାଇଁ ଦୀର୍ଘ ୩୦ବର୍ଷ ଧରି ଦାବି ହୋଇଆସୁଛି। ୧୯୯୪ରେ ବାଙ୍କୀ ଉନ୍ନୟନ ପରିଷଦର ଉପଦେଷ୍ଟା ଶରତ ଚନ୍ଦ୍ର ତ୍ରିପାଠୀଙ୍କ ଉଦ୍ୟମରେ ଭୁବନେଶ୍ୱର ରେଲ୍‌ୱେର ମୁଖ୍ୟକାର୍ଯ୍ୟାଳୟର ଖୋର୍ଦ୍ଧା ରୋଡ ଡିଭିଜନାଲ୍ ମ୍ୟାନେଜରଙ୍କୁ ଏ ବିଷୟରେ ପୂର୍ଣ୍ଣ ବିବରଣୀ ତୁରନ୍ତ ପଠାଇବା ପାଇଁ ଅନୁରୋଧ କରାଯାଇଥିଲା। ପରବର୍ତ୍ତୀ ସମୟରେ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ୧୯୨୦-୨୧ରେ ଏ ସମ୍ପର୍କରେ ରେଲ୍‌ୱେ ମନ୍ତ୍ରାଳୟକୁ ପତ୍ରାଳାପ କରାଯାଇଥିଲା। ଚଳିତ ବର୍ଷ ଜାନୁଆରୀ ୬ରେ ମଧ ରେଳ ମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କ ବାଙ୍କୀ ଗସ୍ତ ସମୟରେ ଏକ ଦାବିପତ୍ର ଉପସ୍ଥାପନ କରାଯାଇଥିଲା। ଏବେ ପୁନର୍ବାର ବୟୋଜ୍ୟେଷ୍ଠ ନାଗରିକ ସଂଘ ସଭାପତି ଆଇନଜୀବୀ ବିରଞ୍ଚି ଦାସ ଭାରତର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ, ଏହି ସ୍ଥାନରେ ପାସେଞ୍ଜର ହଲ୍ଟ ସ୍ଥାପନ ହେଲେ ଓଡ଼ିଶା ତଥା ଭାରତର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ସହଜରେ ଭାରତର ଅନ୍ୟତମ ବୃହତ୍ତମ ମଧୁର ଜଳହ୍ରଦ ଅଂଶୁପାକୁ ଦେଖିବାକୁ ଆସିବା ସହ ପ୍ରାଚୀନ ସରଣ୍ଡାଗଡ଼ ରାଜାଙ୍କ ନଅରର ଭଗ୍ନାଂବଶେଷ, ବାରୁଦ ଘର, କଂସା କବାଟ, ଦେଢ଼ସୁର ଭାଇବୋହୂ କୂଅ ଦେଖିବା ସଙ୍ଗେ ନୌକା ବିହାରର ମଜା ଉଠାଇପାରିବେ। ଦେବୀଦ୍ୱାରଠାରେ ପ୍ରାଚୀନ ରାଜାଙ୍କ ଦ୍ୱାରା ସ୍ଥାପିତ ସିଦ୍ଧରାମଚଣ୍ଡୀ ଠାକୁରାଣୀ, ବାଙ୍କୀରେ ମା’ଚର୍ଚ୍ଚିକା ଠାକୁରାଣୀଙ୍କ ପୀଠସ୍ଥଳ, ରେଣୁକା ନଦୀ, ବୀରାରାଣୀ ଶୁକଦେଈଙ୍କ ଗଡ଼ ଦେଖିପାରିବେ। ବାଙ୍କୀ ଓ ଗୋଡି ସାହି ଅଞ୍ଚଳର ଚାଷୀମାନେ ସବୁଜ ପରିବା ଓ ଅନ୍ୟ କୃଷି ଜାତ ଦ୍ରବ୍ୟ ଟ୍ରେନ୍ ମାଧମରେ ନେଇ ବାହାରେ ବିକି ପାରିବେ। ରତାଗଡ଼ ଛକ ଠାରେ ମଧ ମେଟ୍ରୋ ଟ୍ରେନ୍ ରହଣିସ୍ଥଳ ହେବାପାଇଁ ପ୍ରସ୍ତାବ ଅଛି । ଏହାର ଅନତି ଦୂରରେ ସ୍ୱାମୀ ରବିଶଙ୍କରଙ୍କର ଶ୍ରୀଶ୍ରୀ ୟୁନିଭରସିଟି, ଜଗତଗୁରୁ କୃପାଲୁଙ୍କ ଯୋଗ ଓ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ରହିଛି। ଏସବୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏହି ଦାବିପତ୍ରର ନକଲ କଟକ ଜିଲାପାଳ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

# ବିଡିଏସ୍ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ

ମଙ୍ଗୁଳି-ଜଗତପୁର ୨୯।୧(ମାନସ ସାମଲ)

ଜଗତପୁର ଥାନା ଅଧୀନ ଲକ୍ଷ୍ମୀ ବିହାରଠାରେ ଥିବା ବିଡିଏସ୍ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ବିଭୁତି ଭୂଷଣ ବେହେରା, ବିଜୟ ଭୂୟାଁ, ନାଗେଶ୍ୱର ବେହେରା, ଶଙ୍କର ପ୍ରସାଦ ସାହୁ, ସ୍ୱରାଜ କେଶରୀ ଯୋଗଦେଇଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୟଲକ୍ଷ୍ମୀ ଓଝା ସଭା ପରିଚାଳନା କରିଥିବାବେଳେ ଶାନ୍ତନୁ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ମାଣ୍ଡିଆ କ୍ରୟ ପାଇଁ ସଚେତନତା ରଥ ପରିକ୍ରମା


ସବୁଜ ପତାକା ଦେଖାଇ ମାଣ୍ଡିଆ ରଥ ସଚେତନତା ପରିକ୍ରମା ଶୁଭାରମ୍ଭ କରାଯାଉଛି।

ଟିଗିରିଆ,୨୯।୧(ଜାଫର ଖାଁ)

ଓଡିଶା ମିଲେଟ ମିଶନ ତରଫରୁ ଟିଗିରିଆ ବ୍ଲକରେ ଅର୍ଡର ଏନଜିଓର ସହାଭାଗିତାରେ ଚାଷ ହୋଇଥିବା ମାଣ୍ଡିଆ କ୍ରୟ ନିମନ୍ତେ ମଣ୍ଡି ଖୋଲିବା ପାଇଁ ସୋମବାର ସଚେତନତା ରଥ ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଏହି କାର୍ଯ୍ୟକ୍ରମରେ ଟିଗିରିଆ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଅଧକ୍ଷ ହରେନ୍ଦ୍ର ଦଳେଇ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଟିଗିରିଆ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ରଥକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲିକ ଓ ଟିଗିରିଆ ବ୍ଲକ ସହକାରୀ କୃଷିଅଧିକାରୀ ଦେବୀପ୍ରସାଦ ପୃଷ୍ଟି ଯୋଗଦେଇଥିଲେ। ଟିଗିରିଆ ଅଞ୍ଚଳର ୧୪ ପଞ୍ଚାୟତ ର ସମସ୍ତ ଗ୍ରାମରେ ଡାକ ବାଜି ଯନ୍ତ୍ର ଯୋଗେ ସଚେତନତା ରଥ ପରିକ୍ରମା କରିବ।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ‘ନେବୁଲା’



ବିଦ୍ୟାଳୟର ନ୍ୟୁଜଲେଟର ‘ମିଣ୍ଡୋରା’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କଟକ,୨୯।୧:

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପଟିଆସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ‘ନେବୁଲା-୨୦୨୪’ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ବିଦ୍ୟାଳୟର ଅଧକ୍ଷା ପି.ଏସ୍.ପ୍ରିୟଦର୍ଶନୀଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ଓଡ଼ିଶା ପୋଲିସର ପୂର୍ବତନ ଡିଜିପି ଏମ.ଅକ୍ଷୟ, ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ୍ ସ୍କୁଲର ଡାଇରେକ୍ଟର ଡ. ପ୍ରଭୁ ଚରଣ ମହାନ୍ତି, ମ୍ୟାନେଜିଙ୍ଗ ଟ୍ରଷ୍ଟି ସ୍ନିଗ୍ଧା ମହାନ୍ତି, ଡମ୍ବରୁ ପାଠଶାଳାର ପ୍ରତିଷ୍ଠାତା ସମ୍ୟକ୍ ମହାନ୍ତି,ଆୟେଶା ଦାସଙ୍କ ସମେତ ଓଡ଼ିଆ ସିନେ ଜଗତର ଜଣାଶୁଣା କଳାକାର ତଥା ଡମ୍ବରୁ ପାଠଶାଳର ବ୍ରାଣ୍ଡ୍ ଆମ୍ବାସାଡର ଶୁଭାଶିଷ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଅପରପକ୍ଷରେ ବିଦ୍ୟାଳୟର ଅଧକ୍ଷା ପି.ଏସ.ପ୍ରିୟଦର୍ଶିନୀ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ ମଧ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ ସହ ବିଦ୍ୟାଳୟର ନ୍ୟୁଜଲେଟର ‘ମିଣ୍ଡୋରା’କୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ ବେଶ୍ ଚିତ୍ତାକର୍ଷକ ହୋଇଥିଲା, ଯାହାକି ଉପସ୍ଥିତ ଅତିଥି, କର୍ମଚାରୀ ଓ ଅଭିଭାବକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରିଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା।

# ଗ୍ରାମାଞ୍ଚଳରେ ଲୋକଙ୍କ ସାମାଜିକ, ଆର୍ଥିକ ପରିବର୍ତ୍ତନ ହୋଇଛି



ତିଲକଣା ପଞ୍ଚାୟତରେ ଅନୁଷ୍ଠିତ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ବିଧାୟକ ଚନ୍ଦ୍ରସାରଥୀ ବେହେରା ଓ ଅନ୍ୟମାନେ।

ନିଶ୍ଚିନ୍ତକୋଇଲି,୨୯।୧
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ଓ ତିଲକଣା ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ତିଲକଣା ପଞ୍ଚାୟତରେ ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ଏନ୍ତୁଡିଶାଳରୁ ଶ୍ମଶାନ ଭୁଇଁ ପର୍ଯ୍ୟନ୍ତ ୬୦ରୁ ଉର୍ଦ୍ଧ୍ୱ ଯୋଜନା କରିଥିବା କହିଥିଲେ। ଏସବୁ ଯୋଜନା ଗ୍ରାମାଞ୍ଚଳରେ ଲୋକଙ୍କ ସାମାଜିକ ଓ ଆର୍ଥିକ ପରିବର୍ତ୍ତନ ଆଣିଛି। ଓଡ଼ିଶାକୁ ପ୍ରଗତିଶୀଳ କରିବା ପାଇଁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଧର୍ମରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ସରପଞ୍ଚ ନିରୁପମା ଷଡ଼ଙ୍ଗୀ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ପଣ୍ଡା, ପଞ୍ଚାୟତ ସଭାପତି ରମେଶ ଚନ୍ଦ୍ର ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନ୍ତର୍ଯ୍ୟାମୀ ନାୟକ, ଜିଲାପରିଷଦ ସଭ୍ୟ ବିଳାସ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଦାଉଦପୁର ପଞ୍ଚାୟତରେ ସରପଞ୍ଚ ଲଳିତେନ୍ଦୁ ବିଶୋଇଙ୍କ ତତ୍ତ୍ୱାବଧାନରେ ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା, ସମିତି ସଭ୍ୟ ଆଶିଷ ମହାନ୍ତି, ପୂର୍ବତନ ଜିଲାପରିଷଦ ସଭ୍ୟ ହିମାଂଶୁ ଶେଖର ମହାନ୍ତି, ପୂର୍ବତନ ସରପଞ୍ଚ ଦିବାକର ସାହୁ ,ଯନ୍ତ୍ରୀ ଅନାମ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ଜନସଚେତନତା କରାଯାଇଥିଲା। ଏହି ଅବସରରେ ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି, ମହିଳା ନେତ୍ରୀମାନଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗ୍ରାମାଞ୍ଚଳର ବିକାଶରେ ରାଷ୍ଟ୍ରର ବିକାଶ

**ପଞ୍ଚାୟତସ୍ତରୀୟ ବିକାଶ ସଚେତନତା ଶିବିର**

ବଡ଼ମ୍ବା,୨୯।୧(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମ ପଞ୍ଚାୟତରେ ବିକାଶ ସମ୍ପର୍କିତ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇ ଯାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ବୁଦ୍ଧିସାହୁ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଏପରିକି ଗ୍ରାମାଞ୍ଚଳର ବିକାଶରେ ରାଷ୍ଟ୍ରର ବିକାଶ ହୋଇଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟ ପକ୍ଷରେ ଶଙ୍ଖାମେରୀ ଗ୍ରାମ ପଞ୍ଚାୟତର ଭିତ୍ତିଭୂମି ବିକାଶଠାରୁ ଆରମ୍ଭ କରି ସରକାର ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ମାଧମରେ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ତଥା ଯୋଜନା ଉପରେ ସୂଚନା ଦିଆଯାଇଥିଲା। ଶଙ୍ଖାମେରୀ ପଞ୍ଚାୟତ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ପ୍ରାକ୍ତନ ଅଧକ୍ଷ ପରମାନନ୍ଦ ସେଠୀ, ବ୍ଲକ ଉପାଧକ୍ଷା ସ୍ୱର୍ଣ୍ଣଲତା ବେହେରା, ବ୍ଲକ ସହଶିକ୍ଷା ଅଧିକାରୀ ନିର୍ମଳା ବେହେରା, ଶଙ୍ଖାମେରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ନରସିଂହ ରାଉତ, ସମିତି ସଭ୍ୟାଙ୍କ ପ୍ରତିନିଧି ଦିଲୀପ ପଙ୍ଗାରୀ, ନାଏବ ସରପଞ୍ଚ ରବୀନ୍ଦ୍ର କୁମାର ସ୍ୱାଇଁ ଓ ଉଦ୍ୟାନ କୃଷି ବିଭାଗ କର୍ମକର୍ତ୍ତା ଯୋଗଦେଇଥିଲେ। ସାମାଜିକ କର୍ମୀ ମାନସ ମୁଦୁଲି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟଲକ୍ଷ୍ମୀ ନାୟକ, ଜିଆର୍‌ଏସ୍ ରଶ୍ମିରଞ୍ଜନ ପାଢ଼ୀ ଓ କନିଷ୍ଠ ଯନ୍ତ୍ରୀ ଫ୍ଲୋରେନସ ଏକା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବଟକୃଷ୍ଣ ମହାନ୍ତି, ଟିଙ୍କିନା ସାହୁ, ରାମ ଚନ୍ଦ୍ର ନାୟକ, ଝୁଲୁଲା ସାହୁ, ବିନୋଦ ବିଶ୍ୱାଳଙ୍କ ସମେତ ଅନ୍ୟାନ୍ୟ ଯୁବଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରଦର୍ଶିତ ଷ୍ଟଲଗୁଡ଼ିକୁ ଅତିଥିମାନେ ପରିଦର୍ଶନ କରିଥିଲେ। ସେହିପରି ଶଙ୍ଖାମେରୀ, କନ୍ତପ ଓ ଗୋପମଥୁରା ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଶେଷରେ ପଞ୍ଚାୟତର ଉଚ୍ଚ ମାଧମିକ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଶିବିରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଘରୋଇ କ୍ଲିନିକ୍ ପରିସରରେ ଯୁବତୀଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଏକ ଘରୋଇ କ୍ଲିନିକ ପରିସରରେ ସୋମବାର ଜଣେ ଯୁବତୀ ଓଢଣିରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୁରୀ ଜିଲା ଗଡ଼ିଶାଗଦା ଥାନା ଅନ୍ତର୍ଗତ ସୁନାଖଳାର ସନ୍ଧ୍ୟାରାଣୀ ପାନସିଂ ଓରଫ ପୂଜା(୧୯)। ଉକ୍ତ କ୍ଲିନିକରେ ଆସିଷ୍ଟାଣ୍ଡ ଭାବେ ପୂଜା କାମ କରୁଥିଲେ। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ପୋଲିସ ପହଞ୍ଚି ଅନୁଧ୍ୟାନ କରିବା ସହ ମୃତାଙ୍କ ପରିବାରକୁ ସୂଚନା ଦେଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଗୋଚାଲାଣ ଘଟଣାରେ ୪ ଗିରଫ

ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଗୋମାଂସ ସହ ଗୋଚାଲାଣ ଦିନକୁଦିନ ବଢ଼ିଚାଲିଛି। ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଗୋରୁ ଜବତ କରାଯାଉଥିଲେ ମଧ୍ୟ ବେପାରୀମାନେ ଫେରାର ହୋଇଯାଉଥିବା ନଜିର ରହିଛି। ସୋମବାର ଖୋର୍ଦ୍ଧା ପୋଲିସ ଗୋଚାଲାଣ ଘଟଣାରେ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ନେଲୁର ଜିଲାର ସିଏଚ୍.ମୁରଲି କ୍ରିଷ୍ଣ, ଏମ୍.କିରନ କୁମାର ଏବଂ ଉତ୍ତରପ୍ରଦେଶର ମହମ୍ମଦ ରିହାନ ଓ ମହମ୍ମଦ ଅଲତବ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ

ଜଟଣୀ,୨୯।୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରା ପାଟଣାସ୍ଥିତ ଜଗନ୍ନାଥ ମନ୍ଦିରର ନବମ ପ୍ରତିଷ୍ଠା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଟ୍ରଷ୍ଟର ସଭାପତି ମମତା ଦାସ ଏବଂ ସମ୍ପାଦକ ଜ୍ୟୋତି ଦାସଙ୍କ ନେତୃତ୍ୱରେ ହୋଇଥିବା ମହାଯଜ୍ଞ ଗତ ଶନିବାର ପୂର୍ଣ୍ଣାହୁତିରେ ସମାପନ ହୋଇଛି। ମୁଖ୍ୟ ପଣ୍ଡିତ କଳାକାହ୍ନୁ ସାମନ୍ତଶର୍ମା ଏବଂ ସାଥିଙ୍କ ଦ୍ୱାରା ପ୍ରଥମ ଦିବସରେ ଅଙ୍କୁରାରୋପଣ କରାଯାଇଥିଲା। ଦ୍ୱିତୀୟ ଦିବସରେ ଜଳଯାତ୍ରା, ଶାଳାଦିମଣ୍ଡନ, ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନ ଏବଂ ସନ୍ଧ୍ୟାରେ ଆଳତି ହୋଇଥିଲା। ଜଟଣୀ ନଗରପାଳ ଅନନ୍ତ ବେହେରା ଏବଂ ତାଙ୍କ ସହଧର୍ମିଣୀ କର୍ତ୍ତାକର୍ତ୍ତୀ ଭାବେ ଯୋଗଦେଇଥିଲେ। ଅନ୍ତିମ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ଷୋଳସ ଉପଚାର ପୂଜା, ବିଷ୍ଣୁ ସହାସ୍ରନାମ ସହିତ ଗୋଧୂଳି ବେଳାରେ ପୂର୍ଣ୍ଣାହୁତି ହୋଇଥିଲା। ବାଛରାପାଟଣା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଧାନମଣ୍ଡି ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୨୯।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ସେବା ସମବାୟ ସମିତି ପକ୍ଷରୁ ଧାନ କ୍ରୟ ଆରମ୍ଭ ହୋଇଛି। ସମିତି ସମ୍ପାଦକ ସଞ୍ଜୟ ଜେନା, ସଭାପତି ବାବୁଲା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସମିତି ପକ୍ଷରୁ ଚାଷୀଙ୍କ ପାଇଁ ଉପଯୁକ୍ତ ମୂଲ୍ୟରେ ଧାନ ବିକ୍ରି କରିବା ପାଇଁ ମଣ୍ଡି ଖୋଲାଯାଇଛି। ଗଞ୍ଜାମ ଜିଲାର ଗଣେଶ ରାଇସ ମିଲ୍ ପକ୍ଷରୁ ଯୋଗାଣ ବିଭାଗ ନିର୍ଦ୍ଦେଶକ୍ରମେ ଚାଷୀଙ୍କଠାରୁ ସିଧାସଳଖ ଧାନ କ୍ରୟ କରାଯାଇଛି। ୧୩ ଚାଷୀଙ୍କଠାରୁ ମୋଟ୍ ୪୫୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି ବୋଲି ସମ୍ପାଦକ ଜେନା କହିଛନ୍ତି।

# ଚିଲିକାକୁ ସଙ୍କୁଚିତ କରୁଛି ମାଟିବନ୍ଧ

ଖୋର୍ଦ୍ଧା,୨୯।୧ (ପ୍ରଭାତ ପାଣିଗ୍ରାହୀ)



ଏସିଆ ମହାଦେଶର ବୃହତ୍ତମ ଲୁଣା ହ୍ରଦ ଚିଲିକା ପାଇଁ ବେଆଇନ ମାଟିବନ୍ଧ, ଚିଙ୍ଗୁଡି ଘେରି ଏବଂ ନଳଘାସ ବିପଦ ସାଜିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ପକ୍ଷରୁ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଅନ୍ୟପଟେ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ କେତେଜଣ ଶହ ଶହ ଏକର ଚାଷଜମି ଏବଂ ଚିଲିକାକୁ ଲାଗି ବନ୍ଧ କରି ବେଆଇନଭାବେ ମାଛ ଓ ଚିଙ୍ଗୁଡି ଚାଷ କରୁଛନ୍ତି। ମାଛ ଚାଷ ପାଇଁ ବିଭିନ୍ନ ରାସାୟନିକ ସାର ବ୍ୟବହାର କରୁଛନ୍ତି। ଫଳରେ ଚିଲିକାର ଜୈବ ବିବିଧତା ନଷ୍ଟ ହେଉଛି। ଚିଙ୍ଗୁଡି ଘେରି ପରେ ଏବେ ମାଟିବନ୍ଧ ଚିଲିକାକୁ ସଙ୍କୁଚିତ କରୁଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଢ଼ିଉଠିଥିବା ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ଚାଲିଥିବା ନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ସଫେଇ ଦେଉଛନ୍ତି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଚିଲିକା ଉପକୂଳବର୍ତ୍ତୀ ଏବଂ ଟାଙ୍ଗୀ ତହସିଲ ଅଞ୍ଚଳରେ ବେଆଇନ ଭାବେ ହେକ୍ଟର ହେକ୍ଟର ଚାଷ ଜମିରେ ମାଟିବନ୍ଧ ରହିଛି। ମାଟି ବନ୍ଧ ଗୁଡିକ ବିଶାଳ ହୋଇଥିବାରୁ ତାହାକୁ ଭାଙ୍ଗିବା ପ୍ରଶାସନ ପକ୍ଷରୁ ସମ୍ଭବ ହେଉନାହିଁ। ୨୦୨୦ମସିହାରେ ପ୍ରଶାସନ ପକ୍ଷରୁ ଭୂଷଣ୍ଡପୁର ଏବଂ ଆଖପାଖ ଅଞ୍ଚଳରେ ଗଢି ଉଠିଥିବା ମାଟିବନ୍ଧ ଭାଙ୍ଗିବା ଲାଗି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିଛିଦିନ ପରେ ତାହା ଶୀଥିଳ ପଡିଗଲା। ପୁଣି ମାଟିବନ୍ଧ ଗଢିଉଠିଛି। ଏବେ ହଜାର ହଜାର ହେକ୍ଟର ଜମିରେ ମାଟି ବନ୍ଧ ରହିଥିବା ଦେଖିବାକୁ ମିଳିଛି। ମାଟିବନ୍ଧ ନ ଭଙ୍ଗାଯିବା ପର୍ଯ୍ୟନ୍ତ ଚିଲିକା ବିପଦମୁକ୍ତ ନୁହଁ ବୋଲି ପରିବେଶବିତମାନେ କହିଛନ୍ତି। ଜଳସ୍ତର କମୁଥିବାରୁ ଚିଲିକାରେ ରାଜଦଳ ଓ ମାଟି ପଙ୍କ ଯୋଗୁ ମତ୍ସ୍ୟଜୀବୀ ଡଙ୍ଗା ନେଇ ଚିଲିକା ଭିତରକୁ ଯିବାରେ ହଇରାଣ ହେଉଛନ୍ତି। ଚିଲିକାର ଜୈବ ବିବିଧତା ନଷ୍ଟ ହେଉଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ନୀରବତା ମାଫିଆଙ୍କୁ ପ୍ରୋତ୍ସାହିତ କରୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପ୍ରକାଶ ଯେ, ଗଞ୍ଜାମ, ପୁରୀ ଏବଂ ଖୋର୍ଦ୍ଧା ଜିଲାର ପ୍ରାୟ ୧୧୬୫ ବର୍ଗକିମି ଇଲକାରେ ଚିଲିକା ପରିବ୍ୟାପ୍ତ ରହିଥିଲା। କ୍ରମଶଃ ଏହା ସଙ୍କୁଚିତ ହୋଇ ୧୦୯୧ ବର୍ଗ କିମିକୁ ଆସିଲାଣି। ୩ଜିଲାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛୋଟବଡ ନଦୀ, ନାଳ ପାଣି ଚିଲିକାରେ ମିଶିଥାଏ। ଗ୍ରୀଷ୍ମଦିନେ ଏହାର ଜଳଧାରଣ କ୍ଷମତା କମୁଥିବା ବେଳେ ବର୍ଷାଦିନ ଆସିଲେ ଏହାର ଜଳଧାରଣ କ୍ଷମତା ବୃଦ୍ଧି ପାଇଥାଏ। ଗୋଟିଏ ପଟେ ନଦୀନାଳର ମାଟିଗୋଡି, ପ୍ଲାଷ୍ଟିକ, ପଲିଥିନ ଆଦି ବର୍ଜ୍ୟବସ୍ତୁ ଆସି ଚିଲିକାରେ ମିଶୁଛି। ଏହା ଦ୍ୱାରା ଚିଲିକା ପୋତିହେବା ସହ ଜଳଜୀବଙ୍କ ଉପରେ ପ୍ରଭାବ ପଡୁଛି। ଅନ୍ୟପଟେ ପ୍ରାୟ୧୫୦ବର୍ଗ କିମି ଇଲକାରେ ନଳଘାସ ପୂର୍ଣ୍ଣ ହୋଇଛି। ଚିଲିକାରେ ୧୦ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ମାଟି ଘେରି ରହିଛି। ବିଶେଷକରି ଚିଙ୍ଗୁଡି ଘେରିରେ ରାସାୟନିକ ସାର ପ୍ରୟୋଗ ଓ ଉକ୍ତ ପାଣି ଚିଲିକାରେ ମିଶିବା ଦ୍ୱାରା ଚିଲିକାର ପରିବେଶ ନଷ୍ଟ ହେଉଛି। ପୁରୀ ଜିଲା ବରକୁଦିଠାରୁ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ କୁମଣ୍ଡପାଟଣା ଉପକୂଳବର୍ତ୍ତୀ ଅଞ୍ଚଳରେ ନାଳଘାସ ମାଡିଗଲାଣି। ନଳଘାସ ଯୋଗୁ ଚିଲିକାର ଜଳରାଶି ସଙ୍କୁଚିତ ହେବା ସହ ଚିଲିକା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀଙ୍କ ଜୀବିକା ଉଜୁଡିବାକୁ ବସିଛି। ଏ ସମ୍ପର୍କରେ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚିଲିକାରେ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ଜାରି ରହିଛି। ଚିଲିକା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବେଆଇନଭାବେ ଗଢ଼ିଉଠିଥିବା ମାଟିବନ୍ଧ ଘେରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯିବା ଯୋଜନା ରହିଛି। ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ ଲାଗି ଗୁରୁତ୍ୱ ଦିଆଯାଉଛି।

### ସମୂହ ଛୁଟିରେ ପ୍ରାଣୀ ଚିକିତ୍ସକ: ସେବା ବାଧାପ୍ରାପ୍ତ

ଟାଙ୍ଗୀ,୨୯।୧(ରଘୁନାଥ ସାହୁ)

ରାଜ୍ୟରେ ପ୍ରାଣୀ ଚିକିତ୍ସକମାନେ ବିଭିନ୍ନ ଦାବି ପୂରଣ ପାଇଁ ସମୂହ ଛୁଟିରେ ଅଛନ୍ତି। ୧୨ଦିନ ବିତିଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ପ୍ରାଣୀ ଚିକିତ୍ସାଳୟ ତାଲା ପଡ଼ିଥିବା ବେଳେ ଚିକିତ୍ସା ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଇଛି। ଟାଙ୍ଗୀ ବ୍ଲକର ନିରାକାରପୁର ଓ ଟାଙ୍ଗୀରେ ଥିବା ୪ ଜଣ ପ୍ରାଣୀ ଚିକିତ୍ସକ ଛୁଟିରେ ଥିବାରୁ ଗାଈଗୋରୁ, ଛେଳି, ମେଣ୍ଢା, କୁକୁଡା, କୁକୁର,ବତକ ଚାଷୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପ୍ରକାଶ ଯେ, ଟାଙ୍ଗୀ ବ୍ଲକରେ ପ୍ରାୟ ୩୧ ହଜାର ଗାଈଗୋରୁ, ୨୭ ହଜାର ଛେଳି, ମେଣ୍ଢା ଏବଂ ୧୨୦ ଜଣ କୁକୁଡ଼ା ଫାର୍ମ କରିଛନ୍ତି। ଚିକିତ୍ସକଙ୍କ ଅଭାବରୁ ପ୍ରାଣୀ ସମ୍ପଦ ଚିକିତ୍ସା ନ ପାଇ ମତ୍ୟୁବରଣ କରୁଥିବା ଅଭିଯୋଗ ହେଉଛି। ଟାଙ୍ଗୀ ବ୍ଲକରେ ପ୍ରାଣୀ ଚିକିତ୍ସକ ଡା.ଚନ୍ଦ୍ରମଣି ସାହୁ, ଡା.ଦୀପ୍ତିମୟୀ ପଟ୍ଟନାୟକ, ଡା. ଅଳକା ଅଭିପ୍ସା ବଳିୟାରସିଂହ, ଡା.ପ୍ରିୟଙ୍କା ପ୍ରିୟମ୍ବଦା ପ୍ରିୟଦର୍ଶିନୀ ପ୍ରମୁଖ ସମୂହ ଛୁଟିରେ ଅଛନ୍ତି। ପ୍ରାଣୀ ଚିକିତ୍ସକ ଛୁଟିରେ ଥିବାରୁ ଅନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟରେ ନ ରହିବା ଯୋଗୁ କାର୍ଯ୍ୟାଳୟରେ ତାଲା ପଡିଛି। ସରକାର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଭାଇଚାରା, ପରମ୍ପରାକୁ ବାନ୍ଧି ରଖିଛି ଜଗନ୍ନାଥ ସଂସ୍କୃତି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୨୯।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ବିଶ୍ୱ ଭାଷା ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରାୟୋଜିତ ଏହି ପ୍ରତିଯୋଗିତାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି କୈଳାସ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ପ୍ରଫେସର ବିଷ୍ଣୁପ୍ରିୟା ଓତା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ଭୁବନେଶ୍ୱରର ସଦସ୍ୟ ସଚିବ ଡ.ସୁବ୍ରତ କୁମାର ପୃଷ୍ଟି ବକ୍ତା ଏବଂ ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମାନବ ସଭ୍ୟତାକୁ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ କରିଆସୁଛି ଶ୍ରୀଜଗନ୍ନାଥ ସଂସ୍କୃତି। ସର୍ବଧର୍ମ, ଭାଇଚାରା ଓ ପରମ୍ପରାକୁ ଯୋଡି ରଖିଛନ୍ତି ବିଶ୍ୱନିୟନ୍ତା। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହିତ ସାହିତ୍ୟ ଭାଷା ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି ଅତିଥି ଓତା ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ସ୍ୱାଗତ ଭାଷଣ ଓ ଅଧ୍ୟାପକ ପଙ୍କଜ କୁମାର କର ଅତିଥି ପରିଚୟ ଦେଇଥିଲେ। ନୋଡାଲ ଅଧିକାରୀ ଡ.ସତ୍ୟଜିତ ଦାସ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ସୁଶ୍ରୀ ସ୍ମୃତିମୟୀ ବସନ୍ତିଆ, ପ୍ରିୟମ୍ବଦା ବେହେରା, ନବ କିଶୋର ବିଶୋୟୀ, ଉମେଶ ମହନ୍ତ, ବିରଞ୍ଚି ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ପ୍ରତିନିଧି ପ୍ରଶାନ୍ତ ଜେନା ଓ ଠାକୁର ପ୍ରସାଦ ସାହୁ ପରିଚାଳନା କରିଥିଲେ। ସୁଧାଂଶୁ କୁମାର ପରିଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଆ ଜଗନ୍ନାଥ ସଂସ୍କୃତି ଆଧାରିତ ନାଟକ 'ଅପରୂପା ପଦ୍ମାବତୀ ' ଏବଂ ନୃତ୍ୟ ସଙ୍ଗୀତ 'ବାର ମାସରେ ତେର ପର୍ବ' ପରିବେଷଣ ହୋଇଥିଲା।

### ହୁମ୍ମା ଷ୍ଟେଶନରେ ୨ ଏକ୍ସପ୍ରେସ୍ ଟ୍ରେନ ରହଣି ଦାବି

କୃଷ୍ଣପ୍ରସାଦ,୨୯।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ସନ୍ନିକଟ ଗଞ୍ଜାମ ଜିଲାର ହୁମ୍ମା ଷ୍ଟେଶନ ଦେଇ ପ୍ରଶାନ୍ତି ଓ କୋଣାର୍କ ଏକ୍ସପ୍ରେସ ଦୁଇଟି ଯାତାୟାତ କରୁଛି। ପ୍ରଶାନ୍ତି ଏକ୍ସପ୍ରେସ ଭୁବନେଶ୍ୱରରୁ ହୁମ୍ମା ଦେଇ ବାଙ୍ଗାଲୋରକୁ ଯାତାୟାତ କରୁଥିବା ବେଳେ କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱରରୁ ମୁମ୍ବାଇକୁ ଯାତାୟାତ କରୁଛି। ଉକ୍ତ ଦୁଇଟି ଟ୍ରେନ ଯାତାୟାତ କରୁଥିଲେ ମଧ୍ୟ ହୁମ୍ମା ଷ୍ଟେଶନରେ ରହୁନଥିବାରୁ ବ୍ରହ୍ମଗିରି,କୃଷ୍ଣପ୍ରସାଦ ସମେତ ଗଞ୍ଜାମ ବ୍ଲକ ଅଞ୍ଚଳର ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତ। ହୁମ୍ମା ଷ୍ଟେଶନରେ ଉକ୍ତ ଦୁଇଟି ଏକ୍ସପ୍ରେସ ରହଣୀ ପାଇଁ ପାରିକୁଦ ଅଞ୍ଚଳର ଭାଜାପା ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଦୁଷ୍ମନ୍ତ କୁମାର ନାୟକ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଦୁଷ୍ମନ୍ତଙ୍କୁ ପ୍ରଶଂସା କରାଯାଇଛି।

### ପୁରୁଣା ସ୍ମୃତି ମନେପକାଇଲେ

ବୋଲଗଡ଼,୨୯।୧(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଡାବରଧୁଆପାଟଣା ଗ୍ରାମସ୍ଥିତ ଶ୍ୟାମସୁନ୍ଦର ଆଦର୍ଶ ବିଦ୍ୟାପୀଠର ୨୦୦୨ ମାଟ୍ରିକ ବ୍ୟାଚର ଛାତ୍ର ରାଜେଶ କୁମାର ମହାପାତ୍ର ,ସୁକାନ୍ତ ନାୟକ ଓ ଛାତ୍ରୀ ମିନତୀ ପାତ୍ରଙ୍କ ଆବାହକତ୍ୱରେ କୋଟଗଡ ଗୁମ୍ଫାଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୫୦ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତି ମନେପକାଇଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ରୀ ମାନିନୀ ସେଠୀ ଧନ୍ୟବାଦ ଦେଇଥିଲେ।

## ବିଜେଡି ପ୍ରାର୍ଥୀଙ୍କୁ ସମର୍ଥନ ପାଇଁ ନିବେଦନ



ସଭାରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

ବୋଲଗଡ଼,୨୯।୧(ଦେବବ୍ରତ ହୋତା)

**୩ ପଞ୍ଚାୟତରେ ଜନସମ୍ପର୍କ ସଭା**

ବୋଲଗଡ ବ୍ଲକର ପିଚୁକୁଳି, ବଡ଼କୁମାରୀ ଏବଂ ସାଗରଗୁଆଁ ପଞ୍ଚାୟତର ୩ଟି ସ୍ଥାନରେ ସୋମବାର ବିଜେଡି ପକ୍ଷରୁ ଜନସମ୍ପର୍କ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥିଭାବେ ବିଜୁ ଜନତା ଦଳର ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏଥିସହ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡିର ଏମ୍‌ପି ଓ ବିଧାୟକ ପ୍ରାର୍ଥୀ ଯିଏ ହେବେ ସେମାନଙ୍କୁ ସମର୍ଥନ କରିବାକୁ ନିବେଦନ କରିଥିଲେ। ଏହି ୩ଟି ସଭାରେ ବିଧାୟକ ରାଜେନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥିଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବୁଟୁ କୈଳାସ ପାତ୍ର, ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ବିଜେଡି ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ବ୍ଲକ ଅଧ୍ୟକ୍ଷ ହୁଲ୍ଲାସ ପ୍ରଧାନ, ଜିଲା ପରିଷଦ ସଭ୍ୟା ତନୁଜା ପାଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପିଚୁକୁଳିଠାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସେବା ସମବାୟ ସମିତି ସଭାପତି ପବିତ୍ର ମାଝୀ, ସରପଞ୍ଚ ଜୟନ୍ତୀ ପ୍ରଧାନ ଓ ସମିତିସଭ୍ୟ ସଞ୍ଜୟ ଗୁମାନସିଂହ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବଡ଼କୁମାରୀଠାରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତି ସଭାପତି ପ୍ରକାଶ ଚନ୍ଦ୍ର ରାଉତରାୟ ଏବଂ ସାଗରଗୁଆଁଠାରେ ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ, ସ୍ଥାନୀୟ ସରପଞ୍ଚ ରମା ଦେଇ, ସମିତି ସଭ୍ୟ ତୋଫାନ ବେହେରା, ବିଜେଡି ମହିଳା ବ୍ଲକ ସଭାନେତ୍ରୀ ପ୍ରଭାତୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇନ ସଚେତନତା ଶିବିର

ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟଠାରେ ତାଲୁକା ଆଇନ ସେବା ପକ୍ଷରୁ ସୋମବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଖୋର୍ଦ୍ଧା କୋର୍ଟର ମୁଖ୍ୟ ଫୌଜଦାରୀ ବିଚାରପତି ଶରତ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ଓକିଲ ସଂଘ ସଭାପତି ସର୍ବେଶ୍ୱର ସାହୁ, ବରିଷ୍ଠ ଆଇନଜୀବୀ ବିଜୟ କୁମାର ସାମନ୍ତସିଂହାର, ଅଶୋକ ମହାପାତ୍ର, ବିକ୍ରମ ଚମ୍ପତି, ଶୁଭାଶିଷ ମିଶ୍ର, ମହାବିଦ୍ୟାଳୟ ସମ୍ପାଦକ ସୁଧୀର ମାନସିଂ, ଅଧ୍ୟକ୍ଷ ଦିନେଶ ସାବତ, ଅନ୍ନପୂର୍ଣ୍ଣା ଦେବୀ, ଜ୍ୟୋତିର୍ମୟୀ ସାହୁ, ନଳିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତାଲୁକା ଆଇନ ସେବା କମିଟି ସମ୍ପାଦକ ବସନ୍ତ ଶତପଥୀ ସଂଯୋଜନା କରିଥିଲେ। ଆଇନର ବିଭିନ୍ନ ଧାରା, ପ୍ରସଙ୍ଗ, ମହିଳା ନିର୍ଯାତନା, ମାଗଣା ଆଇନ ସେବା, ପୀଡିତା ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପିକା ଅର୍ଚ୍ଚିତା ମହାରଣା, ମୋନାଲିସା ଦାସ, ଶୁଭେନ୍ଦୁ କୁମାର ପାଇକରାୟ, ସୌବିଦ୍ ବେହେରାଙ୍କ ସମେତ ସମସ୍ତ ଆଇନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବସନ୍ତ ଉତ୍ସବ ଉଦ୍‌ଯାପିତ

ଝାଁଳା,୨୯।୧(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଝାଁଳା ଗ୍ରାମର ରାଧାମାଧବ ଦେବଙ୍କ ପୀଠରେ ତିନିଦିନ ଧରି ଚାଲିଥିବା ବସନ୍ତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବସନ୍ତ ଉତ୍ସବ ଅବସରରେ ନାମ ସଂକୀର୍ତ୍ତନ ହୋଇଥିଲା। ଏଥିରେ ଝାଁଳା, ମୁଣ୍ଡମୁହାଣ, ଗୌଡ କାଶିପୁର, ପଳାଶପୁର, ଶିମିଳିପାଟଣା ଆଦି ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗଦେଇଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ଠଣାପଲ୍ଲୀ ବିଜୟୀ

ନିରାକାରପୁର,୨୯।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୋଳ ପଞ୍ଚାୟତସ୍ଥିତ ସ୍କୁଲ ଖେଳପଡ଼ିଆରେ ମା'ମଙ୍ଗଳା ସ୍ପୋର୍ଟିଂ କ୍ଲବ ପକ୍ଷରୁ ୫ମ ବାର୍ଷିକ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଠଣାପଲ୍ଲୀ କ୍ଲବ ଓ ଗୋପାଳପୁର କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୬-୫ ଗୋଲରେ ଠଣାପଲ୍ଲୀ କ୍ଲବ ବିଜୟୀ ହୋଇଛି। ଚିତ୍ତରଞ୍ଜନ ପରିଡା, ଗୟା ନାୟକ ଓ ଦୟା ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, କୁହୁଡି ସରପଞ୍ଚ ଜୟଦେବ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦିଲ୍ଲୀପ କୁମାର ସେଠୀ, ବଟକୃଷ୍ଣ ସାହୁ, ପ୍ରସନ୍ନ କୁମାର ପଟ୍ଟଯୋଶୀ, ଧର୍ମାନନ୍ଦ ମୁଦୁଲି, ଶରତ ନାୟକ, ଯୋଗୀ ନାୟକ, ବାବୁ ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

## ସୋନପୁର ବିଏସ୍‌ଏଫ୍ ଚାମ୍ପିୟନ



ସର୍ବଭାରତୀୟ ମା'ଭଗବତୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ଟାଙ୍ଗୀ,୨୯।୧(ରଘୁନାଥ ସାହୁ)

**ସର୍ବଭାରତୀୟ ମା'ଭଗବତୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଖୋର୍ଦ୍ଧା ଜିଲା ଛଣଗିରିରେ ଚାଲିଥିବା ସର୍ବଭାରତୀୟ ମା'ଭଗବତୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋନପୁର ବିଏସଏଫ୍ ଟିମ୍ ଚାମ୍ପିୟନ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍ ବିଶାଖାପାଟଣା ଜେଏଫ୍‌ସି ଓ ସୋନପୁର ବିଏସ୍‌ଏଫ୍ ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚର ଦ୍ୱିତୀୟାର୍ଦ୍ଧର ୨୪ ମିନିଟରେ ସୋନପୁର ବିଏସ୍‌ଏଫ୍ ଟିମର ଅଭୟ ମୁଣ୍ଡା ଗୋଟିଏ ଗୋଲ ଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ବିଶାଖାପାଟଣା ଜେଏଫ୍‌ସି ଟିମ୍ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଦିଗବିଜୟ ଦାସ, ଅମିତ ନାୟକ, ରାଜେନ୍ଦ୍ର ବାରିକ ଓ ବିପ୍ଳବ ସୁନ୍ଦରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ସମିତିସଭ୍ୟା ସୁମିତ୍ରା ବରିଶାଳ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ। ବୀରେନ୍ଦ୍ର ଦାସ, ମନୋରଞ୍ଜନ ସାମନ୍ତରାୟ, ଶେଖ୍ ସେରଲୀ, ବିଭୁତି ଭୂଷଣ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଅନୁଗୋଳ, ଗୁଣ୍ଠୁପୁର ଚାମ୍ପିୟନ

**ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ**

ବାଲୁଗାଁ,୨୯।୧(ସଂଗ୍ରାମ ପାଇକରାୟ)

ବାଲୁଗାଁସ୍ଥିତ ମା'ମଙ୍ଗଳା ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ନଗରଠାରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଦୁଇଟି ଫାଇନାଲ ମ୍ୟାଚ୍ ହୋଇଥିଲା। ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଅନୁଗୋଳ ଟିମ୍ ୨-୦ ସେଟରେ ବାଲେଶ୍ୱରକୁ ହରାଇ ଚାମ୍ପିୟନ ହୋଇଛି।ଚାମ୍ପିୟନ ଟିମର ଅମ୍ଳାନ ଗଡ଼ନାୟକ ଏବଂ ତନ୍ମୟ ସାହୁଙ୍କୁ ଟ୍ରଫି, ମେଡାଲ ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ରବିବାର ଫାଇନାଲ ମ୍ୟାଚରେ ବାଲୁଗାଁକୁ ୨-୧ ସେଟ୍‌ରେ ହରାଇ ଗୁଣ୍ଠୁପୁର ଟିମ୍ ଚାମ୍ପିୟନ ହୋଇଛି। ବିଜୟୀ ଟିମର କେ. ମନୋଜ କୁମାର ଏବଂ ପି.ଦୀପକଙ୍କୁ ଟ୍ରଫି, ମେଡାଲ ସହ ଟଙ୍କା ପୁରସ୍କୃତ କରାଯାଇଥିଲା। ବିଶ୍ୱଜିତ ଶତପଥୀ ଏବଂ ଅଭିଷେକ ହୋତା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ କ୍ଲବର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

**ଘରୋଇ କ୍ଲିନିକ୍ ପରିସରରେ ଯୁବତୀଙ୍କ ଆତ୍ମହତ୍ୟା**

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ)- ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଏକ ଘରୋଇ କ୍ଲିନିକ ପରିସରରେ ସୋମବାର ଜଣେ ଯୁବତୀ ଓଢଣିରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୁରୀ ଜିଲା ଗଡ଼ିଶାଗଡା ଥାନା ଅନ୍ତର୍ଗତ ସୁନାଖଳାର ସନ୍ଧ୍ୟାରାଣୀ ପାନସିଂ ଓରଫ ପୂଜା(୧୯)। ଉକ୍ତ କ୍ଲିନିକରେ ଆସିଷ୍ଟାଣ୍ଡ ଭାବେ ପୂଜା କାମ କରୁଥିଲେ। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ପୋଲିସ ପହଞ୍ଚି ଅନୁଧାନ କରିବା ସହ ମୃତାଙ୍କ ପରିବାରକୁ ସୂଚନା ଦେଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା

## ଜିଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଲେ

କାକଟପୁର,୨୯।୧(ଶୁଭଦର୍ଶନ ମିଶ୍ର):



କାକଟପୁର ବ୍ଲକରେ ସିଆର୍‌ପି, ଏମ୍‌ବିକେ ଏବଂ ବ୍ୟାଙ୍କ ମିତ୍ର ପଦବୀଗୁଡ଼ିକର ଫଳାଫଳ ବାହାରିବାରେ ବିଳମ୍ବକୁ ନେଇ ସୋମବାରଠାରୁ ଶତାଧିକ ମହିଳା ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ମହିଳାଙ୍କ ଦୁଃଖ ମହିଳା ମହାସଂଘ ବୁଝୁ ନ ଥିବାରୁ ମହିଳା ମାନେ ଏଥିପାଇଁ ବ୍ଲକସ୍ତରୀୟ ମହିଳା ମହାସଂଘ ସମ୍ପାଦିକା, ସଭାପତି, ବିପିସି, ବିପିଏମ୍ ଏବଂ ବ୍ଲକ ବିଡିଓଙ୍କୁ ଦାୟୀ କରିଛନ୍ତି। ଏହି ବ୍ୟକ୍ତିମାନେ ମନ୍ଦ ଉଦ୍ଦେଶ୍ୟ ରଖି ପରସ୍ପର ଉପରେ ଦୋଷାରୋପ କରି ଜାଣିଶୁଣି ଫଳାଫଳ ବାହାରିବାରେ ବ୍ୟାଘାତ ସୃଷ୍ଟି କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏଥିସହ ତୁରନ୍ତ ତାଲିକା ପ୍ରକାଶ କରିବାକୁ ଜିଲା ପ୍ରଶାସନର ହସ୍ତକ୍ଷେପ ଲୋଡିଛନ୍ତି। ଯେପର୍ଯ୍ୟନ୍ତ ଆବେଦନକାରୀ ମହିଳାଙ୍କ ୱେଟେଜ ତାଲିକା ପ୍ରକାଶ ନ ପାଇଛି, ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଜାନୁଆରୀ ୧୭ରେ କାକଟପୁର ବ୍ଲକସ୍ତରୀୟ ମହିଳା ମହାସଂଘ ପକ୍ଷରୁ ବ୍ଲକର ୧୨ ଗୋଟି ପଞ୍ଚାୟତ ନିମନ୍ତେ ୧୬୪ଟି ସିଆର୍‌ପି, ୧୨ଟି ଏମ୍‌ବିକେ ଏବଂ ୧୦ଟି ବ୍ୟାଙ୍କ ମିତ୍ର ପଦବୀ ପାଇଁ ସୂଚନା ଦିଆଇଥିଲା। ମାତ୍ର ବ୍ଲକସ୍ତରୀୟ ମହାସଂଘ କର୍ମକର୍ତ୍ତା ପଦବୀ ଚୟନରେ ଘୋର ଅନିୟମିତତା ଓ ଦୁର୍ନୀତି ପୂର୍ଣ୍ଣ ଉପାୟ ଅବଲମ୍ବନ କରିବା ଅଭିଯୋଗ ହୋଇଥିଲା। ଫଳରେ କାକଟପୁର ବିଡିଓ ମହାସଂଘ ପକ୍ଷରୁ ପ୍ରକାଶିତ ତାଲିକାକୁ ବାତିଲ କରାଯାଇଥିଲା। ଏ ସମ୍ପର୍କରେ ବାଙ୍ଗୁରିଗାଁ ପଞ୍ଚାୟତର ଲତାଞ୍ଜଳି ତରାଇ ଓ ଅନ୍ୟମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ମିଶନ ଶକ୍ତି ବିଭାଗର କମିଶନର କମ ସଚିବ ପୁନର୍ବାର ଆବେଦନକାରୀଙ୍କ ଆବେଦନ ଫର୍ମକୁ ତନଖି କରି ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିବାକୁ ଗତ ଅଗଷ୍ଟ ମାସରେ କାକଟପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାକଟପୁର ବିଡିଓ ପ୍ରାର୍ଥିନୀ ଚୟନ ପାଇଁ ଏକ କମିଟି ଗଠନ କରି ଆବେଦନ ପ୍ରକ୍ରିୟା ଶେଷ କରିଥିଲେ ମଧ୍ୟ ଅଦ୍ୟାବଧି ୫ ମାସ ହେବ ୱେଟେଜ ତାଲିକା ପ୍ରକାଶ କରୁନାହାନ୍ତି। ଫଳରେ ମହିଳାମାନେ ସୋମବାରଠାରୁ ଧାରଣା ଦେଇଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

ବଳଙ୍ଗା,୨୯।୧(କେଦାରେଶ୍ୱର ନନ୍ଦ):

ଘରେ ଟିଭି ଲଗେଇବାକୁ ବୋର୍ଡରେ ପ୍ଲଗ ଦେଉଥିବା ସମୟରେ ବିଦ୍ୟୁତ୍ ଆଘାତ ଲାଗିବାରୁ ସୋମବାର ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବଳଙ୍ଗା ଥାନା ଅଧୀନ ଉଛୁପୁରୁ ପ୍ରଧାନ ସାହିର କାଳନ୍ଦୀ ଚରଣ ପ୍ରଧାନ(୫୦)। କାଳିନ୍ଦୀଙ୍କ ବଡ଼ ଭାଇଙ୍କ ଅଭିଯୋଗକ୍ରମେ ବଳଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ସୂଚନା ମୁତାବକ, କାଳନ୍ଦୀ ସୋମବାର ମଧ୍ୟାହ୍ନରେ ଘରେ ଟିଭି ଦେଖିବାକୁ ବିଦ୍ୟୁତ୍ ବୋର୍ଡରେ ପ୍ଲଗ ଲଗାଉଥିବା ସମୟରେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ସେ ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ବଳଙ୍ଗା ମେଡିକାଲ ପରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କାଳନ୍ଦୀଙ୍କୁ ମୃତ ଘୋଷଣା କରିଥିଲେ। କାଳନ୍ଦୀଙ୍କ ଝିଅ ଓ ପୁଅ ଥିବାବେଳେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆଧ୍ୟାତ୍ମିକ ଚିନ୍ତନ ଦ୍ୱାରା ଶିକ୍ଷା ଗ୍ରହଣ ସହଜ ହେବ

ଗୋପ,୨୯।୧(ଭାରତୀ ଭୂଷଣ ଉପାଧ୍ୟାୟ):

ଆମ ଭିତରେ ଆଧ୍ୟାତ୍ମିକ ଚିନ୍ତନ ରହିଲେ ଶିକ୍ଷା ଗ୍ରହଣ କ୍ଷେତ୍ରରେ ସଫଳତା ମିଳିବା ସହଜ ହେବ। ସୋମବାର ଗୋପ ବ୍ଲକ ଅଧୀନ ବଇରିପୁରସ୍ଥିତ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ସହିତ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହନ୍ତ ରାମକୃଷ୍ଣ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହା କହିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସୁରତ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମହେଶ୍ୱର ସ୍ୱାଇଁ, ସୁକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅତିଥିମାନେ ମହାବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ କୃଷ୍ଣଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ବିରାଟ କିଶୋର ନାୟକ, ଗଣେଶ ଜେନା, ଅଜୟ ସାହୁ, ଡ. ବନମାଳୀ ବେହେରା, ଡ. ଅର୍ଜୁନ ସାହୁ, ସମୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ରକ୍ତଦାନ କରୁଥିବା ବ୍ୟକ୍ତି ସମାଜ ଲାଗି ଦର୍ପଣ ସଦୃଶ

ଗୋପ,୨୯।୧(ଭାରତୀ ଭୂଷଣ ଉପାଧ୍ୟାୟ):

ରକ୍ତଦାନ କରୁଥିବା ବ୍ୟକ୍ତି ସମାଜ ଲାଗି ଦର୍ପଣ ସଦୃଶ। ବାୟାକୁଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଓ ଦିବଂଗତ ଗୁରୁ ପ୍ରକାଶ ଚନ୍ଦ୍ର ସେନାପତିଙ୍କ ସ୍ମୃତିରେ ରକ୍ତଦାନ ଶିବିର କରାଯାଇଥଲା। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ଏହା କହିଥିଲେ। ଶିବିରରେ ବହୁ ବ୍ୟକ୍ତି ରକ୍ତଦାନ କରିଥିଲେ। ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଉତ୍ସର୍ଗ ପରିବାରର ଉପଦେଷ୍ଟା ବୀରଞ୍ଜନ ପ୍ରଧାନ, ସମ୍ପାଦକ ବିଷ୍ଣୁମୋହନ ପ୍ରଧାନ, ସଭାପତି ଲକ୍ଷ୍ମୀଧର ବେହେରାଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଧଳେଶ୍ୱରକୁ ହରାଇ ବ୍ରଦର୍ସ ଇଲେଭେନ ଚାମ୍ପିୟନ

ନିମାପଡ଼ା,୨୯।୧ (ରଞ୍ଜନ ପଟ୍ଟନାୟକ):



ନିମାପଡ଼ା ବ୍ଲକ ଅଧୀନ ଧଳେଶ୍ୱର ପଞ୍ଚାୟତ ପଡ଼ିଆରେ ଅନୁଷ୍ଠିତ ରୁଦ୍ରାମ୍ବିକା କପ୍ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଗ୍ରାମାଞ୍ଚଳର ୮ଟି ଦଳ ଭାଗ ନେଇଥିଲେ। ଧଳେଶ୍ୱର କ୍ରିକେଟ୍ କ୍ଲବକୁ ହରାଇ ବ୍ରଦର୍ସ ଇଲେଭେନ ପିପିଲି ଚଳିତବର୍ଷ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ରଦର୍ସ ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୯୩ରନ ସଂଗ୍ରହ କରିଥିଲା। ଜବାବରେ ପ୍ରତିପକ୍ଷ ଧଳେଶ୍ୱର କ୍ରିକେଟ କ୍ଲବ ୧୮ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୬୭ ରନ୍ ସଂଗ୍ରହ କରିଥିଲା। ଫାଇନାଲ ମ୍ୟାଚ୍‌ରେ ନନ୍ଦିଘୋଷ ଫାଉଣ୍ଡେଶନ ମୁଖ୍ୟ ସୁଶ୍ରୀ ରୋଜାଲିନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ବ୍ରଦର୍ସ ଇଲେଭେନକୁ ନଗଦ ୧୦ ହଜାର ଟଙ୍କା ଉପବିଜେତା ଦଳକୁ ନଗଦ ୬ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନିର୍ଦ୍ଦେଶକ ଚିନ୍ତାମଣି ବରାଳ ଉପସ୍ଥିତ ଥିଲେ।

# ଭିକାରୀଚରଣ ସଂଯୁକ୍ତ ବିଦ୍ୟାନିକେତନ ବାର୍ଷିକୋତ୍ସବ



କଣାସ,୨୯।୧(ବିଭୂତି ଭୂଷଣ ତ୍ରିପାଠୀ):

ବକୁଠାରେ ପ୍ରତିଷ୍ଠିତ ଭିକାରୀଚରଣ ସଂଯୁକ୍ତ ବିଦ୍ୟାନିକେତନର ୬୪ତମ ବାର୍ଷିକୋତ୍ସବ ଓ ବିଦ୍ୟାଳୟ ପ୍ରତିଷ୍ଠାତା ଭିକାରୀଚରଣ ମଙ୍ଗରାଜଙ୍କ ଜୟନ୍ତୀ ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଜଗଦେବ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ କାମାକ୍ଷା ପ୍ରଧାନ, ଶିକ୍ଷାବିତ୍ ବଂଶୀଧର ଜଗଦେବ, ଜଗନ୍ନାଥ ସଂସ୍କୃତି ଗବେଷକ ପୂର୍ଣ୍ଣଚନ୍ଦ୍ର ଦାସ, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ଅଶୋକ ପୃଷ୍ଟି, ବିଜୟ ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପ୍ରଧାନ, ଆଇନଜୀବୀ ଅଶୋକ ପାଣିଗ୍ରାହୀ, ସାମାଜିକ କର୍ମୀ ବିଶ୍ୱଜିତ୍ ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭୁ ଜଗନ୍ନାଥ ଓ ସ୍ୱର୍ଗତ ଭିକାରୀଚରଣ ମଙ୍ଗରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକ ଶୁଭାରମ୍ଭ କରାଯାଇଥିଲା। ଆଜିର ଛାତ୍ରୀଛାତ୍ର ଯେପରି ଜଣେ ଜଣେ ଭଲ ମଣିଷ ହେବେ ସେଥିନେଇ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ସାମନ୍ତସିଂହାରଙ୍କ ସ୍ମୃତିସଭା



ସ୍ମୃତିସଭାରେ ଯୋଗ ଦେଇଥିବା ଅତିଥିମାନେ ।

ନିମାପଡ଼ା,୨୯।୧(ରଞ୍ଜନ ପଟ୍ଟନାୟକ):

ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ସାମନ୍ତସିଂହାରଙ୍କ ୩୦ତମ ଶ୍ରାଦ୍ଧୋତ୍ସବ ସୋମବାର ନିମାପଡ଼ା ଶହୀଦ ସ୍ମୃତି ସଂସଦ ଆନୁକୂଲ୍ୟରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପିତା ରାଜଗୁରୁ ଯୋଗଦେଇ ସ୍ୱର୍ଗତ ପଦ୍ମଚରଣ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ ସେ ନିମାପଡ଼ାରେ ଶିକ୍ଷାର ବିକାଶ କରିବା ସଙ୍ଗେ ସଙ୍ଗେ ଓଡ଼ିଶା ସମବାୟ ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ସାଜିଥିଲେ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ନିମାପଡ଼ା ମହାବିଦ୍ୟାଳୟ ଅଧ୍ୟାପକ ଡ. ଭଗବାନ ସାହୁ, ଡ. ରବୀନ୍ଦ୍ରନାଥ ପାଢ଼ୀ, ସୁବ୍ରତ ମହାନ୍ତି, ମାନସ ରଞ୍ଜନ ସ୍ୱାଇଁ, ସ୍ୱପ୍ନରାଣୀ ସାହୁ, ନିମାପଡ଼ା ଶହୀଦ ସ୍ମୃତି ସଂସଦ କୋଷାଧ୍ୟକ୍ଷ ଦୟାନିଧି ସାହୁ ପ୍ରମୁଖ ଯୋଗଦେଇ ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ଅତିଥିଙ୍କୁ ଶହୀଦ ସ୍ମୃତି ସଂସଦ ସମ୍ପାଦକ ଡ. ବେଣୁଧର ସେନାପତି ସ୍ୱାଗତ କରିଥିବାବେଳେ କୁମାରୀ ବିଜୟଲକ୍ଷ୍ମୀ କର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବାର୍ଷିକୋତ୍ସବ, ପୁରସ୍କାର ବିତରଣ ସଭା

କଣାସ,୨୯।୧(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକର କଣାସ ଗ୍ରାମ ପଞ୍ଚାୟତର କଣାସଠାରେ ପ୍ରତିଷ୍ଠିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୮ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସଭା ସୋମବାର ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀଧର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ପ୍ରଶାସନିକ ଅଧିକାରୀ ନିଧି ରାଉତରାୟ, ଶିକ୍ଷାବିତ୍ କସ୍ତୁରୀ ଚରଣ ଚମ୍ପତି, ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାତା ପ୍ରେମାନନ୍ଦ ପରିଡ଼ା, ଶିକ୍ଷାକେନ୍ଦ୍ର ପ୍ରଧାନ ଆଚାର୍ଯ୍ୟ ସଂଗ୍ରାମକେଶରୀ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଜଗନ୍ନାଥ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସରକାରୀ ବିଦ୍ୟାଳୟ ଅପେକ୍ଷା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ର ଆଗରେ ରହୁ ଥିବାରୁ ଅତିଥିମାନେ ଗୁରୁମା ଗୁରୁଜୀଙ୍କୁ ସାଧୁବାଦ ଜଣାଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବଣ୍ଟନ କରିଥିଲେ।

# ପାନୀୟଜଳ ଯୋଗାଣ ମେଗା ପ୍ରକଳ୍ପ କାର୍ଯ୍ୟ ମନ୍ଥର

କଣାସ,୨୯।୧(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକର ଚୁପୁରିଙ୍ଗିଠାରେ ୨୮ଟି ଗ୍ରାମ ପଞ୍ଚାୟତର ସତ୍ୟବାଦୀ ବ୍ଲକର ୧୪ଟି ଗ୍ରାମ, ବ୍ରହ୍ମଗିରି ବ୍ଲକର ୧୮ଟି ଗ୍ରାମକୁ ପାନୀୟଜଳ ଯୋଗାଇ ଦେବାକୁ ମେଗା ପ୍ରକଳ୍ପ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା। ଆଦ୍ୟାବଧି ୬ ବର୍ଷ ବିତି ଯାଇଥିଲେ ମଧ୍ୟ ପ୍ରକଳ୍ପର କାର୍ଯ୍ୟ ଅଧା ଅଧି ହୋଇ ନ ଥିବା ଜଣାପଡ଼ିଛି। ପ୍ରକଳ୍ପ ସମ୍ପର୍କରେ କୌଣସି ଫଳକ ପ୍ରକଳ୍ପ ନିକଟରେ ମରାଯାଇନାହିଁ। ଉକ୍ତ ପ୍ରକଳ୍ପ କାର୍ଯ୍ୟ ହାଇଦ୍ରାବାଦର ଜି.ଭି.ପି.ଆର୍ କମ୍ପାନୀକୁ ଦିଆଯାଇଥିବା ଜଣାପଡ଼ିଛି। ୨ବର୍ଷରେ କାର୍ଯ୍ୟ ସାରିବାକୁ ଉକ୍ତ କମ୍ପାନୀ ଚୁକ୍ତିବଦ୍ଧ ହୋଇଥିଲେ ମଧ୍ୟ ୬ ବର୍ଷ ବିତି ଯାଇଥିବା ସତ୍ତ୍ୱେ ପ୍ରକଳ୍ପର କାର୍ଯ୍ୟ ଅଧା ଅଧି ହୋଇନାହିଁ। ଏ ସମ୍ପର୍କରେ କଣାସଠାରେ ଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟଙ୍କୁ ପଚାରିବାରେ, ଜାଗା ମିଳିବାରେ ଡେରି ହୋଇଥିବା କହିଥିଲେ।

# ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଡେଲାଙ୍ଗ , ୨୯।୧(ରଶ୍ମିରଞ୍ଜନ ପ୍ରଧାନ):

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ୨ ପଞ୍ଚାୟତରେ ବାଦ, ପ୍ରତିବାଦ ମଧ୍ୟରେ ସମ୍ପନ୍ନ ହୋଇଛି। ରେଞ୍ଚ ଓ ଖେଲାଉର ପଞ୍ଚାୟତରେ ଆୟୋଜିତ ଏହି ସମାବେଶରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଉପାଧ୍ୟକ୍ଷ ଦୁର୍ଗାଶା ନିଶଙ୍କ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ କୁମାର ନାୟକ ରାଜ୍ୟ ସରକାରଙ୍କ ଜନ ହିତକର ଯୋଜନା ସମ୍ପର୍କରେ ସଚେତନତା କରିଥିବା ବେଳେ ଦୁଇ ପଞ୍ଚାୟତରେ ବିଗତ ଦିନରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ପୃଥକ ଫଟୋଚିତ୍ର ଥିବା ପୁସ୍ତିକା ଲୋକାର୍ପଣ କରିଥିଲେ। ଏହି ପୁସ୍ତିକାରେ ଖେଲୋଉର ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବାର ଫଟୋଚିତ୍ର ରହିଥିବାବେଳେ ଲୋକେ ପାନୀୟଜଳ ସୁବିଧା ପାଉଥିବା ଦର୍ଶାଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ନଳକୂପ ଉପରେ ନିର୍ଭର କରୁଥିବା ବେଳେ ଜଳ ଯୋଗାଣ ପ୍ରକଳ୍ପର ପ୍ରାଚୀର ଅଧାଗଢା ହୋଇ ପଡିରହିଛି ଓ ପମ୍ପ ହାଉସ ଭିତରେ ପଙ୍କ କାଦୁଅ ଭର୍ତ୍ତି ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଏହାକୁ ନେଇ ବାଦପ୍ରତିବାଦ ଦେଖାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଖେଲୋଉର ସରପଞ୍ଚ ସ୍ନେହଲତା ସାହୁ ଉପସ୍ଥିତ ଥିବାବେଳେ ରେଞ୍ଚ ସରପଞ୍ଚ ଅନୁପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ଶାସକ ଦଳର କର୍ମୀମାନଙ୍କୁ କେହି ଜଣାଇ ନ ଥିବା ଅଭିଯୋଗ ହୋଇଛି। ବିଡିଓ କ୍ଷୀତିଶ ବେହେରା ୨ ପଞ୍ଚାୟତ ସଭାରେ ଅଧ୍ୟକ୍ଷତା କରିଥିଲେ।ଏହି ଅବସରରେ ବିଭିନ୍ନ ସମସ୍ୟା ସମ୍ପର୍କିତ ଆବେଦନପତ୍ର ଗ୍ରହଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅତିଥିମାନେ ଆମ ପଞ୍ଚାୟତ ବିକାଶ ପୁସ୍ତିକାକୁ ଲୋକାର୍ପଣ କରୁଛନ୍ତି ।

# ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମଙ୍କ ସହ ଜନ୍ମଦିନ ପାଳିଲେ ସାମାଜିକ କର୍ମୀ

ନିମାପଡ଼ା,୨୯।୧(ରଞ୍ଜନ ପଟ୍ଟନାୟକ):

ନିମାପଡ଼ାସ୍ଥିତ ପତିତପାବନ ସେବାସଂଘ ଅନ୍ତେବାସୀ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ଅସହାୟ ବୃଦ୍ଧାବୃଦ୍ଧଙ୍କ ଗ୍ରହଣରେ ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁ ନିଜ ଜନ୍ମଦିନ ପାଳିଛନ୍ତି। ସେମାନଙ୍କ ସହିତ ଜନ୍ମଦିନ କେକ୍ କାଟି ଦିନକୁ ସ୍ମରଣୀୟ କରିଛନ୍ତି। ଏହି ଅବସରରେ ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନ କରାଇଥିଲେ। ସେମାନଙ୍କ ସହ ନିଜ ଜନ୍ମଦିନ ପାଳନ କରି ଆନନ୍ଦିତ ଥିବା କସ୍ତୁରୀବାଳା କହିଛନ୍ତି। ଏହିଅବସରରେ ସେବାସଂଘ ସମ୍ପାଦକ ଜଗତ ପ୍ରସାଦ ସାବୁତଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପିପିଲି କିଙ୍ଗ୍‌କୁ ହରାଇ ଏମ୍‌ଏମ୍‌ସିଟି ଲତାହରଣ ଚାମ୍ପିୟନ




ଏମ୍‌ଏମ୍‌ସିଟି ଲତାହରଣ ଟିମ୍‌କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି ।

କାକଟପୁର,୨୯।୧(ଶୁଭଦର୍ଶନ ମିଶ୍ର):

ମଙ୍ଗଳା କ୍ରିକେଟ୍ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ତୁଷାରକାନ୍ତି ମହାନ୍ତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ପିପିଲି କିଙ୍ଗ୍‌କୁ ହରାଇ ଏମ୍‌ଏମ୍‌ସିଟି ଲତାହରଣ ଚାମ୍ପିୟନ ହୋଇଛି। ମ୍ୟାଚ୍‌ରେ ପିପିଲି କିଙ୍ଗ୍ ଟସ୍ ଜିତି ସମସ୍ତ ଉଇକେଟ ହରାଇ ୩୧ ରନ୍ ସଂଗ୍ରହ କରିଥିଲା। ଜବାବରେ ୭ ଓଭର ୧ ବଲ୍‌ରେ ୩୨ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୁରେନ୍ଦ୍ର ସେଠୀ, ସାଇ ରଞ୍ଜନ ପ୍ରଧାନ, ପ୍ରଦ୍ୟୁମ୍ନ ସେନାପତି, ମହେଶ୍ୱର ସ୍ୱାଇଁ, ପ୍ରେମାନନ୍ଦ ଗୋଚ୍ଛାୟତ, ହିମାଦ୍ରୀ ସାହୁ, ଶୁଭେନ୍ଦୁ ଶେଖର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଏମ୍‌ଏମ୍‌ସିଟି ଲତାହାରଣ ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ପିପିଲି କିଙ୍ଗ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଅଭିଷେକ ବେହେରା, ସହଦେବ ନାୟକ, ସୌମ୍ୟରଞ୍ଜନ ମଠିଆ ଓ ଶକ୍ତି ପ୍ରସାଦ ଦୀକ୍ଷିତ ମ୍ୟାଚ୍ ପରିଚାଳନା କରିଥିଲେ।

# ଏସ୍‌ଏସ୍‌ଜି ସୁନ୍ଦରଗ୍ରାମକୁ ହରାଇ ସେମିରେ ଡିସିସି କନ୍ଧମାଳ

## ରାଜ୍ୟସ୍ତରୀୟ ଶାରଳା କପ୍

ଅସ୍ତରଙ୍ଗ,୨୯।୧ (ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ):

ଅସ୍ତରଙ୍ଗ ବ୍ଲକ ପଛ ନରେନ୍ଦ୍ର ଷ୍ଟାଡିୟମରେ ୩୧ତମ ଶାରଳା କପ୍ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଏସ୍‌ଏସ୍‌ଜି ସ୍ପୋର୍ଟିଂ ସୁନ୍ଦରଗ୍ରାମକୁ ହରାଇ ଡିସିସି କନ୍ଧମାଳ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ସୁନ୍ଦରଗ୍ରାମ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦିଲୀପ ରାଉତ ୧୯ ବଲରେ ୩୪ରନ ସଂଗ୍ରହ କରିଥିଲେ। କନ୍ଧମାଳ ପକ୍ଷରୁ ସୁରେଶ ପାତ୍ର ୪ ଓଭରରେ ୭ରନ ବ୍ୟୟ କରି ୨ଟି ଉଇକେଟ ନେଇଥିଲେ। ଜବାବରେ ଡିସିସି କନ୍ଧମାଳ ୬ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତିଥିଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ନରେନ୍ଦ୍ର ଛାଟୋଇ, ସର୍ବସାଧାରଣ ଖବରଦାତା ବିଜୟ ବେହେରା, ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସାମାଜିକ କର୍ମୀ ପ୍ରଦେଶ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। କନ୍ଧମାଳର ଅମିତାଭ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରକାଶ ଚନ୍ଦ୍ର ବେହେରା ଓ ଡ୍ୟାମ୍ପିଂ ଅମ୍ପାୟର ବବୁଲୁ ସାହୁ ଖେଳ ପରିଚାଳନା କରିଥିଲେ। ରବୀନ୍ଦ୍ର ପରିଡ଼ା ଧାରା ବିବରଣୀ ପ୍ରଦାନ କରିଥିଲେ। ଶାରଳା କ୍ଲବ ଦିଗଦର୍ଶକ ଦିବାକର ଛାଟୋଇ, ପ୍ରତିଷ୍ଠାତା ନଟକିଶୋର ମହାନ୍ତି, ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ବେହେରା, ଦୁର୍ଗାଚରଣ ମହାରଣା, ପ୍ରଶାନ୍ତ ମୁଦୁଲି, କୁମାର ସନ୍ତୋଷ, ମିଡିଆ ସେଲ ଯୁବ ଅଧିକାରୀ ପବିତ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଜଣେ ଖେଳାଳିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

# 'ଶିଶୁଙ୍କୁ ଆଧ୍ୟାତ୍ମିକ ଶିକ୍ଷା ଦିଆଯିବା ଆବଶ୍ୟକ'

## ଆନନ୍ଦ ସେବା ସଦନର ଶିଶୁ ମହୋତ୍ସବ ଉଦ୍‌ଯାପିତ

ଡେଲାଙ୍ଗ,୨୯।୧(ରଶ୍ମିରଞ୍ଜନ ପ୍ରଧାନ):

ଶିଶୁକୁ ଆଧ୍ୟାତ୍ମିକ ଓ ପ୍ରାଥମିକ ଶିକ୍ଷା ଦେବାରେ ମା'ଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର ଯୁଗରେ ପ୍ରତ୍ୟେକ ବ୍ୟକ୍ତି ନିଜ ପିଲାଙ୍କୁ ବୈଷୟିକ ଶିକ୍ଷା ଦେବା ପାଇଁ ପ୍ରତିଯୋଗିତା କରୁଛନ୍ତି। ହେଲେ ଶିଶୁଟି ଅନ୍ୟମାନଙ୍କୁ ଠିକ୍ ବ୍ୟବହାର କରିବା ଓ ସମ୍ମାନ ଦେବାର ଶିକ୍ଷା ସମ୍ପର୍କରେ ଅଭିଭାବକମାନେ ଭୁଲିଯାଉଛନ୍ତି। ମା'ମାନେ ସେମାନଙ୍କ ପିଲାଙ୍କୁ ବୈଷୟିକ ଶିକ୍ଷା ଦେବା ସହିତ ଆଧ୍ୟାତ୍ମିକ ଶିକ୍ଷା ଦେବା ଆବଶ୍ୟକ। ଏହାଦ୍ୱାରା ପିଲାର ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି ଆନନ୍ଦ ସେବା ସଦନ ପକ୍ଷରୁ ଆୟୋଜିତ ଶିଶୁ ମହୋତ୍ସବରେ ଆଇନଜୀବୀ ଅନୁପ କୁମାର ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି। ଡେଲାଙ୍ଗ ବ୍ଲକ କୁଞ୍ଜର ଗ୍ରାମର ଆରାଧ୍ୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ୩ଦିନିଆ ଶିଶୁ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସରପଞ୍ଚ ହିରଣ୍ମୟୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ନିବନ୍ଧକ ସୂର୍ଯ୍ୟପ୍ରସାଦ ରଥ, ସମାଜସେବୀ ବିରଞ୍ଚି ବାରିକ୍, ମହିଳା ମଞ୍ଚ ସଭାନେତ୍ରୀ ବୀଣାପାଣି ଷଡଙ୍ଗୀ, ସତ୍ୟବାଦୀର ଶହୀଦ୍ ଦେବାଶିଷଙ୍କ ପିତା ପ୍ରତାପ ବିଶ୍ୱାଳ, ଶିକ୍ଷାବିତ୍ ନିରଞ୍ଜନ ସାହୁ ଏବଂ ଆଇନଜୀବୀ ପରିଡା ପ୍ରମୁଖ ଯୋଗଦେଇ ଶିଶୁଙ୍କୁ ଠିକ୍ ମାର୍ଗରେ ଅଭିଭାବକମାନେ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଜିଲାର ୨୫୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଝୋଟି, ବକ୍ତୃତା, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ସାଧାରଣଜ୍ଞାନ ଓ ବିଜ୍ଞାନ ପ୍ରଦର୍ଶନ ପ୍ରତିଯୋଗିତା ହୋଇଥିଲା। ସେବା ସଦନ ସମ୍ପାଦକ ମହେଶ୍ୱର ବେହେରା ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ରକ୍ତଦାତା, କୃତୀ ଛାତ୍ରୀଛାତ୍ର, ଖବରଦାତାମାନଙ୍କୁ ସମ୍ମାନିତ କରାଯାଇଥିଲା। ସେବା ସଦନ ପକ୍ଷରୁ ସ୍ମରଣିକା 'ଶୁଭ୍ରା' ଉନ୍ମୋଚିତ ହୋଇଥିଲା। ବୀର ଯବାନ ସ୍ୱର୍ଗତ ଦେବାଶିଷ ବିଶ୍ୱାଳଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହୋତ୍ସବ ଉଦଘାଟନୀ ଦିବସରେ କବି ମାନସ ରଞ୍ଜନ ପଟ୍ଟନାୟକ, ସୁନନ୍ଦା ମହାନ୍ତି, ସାହିତ୍ୟିକ ବିଭୂତି ଭୂଷଣ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ଜ୍ୟୋତ୍ସ୍ନାରାଣୀ ବେହେରା, ବିନୋଦ ପରିଡା, ସରୋଜ ପ୍ରଧାନ, ବିନୋଦ ପ୍ରଧାନ, ଗଣେଶ୍ୱର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶହୀଦ ଦେବାଶିଷଙ୍କ ପିତା ପ୍ରତାପ ବିଶ୍ୱାଳ ସମ୍ମାନ ଗ୍ରହଣ କରୁଛନ୍ତି ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୬ତମ ବଳିଦାନ ଦିବସ, ଗାନ୍ଧୀପାର୍କସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା।
- ଏମ୍ଏସ୍ଏମ୍ଇ କନ୍କ୍ଲେଭ ଆଣ୍ଡ ଏକ୍ସପୋ, ରେଳ ସଦନ, ଚନ୍ଦ୍ରଶେଖରପୁର, ୧୦ଟା ୩୦।
- ଫ୍ରି ବସ୍ ଫର୍ ଓମେନ୍ ସଚେତନତା, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପୂର୍ବାହ୍ନ ୧୧ଟା ୩୦।
- ସୃଜନୀ ଅନୁଷ୍ଠାନର ବାର୍ଷିକୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ଶବ୍ଦର ସୌଦାଗର ରଜନୀ ରଞ୍ଜନଙ୍କ ଶତକ ଯାତ୍ରାର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୬ତମ ବଳିଦାନ ଦିବସ, ଗାନ୍ଧୀପୀଠ ବାଲକାଟୀ, ସକାଳ ୯ଟା। ସଂସ୍କୃତି ନିର୍ଦ୍ଦେଶାଳୟ, ସକାଳ ୮ଟା ୪୫। ଆନନ୍ଦ ବଜାର, ସକାଳ ୮ଟା ୩୦। ଟଙ୍କପାଣି ସେତୁ, ସକାଳ ୯ଟା ୧୦। ସତ୍ୟଭାମାପୁର, ସକାଳ ୯ଟା ୨୦। ବଇଁଚୁଆ, ସକାଳ ୯ଟା ୩୦। ମହାତ୍ମା ସେତୁ, ସକାଳ ୯ଟା ୪୦। ଗାନ୍ଧୀପୀଠ, ସକାଳ ୯ଟା ୫୦।

**କଟକ**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୬ତମ ବଳିଦାନ ଦିବସ, ତେଲେଙ୍ଗାପେଣ୍ଠସ୍ଥିତ ମହାତ୍ମା ଗାନ୍ଧୀଙ୍କ ପୀଠସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ପୂର୍ବାହ୍ନ ୧୦ଟା ୩୦।

## ବ୍ରାଉନସୁଗାର ଜବତ, ୫ ନିଶା ବେପାରୀ ଗିରଫ

**ଭୁବନେଶ୍ୱର,୨୯।୧(ସୂର୍ଯ୍ୟକାନ୍ତ ବେହେରା):** ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ପୋଖରୀ ଲେନ୍-୩ ନିକଟରେ ବେଆଇନ ଭାବେ ବ୍ରାଉନସୁଗାର ବେପାର କରୁଥିବା ବେଳେ ପୋଲିସ ଚଢାଉ କରି ୫ ନିଶା ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରରେ ରହୁଥିବା କେନ୍ଦ୍ରାପଡ଼ାର ଅବଦୁଲ ଅଜିଜ ଖାନ୍ ଓ ଚନ୍ଦନ କୁମାର ପରିଡା, ଲକ୍ଷ୍ମୀସାଗର ଥାନା ଅଞ୍ଚଳର ମାଧବ ରାଓ ଓ ବିଭୁ ପ୍ରସାଦ ନାଏକ ଏବଂ ଶୋଭନ ଦାଶ। ସେମାନଙ୍କଠାରୁ ୧୯ ଗ୍ରାମ ବ୍ରାଉନସୁଗାର, ଦୁଇଟି ମୋଟରସାଇକେଲ ଓ ୭୫୦ ଟଙ୍କା ଜବତ ହୋଇଛି । ଜବତ ନିଶାଦ୍ରବ୍ୟର ମୂଲ୍ୟ ୨ ଲକ୍ଷ ଟଙ୍କା ହେବ। ତେବେ ଏହି ନିଶାଦ୍ରବ୍ୟ କେଉଁଠୁ ଆଣି କାହାକୁ ଯୋଗାଉଥିଲେ ତାହାର ତଥ୍ୟ ଜାଣିବା ପାଇଁ ଅଧିକ ତଦନ୍ତ ଚଳାଇଛି ପୋଲିସ।

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

### ଧୁକୁଡ଼ି ଦ୍ୱାରରେ ରକ୍ତଛିଟା



**ପୁରୀ,୨୯।୧(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ତେବେ ଶ୍ରୀମନ୍ଦିର ଭିତରେ ରକ୍ତଛିଟା ପଡ଼ିଥିବାରୁ ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି କରାଯାଇଛି। ଫଳରେ ଅନ୍ୟାନ୍ୟ ନୀତିରେ ବିଳମ୍ବ ଘଟିଥିଲା। ସୂଚନା ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ମଇଲମ କରାଯାଇଥିଲା। ପରେ ଭକ୍ତଙ୍କ ଦର୍ଶନ ଚାଲିଥିଲା। ଏହି ସମୟରେ ହଠାତ୍ ଧୁକୁଡ଼ି ଦ୍ୱାର ନିକଟରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଏଥିସହ ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ମହାସ୍ନାନ କରାଯିବା ସହ ସିଂହାସନ ଓ ଭିତରକାଠ ଧୁଆହୋଇ ଚୂନପାଣି ପଡ଼ିଥିଲା। ବଡ଼ମହାସ୍ନାନ ପାଇଁ ପ୍ରାୟ ୨ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଅନ୍ୟାନ୍ୟ ନୀତିରେ ମଧ୍ୟ ବିଳମ୍ବ ଘଟିଥିଲା। ରାତି ୮ଟା ୫ରେ ମହାସ୍ନାନ ନୀତି ସରିବା ପରେ ମହାପ୍ରଭୁଙ୍କ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।




ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟରେ ନାଇଟ୍ ସଫାରିର ଶୁଭାରମ୍ଭ ଅବସରରେ ଛାତ୍ରଙ୍କ ସହ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ଓ ଅନ୍ୟମାନେ।



ରାତିରେ ଛାତ୍ରମାନେ ସଫାରି ଗାଡ଼ିରେ ବସି ଜଙ୍ଗଲ ବୁଲିବାକୁ ଯାଉଛନ୍ତି।

# ଡମପଡ଼ା ଅଭୟାରଣ୍ୟରେ ନାଇଟ୍ ସଫାରି ଆରମ୍ଭ

**ଭୁବନେଶ୍ୱର, ୨୯।୧ (ଅସମାପିକା ସାହୁ)**

### ପ୍ରଥମ ରାତିରେ ଜଙ୍ଗଲ ବୁଲିଲେ ଛାତ୍ର

ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟରେ ନାଇଟ୍ ସଫାରି ଆରମ୍ଭ ହୋଇଛି। ସୋମବାର ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ଏହି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ରାତିରେ ରାଜଧାନୀର ବିଭିନ୍ନ ସ୍କୁଲ ଛାତ୍ରଙ୍କୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ଜଙ୍ଗଲ ଭିତରକୁ ନିଆଯାଇ ନୂଆ ଅନୁଭୂତି ପ୍ରଦାନ କରାଯାଇଛି। ପିଲାମାନେ ମଧ୍ୟ ଜଙ୍ଗଲ ସଫାରି ବୁଲି ଖୁସି ହୋଇଛନ୍ତି। ଅଭୟାରଣ୍ୟ ମଧ୍ୟରେ ହାତୀ, ହରିଣ, ଠେକୁଆ, କୋକିଶିଆଳି, ଶିଆଳ, ବାର୍ହା, କୁଟୁରା ଭଳି ବନ୍ୟଜନ୍ତୁ ଥିବାବେଳେ ସେମାନଙ୍କୁ ଦେଖିବା ସହ ଜଙ୍ଗଲ ମଧ୍ୟରେ ବୁଲିବା ପାଇଁ ଲୋକଙ୍କ ଆଗ୍ରହ ରହିଛି। ଏହାକୁ ଦୃଷ୍ଟିରେ ରଖି ଏଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପିସିସିଏଫ୍ କହିଛନ୍ତି। ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ଟିକେଟ କରି ଲୋକମାନେ ଏହି ନାଇଟ ସଫାରିର ମଜା ନେଇପାରିବେ। ସନ୍ଧ୍ୟା ୬ଟାରୁ ରାତି ୯ଟା ମଧ୍ୟରେ ଦୁଇଟି ସିଫ୍ଟରେ ଅଭୟାରଣ୍ୟ ଭିତରକୁ ଯାଇ ଜଙ୍ଗଲୀ ଜୀବଜନ୍ତୁଙ୍କୁ ଦେଖିବା ସହ ଘଞ୍ଚ ଜଙ୍ଗଲ ଭିତରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ଏକଘଣ୍ଟା ବୁଲିବା ପାଇଁ ୧ହଜାର ଟଙ୍କା ଥିବାବେଳେ ଦେଢ଼ଘଣ୍ଟା ପାଇଁ ୧୫ଶହ ଟଙ୍କା ରହିଛି।

ସୂଚନାଯୋଗ୍ୟ, ପୂର୍ବରୁ ଚନ୍ଦକା ଗୋଡ଼ିବାରି ଏବଂ ଭରତପୁରରେ ଦିନବେଳା ସଫାରି ହେଉଥିଲା। ଏବେ ଭରତପୁରରେ ନାଇଟ୍ ସଫାରି ଆରମ୍ଭ ହୋଇଛି। ଏହା ପର୍ଯ୍ୟଟକଙ୍କୁ ବେଶି ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।

# କଳାପଟି ବାନ୍ଧି ପ୍ରାଥମିକ ଶିକ୍ଷକଙ୍କ ପ୍ରତିବାଦ



ଲୋୟର ପିଏମ୍‌ଜିରେ ପ୍ରାଥମିକ ଶିକ୍ଷକମାନେ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର, ୨୯।୧ (ଅସମାପିକା ସାହୁ)**

### ଆନ୍ଦୋଳନ ଅନୁମତି ମିଳିଲାନି

ପ୍ରାଥମିକ ଶିକ୍ଷକମାନଙ୍କୁ ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଅନୁମତି ନ ମିଳିବାରୁ ସେମାନେ ମୁହଁରେ କଳାପଟି ବାନ୍ଧି ପ୍ରତିବାଦ କରିଛନ୍ତି। ଗ୍ରେଡ୍ ପେ ବୃଦ୍ଧି, ପ୍ରାଥମିକ ଶିକ୍ଷାରେ ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ ଓ ୨୦୧୭ରୁ ପୁରୁଣା ପେନ୍‌ସନ୍ ଲାଗୁ କରିବା ଆଦି ତିନୋଟି ମୁଖ୍ୟ ଦାବି ନେଇ ପ୍ରାଥମିକ ଶିକ୍ଷକମାନେ ୨୯ତାରିଖରୁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ ଆନ୍ଦୋଳନ ପାଇଁ ଅନୁମତି ମିଳିଲା ନାହିଁ। ଏଥିପାଇଁ କମିଶନରେଟ ପୋଲିସକୁ ସଂଘ ତରଫରୁ ତୀବ୍ର ସମାଲୋଚନା ଓ ନିନ୍ଦା କରାଯାଇଛି। ଆମ ଦେଶରେ ସମସ୍ତ ନାଗରିକଙ୍କ ଆନ୍ଦୋଳନ କରିବା ପାଇଁ ସାମ୍ବିଧାନିକ ଅଧିକାର ଥିଲାବେଳେ ପ୍ରାଥମିକ ଶିକ୍ଷକଙ୍କୁ ଆନ୍ଦୋଳନ ପାଇଁ ଅନୁମତି ନ ଦେବା ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ସଂଘ ଅଭିଯୋଗ କରିଛି। ଏଥିସହ ପ୍ରତିବାଦ ସ୍ୱରୂପ ପ୍ରାଥମିକ ଶିକ୍ଷକମାନେ ଲୋୟର ପିଏମ୍‌ଜି ଛକରେ ଧାରଣାରେ ବସିବା ସହ ମୁହଁ ଓ ପାଟିରେ କଳାପଟି ବାନ୍ଧି ଶାନ୍ତିପୂର୍ଣ୍ଣ ଭାବେ ସରକାରଙ୍କ ନିକଟରେ ଦାବି ରଖିଥିଲେ। ରାଜ୍ୟ ସରକାର ତୁରନ୍ତ ପ୍ରାଥମିକ ଶିକ୍ଷକଙ୍କ ଦାବିକୁ ପୂରଣ କରନ୍ତୁ ବୋଲି ଓଡ଼ିଶା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଦାବି କରିଛି। ସରକାର ଦାବିଗୁଡ଼ିକ ତୁରନ୍ତ ପୂରଣ ନ କଲେ ବାଧହୋଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା, ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ୍ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ନାଟକ 'ବକ୍ସି ଜଗବନ୍ଧୁ' ପରିବେଷିତ

**ଭୁବନେଶ୍ୱର,୨୯।୧(ଅନୁରାଧା ମହାରଣା)**

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ସମଗ୍ର ରାଜ୍ୟରେ ଏକ ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି। ରାଜ୍ୟର ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ମୁଖ୍ୟ ପଠନ ଗୃହରେ ନାଟକ 'ବକ୍ସି ଜଗବନ୍ଧୁ' ମଞ୍ଚସ୍ଥ ହୋଇଛି। ଏଥିରେ ବକ୍ସି ଜଗବନ୍ଧୁଙ୍କ ତ୍ୟାଗ ଓ ବିରତ୍ୱର ଗାଥା ପ୍ରତିଫଳିତ ହୋଇଛି । ତାଙ୍କ ଧୈର୍ଯ୍ୟ ଓ ସାହାସିକତାକୁ ସମ୍ମାନ ଜଣାଇ ମଞ୍ଚସ୍ଥ ହୋଇଛି ନାଟକ ବକ୍ସି ଜଗବନ୍ଧୁ । ସୌଭାଗିନୀ ରାୟଙ୍କ ରଚିତ ଏହି ନାଟକ ନିର୍ଦ୍ଦେଶନା ଧୀର ମଲ୍ଲିକ ଦେଇଥିବାବେଳେ ସହ ନିର୍ଦ୍ଦେଶନାରେ ମନୋଜ ସାହୁ, ସଙ୍ଗୀତରେ ପ୍ରତାପ ରାଉତ ଥିଲେ। ଏହାକୁ ଶତାବ୍ଦୀର କଳାକାର ମାନେ ପରିବେଷଣ କରିଥିବା ବେଳେ ଅପୂର୍ବ, ଜିତ, କାର୍ତ୍ତିକ, ସମ୍ବିତ, ସତ୍ୟ, ମଳୟ, ଲକ୍ଷ୍ମୀକାନ୍ତ, ପ୍ରକାଶ, ଶୁଭ, ଅଶୋକ, ଆଶିଷ, ସୌମ୍ୟ ପ୍ରମୁଖଙ୍କ ଅଭିନୟ ଦେଖିବାକୁ ମିଳିଥିଲା। ଗ୍ରନ୍ଥାଗାରର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅତସୀ ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସୂଚନା ଥାଉ କି, ସ୍ଥାନୀୟ ଜନତା ମଇଦାନରେ ଫେବୃଆରୀ ୩ରୁ ତିନିଦିନ ଧରି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେବ। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, କଳା ଓ ଐତିହ୍ୟକୁ ନେଇ ଅନେକ ତର୍କଭିତ୍ତିକ ଆଲୋଚନା ହେବା ସହ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଏହି ସମ୍ମିଳନୀ ସହାୟକ ହେବ।

# ସାଧାରଣ ନିର୍ବାଚନ ବଡ଼ ଚ୍ୟାଲେଞ୍ଜ: ସଞ୍ଜୀବ ପଣ୍ଡା

**ଭୁବନେଶ୍ୱର,୨୯।୧ (ସତ୍ୟଜିତ୍ ରାଉତ)**

### ଦାୟିତ୍ୱ ଗ୍ରହଣ କଲେ ୯ମ ପୋଲିସ କମିଶନର



ଦାୟିତ୍ୱ ଗ୍ରହଣ ଅବସରରେ ନୂଆ ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କୁ ବିଦାୟୀ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଶୁଭେଚ୍ଛା ଜଣାଉଛନ୍ତି।

ଭୁବନେଶ୍ୱର-କଟକ ଟୁଇନ୍ ସିଟିର ନବମ ପୋଲିସ କମିଶନର ଭାବେ ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୋଲିସ କମିଶନରେଟ୍ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦାୟୀ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସହରବାସୀ ପୋଲିସକୁ ତା'ର କାର୍ଯ୍ୟ ସମ୍ପାଦନ କରିବାରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବା ନେଇ କମିଶନର ପଣ୍ଡା ଆଶାବ୍ୟକ୍ତ କରିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଜନସାଧାରଣଙ୍କ ସହାୟତାରେ କମିଶନରେଟ୍ ପୋଲିସକୁ ଆହୁରି ଆଗକୁ ନେବୁ। ଆମ ପାଖରେ କେତେଗୁଡ଼ିଏ ଚ୍ୟାଲେଞ୍ଜ୍ ରହିଛି। ତାହା ମଧ୍ୟରୁ ନିକଟରେ ଥିବା ସାଧାରଣ ନିର୍ବାଚନ ହେଉଛି ବଡ଼ ଚ୍ୟାଲେଞ୍ଜ୍। ଏଥିପାଇଁ ଏବେଠାରୁ ଆମକୁ ସମସ୍ତ ପ୍ରକାର ପ୍ରସ୍ତୁତି କରିବାକୁ ହେବ। ଏଥିସହ ୫-ଟି ଏବଂ ମୋ ସରକାରର ନିୟମକୁ ଅନୁପାଳନ କରିବୁ। ପୋଲିସ କିଭଳି ଜନସାଧାରଣଙ୍କ ଅଧିକ ନିକଟତର ହୋଇ ଉତ୍ତମ ସେବା ଯୋଗାଇବ ଏହା ଉପରେ ସବିଶେଷ ଧ୍ୟାନ ଦେବୁ। ଏହାଛଡ଼ା ଅପରାଧ ନିରାକରଣ, ଟ୍ରାଫିକ୍ ପରିଚାଳନା, ସାଇବର ଅପରାଧ ଉପରେ ଅଧିକ କାମ କରିବୁ। ସମାଜର ଦୁର୍ବଳ ବର୍ଗ ମହିଳା ଓ ଶିଶୁ, ଅନୁସୂଚିତ ଜାତି ଆଦିଙ୍କ ସମସ୍ୟାକୁ ସ୍ୱତନ୍ତ୍ର ଧ୍ୟାନ ଦେଇ ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି ସଞ୍ଜୀବ କହିଛନ୍ତି। ଏହି ଅବସରରେ ଆୟୋଜିତ ନିରାଡ଼ମ୍ବର କାର୍ଯ୍ୟକ୍ରମରେ ସେ କମିଶନରେଟ ପୋଲିସର ଅଧିକାରୀ ଓ କର୍ମଚାରୀଙ୍କ ସହ କରମର୍ଦ୍ଦନ ପୂର୍ବକ ସେମାନଙ୍କୁ ଉତ୍ସାହିତ କରିଥିଲେ। ନୂଆ କମିଶନର ଭାବେ ଦାୟିତ୍ୱ ଗ୍ରହଣ ପୂର୍ବରୁ ସଞ୍ଜୀବ ଗୋଇନ୍ଦା ନିର୍ଦ୍ଦେଶକ ସହ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏସ୍‌ଡବ୍ଲ୍ୟୁସି)ର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଏପରିକି ସେ ପୁରୀ ଓ ରାଉରକେଲାର ଏସ୍‌ପି, ଆଇଜି ପର୍ସନାଲ୍, ଆଇଜି ଓଏସ୍ଏପି, କ୍ରାଇମବ୍ରାଞ୍ଚ ଏଡିଜି, ପରିବହନ କମିଶନର ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସଫଳତାର ସହ ଦାୟିତ୍ୱ ସମ୍ଭାଳିଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୧ ମାର୍ଚ୍ଚ ୯ରୁ ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀ ଟୁଇନ୍ ସିଟିର ଅଷ୍ଟମ ପୋଲିସ କମିଶନର ଭାବେ ଦାୟିତ୍ୱ ସମ୍ଭାଳି ଆସୁଥିଲେ। ତେବେ ସୌମେନ୍ଦ୍ରଙ୍କୁ ନିକଟରେ ରାଜ୍ୟ ସରକାର ଗୋଇନ୍ଦା ନିର୍ଦ୍ଦେଶକ ଭାବେ ବଦଳି କରି ନୂଆ ଦାୟିତ୍ୱ ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଦେବାଶିଷ



@ ସ୍ମିତା



@ ସୁଦୀପ୍ତ



@ ରଶ୍ମିତା



@ ଦୀପ୍ତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜୀବନ ଦଣ୍ଡାଦେଶ ହାଇକୋର୍ଟରେ ଖାରଜ

**କଟକ,୨୯।୧ (କାର୍ତ୍ତିକ ସାହୁ)**

### ମାତୃହତ୍ୟା ମାମଲା

ମାତୃହତ୍ୟା ମାମଲାରେ ଅଭିଯୁକ୍ତ ପୁତ୍ରଙ୍କୁ ନିମ୍ନ ଅଦାଲତଙ୍କ ଆଜୀବନ ଦଣ୍ଡାଦେଶ ହାଇକୋର୍ଟରେ ଖାରଜ ହୋଇଛି। ପାରଳାଖେମୁଣ୍ଡି ଅତିରିକ୍ତ ସେସନ୍ ଜଜ୍ ମାମଲାର ଆବେଦନକାରୀ ତଥା ଅଭିଯୁକ୍ତ ସଞ୍ଜୟ ମଲ୍ଲିକ୍‌ଙ୍କୁ ମାତୃହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ମାମଲାର ବିବରଣୀ ଅନୁସାରେ, ୨୦୧୭ ଏପ୍ରିଲ ୪ ତାରିଖ ରାତି ୧୧ଟାରେ ସଞ୍ଜୟ ତାଙ୍କ ମା' ରୋହିଣୀ ମଲ୍ଲିକଙ୍କୁ କାଠଫାଳିଆ ଓ କାତିରେ ଆକ୍ରମଣ କରିଥିଲେ। ଫଳରେ ରୋହିଣୀଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଗଜପତି ଜିଲା ଗୁରାଣ୍ଡି ଥାନାରେ ମାମଲା ରୁଜୁ ହୋଇଥିଲା। ପାରଳାଖେମୁଣ୍ଡି ଅତିରିକ୍ତ ସେସନ୍ କୋର୍ଟରେ ମାମଲାର ଶୁଣାଣି ଚାଲିଥିଲା। କୋର୍ଟ ମାମଲାର ଶୁଣାଣି କରି ୨୦୧୮ ସେପ୍ଟେମ୍ବର ୧୮ ତାରିଖରେ ରାୟ ପ୍ରକାଶ କରି ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ନିମ୍ନ ଅଦାଲତଙ୍କ ଏପରି ଦଣ୍ଡାଦେଶ ବିରୋଧରେ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବିଚାରପତି ଡି. ଦାସ ଓ ବିଚାରପତି ଜି. ସି. ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପଯୁକ୍ତ ପ୍ରମାଣ ଅଭାବରୁ ନିମ୍ନ ଅଦାଲତଙ୍କ ଆଜୀବନ ଦଣ୍ଡାଦେଶକୁ ଖାରଜ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୃଷିକ୍ଷେତ୍ରରେ ବଢୁଛି ଡ୍ରୋନ୍ ସ୍ପ୍ରେ ଚାହିଦା

ଭୁବନେଶ୍ୱର,୨୯।୧(ଅନୁରାଧା ମହାରଣା)



କୃଷି କ୍ଷେତ୍ରରେ ଡ୍ରୋନ ମାଧ୍ୟମରେ ସ୍ପ୍ରେ କରିବାର ଧାରା ଯୋଗୁଁ ଡ୍ରୋନ ପାଇଲଟ ଚାହିଦା ବୃଦ୍ଧି ପାଇଛି। ଯୁବକମାନେ ଡ୍ରୋନ ପାଇଲଟକୁ ଏକ ବୃତ୍ତି ଭାବରେ ବିଚାର କରିବା ଆରମ୍ଭ କରିଛନ୍ତ। କୃଷିର ପରିବର୍ତ୍ତିତ ବ୍ୟବସ୍ଥାରେ ଝିଅମାନେ ମଧ୍ୟ ଏହାକୁ ଗ୍ରହଣ କରୁଛନ୍ତ। ଡ୍ରୋନ ପାଇଲଟଙ୍କ ଚାହିଦାକୁ ଦୃଷ୍ଟିରେ ରଖି ହରିୟାଣା ସରକାର ଡ୍ରୋନ ପାଇଲଟମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦ ଯୁବକ ହରିୟାଣାର ଏକମାତ୍ର ସରକାରୀ ଆରପିଟିଓରୁ ତାଲିମ ନେଇଛନ୍ତି, ସେଥିମଧ୍ୟରୁ ୨୦ ଜଣ ଝିଅ ଅଟନ୍ତି। ହରିୟାଣାରେ ଯୁବକମାନଙ୍କୁ ଦ୍ରଷ୍ଟାଙ୍କ ଦ୍ୱାରା ପରିଚାଳିତ ରିମୋଟ ପାଇଲଟ ଟ୍ରେନିଂ ଅର୍ଗାନାଇଜେସନ (ଆରପିଟିଓ) ରେ ଡ୍ରୋନ ଉଡ଼ାଇବା ପାଇଁ ତାଲିମ ଦିଆଯାଉଛି। ହରିୟାଣା ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ରାଜ୍ୟର ୫୦୦ ଯୁବକ କୃଷକଙ୍କୁ ମାଗଣା ତାଲିମ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଡ୍ରୋନ ଉଡ଼ାଇବା ପାଇଁ କୃଷକମାନଙ୍କ ପାଇଁ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଦ୍ୱାରା ଅନୁମୋଦିତ ଆରପିଟିଓରୁ ତାଲିମ ନେବା ବାଧ୍ୟତାମୂଳକ ଅଟେ। କରନାଲର ଘୁସଗଡରେ ଏକ ସରକାରୀ ଆରପିଟିଓ ଅଛି ଯେଉଁଠାରେ ଦେଶର ଯେକୌଣସି ପ୍ରାନ୍ତରୁ ଜଣେ ବ୍ୟକ୍ତି ତାଲିମ ନେଇପାରିବେ। ଡ୍ରୋନ ମାଧ୍ୟମରେ ସାର ଏବଂ ପୋକମରା ଔଷଧ ସ୍ପ୍ରେ କରିବାର ଅନେକ ଲାଭ ରହିଛି। ସମଗ୍ର କ୍ଷେତ୍ରରେ ସମାନ ଅନୁପାତରେ ସ୍ପ୍ରେ କରାଯିବା ସହ ଅପେକ୍ଷାକୃତ କମ୍ ସମୟରେ କାର୍ଯ୍ୟ ସମ୍ପାଦନ ହୋଇଥାଏ। କୃଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ଜାରି କରିଛନ୍ତି ଏବଂ ଡ୍ରୋନ ତାଲିମ ପାଇଁ ବାଧ୍ୟତାମୂଳକ ପାସପୋର୍ଟର ସର୍ତ୍ତ ହଟାଇ ଦେଇଛନ୍ତି। ଯେଉଁଥିପାଇଁ ବର୍ତ୍ତମାନ ଯୁବକମାନଙ୍କ ପାଇଁ ଡ୍ରୋନ ଟ୍ରେନିଂ ପାଇବା ସହଜ ହେବ ବୋଲି ଆଶା କରାଯାଉଛି। ସେହିପରି ଡ୍ରୋନ କ୍ରୟ ଉପରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡି ଦେବାକୁ ଯୋଜନା କରାଯାଉଛଇ। ଏହି ଡ୍ରୋନର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା, ସେଥିମଧ୍ୟରୁ କେବଳ ୨ ଲକ୍ଷ ଟଙ୍କା ଚାଷୀଙ୍କଠାରୁ ନିଆଯିବ, ୮ ଲକ୍ଷ ଟଙ୍କା ସରକାର ପ୍ରଦାନ କରିବେ।

# ଆକ୍ସିସ୍ ବ୍ୟାଙ୍କର ମୋଟ ୬,୦୭୧ କୋଟି ଲାଭ

ନୂଆଦିଲ୍ଲୀ,୨୯।୧

ଆକ୍ସିସ୍ ବ୍ୟାଙ୍କ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ୩ୟ ତ୍ରୈମାସିକରେ ବ୍ୟାଙ୍କ ମୋଟ ୬,୦୭୧ କୋଟି ଟଙ୍କା ଲାଭ କରିଥିବାବେଳେ ବ୍ୟାଙ୍କର ସୁଧ ଆୟ (ଏନ୍‌ଆଇଆଇ) ୨୦୨୩-୨୪ ଆର୍ଥିକ ବର୍ଷର ୩ୟ ତ୍ରୈମାସରେ ୯% ବୃଦ୍ଧି ପାଇ ୧୨,୫୩୨ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ବ୍ୟାଙ୍କର ସୁଧ ମାର୍ଜିନ୍ (ଏନ୍‌ଆଇଏମ୍) ୪.୦୧% ରହିଥିଲାବେଳେ କ୍ୟୁଏବି ଭିତିରେ ବ୍ୟାଙ୍କର କାସା ବାର୍ଷିକ ୧୩% ଏବଂ ତ୍ରୈମାସିକରେ ୧% ବୃଦ୍ଧି ପାଇ କାସା ଅନୁପାତ ୪୨% ରହିଛି।

# ୪% କମିପାରେ ଚିନି ଉତ୍ପାଦନ

ଭୁବନେଶ୍ୱର,୨୯।୧



ଦେଶରେ ଚିନି ଉତ୍ପାଦନ ବାର୍ଷିକ ପ୍ରାୟ ୪ ପ୍ରତିଶତ ହ୍ରାସ ପାଇ ୨୦୨୩-୨୪ରେ (ଅକ୍ଟୋବର-ସେପ୍ଟେମ୍ବର) ୩୧.୬ ନିୟୁତ ଟନରେ ପହଞ୍ଚିବ ବୋଲି ଆକଳନ କରାଯାଇଛ। ଏହାର ପ୍ରଥମ ଉତ୍ପାଦନ ଆକଳନ ପ୍ରକାଶ କରି ଚିନି ବାଣିଜ୍ୟ ସଂସ୍ଥା ଅଲ ଇଣ୍ଡିଆ ସୁଗାର ଟ୍ରେଡ୍ ଆସୋସିଏସନ (ଏଆଇଏସଟିଏ) କହିଛି ଯେ, ଆନୁମାନିକ ଚିନି ଉତ୍ପାଦନ ୩.୧୬ କୋଟି ଟନ ଏବଂ ପ୍ରାରମ୍ଭିକ ସଂରକ୍ଷଣ ୫୭ ଲକ୍ଷ ଟନ ସହିତ ଦେଶରେ ଚିନି ଉପଲବ୍ଧତା ୩.୭୩ କୋଟି ଟନ ରହିଥିବାବେଳେ ଆନୁମାନିକ ଘରୋଇ ବ୍ୟବହାର ୨୯ ନିୟୁତ ଟନରୁ ଅଧିକ। ଏଆଇଏସଟିଏ ଅନୁଯାୟୀ, ୨୦୨୩-୨୪ରେ ଚିନିର ଅନ୍ତିମ ଷ୍ଟକ ପ୍ରାୟ ୮୨ ଲକ୍ଷ ଟନ ହେବ। ଅଲ ଏଆଇଏସଟିଏର ଅଧ୍ୟକ୍ଷ ପ୍ରଫୁଲ୍ଲ ବିଠଲାନି କହିଛନ୍ତି ଯେ, ପ୍ରଥମ ଆକଳନଟି ବ୍ୟବହୃତ ଆଖୁ ପରିମାଣ, ବର୍ତ୍ତମାନ ପର୍ଯ୍ୟନ୍ତ ମିଳିଥିବା ଅମଳ ଏବଂ ପୁନରୁଦ୍ଧାର ହାର, ଅବଶିଷ୍ଟ ସ୍ଥାୟୀ ଫସଲ ଏବଂ ଇଥାନଲ ଉତ୍ପାଦନ ପାଇଁ ସୁକ୍ରୋଜ୍‌ର ଆବଶ୍ୟକତା ଉପରେ ଆଧାରିତ। ଉତ୍ପାଦନ ଆକଳନରେ ୩ ପ୍ରତିଶତ ପାର୍ଥକ୍ୟ ଆସିପାରେ ବୋଲି ସେ କହିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଉତ୍ତରପ୍ରଦେଶରେ ଚିନି ଉତ୍ପାଦନ ୧.୧୭ କୋଟି ଟନରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ସେହି ଅବଧିରେ ମହାରାଷ୍ଟ୍ରରେ ୯୬ ଲକ୍ଷ ଟନ ଏବଂ କର୍ଣ୍ଣାଟକରେ ୪୭ ଲକ୍ଷ ଟନ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୯।୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୨୪୧ (୧୨୪୦.୯୦) ପଏଣ୍ଟ ବଢି ୭୧,୯୪୨(୭୧,୯୪୧.୫୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୩୮୫ (୩୮୫.୦୦) ପଏଣ୍ଟ ବୃଦ୍ଧି ଘଟି ୨୧,୭୩୮ (୨୧,୭୩୭.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ୩୧ରେ ଷ୍ଟାର୍ଟଅପ୍ ଉତ୍ସବ-୨୦୨୪

ଭୁବନେଶ୍ୱର,୨୯।୧

ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ମାଇକ୍ରୋ, ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ ବା ଏମ୍‌ଏସ୍‌ଏମ୍‌ଇ) ଅଧୀନରେ କାର୍ଯ୍ୟରତ ଷ୍ଟାର୍ଟଅପ ଓଡ଼ିଶା ପକ୍ଷରୁ ୨୦୨୪ ଜାନୁଆରୀ ୩୧ ରେ 'ଷ୍ଟାର୍ଟଅପ୍ ଉତ୍ସବ-୨୦୨୪' ପାଳିତ ହେବାକୁ ଯାଉଛି। ଏପରିକି ଚଳିତ ବର୍ଷ ଜାନୁଆରୀ ୩୧ରେ ଏକ ମେଗା କାର୍ଯ୍ୟକ୍ରମ ସାଙ୍ଗକୁ ପୁରସ୍କାର ବିତରଣ ସମାରୋହ ଏବଂ ଶିଳ୍ପ ନେତାଙ୍କ ମଧ୍ୟରେ ଭାବବିନିମୟ ଭଳି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ବିଶେଷ କରି ଆଇସିଏଆଇ,ଏନ୍‌ଆଇଏଫ୍, ଆଇଏସବିଏ ଏବଂ ଏନ୍‌ଆରଡିସି ସହିତ ମହତ୍ତ୍ୱପୂର୍ଣ୍ଣ ସ୍ମାରକପତ୍ର ଦ୍ୱାରା ଚିହ୍ନିତ ଏକ ଚମତ୍କାର ଇଭେଣ୍ଟ ହେବାକୁ ଯାଉଛି। ସେହିଭଳି ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ଆୟୋଜିତ ଉକ୍ତ ଉତ୍ସବରେ 'ମୋତେ କିଛି ପଚାର' ଶୀର୍ଷକ ଏକ ଦିନିକିଆ ଅଧିବେଶନ ସହିତ ଅନେକ ଗୁଡ଼ିଏ ଅଧିବେଶନ ଏବଂ ସଫଳତାର କାହାଣୀ ମଧ୍ୟ ସାମିଲ ରହିଛି। ଅପରପକ୍ଷରେ ବାର୍ଷିକ ଇନକ୍ୟୁବେଟରର ସଫଳତାକୁ ଆଲୋକିତ କରିବା, ବାର୍ଷିକ ସହାୟକ ଇନକ୍ୟୁବେଟର ଏବଂ ବାର୍ଷିକ ଉଦୀୟମାନ ଇନକ୍ୟୁବେଟର ସହିତ ସଫଳ ଇନକ୍ୟୁବେଟରଙ୍କୁ ପ୍ରଶଂସା କରିବା ବାର୍ଷିକ କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ରହିଛି। ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ଏବଂ ଷ୍ଟାର୍ଟଅପ୍ ଓଡ଼ିଶା ଏକ୍ସପ୍ରେସର ଶ୍ରେଷ୍ଠ ଉଦ୍ଭାବକ ଏବଂ ପ୍ରତ୍ୟେକ କାର୍ଯ୍ୟକ୍ରମରୁ ଶ୍ରେଷ୍ଠ ୧୦ ଉଦ୍ଭାବକଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏହାସହିତ ଛାତ୍ର ନେତୃତ୍ୱାଧୀନ ଉଦ୍ୟୋଗ, ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ୍ ଆଦି ଉପରେ ଲକ୍ଷ୍ୟ କେନ୍ଦ୍ରୀଭୂତ କରାଯିବ ଏବଂ ୨୦୨୨-୨୩ ର ୧୨୨ ଏବଂ ୨୦୨୩-୨୪ର ୫୧ ଗ୍ରାଣ୍ଟିସ ଷ୍ଟାର୍ଟଅପ୍ ଓଡ଼ିଶା ଅନୁଦାନର ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ କରାଯିବ।


# ମନେ ପଡ଼ନ୍ତି

## ଦଶମ ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି



୰ ଗିରିଧାରୀ ମହାନ୍ତି

ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା

ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।

:: ଶୋକସନ୍ତପ୍ତ ::
ବନ୍ଧୁ ଓ ପରିବାରବର୍ଗ।

ଧ-୭୪୭୧୪

## ଏକାଦଶାହ ଉପଲକ୍ଷେ

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।।



ଆବିର୍ଭାବ:୧୧.୧୧.୧୯୪୩
ତିରୋଧାନ:୨୦.୦୧.୨୦୨୪

୰ନିକୁଞ୍ଜ କିଶୋର ଦାସ

ବାବା ତୁମର ସ୍ନେହ, ଭଲ ପାଇବା ଓ ସ୍ମିତ ହାସ୍ୟ ମୁଖ ମଣ୍ଡଳ ଏବେ ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ପାଲଟି ଯାଇଛି।
ତୁମେ ଶିଖାଇଥିବା ରାସ୍ତା ରେ ଚାଲିବା ପାଇଁ ସଦା ସର୍ବଦା ଚେଷ୍ଟା କରିବୁ।
ମହାପ୍ରଭୁ ଶ୍ରୀ ଜଗନ୍ନାଥ ତୁମ ଆତ୍ମାର ସଦଗତି କରନ୍ତୁ ଓ ତାଙ୍କ ପାଖରେ ସଦା ସର୍ବଦା ତୁମକୁ ରଖନ୍ତୁ।

ଆପଣଙ୍କର ଅତି ଆପଣାର
ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ପରିବାର ବର୍ଗ

ଧ-୨୩୮୯


# ସ୍ଥିରତା ପ୍ରତି ବେଦାନ୍ତର ପ୍ରତିବଦ୍ଧତା

ଭୁବନେଶ୍ୱର, ୨୯।୧ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ବେଦାନ୍ତ ଗ୍ରୁପର ଅଗ୍ରଣୀ ସଂସ୍ଥା ବେଦାନ୍ତ ଆଲୁମିନିୟମକୁ ନିକଟରେ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ଉଲ୍ଲେଖଯୋଗ୍ୟ, ଏସ୍ ଆଣ୍ଡ ପି କର୍ପୋରେଟ ସଷ୍ଟେନେବିଲିଟି ଆସେସମେଣ୍ଟ ବା ସିଏସଏ-୨୦୨୩ରେ ବେଦାନ୍ତ ଆଲୁମିନିୟମ ୧ନଂ ର୍‍ୟାଙ୍କ ହାସଲ କରିଛି। ଏପରିକି କମ୍ପାନୀ ଏକ ସ୍ଥାୟୀ ଆଲୁମିନିୟମ ଉତ୍ପାଦକ, ସାମାଜିକ ଓ ଶାସନ ଅଭ୍ୟାସ ଉପରେ ବିଶ୍ୱସ୍ତରୀୟ ମାନ୍ୟତା ଲାଭ କରିଛି। ଅପରପକ୍ଷରେ ଏସ ଆଣ୍ଡ ପି ଗ୍ଲୋବାଲ କର୍ପୋରେଟ ସଷ୍ଟେନେବିଲିଟି ଆସେସମେଣ୍ଟ ହେଉଛି, ସ୍ଥିରତା ଅଭ୍ୟାସଗୁଡ଼ିକର ଏକ ବାର୍ଷିକ ମୂଲ୍ୟାୟନ। ବିଶ୍ୱର ୧୦,୦୦୦ରୁ ଅଧିକ କମ୍ପାନୀ ଏଥିରେ ସାମିଲ ଅଛନ୍ତି। ଏହା ପୂର୍ବରୁ ବେଦାନ୍ତ ଆଲୁମିନିୟମ ୨୦୨୨-ମୂଲ୍ୟାଙ୍କନ ଅନୁଯାୟୀ ସର୍ବଭାରତୀୟସ୍ତରରେ ୨ୟ ସ୍ଥାନ ଆଲୁମିନିୟମ ଶିଳ୍ପ ମଧ୍ୟରେ ଅଧିକାର କରିଥିଲା। ବର୍ତ୍ତମାନ କମ୍ପାନୀ ୨୦୨୩ରେ ଶୀର୍ଷ ମାନ୍ୟତା ପାଇବାକୁ ସକ୍ଷମ ହୋଇଛି। ସେହିଭଳି ବିଭିନ୍ନ ଶିଳ୍ପର ଅଗ୍ରଣୀ କମ୍ପାନୀଗୁଡ଼ିକ ସେମାନଙ୍କ ଅଭ୍ୟାସ ଉପରେ ବାର୍ଷିକ ମୂଲ୍ୟାଙ୍କନ କରିଥାନ୍ତି। ଏପରିକି ବେଦାନ୍ତ ଆଲୁମିନିୟମ ତା'ର ଜୈବବିବିଧତା, ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତା, ସାମାଜିକ ପ୍ରଭାବ, ମାନବ ଅଧିକାର, ପ୍ରତିଭା ଯୋଜନା ଓ ଜଳ ପରିଚାଳନା ଅଭ୍ୟାସ ଆଦି ଉପରେ ଶୀର୍ଷ ସ୍ଥାନରେ ରହିଥିଲା। ସେହିପରି ସ୍ଥାୟୀ ପ୍ରୟୋଗକୁ ସକ୍ଷମ କରିବାରେ ଓ ସମଗ୍ର ଅର୍ଥନୀତିକୁ ସେମାନଙ୍କ ମୂଲ୍ୟ ଶୃଙ୍ଖଳର ଡିକାର୍ବୋନାଇଜ କରିବାରେ ଆଲୁମିନିୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କମ୍ପାନୀ ୨୦୫୦ସୁଦ୍ଧା ନେଟ ଜିରୋ ହାସଲ କରିବା ପ୍ରତିଶ୍ରୁତି ଦେଇଛି,ଯେଉଁଥିରେ କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବା ଉପରେ ଧ୍ୟାନ ଦେଉଛି, ଅଙ୍ଗାରକାମ୍ଳ କମ କରିବା ଲାଗି କମ୍ପାନୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି,ଏଥିପାଇଁ ବୃକ୍ଷରୋପଣ ମାଧ୍ୟମରେ ବ୍ୟାପକ ସିଙ୍କ ସୃଷ୍ଟି କରିଛି, ଉଚ୍ଚ ଗୁଣାତ୍ମକ ଆଲୁମିନିୟମକୁ ବିଶ୍ୱରେ ବ୍ୟାପକ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ ଲିମିଟେଡର ସିଇଓ ଜନ ସ୍ଲଭେନ କହିଛନ୍ତି, କମ୍ପାନୀ ଏକ ପରିବର୍ତ୍ତନଶୀଳ ଯାତ୍ରା ଆରମ୍ଭ କରିଛି। ଯେଉଁଠାରେ ସ୍ଥିରତା ପ୍ରତି କମ୍ପାନୀର ପ୍ରତିବଦ୍ଧତା ରହିଛି। ଏପରିକି ଆମେ କିପରି ପରିବେଶ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇପାରିବୁ, ତାହା ଉପରେ ବିଶେଷ ଗୁରୁତ୍ୱ ଦେଉଛୁ। ବିଶେଷ କରି ଏସ୍ ଆଣ୍ଡ ପି ଗ୍ଲୋବାଲ ସିଏସଏ ଆମର ମୂଲ୍ୟ ଶୃଙ୍ଖଳାର ପ୍ରତ୍ୟେକ ଦିଗ ଉପରେ ବିଚାର କରିବା ସହିତ ଆମର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି।

# ଟାଟା ଷ୍ଟିଲର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୨୯।୧

ଟାଟା ଷ୍ଟିଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀ କାର୍ଯ୍ୟକଳାପ ଓ କାରବାର ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ୨୦୨୩-୨୪ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଏବଂ ୯ମାସର ଆର୍ଥିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଟାଟା ଷ୍ଟିଲ୍‌ର ଟିକସ ପରବର୍ତ୍ତୀ ଲାଭ ୪୪୨୯ କୋଟି ଟଙ୍କା ରହିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକର ଟିକସ ପରବର୍ତ୍ତୀ ଲାଭ ୧୭୮୬ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୩-୨୪ର ତୃତୀୟ ତ୍ରୈମାସିକରେ ୪୪୨୯ କୋଟି ଟଙ୍କା ହୋଇଛି। ଏହି ସମୟ ମଧ୍ୟରେ ଟାଟା ଷ୍ଟିଲ୍‌ର ଭାରତ ରାଜସ୍ୱ ପରିମାଣ ୨୦୨୨-୨୩ ରେ ଥିବା ୩୪,୦୫୯ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୩-୨୪ ତୃତୀୟ ତ୍ରୈମାସିକରେ ୩୫,୦୧୧ କୋଟି ଟଙ୍କା ହୋଇଛି।


# Classified Everyday 0674-2580101, 2549949



REAL ESTATE

SALE

Duplex sale at Bhubaneswar @ 57 lakhs only. Contact: 9777433701. D-75300

**Yellowzone gharabari plot 12500sqft. @2200 100 metre from Malipada main road, 30 feet sub road to plot, Bhubaneswar outright purchase. Contact Sorojini 7991080014.** D-2384

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

**Semifurnished 3BHK flat at Jharpada 80' road side near Ganesh Mandap Chhak. Contact No.- 9437307086, 7978209277.** D-2362

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

**Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350.** D-2340



400sqft. commercial space (Swain Complex) on NH-316 near Pallavi Mandap, Mangaraj Point. M- 9348194296, 7978076354. D-75194



Positively health benefited SPA expert therapist at Nayapalli. Contact: 7846814019. D-75196

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Full body massage relax body mind by trend lady therapist. 8327754443. D-75192

Refreshments Body massage Therapy with experienced Therapists, Ashirvad Panchakarma Spa, Keshari Mall, Bhubaneswar, 8926173473. D-67128

Spa Kerala body Massage best Therapist @699/- Bhubaneswar. Kajal-9337672475. D-2344

Newly open health benefits SPA special offer @ 999 Bapujinagar. 8018429809. D-75195

## LOST

I, Mili Bhoi, W/o- Upendra Bhoi, R/o- Village: Mahurundi, P.O.- Khaprakhol, Dist.- Bolangir declare that while I was travelling from Mahurundi to Khaprakhol on dtd. 10.12.2023 I have lost somewhere my registered Sale Deed of Kapsipali Mouza bearing Plot No.- 305, Area Ac. 1.90dec. Inspite of my best effort I could not find out the same. D-2381

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, Sumedha Asteek, S/o- Pradeep Kumar Barik, resident of Ward No.04, LalBazar, P.O./P.S.- Baripada, Dist.- Mayurbhanj, PIN-757001 Odisha declare by this Affidavit CF No.- 35/2024 dtd. 29.01.2024 that now onwards I shall be known as Sumedh Asteek for all future purposes. D-2387

I, Mamata Manjari Mahasuar, W/o- Jayant Mahasuar, resident of Plot 2830/2832, Kunjapatana Sahi, Oldtown, P.S.- Shree Lingaraj, Dist -Khurda, PIN-751002, Odisha, declare by this affidavit No.-4701 2562 3261, dtd-22.01.2024 that now onwards I shall be known as Mamata Mahasuar for all future purposes. D-2382

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/ ରେ । (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Jayanta Mahasuar, S/o-Late Brundaban Mahasuar, resident of Plot-2830/2832, Kunjapatana Sahi, Oldtown, P.S.- Shree Lingaraj, Dist.-Khurda, PIN-751002, Odisha, declare by this affidavit No.2015 2005 5313, dtd. 22.01.2024 that now onwards I shall be known as Jayant Mahasuar for all future purposes. D-2383

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## Marriage Anniversary



Aswini & Jyotshna
IRC Village, Bhubaneswar
Here's to an even better year with my better half.
Best wishes from:
Arshit & Family

ଧ-୨୩୮୩

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଶୁଭଶ୍ରୀଙ୍କ ରାଜନୀତିରେ ପ୍ରବେଶ ନେଇ ଭାଜପାରେ କନ୍ଦଳ

ସମ୍ବଲପୁର,୨୯।୧
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଝିଅ ଶୁଭଶ୍ରୀଙ୍କ ରାଜନୈତିକ ମଇଦାନରେ ପ୍ରବେଶକୁ ନେଇ ଦଳରେ କନ୍ଦଳ ସୃଷ୍ଟି ହୋଇଛି। ଭାଜପା ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ସମ୍ବଲପୁର ବିଧାନସଭା ନିର୍ବାଚନରେ ଶୁଭଶ୍ରୀ ପ୍ରାର୍ଥୀ ହୋଇପାରନ୍ତି ବୋଲି ଶୁଣିବା ପରେ ସେ ଜୟନାରାୟଣଙ୍କ ପରିବାରଠାରୁ ଦୂରତ୍ୱ ରକ୍ଷା କରିଛନ୍ତି। ଏ କଥା ଜଣାପଡ଼ିବା ପରେ ଜୟନାରାୟଣଙ୍କ ଝିଅ ଶୁଭଶ୍ରୀ ଓ ଧର୍ମପତ୍ନୀ ଫୋନ ଯୋଗେ ଅନ୍ନପୂର୍ଣ୍ଣାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହାକୁ ନେଇ ଜିଲା ରାଜନୀତି ସରଗରମ ହୋଇଉଠିଛି।

ଅସୁସ୍ଥତା ଯୋଗୁ ଜୟନାରାୟଣ ପାଖାପାଖି ବର୍ଷେ ହେଲା ସମ୍ବଲପୁର ଆସିପାରି ନ ଥିବା ବେଳେ ଅଧିକାଂଶ ସମୟ ଭୁବନେଶ୍ୱରରେ ହିଁ ରହୁଛନ୍ତି। ଏହାକୁ ନେଇ ଦଳୀୟ କର୍ମୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ସମସ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମ୍ବଲପୁରରେ ଭାଜପା ସଙ୍ଗଠନ କହିଲେ ଜୟନାରାୟଣଙ୍କୁ ବୁଝାଏ। ତେବେ ତାଙ୍କ ସ୍ୱାସ୍ଥ୍ୟଗତ କାରଣରୁ ଆଗାମୀ ନିର୍ବାଚନରେ ହୁଏତ ସେ ପ୍ରତିଦ୍ୱନ୍ଦ୍ୱିତା କରି ନ ପାରନ୍ତି ବୋଲି ଆଲୋଚନା ହେଉଛି। ସେଥିପାଇଁ ସମ୍ବଲପୁରରେ ଦଳ ଜୟନାରାୟଣଙ୍କ ବିକଳ୍ପ ସନ୍ଧାନରେ ରହିଛି। ତାଙ୍କ ସହମତି ଭିତ୍ତିରେ ଦଳ ଅନ୍ୟ କାହାକୁ ଟିକେଟ ଦେବା ନେଇ ଆଲୋଚନା ହେଉଛି। ଏଠାରେ ଜୟନାରାୟଣଙ୍କ ଝିଅ କିମ୍ବା ଧର୍ମପତ୍ନୀଙ୍କ ପ୍ରାର୍ଥିତ୍ୱକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି । ଏଭଳି ସ୍ଥିତିରେ ଗତ ୨୩ ତାରିଖରେ ପ୍ରଥମ କରି ଶୁଭଶ୍ରୀ ଭୁବନେଶ୍ୱରରୁ ଆସି ସମ୍ବଲପୁରର ଦଳୀୟ ରାଜନୀତିରେ ଏଣ୍ଟ୍ରି ମାରିଛନ୍ତି। ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ସହିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ପରୋକ୍ଷରେ ନିଜର ପ୍ରାର୍ଥିତ୍ୱ ନେଇ ଇସାରା ଦେଇଥିଲେ। ଶୁଭଶ୍ରୀ ସମ୍ବଲପୁର ଆସିବା ପରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଫୋନ୍ କରି ଭେଟିବାକୁ କହିବା ସହ ସହରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ତାଙ୍କୁ ସାଙ୍ଗରେ ନେବାକୁ କହିଥିଲେ। ତେବେ ଦଳୀୟ ନିର୍ଦ୍ଦେଶ ନ ଥିବାରୁ ଶୁଭଶ୍ରୀଙ୍କୁ ସାଥିରେ କାର୍ଯ୍ୟକ୍ରମକୁ ନେବାକୁ କୁଆଡ଼େ ଅନ୍ନପୂର୍ଣ୍ଣା ମନା କରିଥିଲେ। ଏହାପରେ ଜୟନାରାୟଣ ମିଶ୍ରଙ୍କ ପତ୍ନୀ ଫୋନ୍ ଯୋଗେ ଅନ୍ନପୂର୍ଣ୍ଣାଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଶୁଭଶ୍ରୀ ଦେଖିବାକୁ ଗଲେ ଅନ୍ନପୂର୍ଣ୍ଣାଙ୍କ ଝିଅ ବୟସର ହୋଇଥିବା ସତ୍ତ୍ୱେ ତାଙ୍କୁ ନମସ୍କାର କରିବାକୁ କୁଆଡ଼େ ଜୟନାରାୟଣଙ୍କ ପତ୍ନୀ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେ ମନା କରିଦେବାରୁ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଅନ୍ନପୂର୍ଣ୍ଣା ଗଣମାଧ୍ୟମକୁ କହିଛନ୍ତି। ଏହାର ପ୍ରତିବାଦରେ ଅନ୍ନପୂର୍ଣ୍ଣା ଜିଲା ସଭାନେତ୍ରୀ ପଦରୁ ଇସ୍ତଫା ମଧ୍ୟ ଦେଇଛନ୍ତି। ଏହାଦ୍ୱାରା ପରୋକ୍ଷରେ ସେ ଜୟନାରାୟଣଙ୍କ ପରିବାରବାଦକୁ ବିରୋଧ କରିଥିବା ଚର୍ଚ୍ଚା ହେଉଛି।

ଅନ୍ନପୂର୍ଣ୍ଣା ଗତ ଅଢ଼େଇ ଦଶନ୍ଧି ଧରି ଦଳର ଜଣେ ନିଷ୍ଠାପର କର୍ମୀ ଭାବେ ତଥା ଜୟନାରାୟଣଙ୍କ ସବୁଠୁ ବଡ଼ ଅନୁଗତ ଭାବେ ଜଣାଶୁଣା ଥିଲେ। ବର୍ତ୍ତମାନ ଉପରଲିଖିତ ଘଟଣା କର୍ମୀ ମହଲରେ ଆଲୋଚନାର ବିଷୟ ହୋଇଛି । ତେବେ ଶୁଭଶ୍ରୀଙ୍କୁ ନେଇ ଦଳ ଭିତରେ ଅସନ୍ତୋଷ ବୃଦ୍ଧିପାଉଥିବା ଦୃଷ୍ଟିରୁ ଦଳୀୟ ନେତୃବର୍ଗଙ୍କ ପକ୍ଷରୁ ଏହାକୁ ଦମନ କରିବାକୁ ଚେଷ୍ଟା କରାଯାଇଥିଲା। ସୋମବାର ଦଳୀୟ କାର୍ଯ୍ୟାଳୟରେ ଜିଲା ସଭାପତିଙ୍କ ଉପସ୍ଥିତିରେ ଅନ୍ନପୂର୍ଣ୍ଣା ଖବରଦାତା ସମ୍ମିଳନୀ କରି ପଦ ଛାଡ଼ିଥିଲେ ମଧ୍ୟ ଦଳରେ ରହିଥିବା କହିଛନ୍ତି। ସେ ଭାଜପାର ଚାରିଥର ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ କାର୍ଯ୍ୟ କରିବାର ସୌଭାଗ୍ୟ ପାଇଥିବାରୁ ଦଳୀୟ ନେତୃତ୍ୱକୁ ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷରେ ସମ୍ବଲପୁର ଭାଜପା ଜିଲା ସଭାପତି ଗିରୀଶ ପଟେଲ କହିଛନ୍ତି, ଅନ୍ନପୂର୍ଣ୍ଣା ତାଙ୍କ ପଦରୁ ଇସ୍ତଫା ଦେଇଥିଲେ ମଧ୍ୟ ଏଯାଏ ତାହା ଗ୍ରହଣ କରାଯାଇନାହିଁ। ରାଜ୍ୟ ନେତୃତ୍ୱଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଗତ ୫ବର୍ଷ ମଧ୍ୟରେ ଜୟନାରାୟଣ ସମ୍ବଲପୁରରେ କ୍ୱଚିତ ଦେଖା ଦେଇଥିବା ବେଳେ ସାଂସଦ ମଧ୍ୟ ନିଖୋଜ ଥିବା ନେଇ ବାରମ୍ବାର ଚର୍ଚ୍ଚା ହୋଇଆସିଛି। ଏହି ପରିପ୍ରେକ୍ଷୀରେ ଜିଲା ଭାଜପାରେ ପରିବାରବାଦକୁ ନେଇ ଜୟନାରାୟଣଙ୍କ ସମର୍ଥକ ଏବଂ ବିରୋଧୀ ଗୋଷ୍ଠୀ ଭିତରେ ଝଡ଼ ସୃଷ୍ଟି ହୋଇଛି।


ଅନ୍ନପୂର୍ଣ୍ଣା ବାରିକ


ଜୟନାରାୟଣ ମିଶ୍ରଙ୍କ ସହ ଝିଅ ଶୁଭଶ୍ରୀ ।

**ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ**

# ଅଶ୍ୱିନୀଙ୍କ କ'ଣ ହେବ





ଜିତେନ୍ଦ୍ର କୁମାର ନାୟକ

**ଲୋ**କ ସଭା ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଆସନ୍ତା ଫେବୃଆରୀ ୨୭ରେ ରାଜ୍ୟ ସଭା ନିର୍ବାଚନ ହେବ ବୋଲି ନିର୍ବାଚନ କମିଶନ ୨୯ ଜାନୁଆରୀରେ ତାରିଖ ଘୋଷଣା କରିଛନ୍ତି। ଓଡ଼ିଶାର ୩ ରାଜ୍ୟ ସଭା ସଦସ୍ୟ ବିଜେଡିର ଅମର ପଟ୍ଟନାୟକ ଓ ପ୍ରଶାନ୍ତ ନନ୍ଦ ଏବଂ ଭାଜପାରୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଏପ୍ରିଲ ୩ରେ ପୂରିବ। ହେଲେ କେଁ ରହିଛି ଅଶ୍ୱିନୀଙ୍କ ପାଖରେ। ଗତଥର ତାଙ୍କ ରାଜ୍ୟ ସଭା ଯିବା ପଛରେ ବିଜୁ ଜନତା ଦଳ (ବିଜେଡି)ର ସକ୍ରିୟ ସମର୍ଥନ ଥିଲା। ଆଜି ମଧ୍ୟ ଭୋଟର ତାଲିକାରେ ସେଭଳି କୌଣସି ପରିବର୍ତ୍ତନ ଘଟି ନାହିଁ। ଅର୍ଥାତ୍ ୧୪୭ ସଦସ୍ୟ ବିଶିଷ୍ଟ ଓଡ଼ିଶା ବିଧାନସଭାରେ ଭାରତୀୟ ଜନତା ପାର୍ଟି (ଭାଜପା)ର ସଦସ୍ୟ ସଂଖ୍ୟାକୁ ଦେଖିଲେ ଅଶ୍ୱିନୀ ଜିତିବା ଅସମ୍ଭବ। ଅନ୍ୟପଟେ ଲୋକ ସଭା ନିର୍ବାଚନରେ ସେ କଟକରୁ ପ୍ରାର୍ଥୀ ହେବେ ବୋଲି ଶୁଣାଯାଉଛି। ଗତ ୧୫ ଦିନ ମଧ୍ୟରେ କଟକକୁ ତାଙ୍କ ଘନ ଘନ ଗସ୍ତ ଆଲୋଚନାକୁ ଖୋରାକ ଯୋଗାଇଛି। ଯଦି ଅଶ୍ୱିନୀ ପ୍ରତ୍ୟକ୍ଷ ନିର୍ବାଚନ ନ ଲଢ଼ି ପୁଣି ରାଜ୍ୟ ସଭାକୁ ଯିବାକୁ ଚାହିଁବେ, ତେବେ କେଉଁ ସଂଖ୍ୟା ବଳରେ ବିଜୟୀ ହେବେ, ତାହାକୁ ନେଇ ପ୍ରଶ୍ନ ଉଠିପାରେ।

ଯଦି ରାଜ୍ୟ ସଭା କଥା ଚିନ୍ତା କରାଯାଏ ତେବେ ଅଶ୍ୱିନୀଙ୍କୁ ସେଠାକୁ ଯିବା ଲାଗି ପାସ୍‌ପୋର୍ଟ ବିଜେଡିକୁ ଦେବାକୁ ହୋଇପାରେ। ବର୍ତ୍ତମାନ କେନ୍ଦ୍ରୀୟ ସ୍ତରରେ ବିଜେଡି–ଭାଜପାର ସମ୍ପର୍କକୁ ଦେଖିଲେ ଅଶ୍ୱିନୀଙ୍କୁ ପୁନର୍ବାର ସମର୍ଥନ ମିଳିପାରେ ବୋଲି କହିହେବ। କିନ୍ତୁ ପରିବର୍ତ୍ତିତ ରାଜନୀତିରେ ବିଜେଡି କେଉଁଭଳି ସର୍ତ୍ତ ରଖି ଏହି ସମର୍ଥନ ଦେବ, ତାହା ଦେଖିବାକୁ ଅଛି। ଆସନ୍ତା ଫେବୃଆରୀରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନରେ ଭାଜପା ତା'ର ଅଧିକ ସଂଖ୍ୟକ ସାଂସଦ ଜିତାଇ କରି ଆଣିପାରିଲା ବୋଲି ଦେଖାଇଲେ ଭାବମୂର୍ତ୍ତି ଆହୁରି ଦୃଢ଼ୀଭୂତ ହେବ। ସାଧାରଣରେ ବିଜୁ ଜନତା ଦଳ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଅଶ୍ୱିନୀଙ୍କୁ ଜିତାଇବା ପାଇଁ ଆଗ୍ରହ ପ୍ରଦର୍ଶନ କରିଥାଆନ୍ତା। କିନ୍ତୁ ଫେବୃଆରୀ ୩ରେ ସମ୍ବଲପୁର ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଭିମୁଖ୍ୟ ଅନେକାଂଶରେ ନିର୍ଣ୍ଣାୟକ ହେବ। ପୁନର୍ବାର ମହିଳା ସମାବେଶ ପାଇଁ ୧୦ ତାରିଖ ଭୁବନେଶ୍ୱର ଆସିବାକୁ ଥିବା ପ୍ରଧାନମନ୍ତ୍ରୀ ମୋଦି ୩ ତାରିଖର କଥାକୁ ଦୋହରାଇବେ ନା ବଦଳାଇବେ ତାହା ଅଶ୍ୱିନୀଙ୍କ ଆଶା ସମ୍ପର୍କରେ ଆଭାସ ମିଳିବ।

# ବଡ଼ଚଣା ବିଜେଡିରେ ଆକ୍ଷେପ ପ୍ରତିଆକ୍ଷେପ ଜାରି


ଚଣ୍ଡିଖୋଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବଡ଼ଚଣା ବିଜେଡିର ପୂର୍ବତନ ସଭାପତି କୈଳାଶ ଚନ୍ଦ୍ର ରାଉତଙ୍କ ସମେତ ଅନ୍ୟମାନେ।

ଚଣ୍ଡିଖୋଲ,୨୯।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତାଦଳରେ ବିବାଦ ଧୀରେ ଧୀରେ ଘନଉଛି । ଗତ କିଛି ଦିନ ଧରି ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ଜାରି ରହିଛି। ଗତ ୨୪ତାରିଖରେ ବଡ଼ଚଣା ବିଜେଡିର ଗୋଟିଏ ଗୋଷ୍ଠୀ ବନ୍ଧୁ ମିଳନ ଆଳରେ ନେତୃତ୍ୱ ପରିବର୍ତ୍ତନ ଆହ୍ୱାନ ଦେଇଥିବା ବେଳେ ଏହାକୁ ଗତ ୨୭ତାରିଖରେ ବିଜେଡିର ଅନ୍ୟ ଏକ ଗୋଷ୍ଠୀ ଏହାର ପ୍ରତିବାଦ କରି ଖବରଦାତା ସମ୍ମିଳନୀରେ ଯେଉଁମାନେ ବନ୍ଧୁମିଳନ ଆଳରେ ନେତୃତ୍ୱ ପରିବର୍ତ୍ତନର ଆହ୍ୱାନ ଦେଇଥିଲେ ସେମାନେ ଦଳରେ ନାହାଁନ୍ତି ବୋଲି କହିଥିଲେ। ଏହାର ପ୍ରତିବାଦରେ ସୋମବାର ଚଣ୍ଡିଖୋଲ ଠାରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ପ୍ରତିଆକ୍ଷେପ କରାଯାଇଛି।

ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁଜନତା ଦଳର ବଡ଼ଚଣାର ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ରାଉତ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରହ୍ଲାଦ ନନ୍ଦ, ପୂର୍ବତନ ଉପାଧ୍ୟକ୍ଷ ବିଚିତ୍ରା ନନ୍ଦ ମହାପାତ୍ର, ରାଜ୍ୟ ଯୁବବିଜେଡିର ଯୁଗ୍ମ ସମ୍ପାଦକ ଆଶିଷ ରଞ୍ଜନ ଚୌଧୂରୀ, ପୂର୍ବତନ ମହିଳା ସଭାନେତ୍ରୀ ଦମୟନ୍ତୀ ସାମଲ, ସରପଞ୍ଚ ସେକ୍ ଅବଦୁଲ ଗନି, ଧନେଶ୍ୱର ବେହେରା, ନୀହାର ରଞ୍ଜନ ମିଶ୍ର, ସଞ୍ଜୟ ଖୁଣ୍ଟିଆ, ଭାରତ ଭୂଷଣ ମହାନ୍ତି, ଦିଲୀପ କୁମାର ସାମଲ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ବିଜୁ ଜନତାଦଳର ବଡ଼ଚଣା ସଭାପତି ଥିବା ଅରବିନ୍ଦ ସାମଲଙ୍କ ନେତୃତ୍ୱରେ ଗତ ୨୭ତାରିଖରେ ଯେଉଁ ଖବରଦାତା ସମ୍ମିଳନୀ କରାଯାଇଥିଲା ସେଥିରେ ସମ୍ପୂର୍ଣ୍ଣ ଭୁଲ ତଥ୍ୟ ପ୍ରଦାନ କରାଯାଇଥିଲା। ଆମେ ସମସ୍ତେ ବିଜୁ ଜନତା ଦଳରେ ଅଛୁ, ଗତ ୨୦୧୯ ନିର୍ବାଚନରେ ଏଠାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସାଙ୍ଗରେ ରହି ନିର୍ବାଚନ ଲଢି ତାଙ୍କୁ ଜିତାଇ ଥିଲୁ। ଜିତିଲା ପରେ ସେ ଆଉ ପଚାରି ନ ଥିଲେ। ଯାହାକୁ ନେଇ ବିବାଦ ହୋଇଥିଲା। ସେଥିପାଇଁ ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆସି ଉଭୟ ଗୋଷ୍ଠୀ ଭିତରେ ବୁଝାବଣା କରାଇଥିଲେ। ୨୦୨୩ ଜୁଲାଇ ୨୮ରେ ଚଣ୍ଡିଖୋଲଠାରେ ଅନୁଷ୍ଠିତ ହୋଇଥିବା ପ୍ରଶିକ୍ଷଣ କର୍ମଶାଳାରେ ଆମେମାନେ ଯୋଗ ଦେଇଥିଲୁ । ବଡ଼ଚଣା ବିଜୁ ଜନତାଦଳର ବର୍ତ୍ତମାନ ସଭାପତି ଅରବିନ୍ଦ ସାମଲ, ଯୁବବିଜେଡି ସଭାପତି ଗଣେଶ୍ୱର ବରାଳ ଓ ଛାତ୍ର ସଭାପତି ଯତିନ୍ଦ୍ର କୁମାର ନାୟକ ପ୍ରମୁଖ ରାଜ୍ୟ ବିଜେଡିର ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କାଙ୍କ ବାସଭବନକୁ ଯାଇ ଆମକୁ ଡାକିଥିଲେ ଏବଂ ଆମେ ସମସ୍ତେ ସେହି ପ୍ରଶିକ୍ଷଣ ଶିବିରରେ ସହଯୋଗ କରିଥିଲୁ। ଏଥି ସହିତ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ୪ହଜାର କର୍ମୀ ଏଥିରେ ସାମିଲ ହୋଇଥିଲେ। କିଭଳି ଭାବେ ସେମାନେ କହିପାରୁଛନ୍ତି ଯେ ଆମେ ବିଜୁ ଜନତା ଦଳରେ ନାହୁଁ ବୋଲି । ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ବିଜୁ ଜନତାଦଳର ଜିଲା ପରିଷଦ ପ୍ରାର୍ଥୀମାନେ ୮୦ହଜାର ୩ଶହ ୮୧ଖଣ୍ଡ ଭୋଟ ପାଇଥିବା ବେଳେ ସରପଞ୍ଚ ପ୍ରାର୍ଥୀମାନେ ୬୧ହଜାର ୮ଶହ ୬୨ଖଣ୍ଡ ଭୋଟ ପାଇଥିଲେ। ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ଚୟନରେ ଭୁଲ କରିଥିଲେ ଏବଂ ଆମମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ସେହିପାଇଁ ସରପଞ୍ଚ ଭୋଟରେ ୨୦ହଜାର ଭୋଟ କମ୍ ରହିଲା। ଧୀରେ ଧୀରେ ବର୍ତ୍ତମାନର ସଭାପତିଙ୍କ ସହିତ କେତେଜଣ ଗୋଷ୍ଠୀ କରି ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ବିଭାଗରେ ହେଉଥିବା ବିକାଶ କାର୍ଯ୍ୟକ୍ରମକୁ ଲୁଟ କରୁଛନ୍ତି। ଯେଉଁଥିପାଇଁ ବ୍ୟାପକ ଦୁର୍ନୀତି ହେଉଛି। ତେଣୁ ତୁରନ୍ତ ନେତୃତ୍ୱ ପରିବର୍ତ୍ତନ ପାଇଁ ଆମ୍ଭେମାନେ ରାଜ୍ୟ ନେତୃତ୍ୱ ପାଖରେ ଦାବି କରିଛୁ ।

ଏବେ ବିଧାୟକଙ୍କ ସହିତ କେତେଜଣ ଠିକାଦାର ରାଜନୈତିକ ପଦପଦବୀରେ ରହିଛନ୍ତି। ଆମେ ସେଠାକୁ ଗଲେ ସେମାନଙ୍କ ସାମ୍ରାଜ୍ୟ ଭୁଶୁଡ଼ି ପଡ଼ିବ ବୋଲି ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ।

ଏ ସମ୍ପର୍କରେ ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲଙ୍କୁ ପଚାରିବାରେ ସେ କୁହନ୍ତି, ଯେଉଁମାନେ ଆଜିର ଖବରଦାତା ସମ୍ମିଳନୀରେ ବସିଥିଲେ ସେମାନେ ୨୦୧୪ ଓ ୨୦୧୯ ନିର୍ବାଚନ ସମୟରୁ ଆମ ସହିତ ନାହାଁନ୍ତି। ଆଉ ସେମାନେ ନିଜକୁ କିଭଳି ଭାବେ ବିଜେଡି ବୋଲି ପରିଚୟ ଦେଉଛନ୍ତି। ଆଗାମୀ ଦିନରେ ବିଧାୟକଙ୍କ ନେତୃତ୍ୱରେ ବଡ଼ଚଣାରେ ବିଧାନସଭା ନିର୍ବାଚନ ଆମେ ଲଢିବୁ ଓ ବିଜୟୀ ହେବୁ। ସେମାନେ ଯାହା କହୁଛନ୍ତି ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି ।

# ବିଜେଡିରେ ମିଶିଲେ ଯାତ୍ରା କଳାକାର

ଭୁବନେଶ୍ୱର,୨୯।୧
(ଅନିଲଦାସ)

ଯାତ୍ରା ଜଗତର କଳାକାର ଦୈତାରୀ ପଣ୍ଡା, ବାପି ପଣ୍ଡାଙ୍କ ସମେତ ବହୁ ଖ୍ୟାତନାମା କଳାକାରମାନେ ବିଜେଡିରେ ସାମିଲ ହୋଇଛନ୍ତି। ସୋମବାର ଶଙ୍ଖଭବନଠାରେ ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ଉପସଭାପତି ତଥା ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ଏମ୍‌ପି ମାନସ ମଙ୍ଗରାଜ ଓ ଅମର ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସେମାନେ ଯୋଗଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ଯାତ୍ରା କଳାକାରଙ୍କୁ ବିଜେଡି ନେତାମାନେ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି । ବିଜେଡିରେ ଯାତ୍ରା କଳାକାରଙ୍କ ଯୋଗଦାନ ଫଳରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ ଓ ଅନ୍ୟ ନେତୃବୃନ୍ଦ କହିଛନ୍ତି। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଯାତ୍ରା କଳାକାରମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି । କଳାକାରମାନଙ୍କ ବିକାଶ ଓ ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା କାର୍ଯ୍ୟ କରିଥାନ୍ତି । ଆମେ ଆଗାମୀ ଦିନରେ ବିଜେଡି କିପରି ଆହୁରି ମଜଭୁତ ହେବ, ସେ ନେଇ କାର୍ଯ୍ୟ ଜାରି ରଖିବେ । ଦଳରେ ଗ୍ରହଣ କରିଥିବାରୁ କଳାକାରମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏମ୍‌ପି ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଯାତ୍ରା କଳାକାର ବାପି ପଣ୍ଡା, ଦୈତାରୀ ପଣ୍ଡା, ଚୈତନ୍ୟ ପାଇକ, ରମେଶ ଚନ୍ଦ୍ର ନାୟକ, ଶିବରାମ ପ୍ରଧାନ, ସୁବାସ ବେହେରା ଏବଂ ବିଭିନ୍ନ ଜିଲାର ଯାତ୍ରା କଳାକାରମାନଙ୍କ ମଧ୍ୟରେ ରତିକାନ୍ତ ପରିଡ଼ା, ଆଦିକନ୍ଦ ନାୟକ, ଶୁଭେନ୍ଦୁ ଲେଙ୍କା, ସଞ୍ଜୟ କୁମାର ଦାସ, ହୃଷୀକେଶ ମିଶ୍ର, ଅସିତ୍ କୁମାର ଜେନା, ମନୋଜ ବାରିକ, ହିରଣ୍ୟା ବେହେରା, ବିଜୟ କୁମାର ବିଶ୍ୱାଳ, ପ୍ରତାପରୁଦ୍ର ପାତ୍ର, ରାଜେନ୍ଦ୍ର କୁମାର ପତି, ତପନ ମଲ୍ଲିକ, ବ୍ରଜ ସୁନ୍ଦର ମଲ୍ଲିକ, ଶରତ ଚନ୍ଦ୍ର ସାହୁ, ଲିଙ୍ଗରାଜ ପାଣିଗ୍ରାହୀ, ପଲା ରାଜୁ ପବନ, ଅନିରୁଦ୍ଧ ପାଇକ, ଶଙ୍କର ପୋଢ଼, ସୌଭାଗ୍ୟ ହରିପାଲ, ପୁରୁଷୋତ୍ତମ ସଗରିଆ, ପୂର୍ଣ୍ଣିମା ଚଢ଼ିଆ, ତ୍ରିଶୂଳିଆ ବେହେରା, ଡେଜିରାଣୀ ସ୍ୱାଇଁଙ୍କ ସହ ସାରା ରାଜ୍ୟରୁ ୩୫୦ରୁ ଊର୍ଦ୍ଧ୍ୱ ଯାତ୍ରା କଳାକାର ବିଜେଡିରେ ସାମିଲ୍ ହୋଇଛନ୍ତି। ଶେଷରେ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।


ଶଙ୍ଖଭବନଠାରେ ବିଜେଡି ନେତାଙ୍କ ଗହଣରେ ଦୈତାରୀ ପଣ୍ଡାଙ୍କ ସମେତ ଅନ୍ୟ ଯାତ୍ରା କଳାକାରମାନେ।

## ଅନ୍ୟାନ୍ୟ ଖବର

# କାର ଧକ୍କାରେ ୨ ଯୁବକ ମୃତ

**ସିମୁଳିଆ,୨୯।୧(ସନ୍ତୋଷ କୁମାର ନାୟକ):** ସିମୁଳିଆ ଥାନାଠାରୁ ୮କି.ମି. ଦୂର ଜାମୁଝାଡି ଧାମରା ରାସ୍ତାର ଅସ୍ତିଆ ଛକ ନିକଟରେ କାର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଛି । ସୋର ଥା ନା ବାଳଙ୍ଗ ଅଞ୍ଚଳର ରଶ୍ମିରଞ୍ଜନ ଧଳ ଓ ଶିରାପୁର ଅଞ୍ଚଳର ସତ୍ୟ ନାୟକ ରାତି ପ୍ରାୟ ୧୧ଟାରେ ବାସୁଦେବପୁର ଜଣେ ସମ୍ପର୍କୀୟଙ୍କ ଘରୁ ଭୋଜି ଖାଇ ଫେରୁଥିଲେ। ଅସ୍ତିଆ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ (ନଂ. ଓଡି ୦୧ ଏଜି ୯୨୯୨) ସେମାନଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଆହତ ଯୁବକଦ୍ୱୟଙ୍କୁ ଉଦ୍ଧାର କରି ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରଶ୍ମିରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପରେ ସତ୍ୟଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର ଲାଗି ବ୍ୟବସ୍ଥା କରାଯାଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# କଣ୍ଟେନରରୁ ମୃତଦେହ ଜବତ

**ସିମୁଳିଆ, ୨୯।୧(ସନ୍ତୋଷ କୁମାର ନାୟକ):** ସିମୁଳିଆ ଥାନାଠାରୁ ୩କି.ମି. ଦୂର ୧୬ନଂ ଜାତୀୟ ରାଜପଥର ମଞ୍ଜୁରୀପୁର ନିକଟସ୍ଥ ପାର୍ବତୀ ହୋଟେଲ ସମ୍ମୁଖରେ ଅଟକି ରହିଥିବା କଣ୍ଟେନର(ନଂ.ଏନ୍‌ଏଲ୍ ୦୧,ଜି୨୬୧୦)ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ସୋମବାର ଜବତ କରିଛି । ଗାଡିର କାଗଜପତ୍ର ଯାଞ୍ଚ ପରେ ଏହା ଆସାମର ବୋଲି ସୂଚନା ମିଳିବା ପରେ ଟ୍ରକ ମାଲିକଙ୍କୁ ସୂଚନା ଦିଆଯାଇଛି । ସ୍ଥାନୀୟ ହୋଟେଲ କର୍ମଚାରୀଙ୍କ ସୂଚନା ଅନୁସାରେ ଶନିବାର କଣ୍ଟେନରର ଚାଳକ ହୋଟେଲରୁ ଖାଇ ଅଟକିଥିବା ଟ୍ରକ ମଧ୍ୟକୁ ଶୋଇବା ପାଇଁ ଯାଇଥିଲେ। ସୋମବାର ସକାଳେ ଟ୍ରକ ମଧ୍ୟରୁ ଗନ୍ଧ ଆସିବାରୁ ହୋଟେଲ କର୍ମଚାରୀ ପୋଲିସକୁ ଖବର ଦେଇଥିଲେ।

# ମୋ ସ୍କୁଲ୍‌ର ବିଶ୍ୱ ରେକର୍ଡ ଯୋଜନା

ଭୁବନେଶ୍ୱର, ୨୯।୧
(ଅସମାପିକା ସାହୁ)

**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି**

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆସନ୍ତା ୩ରୁ ୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ମୋ ସ୍କୁଲ ଅଭିଯାନ ଏକ ବିଶ୍ୱ ରେକର୍ଡ କରିବା ପାଇଁ ଯୋଜନା କରିଛି। ଏଥିପାଇଁ ଅଭିଭାବକ, ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅମରଜିତ ଜେନା ସୋମବାର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। ସାହିତ୍ୟ ସୃଜନ ମାଧ୍ୟମରେ ଏକ ବିଶ୍ୱ ରେକର୍ଡ କରିବା ପାଇଁ କୁହାଯାଇଛି। ରୂପାନ୍ତରିତ ହୋଇଥିବା ହାଇସ୍କୁଲଗୁଡ଼ିକର ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ସ୍କୁଲ ଆସିବେ ଏବଂ ମୋ ସ୍କୁଲ ଅଭିଯାନର ଫେସ୍‌ବୁକ ପେଜ୍‌ରେ କିଛିଲେଖା ନିଜ ଆକାଉଣ୍ଟରୁ ଅପ୍‌ଲୋଡ୍ କରିବେ। ଆସନ୍ତା ୨ତାରିଖ ଅପରାହ୍ନ ୧୨ଟାରୁ ୧ଟା ଭିତରେ ଏହି ଅପ୍‌ଲୋଡ୍ କରିବାକୁ ହେବ। ତେଣୁ ଅଭିଭାବକଙ୍କୁ ସେହିଦିନ ସକାଳ ୧୦ଟା ସୁଦ୍ଧା ସ୍କୁଲ୍‌ରେ ପହଞ୍ଚିବା ପାଇଁ କୁହାଯାଇଛି। ତେବେ ଏଥିରେ ସାମିଲ ହେବା ପୂର୍ବରୁ ସେମାନେ ଏକ ସମ୍ମତି ଫର୍ମ ଦେବାକୁ ପଡ଼ିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

# ରାଜେଶଙ୍କ ୫, ଓଡ଼ିଶାର ପ୍ରଥମ ବିଜୟ

**ରଣଜୀ ଟ୍ରଫି**

**ସନ୍ଦୀପ ପଟ୍ଟନାୟକ ପ୍ଲେୟର ଅଫ୍ ଦି ମ୍ୟାଚ**

ଭୁବନେଶ୍ୱର, ୨୯।୧
(ତପନ ସ୍ୱାଇଁ)

ଚଳିତ ରଣଜୀ ଟ୍ରଫି ସିଜନରେ ସବୁଠାରୁ ବଡ଼ ବିଜୟ ହାସଲ କରିଛି ଓଡ଼ିଶା। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ରଣଜୀ ଟ୍ରଫି ମ୍ୟାଚରେ ଓଡ଼ିଶା ୨୩୮ ରନରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଛି। ୩୮୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ହିମାଚଳ ଦଳ ଦ୍ୱିତୀୟ ଇନିଂସରେ ୧୪୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ରାଜେଶ ମହାନ୍ତି ୫ ଉଇକେଟ ନେଇ ହିମାଚଳ ବ୍ୟାଟିଂ ବିପର୍ଯ୍ୟୟର ମୁଖ୍ୟ ବିନ୍ଧାଣି ହୋଇଥିବାବେଳେ ଓଡ଼ିଶା ଦ୍ୱିତୀୟ ଇନିଂସରେ ୧୫୦ ରନ କରିଥିବା ସନ୍ଦୀପ ପଟ୍ଟନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ଦୁଇ ଅମ୍ପାୟର ରୋହିତ ସିଙ୍ଗଲା ଓ ସୟେଦ ଖାଲିଦଙ୍କ ଉପସ୍ଥିତିରେ ମ୍ୟାଚ ରେଫରି ନିଶିତ ଶେଟ୍ଟୀ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ଏପର୍ଯ୍ୟନ୍ତ ଖେଳିଥିବା ୪ ମ୍ୟାଚରୁ ଏହାଥିଲା ପ୍ରଥମ ବିଜୟ। ଭଦୋଦରାରେ ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଇନ୍ଦୋରରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚକୁ ମଧ୍ୟପ୍ରଦେଶ ସହ ଡ୍ର ରଖିଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଡ୍ରିମ୍ସରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଜମ୍ମୁ-କଶ୍ମୀରଠାରୁ ଦଳ ୨ ଉଇକେଟରେ ପରାଜିତ ହୋଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ସେହି ଗ୍ରାଉଣ୍ଡରେ ଖେଳିଥିବା ୪ର୍ଥ ମ୍ୟାଚରେ ଓଡ଼ିଶା ବଡ଼ ବିଜୟ ହାସଲ କରି ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଏହି ମ୍ୟାଚ୍‌ରୁ ଦଳକୁ ପୂରା ୬ ପଏଣ୍ଟ ମିଳିଛି। ଫଳରେ ୪ ମ୍ୟାଚରୁ ୯ ପଏଣ୍ଟ ସହ ଓଡ଼ିଶା ଗ୍ରୁପ୍ 'ଡି' ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ହିମାଚଳ ୪ ମ୍ୟାଚରୁ ମାତ୍ର ୩ ପଏଣ୍ଟ ପାଇ ୮ ଦଳ ବିଶିଷ୍ଟ ଟେବୁଲର ନିମ୍ନରେ ରହିଛି। ବରୋଦା ୨୦ ପଏଣ୍ଟ ସହିତ ଶୀର୍ଷରେ ନିଜ ସ୍ଥାନକୁ ସୁଦୃଢ଼ କରିଛି।



ସନ୍ଦୀପ ପଟ୍ଟନାୟକଙ୍କୁ ମ୍ୟାଚ୍ ରେଫରି ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରୁଛନ୍ତି।



୫ ଉଇକେଟ ହାସଲକାରୀ ରାଜେଶ ମହାନ୍ତି।

### ରାଜେଶ ୩ ମ୍ୟାଚରୁ ୨୨ ଉଇକେଟ

ପୂର୍ବ ଦିନର ଅସମାପ୍ତ ସ୍କୋର ୩୩/୧ରୁ ଖେଳ ଆରମ୍ଭ କରିଥିବା ହିମାଚଳ ପ୍ରଦେଶ ସୋମବାର ୪୭.୪ ଓଭରରେ ଆଉ ୧୧୬ ରନ ଯୋଗକରି ଅବଶିଷ୍ଟ ୯ଟି ଉଇକେଟ ହରାଇଥିଲା। କେବଳ ପ୍ରଶାନ୍ତ ଚୋପ୍ରା ଓଡ଼ିଶା ବୋଲରଙ୍କୁ ମୁକାବିଲା କରି ଅର୍ଦ୍ଧଶତକ ହାସଲ କରିବାକୁ ସକ୍ଷମ ହୋଇଥିଲେ। ସେ ୫୭ ଓ ଅଧିନାୟକ ଅଙ୍କିତ କଲସି ଦ୍ୱିତୀୟ ସର୍ବାଧିକ ୨୭ ରନ କରିଥିଲେ। ଚମତ୍କାର ଫର୍ମରେ ଥିବା ରାଜେଶ ମହାନ୍ତି ଏଠାରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ପ୍ରଥମ ଇନିଂସରେ ୫୬ ରନରେ ୩ ଉଇକେଟ ନେଇଥିବା ଏହି ଡାହାଣହାତୀ ମିଡିୟମ ପେସ୍ ବୋଲର ଦ୍ୱିତୀୟ ଇନିଂସରେ ୩୩ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଦ୍ୱିତୀୟ ଇନିଂସରେ ତାଙ୍କ ବୋଲିଂ ବିଶ୍ଳେଷଣ ଥିଲା ୨୦-୫-୩୩-୫। ଏହି ମ୍ୟାଚରେ ୮ ଉଇକେଟ ବ୍ୟତୀତ ସେ ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚରୁ ଉଭୟ ଇନିଂସରେ ୫ ଉଇକେଟ ଲେଖାଏ ଅର୍ଥାତ୍ ୧୦ ଉଇକେଟ ପାଇଥିଲେ। ମଧ୍ୟ ପ୍ରଦେଶ ବିପକ୍ଷ ମ୍ୟାଚରେ ସେ ଖେଳିବା ସୁଯୋଗ ପାଇ ନ ଥିବାବେଳେ ବରୋଦା ବିପକ୍ଷ ପ୍ରଥମ ମ୍ୟାଚରେ ୪ ଉଇକେଟ ନେଇଥିଲେ। ଅର୍ଥାତ୍ ଏପର୍ଯ୍ୟନ୍ତ ଖେଳିଥିବା ୩ ମ୍ୟାଚରୁ ସେ ୨୨ଟି ଉଇକେଟ ହାସଲ କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ରାଜେଶଙ୍କ ବ୍ୟତୀତ ଏଠାରେ ହିମାଚଳ ପ୍ରଦେଶର ଦ୍ୱିତୀୟ ଇନିଂସରେ ବିପ୍ଳବ ସାମନ୍ତରାୟ ୨ଟି ଏବଂ ଦେବବ୍ରତ ପ୍ରଧାନ, ସୁନୀଲ ରାଉଳ ଓ ହର୍ଷିତ ରାଠୋଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ପୁଦୁଚେରୀ ବିପକ୍ଷରେ ଖେଳିବ। ଫେବୃଆରୀ ୨ରୁ ଏହି ମ୍ୟାଚ କଟକରେ ଅନୁଷ୍ଠିତ ହେବ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୩୮। ହିମାଚଳ ପ୍ରଦେଶ ପ୍ରଥମ ଇନିଂସ: ୧୭୬। ଓଡ଼ିଶା ଦ୍ୱିତୀୟ ଇନିଂସ: ୪୨୫/୮ (ଘୋଷଣା)। ହିମାଚଳ ପ୍ରଦେଶ ଦ୍ୱିତୀୟ ଇନିଂସ: ୧୪୯/ଅଲ୍‌ଆଉଟ (ପ୍ରଶାନ୍ତ ଚୋପ୍ରା-୫୭, ଅଙ୍କିତ କଲସି-୨୭, ରାଜେଶ ମହାନ୍ତି-୫/୩୩, ବିପ୍ଳବ ସାମନ୍ତରାୟ-୨/୨୫, ଦେବବ୍ରତ ପ୍ରଧାନ-୧/୩୯, ସୁନୀଲ ରାଉଳ-୧/୨୮, ହର୍ଷିତ ରାଠୋଡ-୧/୧୩)।

## ଡବ୍ଲ୍ୟୁଟିସି ର୍‍ୟାଙ୍କିଙ୍ଗ: ୫ମ ସ୍ଥାନରେ ଭାରତ

ଦୁବାଇ, ୨୯।୧ (ପି.ଟି.)

ହାଇଦ୍ରାବାଦରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡଠାରୁ ୨୮ରନରେ ପରାସ୍ତ ହେବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ବାଂଲାଦେଶ ପଛକୁ ଭାରତ ୫ମ ସ୍ଥାନକୁ ଖସି ଆସିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଡ୍ର' ରଖିବା ପରେ ଭାରତ ସାମୟିକ ନମ୍ବର ୱାନ ସ୍ଥାନ ଅଧିକାର କରିନେଇଥିଲା। ମାତ୍ର ପାକିସ୍ତାନ ବିପକ୍ଷରେ ବିଜୟ ପରେ ଅଷ୍ଟ୍ରେଲିଆ ନମ୍ବର ୱାନ ସ୍ଥାନ ଅଧିକାର କରି ନେଇଥିଲା। ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ର୍‍ୟାଙ୍କିଙ୍ଗରେ ବର୍ତ୍ତମାନ ଅଷ୍ଟ୍ରେଲିଆ ୫୫ ପ୍ରତିଶତ ପଏଣ୍ଟ ସହ ଶୀର୍ଷରେ ରହିଥିବା ବେଳେ ଭାରତ ନିକଟରେ ୪୩.୩୩ ପ୍ରତିଶତ ପଏଣ୍ଟ ରହିଛି। ରବିବାର ବ୍ରିସବେନଠାରେ ୱେଷ୍ଟଇଣ୍ଡିଜ ନିକଟରୁ ୮ରନରେ ପରାଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ ପଏଣ୍ଟ ଉପରେ ସେତେଟା ପ୍ରଭାବ ପକାଇ ନାହିଁ। ଦଳ ପୂର୍ବଭଳି ଡବ୍ଲ୍ୟୁଟିସି ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ପ୍ରତ୍ୟେକ ୫୦ ପ୍ରତିଶତ ପଏଣ୍ଟ ସହ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଡବ୍ଲ୍ୟୁଟିସି ୨୦୨୩-୨୦୨୫ ସାଇକେଲରେ ଗୋଟିଏ ବିଜୟ ପାଇଁ ୧୨ ପଏଣ୍ଟ, ଡ୍ର ରଖିଲେ ୪ ପଏଣ୍ଟ ଏବଂ ଟାଇ ପାଇଁ ୬ ପଏଣ୍ଟ ବ୍ୟବସ୍ଥା ରହିଛି।

## କ୍ରିକେଟରଙ୍କ ପାଖରୁ ବାହାରିଲା ମଦ ବୋତଲ

ନୂଆଦିଲ୍ଲୀ, ୨୯।୧ (ପି.ଟି.)

୨୩ ବର୍ଷରୁ କମ୍ ବୟସର ଜଣେ କ୍ରିକେଟରଙ୍କ ବ୍ୟାଗ୍‌ରୁ ମଦ ଜବତ ହେବା ପରେ ତଦନ୍ତ ନିର୍ଦ୍ଦେଶ ଦେଇଛି ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ)। ଚଣ୍ଡିଗଡ ବିପକ୍ଷରେ ବିଜୟ ପରେ ସୌରାଷ୍ଟ୍ର କ୍ରିକେଟ ଦଳ ଫେରୁଥିବା ବେଳେ ବିମାନବନ୍ଦରରେ ମଦ ଧରାପଡିଥିଲା। ବିମାନର କାର୍ଗୋ ଏରିଆରେ ଏହି ମଦ ରହିଥିବା ଜଣାପଡିଥିଲା। ଚଣ୍ଡିଗଡ ବିମାନବନ୍ଦର କର୍ତ୍ତୃପକ୍ଷ ମଦକୁ ଜବତ କରିବା ସହ ସିଜ୍ କରିଥିଲେ। ପରେ ଏହି ଘଟଣା ସମ୍ପର୍କରେ ଏସ୍‌ସିଏର ଧ୍ୟାନ ଆକର୍ଷଣ କରିଥିଲେ ଚଣ୍ଡିଗଡ ବିମାନବନ୍ଦର କର୍ମକର୍ତ୍ତା। ପରେ ଏସ୍‌ସିଏ ପକ୍ଷରୁ ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଗୁଜରାଟ ଏକ ଡ୍ରାଏ ଷ୍ଟେଟ୍ ହୋଇଥିବା ବେଳେ ଏଠାରେ ମଦ୍ୟପାନ ଓ ବିକ୍ରୟ ଉପରେ କଟକଣା ରହିଛି। ଏଠାରେ ସାଙ୍ଗରେ ମଦ ଧରି ନେବା ଉପରେ କଟକଣା ରହିଛି। କେବଳ ସରକାରୀ ପରମିଟ୍‌ରେ ଭ୍ରମଣକାରୀଙ୍କୁ ମଦ କିଣିବାର ଅନୁମତି ରହିଛି।

## ତେଲଙ୍ଗାନାକୁ ୧୦ ଉଇକେଟରେ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨୯।୧
(ସରୋଜ ଜେନା)

ନାଗପୁରରେ ଅନୁଷ୍ଠିତ ସର୍ବଭାରତୀୟ ଦୃଷ୍ଟିବାଧିତ ନାଗେଶ ଟ୍ରଫିରେ ତେଲଙ୍ଗାନାକୁ ୧୦ ଉଇକେଟରେ ହରାଇ ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ସୋମବାର ଏସ୍‌ବି ସିଟି କଲେଜ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ଏହାର ପ୍ରଥମ ସୁପର-୮ ଲିଗ୍ ମ୍ୟାଚ୍‌ରେ ତେଲଙ୍ଗାନାକୁ ହରାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ତେଲଙ୍ଗାନା ୧୮ ଓଭରରେ ୯ ଉଇକେଟରେ ୮୭ ରନ୍ ସ୍କୋର କରିଥିଲା। ଦଳ ପକ୍ଷରୁ ନିଖିଲ ଭାତୁଲା ସର୍ବାଧିକ ୨୯ ରନ୍ କରିଥିବା ବେଳେ ମଧୁ ଗୁଞ୍ଜା ୨୬ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ସୁଖରାମ ମାଝୀ ୪ ଉଇକେଟ, ନକୁଳ ବଡ଼ନାୟକ ଓ ପଙ୍କଜ ଭୁଏ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ବିନା କ୍ଷତି ୮.୫ ଓଭରରେ ୮୯ ରନ୍ ସଂଗ୍ରହ କରି ନେଇଥିଲା। ନକୁଳ ବଡ଼ନାୟକ ୫୩ ଓ ସୁଖରାମ ମାଝୀ ୨୯ ରନ୍‌ରେ ଅପରାଜିତ ରହିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ନକୁଳ ବଡ଼ନାୟକଙ୍କୁ ପ୍ଲେୟର ଅଫ ଦ ମ୍ୟାଚ ଘୋଷଣା କରାଯାଇଥିଲା। ମଙ୍ଗଳବାର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ଦିଲ୍ଲୀକୁ ଭେଟିବ।

## ପ୍ରମୋଟ କଲେ ହରଭଜନ

**ଟାଟା ଷ୍ଟିଲ ମେରାମଣ୍ଡଳୀ ହାଫ୍ ମାରାଥନ୍**

ଭୁବନେଶ୍ୱର, ୨୯।୧
(ତପନ ସ୍ୱାଇଁ)

ଢେଙ୍କାନାଳ ଜିଲା ପ୍ରଶାସନ ସହଯୋଗରେ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ପ୍ରଥମ ହାଫ୍ ମାରାଥନ୍-୨୦୨୪ ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ। କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟ ପରିସର ବାହାର ଅଞ୍ଚଳରେ ଏହା ଆୟୋଜନ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାକୁ ପ୍ରମୋଟ କରିବା ପାଇଁ ଆଗେଇ ଆସିଛନ୍ତି ଭାରତୀୟ କ୍ରିକେଟ ଦଳର ପୂର୍ବତନ ତାରକା ସ୍ପିନର ହରଭଜନ ସିଂ। ଅଧିକରୁ ଅଧିକ ବ୍ୟକ୍ତି ଏହି ମାରାଥନ୍‌ରେ ଅଂଶଗ୍ରହଣ କରିବାକୁ ସେ ଏକ ଭିଡିଓ ବାର୍ତ୍ତା ଯୋଗେ ଉତ୍ସାହିତ କରିଛନ୍ତି। ହାଫ୍ ମାରାଥନ୍‌ରେ ୧୯ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ୨୧ କିଲୋମିଟର ଓ ୧୦ କିଲୋମିଟର ଏବଂ ୧୪ରୁ ୧୯ ବର୍ଷ ମଧ୍ୟରେ ବାଳିକା ବାଳକଙ୍କ ପାଇଁ ୫ କିଲୋମିଟର ଦୌଡ଼ ହେବ। ହାଫ୍ ମାରାଥନ୍ ପାଇଁ ୯.୬୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଛି ଏବଂ ୩୦ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

## ମନଦୀପଙ୍କୁ ଇଣ୍ଟରକଣ୍ଟିନେଣ୍ଟାଲ ଟାଇଟଲ

ନୂଆଦିଲ୍ଲୀ, ୨୯।୧ (ପି.ଟି.)

ଭାରତୀୟ ବକ୍ସର ମନଦୀପ ଜାଙ୍ଗ୍ରା ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ରେ ଅବସ୍ଥିତ ନ୍ୟାଶନାଲ ବକ୍ସିଂ ଆସୋସିଏଶନର ଇଣ୍ଟରକଣ୍ଟିନେଣ୍ଟାଲ ସୁପର ଫିଦରୱେଟ୍ ଟାଇଟଲ ହାସଲ କରିଛନ୍ତି। ୱାଶିଂଟନର ଟପେନିଶ ସିଟିଠାରେ ଏକ ମୁକାବିଲାରେ ସେ ଆମେରିକାର ଜେରାର୍ଡୋ ଏସ୍କିଭେଲଙ୍କୁ ହରାଇ ଦେଇଛନ୍ତି। ଏହି ୩୦ ବର୍ଷୀୟ ବକ୍ସର ତାଙ୍କ ପ୍ରଫେଶନାଲ କ୍ୟାରିୟରରେ ଏପର୍ଯ୍ୟନ୍ତ ସୁଦ୍ଧା ଅପରାଜେୟ ରହିଛନ୍ତି। ଅଲିମ୍ପିକ ରୌପ୍ୟ ପଦକ ବିଜେତା ରୟ ଜୋନ୍ସ ଜୁନିୟର ଅଧୀନରେ ଟ୍ରେନିଂ ନେଉଛନ୍ତି। ପୂର୍ବରୁ ସେ ୭୫କେଜି ଶ୍ରେଣୀରେ ଭାଗ ନେଉଥିଲେ। ବର୍ତ୍ତମାନ ସେ ଏହି ଓଜନ ଶ୍ରେଣୀରୁ ଖସି ଆସିଛନ୍ତି। ଏସ୍କିଭେଲଙ୍କ ବିପକ୍ଷ ଏହି ମୁକାବିଲା ପୂର୍ବରୁ ୨୦୨୧ରେ ପ୍ରଫେଶନାଲ ବକ୍ସିଂରେ ପଦାର୍ପଣ କରିଥିବା ଜାଙ୍ଗ୍ରା ତାଙ୍କ ୬ଟି ଫାଇଟ ମଧ୍ୟରୁ ୪ଟିରେ ନକ୍ ଆଉଟ ବିଜୟ ହାସଲ କରିଥିଲେ। ଆମେଚର ସର୍କିଟରେ ଜାଙ୍ଗ୍ରାଙ୍କ ପ୍ରଦର୍ଶନ ଭଲ ରହିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୧୪ ଗ୍ଲାସ୍‌ଗୋ ସଂସ୍କରଣରେ ସେ ଏକ ରୌପ୍ୟ ପଦକ ହାସଲ କରିଥିଲେ।



ଇଣ୍ଟରକଣ୍ଟିନେଣ୍ଟାଲ ସୁପର ଫିଦରୱେଟ୍ ଟାଇଟଲ ହାସଲପରେ ମନଦୀପ ଜାଙ୍ଗ୍ରା।

## ଭାରତୀୟ ଡେଭିସ୍ କପ୍ ଦଳକୁ ରାଷ୍ଟ୍ରମୁଖ୍ୟଙ୍କ ସୁରକ୍ଷା

ଇସଲାମାବାଦ, ୨୯।୧ (ପି.ଟି.)

ଭାରତୀୟ ଡେଭିସ୍ କପ୍ ଟେନିସ୍ ଦଳ ବର୍ତ୍ତମାନ ପାକିସ୍ତାନରେ ରହିଛି। ଭାରତୀୟ ଦଳକୁ ରାଷ୍ଟ୍ରପତିଙ୍କ ଭଳି ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଉଛି। ଇସଲାମାବାଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଭାରତୀୟ ଦଳର ମ୍ୟାଚ୍ ରହିଥିବା ବେଳେ ପ୍ରତ୍ୟେକ ଦିନ ସକାଳୁ ବମ୍ ସ୍କ୍ୱାଡ ସମ୍ପୂର୍ଣ୍ଣ ଯାଞ୍ଚ କରିବ। ଏହା ସହିତ ଦୁଇଟି ଏସ୍କର୍ଟ ଭ୍ୟାନ୍ ସର୍ବଦା ଭାରତୀୟ ଦଳ ସହ ଯାତ୍ରା କରିବ ବୋଲି ପାକିସ୍ତାନ ଟେନିସ୍ ଫେଡେରେଶନ (ପିଟିଏଫ୍) ପକ୍ଷରୁ କୁହାଯାଇଛି। ପାକିସ୍ତାନରେ ସାଧାରଣତଃ ଏ ପ୍ରକାର ସୁରକ୍ଷା ବ୍ୟବସ୍ଥା କୌଣସି ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ପ୍ରଦାନ କରାଯାଇଥାଏ। ଭାରତୀୟ ଟେନିସ୍ ଦଳ ୬୦ ବର୍ଷରେ ପ୍ରଥମ ଥର ପାକିସ୍ତାନ ଗସ୍ତ କରି ଥିବାରୁ ସୁରକ୍ଷା ବ୍ୟବସ୍ଥାରେ ଯେଭଳି କୌଣସି ତ୍ରୁଟି ନ ରୁହେ ତାକୁ ପ୍ରାଥମିକତା ଦିଆଯାଇଥିବା ନେଇ ପିଟିଏଫ୍ ପକ୍ଷରୁ କୁହାଯାଇଛି। ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ (ଆଇଟିଏଫ୍) ପକ୍ଷରୁ ମଞ୍ଜୁରୀ ମିଳିଥିବା ସୁରକ୍ଷା ପ୍ରୋଟୋକଲ ପାଳନ କରାଯାଉଥିବା ପିଟିଏଫ୍ କହିଛି। ଏହା ଫଳରେ ଭାରତୀୟ ଖେଳାଳିଙ୍କୁ କେବଳ ହୋଟେଲ ଓ ଭେନ୍ୟୁ ବ୍ୟତୀତ ଆଉ କେଉଁ ଆଡ଼େ ଯିବାକୁ ଅନୁମତି ନାହିଁ ବୋଲି କୁହାଯାଇଛି। ଏହା ଖେଳାଳିଙ୍କ ପାଇଁ ସାମାନ୍ୟ ବୋରିଂ ହୋଇଥିଲେ ମଧ୍ୟ ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ରବିବାର ଭାରତୀୟ ଦଳ ଇସ୍‌ଲାମାବାଦରେ ପହଞ୍ଚିଥିଲା। ଭାରତୀୟ ଦଳରେ ୫ ଖେଳାଳି, ୨ ଜଣ ଫିଜିଓ ଓ ୨ଜଣ ଅଫିସିଆଲ ରହିଛନ୍ତି।

**୧୯ ବର୍ଷରୁ କମ୍ ମହିଳା ସାଫ୍ ଚାମ୍ପିୟନଶିପ୍**

## ଭାରତର ୨୩ଜଣିଆ ଦଳ ଘୋଷଣା

ନୂଆଦିଲ୍ଲୀ, ୨୯।୧ (ପି.ଟି.)

ଢାକାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ଆଗାମୀ ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍ ପାଇଁ ଭାରତ ମୁଖ୍ୟ କୋଚ୍ ଶୁକ୍ଲା ଦତ୍ତା ସୋମବାର ଏକ ୨୩ ଜଣିଆ ଦଳ ଘୋଷଣା କରିଛନ୍ତି। 'ୟଙ୍ଗ ଟାଇଗ୍ରେସ୍' ଦଳ ମଙ୍ଗଳବାର ବାଂଲାଦେଶ ଗସ୍ତ କରିବ। ସେଠାରେ ଦଳ ଏହାର ପ୍ରଥମ ମ୍ୟାଚ ଫେବୃଆରୀ ୨ରେ ଭୁଟାନ ବିପକ୍ଷରେ ଖେଳିବ। ପରେ ଦଳ ବାଂଲାଦେଶ (ଫେବୃଆରୀ ୪) ଏବଂ ନେପାଳ (ଫେବୃଆରୀ ୬) ସହିତ ମୁକାବିଲା କରିବ। ଫାଇନାଲ ଫେବୃଆରୀ ୮ରେ ଖେଳାଯିବ। ସମସ୍ତ ମ୍ୟାଚ ଢାକାସ୍ଥିତ ମୋସ୍ତାଫା କମଲ ଷ୍ଟାଡିୟମରେ ଖେଳାଯିବ। ପ୍ରତିଯୋଗିତାରେ ଭାରତର ଏହା ହେଉଛି ୫ମ ପଦାର୍ପଣ ଏବଂ ୧୯ବର୍ଷରୁ କମ୍ ବିଭାଗରେ ଦ୍ୱିତୀୟ। ୧୯ ବର୍ଷରୁ କମ୍ ବର୍ଗର ଗତ ସଂସ୍କରଣରେ ଭାରତ ୨୦୨୧ରେ ଆୟୋଜକ ବାଂଲାଦେଶଠାରୁ ହାରି ରନରଅପ୍ ହୋଇଥିଲା। ଭାରତ ୨୦୨୨ରେ ୧୮ ବର୍ଷରୁ କମ୍ ବର୍ଗରେ କେବଳ ସଫଳତା ହାସଲ କରିଥିଲା। ସେତେବେଳେ ଦଳ ଆୟୋଜକ ବାଂଲାଦେଶକୁ ପରାସ୍ତ କରିଥିଲା।

## ଭୁବନେଶ୍ୱର କବାଡ଼ି ଦଳ ଚୟନ ୩୧ରେ

**ଭୁବନେଶ୍ୱର, ୨୯।୧ (ସରୋଜ ଜେନା):** ଓଡ଼ିଶା ରାଜ୍ୟ କବାଡି ସଂଘ ତରଫରୁ ଆନ୍ତଃ ଜିଲା କବାଡି ପ୍ରତିଯୋଗିତା କଟକରେ ଅନୁଷ୍ଠିତ ହେବ। ଓଡ଼ିଶା କବାଡି ସଂଘର ଅନୁବନ୍ଧିତ ସଂଘ ଭାବରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବା) ଏଥିରେ ଭାଗ ନେବ। ଉଭୟ ପୁରୁଷ ଓ ମହିଳା ବର୍ଗରେ 'ବା' ଭାଗ ନେବାକୁ ଯାଉଥିବା ବେଳେ କବାଡି ଦଳ ଚୟନ କରାଯିବା ନେଇ ସାଧାରଣ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ସୂଚନା ଦେଇଛନ୍ତି। ଆସନ୍ତା ୩୧ ତାରିଖରେ ୟୁନିଟ୍-୧ସ୍ଥିତ ବାଳିକା ହାଇସ୍କୁଲ ପଡିଆରେ ଏହି ଚୟନ ଶିବିର ଅନୁଷ୍ଠିତ ହେବ।

## ଶୁଭ୍ରାଂଶୁଙ୍କୁ ଡବଲ ଟାଇଟଲ

**ପୂର୍ବାଞ୍ଚଳ ପିକଲବଲ୍**

ଭୁବନେଶ୍ୱର, ୨୯।୧
(ତପନ ସ୍ୱାଇଁ)

ବିହାରର ପାଟନାଠାରେ ୨ୟ ପୂର୍ବାଞ୍ଚଳ ପିକଲବଲ୍ ଟୁର୍ନାମେଣ୍ଟ ଗତ ୨୬ରୁ ୨୮ ପର୍ଯ୍ୟନ୍ତ ୩ ଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଥିବାବେଳେ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ ୨ଟି ବିଭାଗରେ ଟାଇଟଲ ଅର୍ଜନ କରିଛନ୍ତି। ୬୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଶୁଭ୍ରାଂଶୁ ଛତିଶଗଡ଼ର ଦୀନେଶ ଜୈନଙ୍କୁ ୧୧-୮, ୧୧-୨ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ବ୍ରୋଞ୍ଜ ପଦକ ମ୍ୟାଚରେ ଓଡ଼ିଶାର ସୁଶୀଲ ମିଶ୍ର ୧୫-୧୦ରେ ବିହାରର ରମାରଞ୍ଜନ ସିଂଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସରେ ଶୁଭ୍ରାଂଶୁ ଓ ସୁଶୀଲ ଯୋଡ଼ି ଫାଇନାଲରେ ବିହାରର ରମାରଞ୍ଜନ ସିଂ ଓ ଉମେଶ କୁମାରଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପିକଲବଲ୍ ଉତ୍ତର ଆମେରିକାରେ ସବୁଠୁ ଅଧିକ ଲୋକପ୍ରିୟତା ଅର୍ଜନ କରିଛି। ଟେନିସ, ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ ପରି ବିଶ୍ୱବ୍ୟାପୀ ଏଥିପ୍ରତି ଖେଳାଳିଙ୍କ ଆଗ୍ରହ ବଢ଼ିବାରେ ଲାଗିଛି।




ଟ୍ରଫି ସହ ଶୁଭ୍ରାଂଶୁ ଷଡ଼ଙ୍ଗୀ।

**ସୋଆ ଆଇଜିଏମ୍ ଫେଷ୍ଟିଭାଲ**

## ସମ୍ବିତଙ୍କ ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୨୯।୧
(ବିଜୟ ରଣା)

ସୋଆ ଆଇଜିମ୍ ଚେସ୍ ଫେଷ୍ଟିଭାଲ କାଟେଗୋରି 'ଏ' (୧୯୦୦ ରେଟିଂରୁ ଊର୍ଦ୍ଧ୍ୱ) ର ଦ୍ୱିତୀୟ ରାଉଣ୍ଡ ଖେଳ ଶେଷ ହୋଇଛି। ଏଥିରେ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ସମ୍ବିତ ପଣ୍ଡାଙ୍କ ସମେତ ୧୩ଜଣ ଖେଳାଳି ପ୍ରତ୍ୟେକ ୨ ପଏଣ୍ଟ ଲେଖାଏ ଅର୍ଜନ କରି ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ସ୍ଥାନୀୟ ଖେଳାଳି ସମ୍ବିତ ରବିବାର ରୋନିତ ଦାସଙ୍କ ବିପକ୍ଷରେ ବିଜୟ ସହ ତାଙ୍କର ଅଭିଯାନ ଆରମ୍ଭ କରିଥିଲେ। ସୋମବାର ସେ ଛତିଶଗଡ଼ ଫିଡ଼େ ମାଷ୍ଟର ଏସ୍. ଧନଞ୍ଜୟଙ୍କୁ ପରାସ୍ତ କରିଛନ୍ତି। କିନ୍ତୁ ଟପ୍ ସିଡ୍ ଥଥା ପଶ୍ଚିମବଙ୍ଗ ଗ୍ରାଣ୍ଡମାଷ୍ଟର ଦୀପ୍ତାୟନ ଘୋଷ ତାଙ୍କ ରାଜ୍ୟ ସାଥୀ ଖେଳାଳି ଗ୍ରାଣ୍ଡ ମାଷ୍ଟର (ଜିଏମ୍) ସପ୍ତର୍ଷୀ ରୟ ଚୌଧାରୀଙ୍କ ବିପକ୍ଷ ଦ୍ୱିତୀୟ ରାଉଣ୍ଡ ଗେମ୍ ଡ୍ର ରଖିଛନ୍ତି।

ଅନ୍ୟ ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର (୧.୫) ଧ୍ରୁପଦ କାଶ୍ୟପ (ଆସାମ)ଙ୍କୁ ପରାସ୍ତ କରି ତାଙ୍କର ପ୍ରଥମ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା (୧.୫) ପଞ୍ଜାବର ଫିଡେ ମାଷ୍ଟର ନମିତବୀର ସିଂ ୱାଲିଆଙ୍କ ବିପକ୍ଷ ଗେମ୍ ଡ୍ର ରଖିଛନ୍ତି। ଅନ୍ୟପକ୍ଷରେ କାଟେଗୋରୀ 'ବି' (୨୦୦୦ରୁ ନିମ୍ନ ରେଟିଂ)ର ଚତୁର୍ଥ ରାଉଣ୍ଡ ଖେଳ ଶେଷ ପରେ ଓଡ଼ିଶାର ୨ଜଣଙ୍କ ସମେତ ୭ଜଣ ଖେଳାଳି ପ୍ରତ୍ୟେକ ୪ ପଏଣ୍ଟ ସହ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ସେମାନେ ହେଲେ ଫକିର ମାଝି, ଲଳିତ ରଞ୍ଜନ ସାହୁ (ଉଭୟ ଓଡ଼ିଶା), ଆଲୁରି ଭାସ୍କରରନ୍ ଶନମୁଖା ରେଡ୍ଡୀ ରମଣ ସିଦ୍ଧାର୍ଥ ବି, ସାତ୍ତ୍ୱିକ ଡିସୁ (ସମସ୍ତେ ଆନ୍ଧ୍ର ପ୍ରଦେଶ ଏବଂ ଆରତୀ କାପିଲ (ଦିଲ୍ଲୀ)।



ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବା ପାଇଁ ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବା ଆମେରିକା ମହିଳା ହକି ଦଳ।

# ଜୁଚିନି କଖାରୁ ଚାଷ ଦେଇଛି ପରିଚୟ



ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଠାକୁରମାଲ ଗାଁରେ ମଞ୍ଜି ବିହୀନ ଜୁଚିନି କଖାରୁ ଆକର୍ଷଣର କେନ୍ଦ୍ର ପାଲଟିଛି । ଏହି ଗାଁର ମା' ଶୁଭଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଏଭଳି ନୂଆ କିସମର ଜୁଚିନି କଖାରୁ ଚାଷକରି ସଫଳତା ହାସଲ କରିଛନ୍ତି। ସାଧାରଣତଃ ଜୁଚିନି କଖାରୁ ଉତ୍ତର ଭାରତରୁ ଓଡ଼ିଶା ବଜାରକୁ ଆମଦାନୀ ହୋଇଥାଏ । ତେବେ ସ୍ଥାନୀୟ ଅଞ୍ଚଳରେ ଚାହିଦାକୁ ଲକ୍ଷ୍ୟକରି ଶଙ୍ଖଜିନୀ ପ୍ରଧାନଙ୍କ ନେତୃତ୍ୱରେ ଏହାକୁ ଚାଷ କରିବାକୁ ଉକ୍ତ ମହିଳା ଗୋଷ୍ଠୀର ସଦସ୍ୟାମାନେ ସ୍ଥିର କରିଥିଲେ । ଏ ସମ୍ପର୍କରେ ଶଙ୍ଖଜିନୀ କହନ୍ତି, ''ପ୍ରଥମେ ମାତ୍ର ୪ ଡିସିମିଲି ଜମିରେ ଏଭଳି କଖାରୁ ଜୁଚିନି ଗୋଟାକ ୩୦ ଟଙ୍କାରେ ବିକ୍ରି ହୋଇଥିଲା । ଏହି କଖାରୁକୁ ତରକାରି କରି ଖାଇବା ସହ ସାଲାଡ୍ ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ। ଏହି ଚାଷ ଆମ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକ ନୂତନ ପରିଚୟ ଦେଇଛି କହିଲେ ଆଦୌ ଭୁଲ୍ ହେବ ନାହିଁ। ମଞ୍ଜି ବିହୀନ ଏହି କଖାରୁ କି.ଗ୍ରା. ପ୍ରତି ୧୨୦ ଟଙ୍କାରେ ବିକ୍ରି ହେଉଛି। ତେଣୁ ଏହାକୁ ଏକ ଲାଭଜନକ ପରିବା ଚାଷ ଭାବରେ ଅନ୍ୟମାନେ ଗ୍ରହଣ କରିପାରିବେ।'' ଏହାପୂର୍ବରୁ ବ୍ରୋକୋଲି ଚାଷକରି ଉକ୍ତ ଗୋଷ୍ଠୀର ସଦସ୍ୟାମାନେ ଶଙ୍ଖଜିନୀ କୃଷି ବିଭାଗ ଦ୍ୱାରା ପୁରସ୍କୃତ ହୋଇ ସାରିଛନ୍ତି । ୨୦୨୦ରୁ ଗୋଷ୍ଠୀର



ମା' ଶୁଭଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ।

ଚାଷ ଆରମ୍ଭ କରାଯାଇଥିଲା। ଆରମ୍ଭରୁ ଆମ ପରିବେଶରେ ଚାଷ ହେବ ନା ନାହିଁ ଆମ ଗୋଷ୍ଠୀର ସଦସ୍ୟାମାନେ ବିଶଦ ଭାବରେ ଆଲୋଚନା କରିଥିଲେ। ଗତ ବର୍ଷ ପ୍ରଥମ ଥର ଜୁଚିନି କିସମ କଖାରୁ ଉତ୍ପାଦିତ ହେବା ପରେ ସେଗୁଡ଼ିକୁ ଏଠାରେ ଆୟୋଜିତ ହୋଇଯାଇଥିବା ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ପ୍ରଦର୍ଶନୀରେ ପ୍ରଦର୍ଶନ କରାଯାଇଥିଲା। ସେଠାରେ ୩୦୦ ଗ୍ରାମ ଓଜନ ବିଶିଷ୍ଟ ସଦସ୍ୟାମାନେ ବ୍ରୋକୋଲି ସହ ରଙ୍ଗିନ କୋବି ଚାଷ କରୁଛନ୍ତି । ଚଳିତ ବର୍ଷ ପ୍ରାୟ ୩ ଏକର ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଛନ୍ତି । ଶଙ୍ଖଜିନୀଙ୍କ ନେତୃତ୍ୱରେ ମହିଳାମାନେ ନୂଆ କିସମର ପନିପରିବା ଚାଷ କରିବା ସହ ଅନ୍ୟ ସଦସ୍ୟାମାନଙ୍କୁ ଉତ୍ସାହିତ କରି ସଫଳ ହେବା କାରଣରୁ ଅନ୍ୟମାନଙ୍କ ପାଇଁ ଏହା ପ୍ରେରଣା ଯୋଗାଇପାରିଛି ।

–ଭବାନୀ ଶଙ୍କର ଭୋଇ

# ଶୀତରେ ଦେଖାଯିବେ ଫ୍ୟାଶନେବଲ



**ସ୍କାର୍ଫ ସହ ସ୍ୱେଟର ପେୟାର:** ଶୀତଦିନରେ ଗରମ ଏବଂ ଫ୍ୟାଶନେବଲ ଦେଖାଯିବାକୁ ହେଲେ ଆପଣ ସ୍ୱେଟର ସହ ସ୍କାର୍ଫକୁ ପେୟାରକରି ପିନ୍ଧିପାରିବେ। ଏଲିଗାଣ୍ଟ ଲୁକ୍ ପାଇଁ ଆପଣ ସ୍କାର୍ଫ ସହ ମ୍ୟାଚିଂ ଶୁଜ୍ ପିନ୍ଧିପାରିବେ।

**ଅଫିସ୍ ଲୁକ୍:** ଯଦି ଆପଣ ଥଣ୍ଡାରୁ ରକ୍ଷା ପାଇବା ସହ ଷ୍ଟାଇଲିଶ୍ ଦେଖାଯିବାକୁ ଚାହାନ୍ତି ତେବେ ଫୁଲ୍ ହାତ ଥିବା ହ୍ୱାଇଟ୍ ଶର୍ଟ ସହ ସ୍ୱେଟରକୁ ପେୟାରକରି ପିନ୍ଧିପାରିବେ। ଏଥିପାଇଁ ପ୍ରଥମେ ଶର୍ଟ ପିନ୍ଧନ୍ତୁ ଏବଂ ଉପରେ ସ୍ୱେଟର ପିନ୍ଧନ୍ତୁ। ଏବେ ଏହାକୁ ଅଫିସ୍ ପ୍ୟାଣ୍ଟ କିମ୍ବା ଜିନ୍ସ ସହ ପେୟାର କରିପାରିବେ। ଆପଣ ଚାହିଁଲେ ପେନ୍‌ସିଲ୍ ସ୍କର୍ଟ ସହିତ ଷ୍ଟକିଙ୍ଗ୍ସ ପିନ୍ଧିପାରିବେ। ଏହା ସହ ପଏଣ୍ଟେଡ୍ ହିଲ୍ ପିନ୍ଧିବାକୁ ଭୁଲନ୍ତୁ ନାହିଁ। କାଜୁଆଲ୍ ଲୁକ୍ ପାଇବାକୁ ହେଲେ ଆପଣ ବୁଟ୍ସ କିମ୍ବା ଶୁଜ୍ ପିନ୍ଧିପାରିବେ।

**ଓଭର କୋଟ୍ :** ଓଭରକୋଟ୍ ଆପଣଙ୍କ କନ୍‌ଫିଡେନ୍ସ ବଢ଼ାଇବା ସହ ଆପଣଙ୍କୁ ଏକ ଫ୍ୟାଶନେବଲ ଲୁକ୍ ଦେଇଥାଏ। ଏହା ସହ ଆପଣ ଥାଇହାଇ ବୁଟ୍ସକୁ ବି ପେୟାର କରିପାରିବେ। ଆପଣ ଶୀତରୁ ରକ୍ଷା ପାଇବା ସହ ଅଧିକ ଷ୍ଟାଇଲିଶ୍ ଦେଖାଯିବେ।

# ବଦଳାନ୍ତୁ ବ୍ୟକ୍ତିତ୍ୱ

**ଜଣଙ୍କର ବ୍ୟକ୍ତିତ୍ୱ ତାଙ୍କର ଆଚାର ବ୍ୟବହାର ଉପରେ ଅନେକାଂଶରେ ନିର୍ଭର କରିଥାଏ। କେତେଜଣ ମହିଳା ପୂର୍ବ କଥାକୁ ମନେପକାଇ ଚିନ୍ତାଗ୍ରସ୍ତ ହୋଇଥାଆନ୍ତି। ତେଣୁ ନିଜର ବ୍ୟକ୍ତିତ୍ୱକୁ ଆହୁରି ଲୋକପ୍ରିୟ କରାଇବା ଲାଗି କେତେକ ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**



''ଆପଣ ଏକଥା ମନରେ ଭାବିନିଅନ୍ତୁ ଯେ ଜୀବନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ସୁଖ ହୋଇ ନ ପାରେ। କିନ୍ତୁ ତା'ସହ ଦୁଃଖକୁ ମଧ୍ୟ ସାହସର ସହ ସାମ୍ନା କରିବାକୁ ପଡ଼ିବ। ଏହି ସମୟରେ ଧୈର୍ଯ୍ୟହରା ହେବା ଉଚିତ ନୁହେଁ। ଆପଣଙ୍କ ସମ୍ବନ୍ଧରେ ଆଲୋଚନା ଶୁଣିବାକୁ ସବୁବେଳେ ପ୍ରସ୍ତୁତ ରୁହନ୍ତୁ। ଅନ୍ୟର ଫିଡ୍‌ବ୍ୟାକ୍‌କୁ ଗମ୍ଭୀରତାର ସହ ନିଅନ୍ତୁ ଏବଂ ତାକୁ ଆଧାର କରି ଠିକ୍ ରାସ୍ତାରେ ଚାଲିବାକୁ ଚେଷ୍ଟା କରନ୍ତୁ। ମୁଁ ସବୁଠୁ ଜ୍ଞାନୀ ଓ ବାକି ସବୁ ଅଜ୍ଞାନ'– ଏଭଳି ଭାବନା ମନରେ ଆଣିବା ଆଦୌ ଠିକ୍ ନୁହେଁ।''

**ସଂଯମ:** ନିଜର ସଂଯମ ଗୁଣ କିପରି ବଜାୟ ରହିବ ସେଥିପ୍ରତି ସବୁବେଳେ ଦୃଷ୍ଟି ଦିଅନ୍ତୁ । ଘର ହେଉକି ଅଫିସ୍ ପ୍ରତିଦିନ ଦିନଚର୍ଯ୍ୟା ମଧ୍ୟରେ ଛୋଟମୋଟ ବିଚାରଗତ ମତଭେଦ ଦେଖାଯିବା ସ୍ୱାଭାବିକ। ଏପରି ସ୍ଥିତିରେ ଆପଣ ନିଜର ଧୈର୍ଯ୍ୟଶକ୍ତି ହରାଇବା ଉଚିତ ନୁହେଁ। ବେଳେବେଳେ ହୁଏତ ଆପଣଙ୍କ ମନରେ ଅଧିକ କ୍ରୋଧ ସୃଷ୍ଟି ହୋଇପାରେ। ଅଧିକ ରାଗ ଲାଗିପାରେ। ଅନ୍ୟମାନଙ୍କ ଉପରେ ନକାରାତ୍ମକ ଚିନ୍ତାଧାରା ଆସିପାରେ। ତେଣୁ ଏହି ସମୟରେ ନିଜର ବିଚାରଧାରା ସକାରାତ୍ମକ ହେବା ଦରକାର। ଏଭଳି ସମୟରେ ସଂଯମ ଗୁଣ ହିଁ ଆପଣଙ୍କୁ ଶାନ୍ତ ପରିବେଶରେ ରଖିବ।

**ସଚ୍ଚୋଟତା:** ଆପଣ ଜଣେ ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ–ନିଜର ବ୍ୟକ୍ତିତ୍ୱକୁ ଆହୁରି ପରିଚିତ କରାଇବା ଲାଗି ପ୍ରଥମେ ସଚ୍ଚୋଟ ହୁଅନ୍ତୁ। ଯଦି ଆପଣ କୌଣସି କଥାକୁ ନେଇ ଥରେ ମିଛ କହିଲେ ଏବଂ ପରେ ତାହା ମିଛ ବୋଲି ପ୍ରମାଣିତ ହୋଇଗଲା, ତେବେ ତା'ପରେ ଆପଣଙ୍କର ପ୍ରତିଟି କଥାକୁ ଅନ୍ୟମାନେ ଗ୍ରହଣ କରିବା ସହଜ ହୋଇ ନ ଥାଏ। ତେଣୁ ମନରେ କୌଣସି ଆବିଳତା କିମ୍ବା ଦ୍ୱନ୍ଦ୍ୱ ନ ରଖି ସଠିକ କଥା କୁହନ୍ତୁ। ଆମେ ସୁଖକୁ ସହଜରେ ଗ୍ରହଣ କରୁ ସେମିତି ଦୁଃଖକୁ ଧୈର୍ଯ୍ୟର ସହ ସାମ୍ନା କରିବାକୁ ପଡିବ। କେତେକ ସମସ୍ୟା ଥିଲେ ସୁଦ୍ଧା ଏ ଜୀବନ ଆମକୁ ବହୁତ ସୁନ୍ଦର ଲାଗିବ। ଜୀବନ ରାସ୍ତାରେ ଚାଲିବା ସମୟରେ ଝୁଣ୍ଟିବା ଏବଂ ପାଦରେ କଣ୍ଟା ଲାଗିବା ଏକ ସାଧାରଣ କଥା। ଆପଣ ଏକଥା ମନରେ ଭାବିନିଅନ୍ତୁ ଯେ ଜୀବନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ସୁଖ ହୋଇ ନ ପାରେ। କିନ୍ତୁ ତା'ସହ ଦୁଃଖକୁ ମଧ୍ୟ



ସାହସର ସହ ସାମ୍ନା କରିବାକୁ ପଡ଼ିବ। ଏହି ସମୟରେ ଧୈର୍ଯ୍ୟହରା ହେବା ଉଚିତ ନୁହେଁ। ଆପଣଙ୍କ ସମ୍ବନ୍ଧରେ ଆଲୋଚନା ଶୁଣିବାକୁ ସବୁବେଳେ ପ୍ରସ୍ତୁତ ରୁହନ୍ତୁ। ଅନ୍ୟର ଫିଡ୍‌ବ୍ୟାକ୍‌କୁ ଗମ୍ଭୀରତାର ସହ ନିଅନ୍ତୁ ଏବଂ ତାକୁ ଆଧାରକରି ଠିକ୍ ରାସ୍ତାରେ ଚାଲିବାକୁ ଚେଷ୍ଟା କରନ୍ତୁ। ମୁଁ ସବୁଠୁ ଜ୍ଞାନୀ ଓ ବାକି ସବୁ ଅଜ୍ଞାନୀ'– ଏଭଳି ଭାବନା ମନରେ ଆଣିବା ଆଦୌ ଠିକ୍ ନୁହେଁ। ଯେତେବେଳେ ଜଣଙ୍କର ଇଚ୍ଛା ପୂରଣ ନ ହୁଏ ସେ ସମୟରେ ସେ ରାଗିଯାଇ ପ୍ରତିଶୋଧ ନେବାକୁ ଚାହେଁ। ସେ ନିଜେ ଜାଣି ନ ଥାଏ ତା'ର ଏଭଳି ବ୍ୟବହାର ପାଇଁ ସେ ନିଜର କ୍ଷତି କରିଥାଏ। ଏମିତି କରୁଥିବା ବ୍ୟକ୍ତି ମନ ସବୁବେଳେ ଅଶାନ୍ତ ରୁହେ। ନିଜ ଗୁଣକୁ ନ ସଜାଡ଼ି ଅନ୍ୟମାନଙ୍କ ଦୋଷ ଦୁର୍ବଳତା ବିଷୟରେ ସବୁବେଳେ ଅନ୍ୟଙ୍କ ସାମ୍ନାରେ କଥା ହେବା ଏହା ଗୋଟିଏ ଅଭ୍ୟାସରେ ପରିଣତ ହୋଇଯାଏ। ଏହିପରି ଦିନରାତି ଈର୍ଷା–ଦ୍ୱେଷ ପ୍ରତିଶୋଧର ନିଆଁରେ ଜଳୁଥିବା ବ୍ୟକ୍ତି ନିଜ ପାର୍ଶ୍ୱର ବାତାବରଣକୁ



ନକାରାତ୍ମକ ଭାବନରେ ପରିପୂର୍ଣ୍ଣ କରି ଦେଇଥାନ୍ତି। ଏପରି ସମସ୍ୟାରୁ ରକ୍ଷାପାଇବାକୁ ହେଲେ ଶରୀର, ମନ ଓ ଆତ୍ମା ମଧ୍ୟରେ ଠିକ୍ ତାଳମେଳ ରହିବା ଆବଶ୍ୟକ। ଅନ୍ୟର ଖରାପ ଚିନ୍ତା କରିବା ଅପେକ୍ଷା ସଚ୍ଚୋଟତା ସହ ନିଜର ଆତ୍ମାମନ୍ଥନ କରିବା ସହ ନିଜର ଭୁଲ୍ କ'ଣ ରହୁଛି ତାକୁ ସୁଧାରିବାକୁ ଚେଷ୍ଟା କରନ୍ତୁ ।

**ଭାବପ୍ରବଣ:** କେତେଜଣ ଲୋକ ଗୋଟିଏ କଥାକୁ ବାରମ୍ବାର ଦୋହରାଇଥାନ୍ତି। ମୁଁ ବହୁତ ଭାବୁକ ବ୍ୟକ୍ତି ଏସବୁ କଟୁ କଥା ମୁଁ ଜମା ବି ସହିପାରୁ ନାହିଁ। ଚିନ୍ତାମୁକ୍ତ ଜୀବନ ଜିଇଁବାକୁ ହେଲେ ଭାବନାତ୍ମକ ଚିନ୍ତାଧାରାକୁ ନିଜଠୁ ଦୂରଇ ରଖିବା ଭଲ। ଏହି କଥା ସବୁବେଳେ ମନେରଖିବା ଉଚିତ ସମସ୍ତଙ୍କ ଭଲ ଓ ମନ୍ଦ ଭାବନା ରହିଛି। ବେଳେବେଳେ ମଣିଷ ଭାବନାତ୍ମକ ଚିନ୍ତାଧାରାକୁ ନେଇ ସବୁବେଳେ ନିଜେ ଦୁଃଖ ପାଏ। ଅତୀତର କଟୁ କଥାକୁ ବାରମ୍ବାର ମନେ ପକାଇବା ଦ୍ୱାରା ବ୍ୟକ୍ତି ନିରାଶ ହୋଇଥାଏ। ଯଦି କିଏ କୌଣସି କଟୁ କଥା କହିଛି ତାକୁ ବାରମ୍ବାର ସେ କଥାକୁ ମନେପକାଇ ଦୁଃଖୀ ହେବା ବଦଳରେ ବେକାର ପଡ଼ିଥିବା ଅଳିଆକୁ ଫିଙ୍ଗିବା ଭୁଲିଯିବା ପରି ପୁରୁଣା କଥାକୁ ଭୁଲିଯିବା ଦରକାର। ମଝିରେ ମଝିରେ ମନକୁ ସଫା କରିବା ମଧ୍ୟ ଜରୁରୀ। ଯୋଗ ଏବଂ ଧ୍ୟାନ ଭଳି କାମ କରିବା ଦ୍ୱାରା ଏସବୁ ଚିନ୍ତାରୁ ଆପଣଙ୍କୁ ମୁକ୍ତି ମିଳିପାରିବ।

**ସନ୍ତୁଳିତ ଭାବନା:** ଯେତେବେଳେ ଆପଣ ନିଜ ଭାବନାକୁ ସନ୍ତୁଳନ ରଖିବାରେ ମାହିର ହୋଇଯିବେ ତେବେ ଜୀବନରେ ଆସୁଥିବା ଆକସ୍ମିକ ସମସ୍ୟାକୁ ଖୁବ୍ ସହଜରେ ସମାଧାନ କରିପାରିବେ। ପ୍ରତିକୂଳ ପରିସ୍ଥିତିରେ ଆମକୁ ଧୈର୍ଯ୍ୟ ରଖିବା ନିହାତି ଜରୁରୀ।

**କ୍ଷମା:** ଆମର ଉନ୍ନତି ଓ ଖୁସିରେ ପ୍ରତିବନ୍ଧକ ସାଜିପାରେ ଅତୀତର ଦୁଃଖଦ ଘଟଣା। ଏହା ବାରମ୍ବାର ନକାରାତ୍ମକ ଭାବନାକୁ ଜାଗ୍ରତ କରିଥାଏ। ଫଳରେ ଆମେ ବାରମ୍ବାର ରାଗିବା ସହ ଦୁଃଖୀ ହୋଇ ଅନ୍ୟମାନଙ୍କ ବିଷୟରେ ଖରାପ ହିଁ ଭାବିଥାଉ। ପ୍ରତିଶୋଧର ଭାବନାରୁ ନିଜକୁ କାଢ଼ିବାକୁ ହେଲେ ଯଦି ଆପଣଙ୍କୁ କିଏ ଖରାପ ବ୍ୟବହାର କରିଛି ତେବେ ସେ ଘଟଣାକୁ ଜଲ୍‌ଦି ଭୁଲିଯିବାକୁ ଚେଷ୍ଟା କରନ୍ତୁ। ତାକୁ କ୍ଷମା କରିବାକୁ ହେଲେ ନିଜ ହୃଦୟ ମଧ୍ୟ ସେତିକି ବଡ଼ ରଖିବା ଦରକାର, ଯାହାଦ୍ୱାରା ତାକୁ ସହଜରେ ଆପଣ କ୍ଷମା କରିପାରିବେ। ଯଦି ଆପଣଙ୍କର କିଏ ନିଜ ଲୋକ ରାଗିଛନ୍ତି ତେବେ ନିଜର ଅହଂ ଭାବନା ତ୍ୟାଗକରି ତାଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ। ଯଦି ଆପଣ ସତରେ ନିଜର ଅହଂ ଭାବନା ତ୍ୟାଗ କରିବେ ତେବେ ଆପଣ ଅନ୍ୟଙ୍କୁ କ୍ଷମା ଦେବା ଓ ମାଗିବା ଅଭ୍ୟାସ କରିଦିଅନ୍ତୁ। କ୍ଷମା ମାଗିବା ଏକ ଭଲ ମଲମ ଯାହା ପ୍ରତିଟି ଘାକୁ ପରିପୂର୍ଣ୍ଣ କରିବାରେ ସାହାଯ୍ୟ କରେ।



ସୌନ୍ଦର୍ଯ୍ୟ

# ଘରୋଇ ରୂପଚର୍ଯ୍ୟା



**ଏମିତି କିଛି ଘରୋଇ ସାମଗ୍ରୀ ରହିଛି ଯାହାକୁ ଆପଣ ବ୍ୟବହାରକରି ଫେସ୍‌ୱାଶ ପରି ବ୍ୟବହାର କରିପାରିବେ ...**

**ମହୁ:** ମହୁକୁ ଓଦା ମୁହଁ ଉପରେ ଲଗାନ୍ତୁ। ଏହାକୁ ହାଲ୍‌କା ଭାବେ ହାତରେ ମୁହଁରେ ଲଗାନ୍ତୁ, ମହୁ କିଛି ସମୟ ମୁହଁରେ ରଖିବା ପରେ ତାକୁ ଭଲଭାବେ ଧୋଇ ଦିଅନ୍ତୁ।

**କଞ୍ଚାକ୍ଷୀର:** କଞ୍ଚାକ୍ଷୀରକୁ ୩–୪ମିନିଟ୍ ମୁହଁରେ ଲଗାଇବା ପରେ ଏହାକୁ ପାଣିରେ ଭଲଭାବେ ଧୋଇଦିଅନ୍ତୁ।

**ବେସନ:** ବେସନ ଓ ଗୋଲାପଜଳକୁ ଭଲଭାବେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରସ୍ତୁତ ହୋଇଥିବା ପେଷ୍ଟ ମୁହଁରେ ୩–୪ମିନିଟ୍ ଲଗାଇ ରଖିବା ପରେ ଏହାକୁ ଭଲଭାବେ ଧୋଇ ଦିଅନ୍ତୁ।

**ଟମାଟୋ:** ଏକ ପାତ୍ରରେ ଟମାଟୋ ରସ ନେଇ ଆଙ୍ଗୁଠିରେ ମୁହଁରେ ଲଗାନ୍ତୁ। କିଛି ସମୟ ଲଗାଇ ରଖିବା ପରେ ଏହାକୁ ଧୋଇ ଦିଅନ୍ତୁ।

ଏହି ସବୁ ଜିନିଷ ବ୍ୟବହାର କରିବା ଦ୍ୱାରା ଘରେ ସଫା ତ୍ୱଚା ପାଇପାରିବେ।



# ମହିଳାଙ୍କ ପାଇଁ ଆଲମଣ୍ଡ



**ମସ୍ତିଷ୍କ :** ବାଦାମ ଖାଇବା ଦ୍ୱାରା ମସ୍ତିଷ୍କ ସୁସ୍ଥ ରହିଥାଏ। ବାଦାମରେ ମୋନୋଅନ୍‌ସାଚ୍ୟୁରେଟେଡ୍ ଏବଂ ପଲିଅନ୍‌ସାଚ୍ୟୁରେଟେଡ୍ ଫ୍ୟାଟ୍‌ର ଭରପୂର ମାତ୍ରା ରହିଛି। ଏହା ଖରାପ ଏଲ୍‌ଡିଏଲ୍ କୋଲେଷ୍ଟରଲ ସ୍ତର କମ୍ କରିବା ସହ ହୃଦ୍‌ଜନିତ ସମସ୍ୟାକୁ କିଛି ମାତ୍ରାରେ କମାଇଥାଏ। ବାଦାମରେ ଥିବା ମ୍ୟାଗ୍ନେସିୟମ୍ ଶରୀରର ରକ୍ତଚାପକୁ ସନ୍ତୁଳିତ କରି ରଖିଥାଏ।

**ମଜଭୁତ ରହିବ ଅସ୍ଥି**

ବାଦାମ କ୍ୟାଲସିୟମ୍‌ର ଏକ ଭଲ ଉତ୍ସ ହୋଇଥାଏ। ଏହା ଅସ୍ଥିକୁ ମଜଭୁତ ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ମହିଳାଙ୍କ ଲାଗି କ୍ୟାଲ୍‌ସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ।

**ଓଜନ ନିୟନ୍ତ୍ରଣ**

ଏଥିରେ କ୍ୟାଲୋରି ଭରପୂର ଥିବାରୁ ଓଜନକୁ ନିୟନ୍ତ୍ରିତ ରଖେ। ବାଦାମରେ ଥିବା ପ୍ରୋଟିନ୍ ଏବଂ ଫାଇବର ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

ଖାଦ୍ୟରୁଚି

# ଆଳୁଭେଣ୍ଡି ସବ୍‌ଜି

**ଆବଶ୍ୟକ ସାମଗ୍ରୀ:** ଭେଣ୍ଡି ଅଧା କିଲୋ,ଆଳୁ ୩ ଗୋଟି ,୨ଟି ଟମାଟୋ,ପିଆଜ ୨ଟି,ରସୁଣ ୫–୬ଟି କୋଳା,ଜିରା ପାଉଡର ୧ ଚାମଚ, କଶ୍ମୀରୀ ମିର୍ଚ୍ଚ ପାଉଡର ଅଧା ଚାମଚ, ଆମଚୁର ପାଉଡର ୧ ଚାମଚ,ହଳଦୀ ୧/୨ଚାମଚ,ଗରମ ମସଲା ୧/୨ ଚାମଚ, ଲଙ୍କାଗୁଣ୍ଡ ୨ଚାମଚ, ତେଲ ୧/୪କପ, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଆଳୁ ଭେଣ୍ଡିର ସ୍ୱାଦିଷ୍ଟ ବ୍ୟଞ୍ଜନ ରାନ୍ଧିବାକୁ ହେଲେ ପ୍ରଥମେ ଭେଣ୍ଡିକୁ ଭଲଭାବେ ଧୋଇ ତାକୁ ଏକ କପଡ଼ା ସାହାଯ୍ୟରେ ରଖି ଦିଅନ୍ତୁ। ଏହାପରେ ଆଳୁର ଚୋପା ଭଲଭାବେ ଛଡାଇ ତାକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଏବେ କଟାହୋଇଥିବା ଆଳୁକୁ ଭଲଭାବେ ଧୋଇ ଏକ ପାତ୍ରକୁ କାଢ଼ି ରଖନ୍ତୁ। ଏବେ ଏକ ପ୍ୟାନ୍ ନିଅନ୍ତୁ ସେଥିରେ ତେଲ ପକାନ୍ତୁ ତେଲ ଗରମ ହେଲା ପରେ ଆଳୁ ପକାନ୍ତୁ। ଏବେ ଏହି ଆଳୁ ଭାଜିହେଲା ପରେ ଏହାକୁ ଏକ ପ୍ଲେଟରେ କାଢ଼ି ଦିଅନ୍ତୁ। ଏବେ ରସୁଣ ପିଆଜ ନେଇ ତାକୁ କାଟିଦିଅନ୍ତୁ। ଏହାପରେ ପ୍ୟାନ୍‌ରେ ବଳିଥିବା ତେଲରେ କଟା ରସୁଣ ଏବଂ ପିଆଜକୁ ପକାନ୍ତୁ। ଏହାଦ୍ୱାରା ପିଆଜ ଏବଂ ରସୁଣର ବାସ୍ନା ଦୂରହୋଇଯିବ। ଗ୍ୟାସ୍‌ର ଆଞ୍ଚକୁ ହାଲ୍‌କା କରି ଦିଅନ୍ତୁ। ଏବେ ଏଥିରେ ଭେଣ୍ଡି ପକାଇ ପିଆଜ ସହ ୧–୨ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଏବେ ସେଥିରେ କଟା ଟମାଟୋ, ଚିଲି ପାଉଡର,ଧନିଆଁ ପାଉଡର,ଜିରା ପାଉଡର,ଆମଚୁର ପାଉଡର , ଚିଲି ଫ୍ଲେକ୍ସ ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ଏହାକୁ ୨–୩ ମିନିଟ୍ ପର୍ଯ୍ୟନ୍ତ ସିଝିବାକୁ ଛାଡ଼ି ଦିଅନ୍ତୁ। ଏହା କିଛି ସମୟ ହେଲା ପରେ ତାକୁ ଆପଣ ରୁଟି କିମ୍ବା ଭାତରେ ମଧ୍ୟ ଖାଇପାରିବେ।





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ବାଦ୍‌ପଡ଼ିଲେ ଜାଡେଜା, ରାହୁଲ

## ■ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଭାରତକୁ ଝଟ୍‌କା
## ■ ସର୍ଫରାଜ, ୱାଶିଂଟନ୍ ବଦଳ ଖେଳାଳି



ରବୀନ୍ଦ୍ର ଜାଡେଜା ଓ ଲୋକେଶ ରାହୁଲ।

ହାଇଦ୍ରାବାଦ,୨୯।୧(ପି.ଟି.)

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଭାରତକୁ ଝଟ୍‌କା। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ବ୍ୟାଟର ଲୋକେଶ ରାହୁଲ ଆହତ ହୋଇ ଦ୍ୱିତୀୟ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ହାଇଦ୍ରାବାଦରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ଅବସରରେ ଉଭୟ ଖେଳାଳି ଆହତ ହୋଇଥିଲେ। ରବିବାର ଏକ ସିଙ୍ଗଲ ରନ୍ ନେବା ପ୍ରୟାସରେ ଜାଡେଜାଙ୍କ ହାର୍ମଷ୍ଟ୍ରିଙ୍ଗ ଟାଣି ହୋଇଯାଇଥିଲା। ଅନ୍ୟପକ୍ଷରେ ରାହୁଲ ନିଜ ଜଙ୍ଘର କ୍ୱାଡ୍ରିସେପ୍ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆଇପିଏଲ୍ ଖେଳିବା ସମୟରେ ରାହୁଲଙ୍କ ଡାହାଣ ଜଙ୍ଘରେ ଆଘାତ ଲାଗିଥିଲା, ଫଳରେ ସେ ୪ ମାସ ଧରି କ୍ରିକେଟରୁ ଦୂରେଇ ରହିଥିଲେ। ସୋମବାର ବିସିସିଆଇ ପକ୍ଷରୁ ପ୍ରକାଶିତ ଏକ ପ୍ରେସ୍ ରିଲିଜ୍ ଅନୁଯାୟୀ ଆହତ ଥିବା କାରଣରୁ ରାହୁଲ ଓ ଜାଡେଜା ଫେବୃଆରୀ ୨ରେ ଭାଇଜାଗରେ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟରୁ ବାଦ୍ ପଡିଛନ୍ତି। ବିସିସିଆଇର ମେଡିକାଲ ଟିମ୍ ଉଭୟ ଖେଳାଳିଙ୍କ ଆଘାତ ସମସ୍ୟା ଉପରେ ନଜର ରଖିଥିବା କୁହାଯାଉଛି। ଏହା ସହ ସର୍ଫରାଜ ଖାନ୍, ୱାଶିଂଟନ୍ ସୁନ୍ଦର ଓ ସୌରଭ କୁମାରଙ୍କୁ ବଦଳ ଖେଳାଳି ଭାବେ ଭାରତୀୟ ଦଳରେ ସାମିଲ କରାଯାଇଛି। ଏହା ସହ ଦ୍ୱିତୀୟ ଟେଷ୍ଟରେ ଭାରତର ୩ ଜଣ ବଡ଼ ଖେଳାଳିଙ୍କ ଅଭାବ ଅନୁଭୂତ ହେବ। ପୂର୍ବରୁ ବିରାଟ କୋହଲି ମଧ୍ୟ ପ୍ରଥମ ଦୁଇ ଟେଷ୍ଟରୁ ଓହରି ଯାଇଥିଲେ।

ଘରୋଇ କ୍ରିକେଟରେ ପ୍ରଚୁର ରନ୍ ସଂଗ୍ରହ କରିବା ପରେ ପ୍ରଥମ ଥର ପାଇଁ ସର୍ଫରାଜ ଖାନ୍‌ଙ୍କୁ ଭାରତୀୟ ଦଳକୁ ଡାକରା ମିଳିଛି। ନିକଟରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ସେ ୧୬୧ ରନ୍‌ର ଇନିଂସ ଖେଳିଥିଲେ। ଯଦିଓ ପ୍ରଥମ ଥର ପାଇଁ ସର୍ଫରାଜ ଡାକରା ପାଇଛନ୍ତି ତେବେ ତାଙ୍କର ଖେଳିବା ସମ୍ଭାବନା କମ୍ ରହିଛି। ରଜତ ପଟିଦାରଙ୍କୁ ଦ୍ୱିତୀୟ ଟେଷ୍ଟରେ ସୁଯୋଗ ମିଳିବାର ଅଧିକ ସମ୍ଭାବନା ରହିଛି। ସେହିପରି ରବୀନ୍ଦ୍ର ଜାଡେଜାଙ୍କ ସ୍ଥାନରେ ୱାଶିଂଟନ୍ ସୁନ୍ଦର ଖେଳିବାର ସମ୍ଭାବନା ଅଧିକ। ପ୍ରଥମ ଟେଷ୍ଟରେ ଭାରତ ପରାଜିତ ହୋଇଥିଲେ ହେଁ ଉଭୟ ରାହୁଲ ଓ ଜାଡେଜା ଚମତ୍କାର ପ୍ରଦର୍ଶନ କରିଥିଲେ। ରାହୁଲ ପ୍ରଥମ ଇନିଂସରେ ୮୬ ରନ୍ ସ୍କୋର କରିଥିବା ବେଳେ ଜାଡେଜା ୮୭ ରନ୍ ସ୍କୋର କରିବା ସହ ୫ ଉଇକେଟ ନେଇଥିଲେ। ସେପ୍ଟେମ୍ବର ୨୦୨୩ରେ ପ୍ରତ୍ୟାବର୍ତ୍ତନ ପରଠାରୁ ରାହୁଲ ଚମତ୍କାର ଫର୍ମରେ ରହିଛନ୍ତି। ଦଳକୁ ଫେରିବା ପରଠାରୁ ସେ ନିୟମିତ ଉଇକେଟ କିପିଂ କରୁଛନ୍ତି। ଏପରି କି ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ଦଳରେ ମଧ୍ୟ ସେ ଉଇକେଟ କିପିଂ କରିଥିଲେ। ୱାଶିଂଟନ୍ ସୁନ୍ଦର ଟେଷ୍ଟ ଦଳରେ ସାମିଲ ହୋଇଥିବା ବେଳେ ସାରାଂଶ ଜୈନଙ୍କୁ ଭାରତ ‘ଏ’ ଦଳରେ ସାମିଲ କରାଯାଇଛି। ଏହା ସହ ଆଭେଶ ଖାନ୍ ମଧ୍ୟପ୍ରଦେଶ ଦଳରେ ସାମିଲ ରହିବେ ବୋଲି ବିସିସିଆଇ ରିଲିଜରେ କୁହାଯାଇଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ଶ୍ରେୟସ ଆୟର, ଶ୍ରୀକର ଭରତ, ଧ୍ରୁବ ଜୁରେଲ, ଆର. ଅଶ୍ୱିନ, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ମୁକେଶ କୁମାର, ଯଶପ୍ରୀତ୍ ବୁମରା(ଉପ ଅଧିନାୟକ), ଆଭେଶ ଖାନ୍, ରଜତ ପଟିଦାର, ସର୍ଫରାଜ ଖାନ୍, ୱାଶିଂଟନ୍ ସୁନ୍ଦର, ସୌରଭ କୁମାର।

## ବୁମ୍‌ରାଙ୍କୁ ୧ ଡିମେରିଟ୍ ପଏଣ୍ଟ

ଦୁବାଇ,୨୯।୧(ପି.ଟି.)

ଭାରତୀୟ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଆଚରଣ ବିଧି ଉଲ୍ଲଂଘନ କାରଣରୁ ୧ ଡିମେରିଟ୍ ପଏଣ୍ଟ ଦେଇଛି ଆଇସିସି। ହାଇଦ୍ରାବାଦରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବ୍ୟାଟର ଓଲି ପୋପଙ୍କୁ ରନ୍ ନେବା ବେଳେ ବାଧା ଦେବା କାରଣରୁ ଆଇସିସି ପକ୍ଷରୁ ଏହି ଦଣ୍ଡବିଧାନ କରାଯାଇଛି। ମ୍ୟାଚ୍‌ର ୮୧ ତମ ଓଭରରେ ପୋପ୍ ଏକ ସିଙ୍ଗଲ ରନ୍ ନେବାକୁ ଚେଷ୍ଟା କରୁଥିବା ବେଳେ ବୁମ୍‌ରା ତାଙ୍କ ସମ୍ମୁଖରେ ଛିଡା ହୋଇ ବାଧା ଦେବାକୁ ଚେଷ୍ଟା କରିଥିଲେ। ଆଇସିସିର ଧାରା ୨.୧୨ର ଉଲ୍ଲଂଘନ କରିଥିବା କାରଣରୁ ରେଫରି ଏହି ଦଣ୍ଡ ଘୋଷଣା କରିଥିଲେ। ତେବେ ବିଗତ ୨୪ ମାସ ମଧ୍ୟରେ ବୁମ୍‌ରା ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟାଇଥିବାରୁ ଦଣ୍ଡ ଘୋଷଣା କମ କରାଯାଇଥିଲା। ଅନ ଫିଲ୍ଡ ଅମ୍ପାୟର ପଲ ରେଫେଲ, କ୍ରିସ୍ ଗାଫାନେ ଏହି ଚାର୍ଜ ଲଗାଇଥିବା ବେଳେ ରେଫରି ରିଚି ରିଚାର୍ଡସନଙ୍କ ସମ୍ମୁଖରେ ଦୋଷ ସ୍ୱୀକାର କରିଥିଲେ ବୁମ୍‌ରା।





